ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜାନୁୟାରୀ ୧୯/୨୦୨୨ (୮+୮=୧୬ ପୃଷ୍ଠା) | Bhubaneswar, Wednesday, January 19/2022 | ★★★★

୪୮ଶ ଭାଗ ୫୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ପର୍ନୋଗ୍ରାଫି ମାମଲାରେ ଗିରଫ ହେବେନି ପୁନମ**

ଅଶ୍ଳୀଳ ଫିଲ୍ମ ର୍‍ୟାକେଟ ମାମଲାରେ ଅଭିନେତ୍ରୀ ପୁନମ୍ ପାଣ୍ଡେଙ୍କୁ ଗିରଫ ନ କରିବା ଲାଗି ସୁପ୍ରିମକୋର୍ଟ ମଙ୍ଗଳବାର ଅନ୍ତରୀଣ ଆଦେଶ ଦେଇଛନ୍ତି।

୦୨

୦୮

**ଲେୱାଣ୍ଡୋସ୍କି ଫିଫା ଶ୍ରେଷ୍ଠ ଖେଳାଳି**

ପୋଲାଣ୍ଡ ଫରୱାର୍ଡ ରବର୍ଟ ଲେୱାଣ୍ଡୋସ୍କି ଏଥର ଫିଫା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି।






# ଟିକା ବିକାଶ ପାଇଁ ଟଙ୍କା ଦେଇନି କେନ୍ଦ୍ର

*କୋଭିଡ୍-୧୯ ଟିକାର ବିକାଶ ପାଇଁ ପିଏମ୍ କେୟାର୍ସ ପାଣ୍ଠିରୁ ୧୦୦ କୋଟି ଟଙ୍କା ଯୋଗାଇ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ) ପକ୍ଷରୁ ଘୋଷଣା କରାଯିବାର ୧୯ ମାସ ପରେ ମଧ୍ୟ କେନ୍ଦ୍ର ସରକାରଙ୍କ ନିକଟରେ ଏ ସମ୍ପର୍କିତ ପ୍ରଶ୍ନର ଉତ୍ତର ନାହିଁ। ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ବଳରେ ଟିକା ପ୍ରସ୍ତୁତି ନିମନ୍ତେ ପିଏମ୍ କେୟାର୍ସ ପାଣ୍ଠିର ଅନୁଦାନ ପରିମାଣ ଜାଣିବା ପାଇଁ ବାରମ୍ବାର ଆବେଦନ ଓ ଅପିଲ ପରେ ଆକ୍ଟିଭିଷ୍ଟ ନୌସେନାର ପୂର୍ବତନ ଅଧିକାରୀ କୋମୋଡୋର ଲୋକେଶ ବାତ୍ରାଙ୍କୁ ନିରାଶ ହେବାକୁ ପଡ଼ିଛି। ଆବଶ୍ୟକ ତଥ୍ୟ ନ ମିଳିବା ପରେ ବାତ୍ରା କହିଛନ୍ତି, ଟିକା ବିକଶିତ କରିବା ଲାଗି ଭାରତର କୌଣସି ବିଭାଗ ପିଏମ୍ କେୟାର୍ସ ଫଣ୍ଡରୁ ଟଙ୍କାଟିଏ ବି ପାଇନାହିଁ। ଟିକାକରଣ ଆରମ୍ଭ ହେବା ପରଠାରୁ ଏହାର ଯୋଗାଣରେ ଅନେକ ବିଭ୍ରାଟ ଦେଖିବାକୁ ମିଳିଥିଲେ ହେଁ ଜରୁରୀ ସ୍ଥିତିରେ ନାଗରିକ ସହାୟତା ପ୍ରଦାନ ଉଦ୍ଦେଶ୍ୟରେ ଗଠିତ ଏହି ପାଣ୍ଠି ପ୍ରତିଶ୍ରୁତି ମୁତାବକ ୧୦୦ କୋଟି ଟଙ୍କା ଦେବାରେ ବିଫଳ ହୋଇଛି।*




ନୂଆଦିଲ୍ଲୀ,୧୮।୧

କୋଭିଡ୍-୧୯ ମହାମାରୀରେ ବିଶ୍ୱର ଦ୍ୱିତୀୟ ସର୍ବାଧିକ ପ୍ରଭାବିତ ଦେଶ ହେଉଛି ଭାରତ। ୨୦୨୦ରେ କରୋନା ମାଡ଼ିଆସିବା ପରେ ମାର୍ଚ୍ଚ ୨୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରାଇମ୍ ମିନିଷ୍ଟର୍ସ ସିଟିଜେନ୍ ଆସିଷ୍ଟାନ୍ସ ଆଣ୍ଡ ରିଲିଫ୍ ସିଚ୍ୟୁଏଶନ୍ସ (ପିଏମ୍ କେୟାର୍ସ) ଫଣ୍ଡ ନାମରେ ଏକ ପାଣ୍ଠି ଗଠନ କରିଥିଲେ। ଦେଶରେ ଟିକା ବିକଶିତ କରିବା ପାଇଁ ଏଥିରୁ ୧୦୦ କୋଟି ଟଙ୍କା ପ୍ରଦାନ କରାଯିବ ବୋଲି ସେତେବେଳେ କେନ୍ଦ୍ର ସରକାର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଟିକା ପ୍ରସ୍ତୁତି ଲାଗି ପ୍ରତିଶ୍ରୁତି ମୁତାବକ ଉକ୍ତ ପାଣ୍ଠିରୁ ଅର୍ଥ ଯୋଗାଇ ଦିଆଯାଇ ନ ଥିଲା। ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ବଳରେ ମିଳିଥିବା ଏସମ୍ପର୍କିତ ପ୍ରଶ୍ନର ଉତ୍ତରରେ ଉପରୋକ୍ତ ତଥ୍ୟ ପ୍ରଘଟ ହୋଇଛି।

୨୦୨୦ ମେ' ୧୩ରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଥିଲା ଯେ, ମୋଦି ସରକାର ଭାରତର କୋଭିଡ୍-୧୯ ଲଢ଼େଇ ପାଇଁ ୩,୧୦୦ କୋଟି ଟଙ୍କା ସହାୟତା ଦେବେ। କୋଭିଡ୍ ଟିକା ବିକାଶ ଓ ପ୍ରସ୍ତୁତକାରୀଙ୍କୁ ପିଏମ୍ କେୟାର୍ସ ଫଣ୍ଡରୁ ୧୦୦ କୋଟି ଟଙ୍କା ଦିଆଯିବ। ପ୍ରିନ୍‌ସିପାଲ ସାଇଣ୍ଟିଫିକ୍ ଆଡ୍‌ଭାଇଜର କେ. ବିଜୟ ରାଘବନ୍‌ଙ୍କ ତତ୍ତ୍ୱାବଧାନରେ ଏହି ପାଣ୍ଠିର ଉପଯୁକ୍ତ ବିନିଯୋଗ କରାଯିବ ବୋଲି ଏଥିରେ ପ୍ରତିଶ୍ରୁତି ଦିଆଯାଇଥିଲା। ଆକ୍ଟିଭିଷ୍ଟ କୋମୋଡୋର ଲୋକେଶ ବାତ୍ରା ଆର୍‌ଟିଆଇ ଆଇନ ବଳରେ ୨୦୨୧ ଜୁଲାଇ ୧୬ରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ନିକଟରେ ଏକ ଆବେଦନ କରିଥିଲେ। ମନ୍ତ୍ରଣାଳୟର କେନ୍ଦ୍ରୀୟ ☞ପୃଷ୍ଠା-୪

## ହାଇକୋର୍ଟରେ ୨ ଜନସ୍ୱାର୍ଥ ମାମଲା

### ଢିଙ୍କିଆ ଲାଠିମାଡ଼ ଘଟଣା

**କଟକ ଅଫିସ,୧୮।୧:** ଜଗତ୍‌ସିଂହପୁର ଜିଲା ଢିଙ୍କିଆରେ ନିକଟରେ ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ନିମନ୍ତେ ପ୍ରଶାସନର ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ବିରୋଧ କରୁଥିବା ସ୍ଥାନୀୟ ଅଞ୍ଚଳବାସୀଙ୍କୁ ପୋଲିସ ଅମାନୁଷିକ ଭାବେ ଲାଠିମାଡ଼ କରିଥିଲା। ଏହି ଘଟଣାରେ ମଙ୍ଗଳବାର ହାଇକୋର୍ଟରେ ୨ଟି ଜନସ୍ୱାର୍ଥ ମାମଲା ଦାୟର କରାଯାଇଛି। ଆଇନଜୀବୀ କ୍ଷୀରୋଦ ରାଉତ, ଦୀପକ କୁମାର ମହାପାତ୍ର, କବିରାଜ ପ୍ରଧାନ ଏବଂ ଜଣେ ସ୍ଥାନୀୟ ମହିଳାଙ୍କ ପକ୍ଷରୁ ଏହି ମାମଲା କରାଯାଇଛି। ଏଥିରେ ମୁଖ୍ୟ ଶାସନ ସଚିବ, ରାଜସ୍ୱ ବିଭାଗ ସଚିବ, ଜେଏସ୍‌ଡବ୍ଲ୍ୟୁ କମ୍ପାନୀ, ଜଗତ୍‌ସିଂହପୁର ଏସ୍‌ପି ଓ ଏର୍‌ସମା ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆଇନଜୀବୀ ସୁକାନ୍ତ ଦଳେଇ ଓ ଓମ୍‌କାର ଦେବଦାସ ମାମଲା ପରିଚାଳନା କରୁଛନ୍ତି। ସମ୍ବିଧାନର ନିୟମ ଅନୁସାରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ମାନବାଧିକାର ସୁରକ୍ଷା ଯୋଗାଇ ଦିଆଯିବାକୁ ଆବେଦନରେ ଦର୍ଶାଯାଇଛି। ଏଥିସହ ଅଦାଲତଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ପାନବରଜ ଭଙ୍ଗା ନ ଯାଉ, ଆହତଙ୍କୁ ମାଗଣା ଚିକିତ୍ସା, କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ କ୍ଷତିପୂରଣ, ଜୋର ଜବରଦସ୍ତ ଉଚ୍ଛେଦ ବନ୍ଦପାଇଁ ନିର୍ଦ୍ଦେଶ ଦେବାକୁ ହାଇକୋର୍ଟଙ୍କୁ ନିକଟରେ ପ୍ରାର୍ଥନା କରାଯାଇଛି। ସେହିପରି ପୋଲିସ ବ୍ୟାରିକେଡ ହଟାଇବା ସହ ନିରପେକ୍ଷ ସଂସ୍ଥାଦ୍ୱାରା ତଦନ୍ତ କରାଯିବାକୁ ଆବେଦନକାରୀ ଦର୍ଶାଇଛନ୍ତି। ଢିଙ୍କିଆ ଘଟଣାରେ ୨ଟି ମାମଲା ଦାୟର ହୋଇଥିବାବେଳେ ଗୋଟିଏ ମାମଲାର ଶୁଣାଣି ଆସନ୍ତା ୨୧ରେ କରାଯିବାକୁ ଦିନ ଧାର୍ଯ୍ୟ ହୋଇଥିବା ସୂଚନା ମିଳିଛି।

# ନିର୍ବାଚନ ଡ୍ୟୁଟିରେ ମୃତ୍ୟୁ ହେଲେ ୩୦ ଲକ୍ଷ

- **ଅନ୍ୟ କାରଣରୁ ମୃତ୍ୟୁ ହେଲେ ୧୫ ଲକ୍ଷ**
- **ଅଙ୍ଗପ୍ରତ୍ୟଙ୍ଗ ହରାଇଲେ ମିଳିବ ୭.୫ ଲକ୍ଷ**

ଭୁବନେଶ୍ୱର,୧୮।୧(ବ୍ୟୁରୋ)

ରାଜ୍ୟରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଚାଲିଛି। ଆସନ୍ତା ଫେବୃୟାରୀ ୧୬ରୁ ମତଦାନ ଆରମ୍ଭ ହେବ। ମୋଟ ୫ଟି ପର୍ଯ୍ୟାୟରେ ଭୋଟ୍ ଗ୍ରହଣ କରାଯିବ। ତେବେ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ସରକାରୀ କର୍ମଚାରୀଙ୍କ ମୃତ୍ୟୁ କ୍ଷେତ୍ରରେ ଦିଆଯାଉଥିବା ଅନୁକମ୍ପା ରାଶିକୁ ନେଇ ରାଜ୍ୟ ନିର୍ବାଚନ କମିଶନ ବଡ଼ ଘୋଷଣା କରିଛନ୍ତି। କମିଶନଙ୍କ ପକ୍ଷରୁ କରାଯାଇଥିବା ଘୋଷଣା ଅନୁଯାୟୀ, ନିର୍ବାଚନ ଡ୍ୟୁଟିରେ ଥିବା ସମୟରେ ଅସାମାଜିକ ତତ୍ତ୍ୱ ବା ଚରମପନ୍ଥୀଙ୍କ ଦ୍ୱାରା ସଂଗଠିତ ହିଂସାକାଣ୍ଡ, ବୋମା ବିସ୍ଫୋରଣ ଓ ସଶସ୍ତ୍ର ଆକ୍ରମଣରେ କୌଣସି ସରକାରୀ କର୍ମଚାରୀଙ୍କ ମୃତ୍ୟୁ ଘଟିଲେ ତାଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରାଯିବ। ସେହିଭଳି ନିର୍ବାଚନ ଦାୟିତ୍ୱରେ ଥାଇ ଅନ୍ୟ କୌଣସି କାରଣରୁ ମୃତ୍ୟୁ ହେଲେ ୧୫ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଦିଆଯିବ। ସେହିପରି ନିର୍ବାଚନ ଡ୍ୟୁଟି ସମୟରେ ଅସାମାଜିକ ତତ୍ତ୍ୱ ବା ଚରମପନ୍ଥୀଙ୍କ ଦ୍ୱାରା ସଂଗଠିତ ହିଂସାକାଣ୍ଡ, ବୋମା ବିସ୍ଫୋରଣ ଓ ସଶସ୍ତ୍ର ଆକ୍ରମଣରେ କୌଣସି ସରକାରୀ କର୍ମଚାରୀ ଭିନ୍ନକ୍ଷମ ହୋଇଗଲେ ତାଙ୍କୁ ୧୫ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ। କୌଣସି କର୍ମଚାରୀ ଦୁର୍ଘଟଣା ଯୋଗୁ ବା ଅନ୍ୟ କୌଣସି କାରଣରୁ ଭିନ୍ନକ୍ଷମ ହୋଇଗଲେ ତାଙ୍କୁ ୭ ଲକ୍ଷ ୫୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ। କୌଣସି କର୍ମଚାରୀ ଦୁର୍ଘଟଣାଗ୍ରସ୍ତ କିମ୍ବା ☞ପୃଷ୍ଠା-୪

## କଲେଜ ଅଧ୍ୟକ୍ଷ, ଏସ୍‌ଡିପିଓ ନିଲମ୍ବିତ

### ମହଙ୍ଗା ପଡ଼ିଲା ନିର୍ବାଚନୀ ସଭା

ଭୁବନେଶ୍ୱର,୧୮।୧(ବ୍ୟୁରୋ)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ମା' ତାରିଣୀ କଲେଜ ଅଧ୍ୟକ୍ଷ ବିକାଶ ଦାଶ ଓ ସାଲେପୁର ଏସ୍‌ଡିପିଓ ପ୍ରଶାନ୍ତ ମାଝିଙ୍କୁ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ ଚାକିରିରୁ ନିଲମ୍ବିତ କରାଯାଇଛି। ଅଧ୍ୟକ୍ଷ ଦାଶଙ୍କ ବିରୋଧରେ ମାର୍ଶାଘାଇ ଥାନାରେ ମଧ୍ୟ ମାମଲା ରୁଜୁ କରାଯାଇଛି। କେନ୍ଦ୍ରାପଡ଼ା ଜିଲାପାଳଙ୍କ ରିପୋର୍ଟ ଆଧାରରେ କମିଶନ ଏହି ୨ ସରକାରୀ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସମ୍ପୃକ୍ତ ବିଭାଗକୁ ସୁପାରିସ କରିଥିଲେ। ଏଥିସହ ଅଧ୍ୟକ୍ଷଙ୍କ ନାଁରେ ଥାନାରେ ଏଫ୍‌ଆଇଆର ରୁଜୁ କରିବା ପାଇଁ ଜିଲାପାଳଙ୍କୁ କହିଥିଲେ। ସେହିପରି ସାଲେପୁର ଏସ୍‌ଡିପିଓ ପ୍ରଶାନ୍ତ ମାଝିଙ୍କୁ ନିଲମ୍ବନ କରିବା ପାଇଁ ଡିଜିପିଙ୍କୁ ସୁପାରିସ କରାଯାଇଥିଲା। ☞ପୃଷ୍ଠା-୪

# ରଣବୀରରେ ବିସ୍ଫୋରଣ: ୩ ମୃତ

ମୁମ୍ବାଇ,୧୮।୧

ଭାରତୀୟ ନୌସେନାର ମୁମ୍ବାଇ ଡକ୍‌ୟାର୍ଡରେ ଥିବା ଆଇଏନ୍‌ଏସ୍ ରଣବୀରରେ ମଙ୍ଗଳବାର ରାତିରେ ବିସ୍ଫୋରଣ ଘଟିଛି। ଏଥିରେ ୩ ନାବିକଙ୍କ ଜୀବନ ଯାଇଥିବାବେଳେ ଅନେକେ ଆହତ ହୋଇଛନ୍ତି। ବିସ୍ଫୋରଣର କାରଣ ସ୍ପଷ୍ଟ କରିବା ଲାଗି ନୌସେନା ପକ୍ଷରୁ କୋର୍ଟ ଅଫ୍ ଇନ୍‌କ୍ୱାରି ନିର୍ଦ୍ଦେଶ ଦିଆଯାଇଛି।

ଗତ ନଭେମ୍ବରରେ ବିଧ୍ୱଂସକ ଯୁଦ୍ଧଜାହାଜ ଆଇଏନ୍‌ଏସ୍ ରଣବୀରକୁ ଇଷ୍ଟର୍ନ ନାଭାଲ କମାଣ୍ଡରେ ଅପରେଶନ ପାଇଁ ମୁତୟନ କରାଯାଇଥିଲା। ଖୁବ୍‌ଶୀଘ୍ର ଏହା ମୁମ୍ବାଇ ବେସ୍ ପୋର୍ଟକୁ ଫେରିଆଆନ୍ତା। ତେବେ ଏହା ପୂର୍ବରୁ ଡକ୍‌ୟାର୍ଡରେ ହଠାତ୍ ବିସ୍ଫୋରଣ ଘଟିଛି। ବିସ୍ଫୋରଣରେ ୩ ନାବିକଙ୍କ ମୃତ୍ୟୁ ଘଟିଥିବାବେଳେ ଯୁଦ୍ଧଜାହାଜର ବଡ଼ଧରଣର କ୍ଷତି ହୋଇନାହିଁ। ସେଥିରେ ଥିବା ଅନ୍ୟ ନାବିକମାନେ ତତ୍କାଳ ସ୍ଥିତି ନିୟନ୍ତ୍ରଣକୁ ଆଣିଥିଲେ। ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ଆଇଏନ୍‌ଏସ୍ ରଣବୀର ହେଉଛି ରଣବୀର ଶ୍ରେଣୀର ପ୍ରଥମ ଯୁଦ୍ଧଜାହାଜ। ୧୯୮୬ ଏପ୍ରିଲରେ ଏହା ଭାରତୀୟ ନୌସେନାରେ ସାମିଲ ହୋଇଥିଲା। ସୋଭିଏତ୍ ୟୁନିୟନ୍ ପକ୍ଷରୁ ନିର୍ମିତ ରଣବୀର ଯୁଦ୍ଧଜାହାଜ ଏୟାରକ୍ରାଫ୍ଟ ଏବଂ ବୁଡ଼ାଜାହାଜ ନିରୋଧୀ ଯୁଦ୍ଧରେ ନିୟୋଜିତ ହୋଇଥାଏ।



ଯୁଦ୍ଧଜାହାଜ ଆଇଏନ୍‌ଏସ୍ ରଣବୀର

**ଆଜିର ସମ୍ପାଦକୀୟ**

**ସ୍ଥିତିକୁ ଆଦରିନିଅ**

# ରାଉରକେଲା ଗ୍ଲୋବାଲ ମେୟର୍ସ ଚ୍ୟାଲେଞ୍ଜ ବିଜେତା

ନୂଆଦିଲ୍ଲୀ/ରାଉରକେଲା ଅଫିସ୍, ୧୮।୧

ଭାରତର ପ୍ରମୁଖ ଶିଳ୍ପ ସହର ରାଉରକେଲାର ଛେଣ୍ଡରେ ୫ ଟନ କ୍ଷମତା ବିଶିଷ୍ଟ ଏକ ଶୀତଳଭଣ୍ଡାର ସ୍ଥାପନ କରାଯାଇଛି। ଏହା କାର୍ଯ୍ୟକ୍ଷମ ହେବା ଫଳରେ ସହରର ଛୋଟ ଚାଷୀ, ପନିପରିବା ତଥା ଫଳ ବ୍ୟବସାୟୀମାନେ ନିଜର ସାମଗ୍ରୀ ସଂରକ୍ଷଣ କରିପାରୁଛନ୍ତି। ଏହି ଶୀତଳଭଣ୍ଡାରକୁ ପରିଚାଳନା କରି ଏସ୍‌ଏଚ୍‌ଜି ମହିଳାମାନେ ମଧ୍ୟ ସେମାନଙ୍କ ଜୀବିକା ସୃଷ୍ଟି କରିପାରିଛନ୍ତି। ସହରବାସୀଙ୍କ ଦୁଆର ମୁହଁରେ ତାଜା ଫଳ ଓ ପନିପରିବା ପହଞ୍ଚିପାରୁଛି। ଏହି ପ୍ରକଳ୍ପରେ ଟେକ୍ନୋଲୋଜିର ବ୍ୟାପକ ବ୍ୟବହାର କରି ଏହାକୁ ଦୀର୍ଘସ୍ଥାୟୀ ତଥା ସଫଳ କରାଯାଇପାରି ଥିବାରୁ ରାଉରକେଲା ବ୍ଲୁମବର୍ଗ ଫିଲାନ୍‌ଥ୍ରୋପିଜ୍ ପକ୍ଷରୁ ଆୟୋଜିତ ଗ୍ଲୋବାଲ ମେୟର୍ସ ଚ୍ୟାଲେଞ୍ଜ ବିଜେତା ହୋଇପାରିଛି।

ଉପରୋକ୍ତ ସଫଳତା ପାଇଁ ରାଉରକେଲା ୨୦୨୧-୨୨ ବର୍ଷର ଗ୍ଲୋବାଲ ମେୟର୍ସ ଚ୍ୟାଲେଞ୍ଜ ବିଜେତା ହୋଇଥିବା ବିଶ୍ୱର ୧୫ ସହର ମଧ୍ୟରେ ସ୍ଥାନ ପାଇଛି, ଯାହାକି ଭାରତର ଏକମାତ୍ର ସହର ଭାବେ ଏହି କୃତିତ୍ୱ ହାସଲ କରିଛି। ନିଜ ବିଚାର ତଥା ଉଦ୍ଭାବନଗୁଡ଼ିକୁ ଅଧିକ କାର୍ଯ୍ୟାନ୍ୱିତ ଏବଂ ବିସ୍ତାର କରିବା ନିମନ୍ତେ ରାଉରକେଲାକୁ ୧ ମିଲିୟନ ଡଲାର (ପ୍ରାୟ ୭,୪୬,୦୦,୫୦୦ ଟଙ୍କା) ମିଳିବ। ବିଶ୍ୱର ପ୍ରମୁଖ ଉଦ୍ଭାବକ ଏବଂ ଡାଟା ବିଶେଷଜ୍ଞମାନେ ଆସନ୍ତା ୩ ବର୍ଷ ପର୍ଯ୍ୟନ୍ତ ସହାୟତା ଓ ମାର୍ଗଦର୍ଶନ ଯୋଗାଇଦେବେ। ଏ ସମ୍ପର୍କରେ ବ୍ଲୁମବର୍ଗ ଫିଲାନ୍‌ଥ୍ରୋପିଜ୍ ମଙ୍ଗଳବାର ଘୋଷଣା କରିଛି। ବୈଶ୍ୱିକ ମହାମାରୀ କରୋନାରୁ ମୁକୁଳିବା ନିମନ୍ତେ ସର୍ବୋତ୍କୃଷ୍ଟ ଅର୍ବାନ ଇନୋଭେଶନ ବା ସହରୀ ଉଦ୍ଭାବନ ଆଧାରରେ ବିଭିନ୍ନ ସହରର ଆଇଡିଆଗୁଡ଼ିକର ମୂଲ୍ୟାୟନ କରାଯାଇଥିଲା। ୯୯ ଦେଶର ୬୩୧ ଆବେଦନରୁ ନିଜ ବିଚାରର ପରୀକ୍ଷଣ ନିମନ୍ତେ ରାଉରକେଲା ପ୍ରଥମ ପର୍ଯ୍ୟାୟରେ ୫୦ ଚାମ୍ପିୟନ ସହରଗୁଡ଼ିକ ମଧ୍ୟରେ ସ୍ଥାନିତ ହୋଇଥିଲା। ଚୂଡ଼ାନ୍ତ ପର୍ଯ୍ୟାୟରେ ଶ୍ରେଷ୍ଠ ୧୫ସହରମଧ୍ୟରେନିଜକୁସାମିଲକରିପାରିଥିଲା।

ବ୍ଲୁମବର୍ଗ ଫିଲାନ୍‌ଥ୍ରୋପିଜ୍ ରିପୋର୍ଟ ଅନୁସାରେ, ୨୦୨୧ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ମାଧ୍ୟମରେ କୋଭିଡ୍ ମହାମାରୀରୁ ମୁକୁଳିବାକୁ ସଫଳ ହେବାର ☞ପୃଷ୍ଠା-୪

**ବିଶ୍ୱର ୧୫ ସହର ମଧ୍ୟରେ ସ୍ଥାନ ପାଇଛି**








ମନି ଲଣ୍ଡରିଂ ମାମଲାରେ ଗିରଫ ମହାରାଷ୍ଟ୍ରର ପୂର୍ବତନ ଗୃହମନ୍ତ୍ରୀ ଅନିଲ ଦେଶମୁଖଙ୍କ ଜାମିନ ଆବେଦନକୁ ମୁମ୍ବାଇର ସ୍ୱତନ୍ତ୍ର ଅଦାଲତ ମଙ୍ଗଳବାର ଖାରଜ କରିଦେଇଛନ୍ତି। ବାର୍ ମାଲିକମାନଙ୍କଠାରୁ ପୋଲିସ ଅଫିସରଙ୍କ ଜରିଆରେ ବଟି ଆଦାୟରେ ମୁଖ୍ୟ ଅଭିଯୁକ୍ତ ଥିବା ଦେଶମୁଖଙ୍କୁ ଗତ ନଭେମ୍ବର ୨ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଗିରଫ କରିଥିଲା।

## ସଂକ୍ଷେପରେ

### ମନୋଜ ପାଣ୍ଡେ ପରବର୍ତ୍ତୀ ସ୍ଥଳସେନା ଉପମୁଖ୍ୟ



**ନୂଆଦିଲ୍ଲୀ,୧୮।୧(ଆଇଏଏନ୍ଏସ୍):** ଦେଶର ପରବର୍ତ୍ତୀ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ନିଯୁକ୍ତି ଅଟକି ରହିଥିବାବେଳେ ପୂର୍ବାଞ୍ଚଳ ସେନା କମାଣ୍ଡର ଲ୍ୟୁଟ୍‌ନାଣ୍ଟ ଜେନେରାଲ ମନୋଜ ପାଣ୍ଡେଙ୍କୁ ସ୍ଥଳସେନାର ପରବର୍ତ୍ତୀ ଉପମୁଖ୍ୟ ଭାବେ ନିଯୁକ୍ତି ପ୍ରସ୍ତାବକୁ ମଙ୍ଗଳବାର ସରକାର ମଞ୍ଜୁରୀ ପ୍ରଦାନ କରିଥିବା ଏକ ସୂତ୍ରରୁ ଜଣାପଡ଼ିଛି। ବର୍ତ୍ତମାନର ସ୍ଥଳସେନା ଉପମୁଖ୍ୟ ଥିବା ଲ୍ୟୁଟ୍‌ନାଣ୍ଟ ଜେନେରାଲ ଚଣ୍ଡିପ୍ରସାଦ ମହାନ୍ତି ଜାନୁୟାରୀ ୩୧ରେ ଅବସର ନେବାକୁ ଥିବାବେଳେ ତାଙ୍କ ସ୍ଥାନରେ ମନୋଜ ପାଣ୍ଡେ ଯୋଗଦେବେ। ୧୯୮୨ ଡିସେମ୍ବରରେ ଜେନେରାଲ ପାଣ୍ଡେ କର୍ପସ ଅଫ୍ ଇଞ୍ଜିନିୟର ନିଯୁକ୍ତ ହୋଇଥିଲେ। ସେ ବ୍ରିଟେନର କାମ୍ବେରର୍ଲି ଷ୍ଟାଫ୍ କଲେଜରୁ ସ୍ନାତକ କରିବା ପରେ ଦିଲ୍ଲୀର ଆର୍ମି ୱାର କଲେଜ୍ ଏବଂ ନ୍ୟାଶନାଲ ଡିଫେନ୍ସ କଲେଜରୁ ଉଚ୍ଚତର କମାଣ୍ଡ କୋର୍ସ କରିଥିଲେ। ଭାରତର ଅପରେଶନ ବିଜୟ ଏବଂ ଅପରେଶନ ପରାକ୍ରମରେ ସେ ସକ୍ରିୟ ଭୂମିକା ନିଭାଇଥିଲେ।

### କାର୍ଟୁନିଷ୍ଟ ନାରାୟଣ ଦେବନାଥଙ୍କ ପରଲୋକ



**କୋଲକାତା, ୧୮।୧:** ବଙ୍ଗାଳୀ ସିରିଜ୍ 'ବଣ୍ଟୁଲ୍ ଦ ଗ୍ରେଟ୍', ହାଣ୍ଡା ଭୋଣ୍ଡା' ଆଦି ପାଇଁ ବ୍ୟଙ୍ଗ ଚରିତ୍ର ତିଆରି କରିଥିବା ଜଣାଶୁଣା କାର୍ଟୁନିଷ୍ଟ ନାରାୟଣ ଦେବନାଥଙ୍କ ମଙ୍ଗଳବାର ପରଲୋକ ହୋଇଛି। ତାଙ୍କୁ ୯୭ ବର୍ଷ ହୋଇଥିଲା। ଦୀର୍ଘଦିନରୁ ସେ ଅସୁସ୍ଥ ଥିଲେ। ପଦ୍ମଶ୍ରୀ ପୁରସ୍କାର ବିଜେତା ଦେବନାଥ ଡିସେମ୍ବର ୨୪ରୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇ ଭେଣ୍ଟିଲେଟର ସପୋର୍ଟରେ ରହିଥିଲେ। ସକାଳ ୧୦ଟାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କ ପରଲୋକରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶୋକବ୍ୟକ୍ତ କରିଛନ୍ତି।

### ଚନ୍ନିଙ୍କ ସମ୍ପର୍କୀୟଙ୍କ ଘରେ ଚଢ଼ାଉ

**ନୂଆଦିଲ୍ଲୀ,୧୮।୧(ଆଇଏଏନ୍ଏସ୍):** ପଞ୍ଜାବ ମୁଖ୍ୟମନ୍ତ୍ରୀ ଚରଣଜିତ୍ ଚନ୍ନିଙ୍କ ନିକଟ ସମ୍ପର୍କୀୟଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଚଢ଼ାଉ କରିଥିବାରୁ କଂଗ୍ରେସ ଏଥିରେ ଅସନ୍ତୋଷ ବ୍ୟକ୍ତ କରିଛି। ଭାଜପା ସରକାରୀ ସଂସ୍ଥାର ଅପବ୍ୟବହାର କରୁଛି। ରାଜ୍ୟର ଏକମାତ୍ର ଦଳିତ ମୁଖ୍ୟମନ୍ତ୍ରୀଙ୍କୁ ହଇରାଣ କରିବା ଲାଗି ଭାଜପା ଉଦ୍ୟମ ଚଳାଇଛି। ଇଡି ଏବେ ଭାଜପାର ନିର୍ବାଚନ ବିଭାଗ ପାଲଟିଛି ବୋଲି କଂଗ୍ରେସ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଭାଜପା ପାଇଁ ଇଡି ଅର୍ଥ 'ଇଲେକ୍‌ଶନ ଡିପାର୍ଟମେଣ୍ଟ' ବୋଲି କଂଗ୍ରେସ ମୁଖପାତ୍ର ରଣଦୀପ୍ ସୁର୍ଜେୱାଲା କହିଛନ୍ତି। ସୂଚନାଯୋଗ୍ୟ, ପଞ୍ଜାବ ବିଧାନସଭା ନିର୍ବାଚନକୁ ଆଉ ମାତ୍ର ମାସେ ବାକି ଥିବାବେଳେ ମଙ୍ଗଳବାର ସକାଳେ ଇଡି ମୁଖ୍ୟମନ୍ତ୍ରୀ ଚନ୍ନିଙ୍କ ପୁତୁରା ଭୂପିନ୍ଦର ସିଂ ହନିଙ୍କର ବିଭିନ୍ନ ସ୍ଥାନରେ ଥିବା ଘର ଉପରେ ଚଢ଼ାଉ କରିଥିଲା। ତାଙ୍କ ବିରୋଧରେ ବେଆଇନ ବାଲି ଉତ୍ତୋଳନ ଓ ମନି ଲଣ୍ଡରିଂ ଅଭିଯୋଗ ହୋଇଥିଲା।

### ସମସ୍ତଙ୍କୁ ଟିକା ଦିଆ ନ ଗଲେ ନୂଆ ଭାରିଆଣ୍ଟ ବଢ଼ିବ

**ଜାତିସଂଘ,୧୮।୧(ପି.ଟି.):** ଚଳିତ ବର୍ଷ ମହାମାରୀରୁ ଆରୋଗ୍ୟ ଲାଭର ବାସ୍ତବ ମୁହୂର୍ତ୍ତ ହେଉ ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ସୋମବାର ବିଶ୍ୱ ନେତାମାନଙ୍କୁ ଆହ୍ୱାନ ଦେଇଛନ୍ତି। କୋଭିଡ୍-୧୯ ମୁକାବିଲା ପାଇଁ ସମାନତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ସମସ୍ତଙ୍କୁ ଟିକାଦାନରେ ବିଫଳ ହେଲେ ପୁଣି ନୂଆ ଭାରିଆଣ୍ଟ ଆସିବ ଏବଂ ଅର୍ଥନୀତି ଅଟକିଯିବ ବୋଲି ସେ ସତର୍କ କରାଇଛନ୍ତି। ବିଶ୍ୱ ଅର୍ଥନୀତି ଫୋରମ୍ (ଡବ୍ଲ୍ୟୁଇଏଫ୍)ର ଭର୍ଚୁଆଲ ସମିଟ୍‌ରେ ଉଦ୍‌ବୋଧନ ଦେଇ ଗୁଟେରେସ୍ କହିଥିଲେ, ଗତ ଦୁଇବର୍ଷ ବିଶ୍ୱ ସାଧାରଣ କିନ୍ତୁ ଜଘନ୍ୟ ସତ୍ୟର ସାମ୍ନା କରିଛି। କାହାକୁ ଅଣଦେଖା ନ କରିବା ଲାଗି ସେ ପରାମର୍ଶ ଦେଇଛନ୍ତି।



ମୁମ୍ବାଇର ବାଇକୁଲା ଚିଡ଼ିଆଖାନାରେ ୫ ମାସର ପେଙ୍ଗୁଇନ୍ ଶାବକ ସନ୍ତରଣ କରୁଛି।

# ୩୦ ଜଣଙ୍କୁ ଉଦ୍ଧାରକଲା ସେନା

**ନୂଆଦିଲ୍ଲୀ,୧୮।୧**

ତୁଷାରପାତ ଓ ହିମ ସ୍ଖଳନ ଯୋଗୁ ଜମ୍ମୁ-କଶ୍ମୀରର ଚୌକିବାଲ-ଟଙ୍ଗଧର ରୋଡ୍‌ରେ ଫସି ରହିଥିବା ୩୦ ଜଣ ଲୋକଙ୍କୁ ଭାରତୀୟ ସଶସ୍ତ୍ର ବଳ ସୋମବାର ରାତିରେ ଉଦ୍ଧାର କରିଛି। ଜାତୀୟ ରାଜପଥର ଖୁନି ନାଲା ଏବଂ ଏସ୍ଏମ୍ ହିଲ୍ ନିକଟରେ ତୁଷାରପାତ ହେବା ସହ ଦୁଇଟି ହିମସ୍ଖଳନ ହୋଇଥିଲା। ସାଧାରଣ ଲୋକେ ସେମାନଙ୍କ ଗାଡ଼ି ଭିତରେ ଫସିରହିଥିବାର ଖବର ମିଳିବା ପରେ ସେନାର ଉଦ୍ଧାରକାରୀ ଟିମ୍ ଏବଂ ଜେନେରାଲ ରିଜର୍ଭ ଇଞ୍ଜିନିୟର ଫୋର୍ସ (ଜିଆର୍‌ଇଏଫ୍) ଏନ୍‌ସି ପାସ୍ ନିକଟରେ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ। ହିମ ସ୍ଖଳନ ଓ ପ୍ରତିକୂଳ ପାଗ ସତ୍ତ୍ୱେ ଯବାନମାନେ ୧୪ ଜଣଙ୍କୁ ନିଲମ ଏବଂ ୧୬ ଜଣଙ୍କୁ ଏନ୍‌ସି ପାସ୍ ପର୍ଯ୍ୟନ୍ତ ଆଣିଥିଲେ। ଉଦ୍ଧାର କାର୍ଯ୍ୟ ଲାଗି ୫ରୁ ୬ ଘଣ୍ଟା ସମୟ ଲାଗିଥିଲା।

**କଶ୍ମୀରରେ ହିମ ସ୍ଖଳନ**



# ପାଙ୍ଗୋଙ୍ଗ୍‌ରେ ଚାଇନାର ସେତୁ ନିର୍ମାଣ

## ଶୀତଦିନେ ସାରିବାକୁ ଟାର୍ଗେଟ୍

**ନୂଆଦିଲ୍ଲୀ, ୧୮।୧**

ପଡ଼ୋଶୀ ଦେଶର ଜମି ହାତେଇବା ଉଦ୍ଦେଶ୍ୟରେ ଚାଇନା ସୀମା ନିକଟରେ ବହୁ ବେଆଇନ ନିର୍ମାଣରେ ମାତିଛି। ଭାରତ ସୀମା ନିକଟରେ ନିଜକୁ ସୁବିଧାଜନକ ସ୍ଥିତିରେ ରଖିବା ପାଇଁ ବେଜିଂ ପୂର୍ବ ଲଦାଖର ପାଙ୍ଗୋଙ୍ଗ୍ ହ୍ରଦ ଉପରେ ଏକ ସେତୁ ନିର୍ମାଣ କାର୍ଯ୍ୟକୁ ଦ୍ରୁତଗତିରେ ଆଗେଇ ନେଉଛି। ସାଟେଲାଇଟ୍ ଚିତ୍ରରୁ ଜଣାପଡ଼ିଛି ଯେ, ଏହି ବ୍ରିଜ୍ ଏବେ ପ୍ରାୟ ୪୦୦ ମିଟରରୁ ଅଧିକ ଦୀର୍ଘ ପର୍ଯ୍ୟନ୍ତ ଲମ୍ବିସାରିଛି। ଏହାର ଚଉଡ଼ା ପ୍ରାୟ ୮ ମିଟର ରହିଥିବାବେଳେ ପାଙ୍ଗୋଙ୍ଗ୍‌ର ଉତ୍ତରତଟରେ ଚାଇନା ଆର୍ମି ବେସ୍‌ର ଦକ୍ଷିଣକୁ ବ୍ରିଜ୍‌ଟି ନିର୍ମାଣ ହୋଇଛି। ଶୀତ ଦିନ ଶେଷ ସୁଦ୍ଧା ସେତୁ କାମ ଶେଷ କରିବାକୁ ଚାଇନା ଟାର୍ଗେଟ୍ ରଖିଛି।

ଜାନୁଆରୀ ୧୬ରୁ ସଂଗୃହୀତ ସାଟେଲାଇଟ୍ ଚିତ୍ର ଅନୁସାରେ, ସେତୁ ନିର୍ମାଣ କରୁଥିବା ଚାଇନା ଶ୍ରମିକମାନେ ପିଲାରଗୁଡ଼ିକୁ ଯୋଡ଼ିବା ପାଇଁ ଭାରୀ କ୍ରେନ ବ୍ୟବହାର କରୁଛନ୍ତି। ତେବେ ଅଞ୍ଚଳର ମୁଖ୍ୟ ଚାଇନିଜ୍ ମିଲିଟାରୀ ହବ୍ ରୁଡୋଗ୍ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନିମନ୍ତେ ଅଧିକ ସମୟ ଲାଗିପାରେ। ଏହା ପୂର୍ବରୁ ମଧ୍ୟ ଚାଇନା ପାଙ୍ଗୋଙ୍ଗ୍ ହ୍ରଦ ଉପରେ ସେତୁ ନିର୍ମାଣ କରୁଥିବା ନେଇ ରିପୋର୍ଟ ପ୍ରକାଶ ପାଇଥିଲା। ଏହି ବ୍ରିଜ୍ ଦ୍ୱାରା ଚାଇନା ପାଙ୍ଗୋଙ୍ଗ୍ ହ୍ରଦର ଅପରପାର୍ଶ୍ୱକୁ ସହଜରେ ଏବଂ କମ୍ ସମୟରେ ବହୁ ସଂଖ୍ୟାରେ ସୈନ୍ୟ ପଠାଇପାରିବ। ଅର୍ଥାତ ଚାଇନିଜ୍ ଆର୍ମି ବେସ୍ ରୁଡୋଗ୍‌କୁ ଆସିବାକୁ ପିଏଲଏ ସୈନ୍ୟଙ୍କୁ ଆଉ ୨୦୦ କିଲୋମିଟର ରାସ୍ତା ଅତିକ୍ରମ କରିବାକୁ ପଡ଼ିବନି। ଏହି ବ୍ରିଜ୍ ମାଧ୍ୟମରେ ପ୍ରାୟ ୧୫୦ କିଲୋମିଟର ରାସ୍ତା କମିଯିବ। ପ୍ରାୟ ୬୦ ବର୍ଷ ଧରି ଚାଇନା ବେଆଇନ ଭାବେ କବ୍‌ଜା କରି ରଖିଥିବା ଜାଗାରେ ସେତୁ ନିର୍ମାଣ କରୁଥିବା ଭାରତ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।




ସେତୁ ନିର୍ମାଣର ସାଟେଲାଇଟ୍ ଚିତ୍ର।

### ପାଙ୍ଗୋଙ୍ଗ୍ ହ୍ରଦର ଗୁରୁତ୍ୱ

ଭାରତ ସୀମା ନିକଟରେ ସେତୁ ନିର୍ମାଣକୁ ନେଇ ପୁଣି ପାଙ୍ଗୋଙ୍ଗ ହ୍ରଦ ଖବରକୁ ଆସିଛି। ବ୍ରିଜ୍ ନିର୍ମାଣ ହେଉଥିବା ଅଞ୍ଚଳ ଗଲୱାନ ଉପତ୍ୟକା ନିକଟରେ ଏବଂ ପ୍ରକୃତ ନିୟନ୍ତ୍ରଣ ରେଖାଠାରୁ ପ୍ରାୟ ୨୫ କିଲୋମିଟର ମଧ୍ୟରେ ରହିଛି। ଏହି ସେତୁ ହ୍ରଦର ଉତ୍ତର ଏବଂ ଦକ୍ଷିଣ ଭାଗକୁ ସଂଯୋଗ କରିବ। ଏହାଦ୍ୱାରା ଚାଇନା ସୈନ୍ୟ ସହଜରେ ହ୍ରଦର ଉଭୟ ପଟରେ ପହଞ୍ଚିପାରିବେ। କାରାକୋରମ ପର୍ବତ୍ୟାଞ୍ଚଳରେ ଥିବା ପାଙ୍ଗୋଙ୍ଗ୍ ପୂର୍ବ ଲଦାଖରୁ ପଶ୍ଚିମ ତିବ୍ବତ ପର୍ଯ୍ୟନ୍ତ ବିସ୍ତୃତ ହ୍ରଦ। ପ୍ରାୟ ୪,୨୭୦ ମିଟର ଉଚ୍ଚତାରେ ଏହି ହ୍ରଦ ରହିଛି। ଏହାର ପ୍ରାୟ ୫୦%ରୁ ଅଧିକ ଭାଗରେ ଚାଇନାର ନିୟନ୍ତ୍ରଣ ଥିବାବେଳେ ମାତ୍ର ୪୫ ପ୍ରତିଶତ ଭାରତ ଅଧୀନରେ ରହିଛି। ବଳକା ଭାଗ ଦୁଇଦେଶର ବଫର ଜୋନ୍ ମଧ୍ୟରେ ଅନ୍ତର୍ଭୁକ୍ତ। ପ୍ରାୟ ୬ ଶହ ବର୍ଗକିମି ଅଞ୍ଚଳ ପର୍ଯ୍ୟନ୍ତ ହ୍ରଦ ବ୍ୟାପିଛି। ଏହା ଉପରେ ଚାଇନାର ମନମୁଖୀ ନିର୍ମାଣ ଭାରତ ପାଇଁ ଚିନ୍ତାର କାରଣ ପାଲଟିଛି। ଭାରତ ଉପରେ ରଣନୈତିକ ବିଜୟ ହାସଲ ପାଇଁ ଚାଇନା ଏହି ହ୍ରଦକୁ ବ୍ୟବହାର କରୁଛି। ସେତୁ ନିର୍ମାଣ ଶେଷ ହେଲେ ହ୍ରଦର ଉଭୟ ପାର୍ଶ୍ୱରେ ପହଞ୍ଚିବା ପାଇଁ ଚାଇନା ସୈନ୍ୟଙ୍କୁ ୧୨ ଘଣ୍ଟା ବଦଳରେ ମାତ୍ର ୩ ଘଣ୍ଟା ଲାଗିବ।

# ଆତଙ୍କବାଦୀଙ୍କ ଟାର୍ଗେଟରେ ଦିଲ୍ଲୀ

**ନୂଆଦିଲ୍ଲୀ,୧୮।୧(ପି.ଟି.)**

■ ସାଧାରଣତନ୍ତ୍ର ଦିବସରେ ଆକ୍ରମଣ ସୂଚନା

■ ଅଧଘଣ୍ଟା ବିଳମ୍ବରେ ହେବ ପରେଡ୍

ଆଗାମୀ ସାଧାରଣତନ୍ତ୍ର ଦିବସରେ ଆତଙ୍କବାଦୀମାନେ ଆକ୍ରମଣ କରିପାରନ୍ତି ବୋଲି ଗୋଇନ୍ଦା ସଂସ୍ଥାକୁ ସୂଚନା ମିଳିବା ପରେ ଦିଲ୍ଲୀ- ଜାତୀୟ ରାଜଧାନୀ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି। ରାଜଧାନୀରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ସହ ଗୁରୁବାରଠାରୁ ଜାତୀୟ ରାଜଧାନୀ ଅଞ୍ଚଳ ମଧ୍ୟକୁ ୟୁଏଭି ସମେତ ପାରାଗ୍ଲାଇଡର, ହଟ୍ ଏୟାର ବେଲୁନ୍ ଏବଂ ଅନ୍ୟାନ୍ୟ ଅଣପାରମ୍ପରିକ ଉଡ଼ାଣକୁ ନିଷେଧ କରାଯାଇଛି। ଏହି କଟକଣା ଫେବୃଆରୀ ୧୫ ପର୍ଯ୍ୟନ୍ତ ରହିବ। ସାଧାରଣତନ୍ତ୍ର ଦିବସ ଅବସରରେ ସାଧାରଣ ଜନତା, ବିଶିଷ୍ଟ ବ୍ୟକ୍ତି ଏବଂ ପ୍ରମୁଖ ପ୍ରତିଷ୍ଠାନ ଉପରେ ଅପରାଧୀ କିମ୍ବା ଅସାମାଜିକ ତତ୍ତ୍ୱ ଅଥବା ଆତଙ୍କବାଦୀ ଆକ୍ରମଣ କରିବା ସମ୍ଭାବନା ରହିଥିବାରୁ ଦିଲ୍ଲୀ ପୋଲିସ କମିଶନର ରାକେଶ ଅସ୍ଥାନା ଉପରୋକ୍ତ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସୁରକ୍ଷା କଡ଼ାକଡ଼ି କରାଯିବା ସହ ବିଭିନ୍ନ ସିସିଟିଭିରେ ଫେସିଆଲ ରେକଗନାଇଜେଶନ ସଫ୍ଟୱେର ଲଗାଯାଇଛି। ଦିଲ୍ଲୀ ପୋଲିସର ସମସ୍ତ ୟୁନିଟ ସମେତ ନ୍ୟାଶନାଲ ସିକ୍ୟୁରିଟି ଗାର୍ଡ (ଏନ୍ଏସ୍‌ଜି) ସୁରକ୍ଷା ଦାୟିତ୍ୱରେ ରହିବ। ଏହା ବ୍ୟତୀତ ରାଜଧାନୀରେ ବ୍ୟାପକ ସଂଖ୍ୟାରେ ଅର୍ଦ୍ଧସାମରିକ ବଳ ନିୟୋଜିତ ହେବେ।

କୋଭିଡ୍ ମହାମାରୀକୁ ନେଇ ଚଳିତ ବର୍ଷ କମ୍ ସଂଖ୍ୟାରେ ଲୋକଙ୍କୁ ପରେଡ୍ କାର୍ଯ୍ୟକ୍ରମରେ ଭାଗନେବା ଲାଗି ଆମନ୍ତ୍ରଣ କରାଯାଇଛି। କୌଣସି ପିଲାଙ୍କୁ ଅନୁମତି ଦିଆଯାଇନାହିଁ। ୧୪,୦୦୦ ଜଣଙ୍କୁ ଆମନ୍ତ୍ରଣ କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ସାଧାରଣ ନାଗରିକ ୪,୦୦୦ ଜଣ ଅଛନ୍ତି। ପାଟ୍ରୋଲିଂ ଟିମ୍‌ରେ କ୍ୟାମେରା ଲାଗିଥିବା 'ପ୍ରଖର' ଭ୍ୟାନ୍ ସାମିଲ ହେବ।

ରାଜପଥରେ ଅନୁଷ୍ଠିତ ପରେଡ୍‌ରେ ୧୦୦୦ ଡ୍ରୋନ୍, ୭୫ ଯୁଦ୍ଧବିମାନ, ୧୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଏବଂ ୯ ମନ୍ତ୍ରଣାଳୟର ପ୍ରଜ୍ଞାପନ ମେଢ଼ ସ୍ଥାନ ପାଇବ। ଚଳିତ ବର୍ଷ ଜାନୁୟାରୀ ୨୩ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୫ତମ ଜନ୍ମବାର୍ଷିକୀରୁ ୩୦ ତାରିଖ ଶହୀଦ ଦିବସ ପର୍ଯ୍ୟନ୍ତ ସାଧାରଣତନ୍ତ୍ର ଦିବସ ଉତ୍ସବ ପାଳନ ହେବାକୁ ସ୍ଥିର ହୋଇଛି। କୁହୁଡ଼ି ଯୋଗୁ ଜାନୁୟାରୀ ୨୬ରେ ପୂର୍ବାହ୍ନ ୧୦ଟା ପରିବର୍ତ୍ତେ ସାଢ଼େ ୧୦ଟାରେ ପରେଡ୍ ଆରମ୍ଭ ହେବ।

# ପୁନମ ପାଣ୍ଡେ ଆଶ୍ୱସ୍ତ

**ପର୍ନୋଗ୍ରାଫି ମାମଲା: ଅନ୍ତରୀଣ ସୁରକ୍ଷା ଦେଲେ ସୁପ୍ରିମକୋର୍ଟ**



**ନୂଆଦିଲ୍ଲୀ, ୧୮।୧:** ଅଶ୍ଳୀଳ ଫିଲ୍ମ ର୍ୟାକେଟ ମାମଲାରେ ଗିରଫଦାରୀରୁ ବର୍ତ୍ତିବା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଅଭିନେତ୍ରୀ ପୁନମ ପାଣ୍ଡେଙ୍କୁ ମଙ୍ଗଳବାର ଅନ୍ତରୀଣ ସୁରକ୍ଷା ମିଳିଛି। ଆଗୁଆ ଜାମିନ ଆବେଦନକୁ ବମ୍ବେ ହାଇକୋର୍ଟ ଖାରଜ କରିଦେବା ପରେ ପୁନମ ସୁପ୍ରିମକୋର୍ଟ ଯାଇଥିଲେ। ଜଷ୍ଟିସ୍ ବିନୀତ ସରନ ଏବଂ ବି. ଭି. ନାଗରତ୍ନାଙ୍କ ଖଣ୍ଡପୀଠ ପୁନମଙ୍କୁ ଅନ୍ତରୀଣ ସୁରକ୍ଷା ଯୋଗାଇବା ସହ ମହାରାଷ୍ଟ୍ର ସରକାରଙ୍କୁ ଏ ନେଇ ନୋଟିସ ପଠାଯାଇଛି। ପୁନମ ବିରୋଧରେ ଏବେ କୌଣସି ବାଧ୍ୟତାମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ରାଜ କୁନ୍ଦ୍ରା ଅଶ୍ଳୀଳ ଫିଲ୍ମ ନିର୍ମାଣ କରି ତାହାକୁ ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ରିଲିଜ କରୁଥିବା ନେଇ ଗତ ବର୍ଷ ଅଭିଯୋଗ ଆସିଥିଲା। ମାମଲାରେ ରାଜ କୁନ୍ଦ୍ରାଙ୍କୁ ଗିରଫ କରାଯାଇଥିବାବେଳେ ପରେ ସେ ଜାମିନରେ ମୁକୁଳିଥିଲେ। ଏହି ଘଟଣାରେ ଅଭିନେତ୍ରୀ ଶର୍ଲିନ ଚୋପ୍ରାଙ୍କ ସମେତ ପୁନମ ପାଣ୍ଡେଙ୍କ ନାଁରେ ଏତଲା ହୋଇଥିଲା। ଗତ ନଭେମ୍ବର ୨୫ରେ ପୁନମ ଆଗୁଆ ଜାମିନ ପାଇଁ କରିଥିବା ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଥିଲେ।

# କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

**୪୦୦ ଏନ୍‌ଡିଏ ସିଟ୍ ପାଇଁ ୧୯ ମହିଳା ଚୟନ**



**ନୂଆଦିଲ୍ଲୀ,୧୮।୧(ଆଇଏଏନ୍ଏସ୍)**

ନ୍ୟାଶନାଲ ଡିଫେନ୍ସ ଏକାଡେମୀ (ଏନ୍‌ଡିଏ)ର ୪୦୦ ସିଟ୍‌ରେ ୨୦୨୩ରେ ନାମଲେଖା ଲାଗି ମାତ୍ର ୧୯ ମହିଳା ପ୍ରାର୍ଥୀଙ୍କୁ ଚୟନ କରାଯାଇଥିବାରୁ ସୁପ୍ରିମକୋର୍ଟ ମଙ୍ଗଳବାର ଏନେଇ କେନ୍ଦ୍ର ସରକାରଙ୍କୁ ଜବାବ ମାଗିଛନ୍ତି। କ'ଣ ପାଇଁ ୧୯ ଜଣ ମହିଳାଙ୍କୁ ଚୟନ କରାଗଲା କେନ୍ଦ୍ର ସରକାର ଏହାର ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ଜଷ୍ଟିସ ସଞ୍ଜୟ କିଷାନ କୌଲ ଏବଂ ଏମ୍.ଏମ୍. ସୁନ୍ଦ୍ରେଶ ଅତିରିକ୍ତ ସଲିସିଟର ଜେନେରାଲ ଐଶ୍ୱର୍ଯ୍ୟା ଭଟିଙ୍କୁ କହିଥିଲେ। ୨୦୨୧ରେ ଭିତ୍ତିଭୂମି ସମସ୍ୟା କାରଣରୁ କମ୍ ସଂଖ୍ୟାରେ ମହିଳା ପ୍ରାର୍ଥୀଙ୍କ ନାମ ଲେଖାଯାଇଥିବା ପୂର୍ବରୁ କେନ୍ଦ୍ର ସରକାର କହିଥିଲେ। ଚଳିତ ବର୍ଷ ସମାନ ସଂଖ୍ୟକ ମହିଳାଙ୍କୁ ସୁଯୋଗ ଦେବାକୁ ପୁଣିଥରେ ଯୋଜନା ହୋଇଛି। ସୈନ୍ୟବାହିନୀରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ମହିଳା ପ୍ରାର୍ଥୀଙ୍କୁ ନିଆଯାଉଛି ବୋଲି କେନ୍ଦ୍ର ସରକାରଙ୍କ ଓକିଲ କହିଥିଲେ। ସୂଚନାଯୋଗ୍ୟ କମ୍ ସଂଖ୍ୟାରେ ମହିଳା ପ୍ରାର୍ଥୀଙ୍କୁ ଏନ୍‌ଡିଏରେ ସୁଯୋଗ ଦେବା ଏବଂ ନୌସେନାରେ କେବଳ ପୁରୁଷ ପ୍ରାର୍ଥୀଙ୍କୁ ଅନୁମତି ଦେବା ଲାଗି କେନ୍ଦ୍ର ସରକାରଙ୍କ ବିଜ୍ଞପ୍ତିକୁ ଚ୍ୟାଲେଞ୍ଜ କରି କୁଶ କାର୍ଲା ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ଗତବର୍ଷ ଅଗଷ୍ଟ ୧୮ ଓ ସେପ୍ଟେମ୍ବର ୨୨ରେ ସୁପ୍ରିମକୋର୍ଟ ଦେଇଥିବା ରାୟ ବିରୋଧରେ ସରକାର ଯାଉଥିବା ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଚିନ୍ମୟ ପ୍ରଦୀପ ଶର୍ମା ଖଣ୍ଡପୀଠଙ୍କୁ କହିଥିଲେ।

# କୋଭିଡ୍ ପରୀକ୍ଷା ବଢ଼ାଇବାକୁ ନିର୍ଦ୍ଦେଶ

## ଚିକିତ୍ସାରୁ ମୋଲନୁପିରାଭିର ବାଦ୍

**ନୂଆଦିଲ୍ଲୀ,୧୮।୧(ପି.ଟି.)**

ଅଧିକାଂଶ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ କୋଭିଡ୍ ପରୀକ୍ଷା କମୁଥିବାରୁ କେନ୍ଦ୍ର ସରକାର ଉଦ୍‌ବେଗ ପ୍ରକାଶ କରିଛନ୍ତି। ତୁରନ୍ତ ପରୀକ୍ଷା ବଢ଼ାଇବା ଲାଗି ରାଜ୍ୟଗୁଡ଼ିକୁ ପରାମର୍ଶ ଦିଆଯାଇଛି। ପରୀକ୍ଷା ବଢ଼ିଲେ ସଂକ୍ରମିତ ଚିହ୍ନଟ ହେବା ସହ ସେମାନଙ୍କ ସଂସ୍ପର୍ଶରେ ଆସିଥିବା ଲୋକେ ସତର୍କ ହୋଇପାରିବେ ଓ ମହାମାରୀକୁ ରୋକାଯାଇପାରିବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅତିରିକ୍ତ ସଚିବ ଆରତି ଆହୁଜା କହିଛନ୍ତି। ନୂଆ ଭାରିଆଣ୍ଟ ଓମିକ୍ରନ୍ ଏବେ ସାରା ଦେଶକୁ ବ୍ୟାପିସାରିଲାଣି। ଓମିକ୍ରନ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ମହାମାରୀ ପରିଚାଳନା ନିମନ୍ତେ ବ୍ୟାପକ ଯୋଜନା ପ୍ରସ୍ତୁତ କରିବା ଲାଗି ଗତ ମାସ ୨୭ରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଥିଲା। ତେବେ ପରୀକ୍ଷା ହାର ଯଥେଷ୍ଟ କମିଥିବା ଆଇସିଏମ୍ଆର୍ ପୋର୍ଟାଲରୁ ଜଣାପଡ଼ିଛି।

ମନଇଚ୍ଛା ଔଷଧ ବ୍ୟବହାର ନ କରିବା ଲାଗି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର କୋଭିଡ୍ ଜାତୀୟ ଟାସ୍କ ଫୋର୍ସ ମଙ୍ଗଳବାର ନୂଆ ଗାଇଡ୍‌ଲାଇନ ଜାରି କରିଛି। ରେମ୍‌ଡେସିଭିର ଏବଂ ଟୋସିଲିଜୁମାବ୍ ଏବଂ ଇଞ୍ଜେକ୍‌ଶନରେ ଦିଆଯାଉଥିବା ଷ୍ଟେରଏଡ୍ କେବଳ ନିର୍ଦ୍ଦିଷ୍ଟ ସର୍ତ୍ତରେ ବ୍ୟବହାର କରିବା ଲାଗି କୁହାଯାଇଛି। ଭାରତର ଔଷଧ ମହାନିୟନ୍ତ୍ରକ (ଡିସିଜିଏ) ମୋଲନୁପିରାଭିର ଆଣ୍ଟି ଭାଇରାଲ ଔଷଧକୁ ବ୍ୟବହାର ଲାଗି ନିକଟରେ ଅନୁମୋଦନ କରିଥିଲା। ତେବେ ସଂଶୋଧିତ ଗାଇଡ୍‌ଲାଇନରେ ଉକ୍ତ ଔଷଧକୁ ବାଦ୍ ଦିଆଯାଇଛି। ୬୦ ବର୍ଷରୁ ଊର୍ଦ୍ଧ୍ୱ ରୋଗୀ, ହୃଦ୍‌ରୋଗ, ଉଚ୍ଚରକ୍ତଚାପ, କରୋନାରି ଆର୍ଟେରି ରୋଗ, ମଧୁମେହ, ଏଚ୍ଆଇଭି, ଟୁବରକୁଲୋସିସ୍, ଦୀର୍ଘ ଫୁସ୍‌ଫୁସ୍, କିଡ୍‌ନୀ କିମ୍ବା ଯକୃତ ରୋଗୀଙ୍କ ପାଇଁ କରୋନା ଗମ୍ଭୀର ବିପଦ ସୃଷ୍ଟି କରୁଥିବା ଗାଇଡ୍‌ଲାଇନରେ କୁହାଯାଇଛି।




ନୂଆଦିଲ୍ଲୀରେ ଜଣେ ବରିଷ୍ଠ ନାଗରିକ କୋଭିଡ୍ ଟିକାର ବୁଷ୍ଟର ଡୋଜ୍ ନେଉଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୩,୨୨,୧୦,୫୨୨ | ୫୫,୬୬,୫୫୬ | ୨୬,୯୪,୯୫,୨୪୩ |
| ଭାରତ | ୩,୭୬,୧୮,୨୭୧ | ୪,୮୬,୭୮୪ | ୩,୫୩,୯୪,୮୮୨ |
| ଓଡ଼ିଶା | ୧୧,୫୫,୪୮୭ | ୮୪୮୮(+୫୩) | ୧୦,୭୩,୭୭୭ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଆଜିଠୁ ୩ ଦିନ ଲୋକାୟୁକ୍ତଙ୍କ କାର୍ଯ୍ୟାଳୟ ବନ୍ଦ

**ଭୁବନେଶ୍ୱର,୧୮।୧(ବ୍ୟୁରୋ):** ଜାନୁୟାରୀ ୧୯ରୁ ୨୧ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରସ୍ଥିତ ଓଡ଼ିଶା ଲୋକାୟୁକ୍ତ କାର୍ଯ୍ୟାଳୟ ବନ୍ଦ ରହିବ। କୋଭିଡ୍ ସଂକ୍ରମଣ ବୃଦ୍ଧି ପରିପ୍ରେକ୍ଷୀରେ ଲୋକାୟୁକ୍ତଙ୍କ ଖଣ୍ଡପୀଠ ସମେତ ଲୋକାୟୁକ୍ତ କାର୍ଯ୍ୟାଳୟ ୩ ଦିନ ସାମୟିକ ଭାବେ ବନ୍ଦ ରହିବ। ଜାନୁୟାରୀ ୨୪ରୁ ପୂର୍ବଭଳି କାର୍ଯ୍ୟ କରିବ ବୋଲି ଲୋକାୟୁକ୍ତ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଲୋକାୟୁକ୍ତ କାର୍ଯ୍ୟାଳୟ ୱେବ୍‌ସାଇଟ୍ ଏବଂ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ମଧ ସୂଚନା ଦିଆଯାଇଛି। ସମ୍ପ୍ରତି ଭୁବନେଶ୍ୱର ସତ୍ୟନଗର ତୋଷାଳୀ ଭବନସ୍ଥିତ ବି-୨, ତଳ ମହଲାରେ ଲୋକାୟୁକ୍ତ, ଓଡ଼ିଶାଙ୍କ କାର୍ଯ୍ୟାଳୟ ରହିଛି।

### ଏଜି କାର୍ଯ୍ୟାଳୟ ଅଭିଯୋଗ ପ୍ରକୋଷ୍ଠ ବନ୍ଦ ରହିବ

**ଭୁବନେଶ୍ୱର,୧୮।୧(ବ୍ୟୁରୋ):** କରୋନାର ଦ୍ରୁତ ସଂକ୍ରମଣକୁ ଦୃଷ୍ଟିରେ ରଖି ମହାଲେଖାକାର (ଏ.ଜି.) କାର୍ଯ୍ୟାଳୟର (ଲେଖା ଓ ହକ୍‌ଦାରୀ) ପ୍ରଶାସନ ଏହାର ଅଭିଯୋଗ ପ୍ରକୋଷ୍ଠ ବନ୍ଦ ରଖିବା ପାଇଁ ନିଷ୍ପତ୍ତି ନେଇଛି। ସରକାରଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ଯାଏ ଏହା ବନ୍ଦ ରହିବ। ଓଡ଼ିଶା ରାଜ୍ୟ ସରକାରଙ୍କ ପେନସନଭୋଗୀ, ଭବିଷ୍ୟନିଧି ଉପଭୋକ୍ତା ଏବଂ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଆସୁଥିବା ବ୍ୟକ୍ତି, ସେମାନଙ୍କର ପେନସନ, ଜିପିଏଫ୍ ସମ୍ବନ୍ଧରେ ତଥ୍ୟ ଜାଣିବା ପାଇଁ ଏ.ଜି. ୱେବ୍‌ସାଇଟ୍-CAG.GOV.IN/AE/ODISHA/EN ପୋର୍ଟାଲକୁ ଲଗ୍ ଇନ୍ କରି କିମ୍ବା ଟେଲିଫୋନ ନମ୍ବର ୦୬୭୪-୨୩୯୨୦୦୬ ମାଧ୍ୟମରେ ଯୋଗାଯୋଗ କରିପାରିବେ ବୋଲି ବରିଷ୍ଠ ଉପମହାଲେଖାକାର (ପ୍ରଶାସନ) ଦିନମଣି ମଲ୍ଲିକ ମଙ୍ଗଳବାର ସୂଚନା ଦେଇଛନ୍ତି।

### 'ସଂକ୍ରମଣ ବଢ଼ିବ କି କମିବ ଏବେ କହିହେବନି'

**ଭୁବନେଶ୍ୱର, ୧୮।୧(ବ୍ୟୁରୋ):** ରାଜ୍ୟରେ କୋଭିଡ୍ ସ୍ଥିତି ନେଇ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର ମଙ୍ଗଳବାର ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି, ହସ୍ପିଟାଲରେ ରୋଗୀଙ୍କ ସଂଖ୍ୟା କମ୍ ରହିଛି। ଜେନେରାଲ ବେଡ୍ ୯ ପ୍ରତିଶତ, ଆଇସିୟୁ ବେଡ୍ ୧୫ ପ୍ରତିଶତ, ଭେଣ୍ଟିଲେଟର ୫ରୁ ୬ ପ୍ରତିଶତ ଥିବାବେଳେ ପେଡିଆଟ୍ରିକ ଆଡ୍‌ମିଶନ ସଂଖ୍ୟା ବହୁତ କମ୍ ରହିଛି। ଏହି ଲହରରେ ହସ୍ପିଟାଲ ଆଡ୍‌ମିଶନ ଏବଂ ଅକ୍ସିଜେନ ଆବଶ୍ୟକତା ମଧ କମ୍ ରହିଛି। ବର୍ତ୍ତମାନ ରାଜ୍ୟରେ କିଛିଦିନ ହେବ ୧୦ରୁ ୧୧ହଜାର ଭିତରେ ଦୈନିକ ସଂକ୍ରମଣ ରହୁଛି। ଏହି ଟ୍ରେଣ୍ଡ ବିଷୟରେ ଜାଣିବା ପାଇଁ ସର୍ବନିମ୍ନ ୧୦ରୁ ୧୫ ଦିନ ସମୟ ଦରକାର। ଯେ ପର୍ଯ୍ୟନ୍ତ ଏହି ଟ୍ରେଣ୍ଡ ବିଷୟରେ ଆମେ ଜାଣିନାହାନ୍ତି, ତାହା ଆଗକୁ ବଢ଼ିବ ନା କମିବ ସେ ନେଇ ଏବେଠୁ କହିବା ଯୁକ୍ତିଯୁକ୍ତ ନୁହେଁ ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

# 'ବୈଠକ ବସିଥିଲା, ଟଙ୍କା କଥା ଉଠିଥିଲା'

**ସରପଞ୍ଚ ପଦ ନିଲାମ ଘଟଣାର ତଦନ୍ତ କଲେ ଏଡିଏମ୍, ବିଡିଓ**

- ୫ ଜଣଙ୍କ ଲିଖିତ ବୟାନ ରେକର୍ଡ
- ୪୪ ଲକ୍ଷ ନୁହେଁ, ୪୪ ହଜାର କଥା କହିଲେ

ବଲାଙ୍ଗୀର ଅଫିସ,୧୮।୧

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ବିଲେଇସର୍ଡା ପଞ୍ଚାୟତ ସରପଞ୍ଚ ପଦ ନିଲାମ ଘଟଣା ରାଜ୍ୟବ୍ୟାପୀ ହଇଚଇ ସୃଷ୍ଟି କରିଛି। ୪୪ ଲକ୍ଷ ୧୦ ହଜାର ଟଙ୍କା ନିଲାମ ଡାକି ଜଣେ ବ୍ୟକ୍ତି ସରପଞ୍ଚ ପଦ ହାସଲ କରିଥିବା ନେଇ ଗଣମାଧ୍ୟମରେ ଚର୍ଚ୍ଚା ହୋଇଥିଲା। ଜଣେ ବ୍ୟକ୍ତି ନିଜକୁ ଆଶାୟୀ ସରପଞ୍ଚ ପ୍ରାର୍ଥୀ କହି ଏକ ବୈଦ୍ୟୁତିକ ଗଣମାଧ୍ୟମରେ ଉକ୍ତ ପଦବୀ ପାଇଁ ୪୪ ଲକ୍ଷ ନୁହେଁ ୪୪ ହଜାର ଟଙ୍କା ଗାଁ ମନ୍ଦିର କମିଟିକୁ ଦେବାକୁ ନିଷ୍ପତ୍ତି ହୋଇଥିବା କହିଥିଲେ। ଏହି ପ୍ରସଙ୍ଗକୁ ଗୁରୁତ୍ୱର ସହ ବିଚାର କରି ରାଜ୍ୟ ନିର୍ବାଚନ କମିଶନ ଘଟଣାର ତଦନ୍ତ କରି ୨୪ ଘଣ୍ଟା ମଧ୍ୟରେ ରିପୋର୍ଟ ଦେବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଅତିରିକ୍ତ ଜିଲାପାଳ ତଥା ପଞ୍ଚାୟତ ନିର୍ବାଚନ ଆଚରଣବିଧି ନୋଡାଲ ଅଫିସର ମହେନ୍ଦ୍ର ମହାପାତ୍ର ଏବଂ ପୁଇଁତଲା ବିଡିଓ ତଥା ବ୍ଲକନିର୍ବାଚନ ଅଧିକାରୀ ଯୁଧିଷ୍ଠିର ନାଏକ ମଙ୍ଗଳବାର ବିଲେଇସର୍ଡା ପଞ୍ଚାୟତ ଅଫିସରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ।



ଏଡିଏମ୍ ମହେନ୍ଦ୍ର ମହାପାତ୍ର ଓ ଏସ୍‌ଡିପିଓ ତୋଫାନ୍ ବାଗ ବୟାନ ରେକର୍ଡ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ କରୁଛନ୍ତି।

ତଦନ୍ତ ବେଳେ ଆଶାୟୀ ପ୍ରାର୍ଥୀ କୁହାଯାଉଥିବା ସୁଶାନ୍ତ ଛତ୍ରିଆ, ବିଲେଇସର୍ଡା ଜଗନ୍ନାଥ ମନ୍ଦିର କମିଟିର ଦୀନବନ୍ଧୁ ଗଡତ୍ୟା, ସୀତାଂଶୁ ଶେଖର ପଣ୍ଡା, ଗ୍ରାମର ଭଦ୍ରବ୍ୟକ୍ତି ପ୍ରସନ୍ନ କୁମାର ବିଶ୍ୱାଳ, ସାକ୍ଷୀ ଭାବେ ସରପଞ୍ଚ ରୀତା ବଢ଼ିଆ ଓ ଗାଁର ଅନ୍ୟ ୪/୫ ଜଣ ବ୍ୟକ୍ତି ଉପସ୍ଥିତ ଥିଲେ। ଏଡିଏମ୍ ମହାପାତ୍ର ପଞ୍ଚାୟତ ଅଫିସ ସମ୍ମୁଖରେ ଥିବା ଲୋକଙ୍କୁ ବୟାନ ଦେବାକୁ ଆହ୍ୱାନ ଦେଇଥିଲେ। ବୟାନ ରେକର୍ଡ ପରେ ଅଧିକାରୀମାନେ ବିଲେଇସର୍ଡା ପଞ୍ଚାୟତ ଅନ୍ତର୍ଗତ ବନ୍ଦନକଟା ଗାଁକୁ ଯାଇଥିଲେ। ସେଠାରେ କୌଣସି ବ୍ୟକ୍ତି ଉକ୍ତ ଘଟଣା ସଂକ୍ରାନ୍ତରେ ବୟାନ ଦେବାକୁ ମନା କରିଦେଇଥିଲେ। କସୁରୁପାଲି ଗାଁରେ ଜଣେ ବ୍ୟକ୍ତିଙ୍କ ବୟାନ ରେକର୍ଡ କରାଯାଇଥିଲା। ବଲେଇସର୍ଡା ଗ୍ରାମର ବୀରେନ୍ଦ୍ର ପଣ୍ଡା ନାମକ ଜଣେ ବ୍ୟକ୍ତି ଉଭୟ ତଦନ୍ତକାରୀ ଅଧିକାରୀଙ୍କ ସମ୍ମୁଖରେ ସରପଞ୍ଚ ପଦ ନିଲାମ ଘଟଣାକୁ ନେଇ ବୟାନ ଦେଇଥିବା ଜଣାପଡ଼ିଛି। ସମ୍ପୃକ୍ତ ବ୍ୟକ୍ତି ଜଣକ କ'ଣ ବୟାନ ଦେଲେ ତାହା ଜଣାପଡ଼ି ନ ଥିଲେ ମଧ ସରପଞ୍ଚ ପଦ ପାଇଁ ୪୪ ଲକ୍ଷ ଟଙ୍କାରେ ନିଲାମ ଡାକ ହୋଇଥିବା ସମ୍ପର୍କରେ ବୟାନ ଦେଇଥିବା ଚର୍ଚ୍ଚାର ବିଷୟ ହୋଇଛି।

ରେକର୍ଡ କରାଯାଇଥିବା ବ୍ୟକ୍ତିମାନଙ୍କ ମତ ଅନୁଯାୟୀ ଗତ ଶନିବାର ୧୫ ତାରିଖରେ ବିଲେଇସର୍ଡା ଗାଁରେ ଜଗନ୍ନାଥ ମନ୍ଦିର କମିଟି ତରଫରୁ ବୈଠକ ଡକାଯାଇଥିଲା। ଉକ୍ତ ବୈଠକରେ ଆଗାମୀ ନିର୍ବାଚନ ଲାଗି ସରପଞ୍ଚ ଆଶାୟୀ ବ୍ୟକ୍ତି ଉପସ୍ଥିତ ଥିଲେ। ସେଠାରେ ଆଗାମୀ ନିର୍ବାଚନକୁ ନିର୍ଦ୍ୱନ୍ଦ୍ୱ କରିବାକୁ ଓ ମନ୍ଦିର କମିଟିକୁ ଟଙ୍କା ଦେବା ସମ୍ପର୍କରେ ମଧ ଆଲୋଚନା ହୋଇଥିବା ବୟାନ ରେକର୍ଡ ହୋଇଛି। ତେବେ ଏହା କୌଣସି ପ୍ରକାରର ନିଲାମ ନ ଥିଲା। ଆଶାୟୀ ସରପଞ୍ଚ ପ୍ରାର୍ଥୀ ଛତ୍ରିଆ ତାଙ୍କୁ ନିର୍ଦ୍ୱନ୍ଦ୍ୱରେ ମନୋନୀତ କରାଗଲେ ମନ୍ଦିର କମିଟିକୁ ୪୪ ହଜାର ଟଙ୍କା ଦେବେ ବୋଲି ପ୍ରତିଶ୍ରୁତି ଦେଇଥିବା ଉଭୟ ତଦନ୍ତକାରୀ ଅଧିକାରୀଙ୍କ ସମ୍ମୁଖରେ ବୟାନ ଦେଇଥିବା ଜଣାପଡ଼ିଛି। ମନ୍ଦିର କମିଟିର ଦୁଇଜଣ ସଦସ୍ୟ ମଧ ଆଶାୟୀ ପ୍ରାର୍ଥୀ ୪୪ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିବା କଥା ଉଲ୍ଲେଖ କରିଛନ୍ତି। ତେବେ ୪୪ ଲକ୍ଷ ଦେବା ପ୍ରସଙ୍ଗକୁ ସେମାନେ ଅସ୍ୱୀକାର କରିଥିବା ଜଣାପଡ଼ିଛି। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ସଦର ଏସ୍‌ଡିପିଓ ତୋଫାନ୍ ବାଗ ଓ ପୁଇଁତଲା ଥାନା ଅଧିକାରୀ ଯଶୋବନ୍ତ ପ୍ରଧାନୀ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। ଘଟଣାର ତଦନ୍ତ କରାଯାଉଛି ଓ ରିପୋର୍ଟକୁ ଜିଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ଏଡିଏମ୍ ମହାପାତ୍ର ଗଣମାଧ୍ୟମକୁ ସୂଚନା ଦେଇଥିଲେ।

## ସନ୍ତୋଷ ଷଡ଼ଙ୍ଗୀ ବୈଦେଶିକ ବାଣିଜ୍ୟ ଡିଜି



ସନ୍ତୋଷ କୁମାର ଷଡ଼ଙ୍ଗୀ

**ଭୁବନେଶ୍ୱର, ୧୮।୧(ବ୍ୟୁରୋ)**

ଓଡ଼ିଶା କ୍ୟାଡର ଆଇଏଏସ୍ ଅଧିକାରୀ ସନ୍ତୋଷ କୁମାର ଷଡ଼ଙ୍ଗୀଙ୍କୁ ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟର ବୈଦେଶିକ ବାଣିଜ୍ୟ ବିଭାଗ ମହାନିର୍ଦ୍ଦେଶକ (ଡିଜି) ଭାବେ ନିଯୁକ୍ତ କରାଯାଇଛି। ସେ ବର୍ତ୍ତମାନ ଶିକ୍ଷା ମନ୍ତ୍ରଣାଳୟର ବିଦ୍ୟାଳୟ ଶିକ୍ଷା ଏବଂ ସାକ୍ଷରତା ବିଭାଗର ଅତିରିକ୍ତ ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ସନ୍ତୋଷଙ୍କ ସମେତ କ୍ୟାବିନେଟ୍‌ର ନିଯୁକ୍ତି କମିଟି (ଏସିସି) ବିଭିନ୍ନ କ୍ୟାଡରର ଅନ୍ୟ ୧୨ଜଣ ଆଇଏଏସ୍ ଅଧିକାରୀଙ୍କ ନିଯୁକ୍ତିକୁ ମଧ ଅନୁମୋଦନ କରିଛି। ସୂଚନାଯୋଗ୍ୟ, ସନ୍ତୋଷ ହେଉଛନ୍ତି ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ସ୍ୱାମୀ। ସେମାନେ ଉଭୟ ୧୯୯୪-ବ୍ୟାଚ୍ ଆଇଏଏସ୍ ଅଧିକାରୀ।

## ସ୍କ୍ରାପ୍ କଳାକୃତି ପାଇଁ ଆଇଟିଆଇକୁ ଜାତୀୟ ସମ୍ମାନ

ବ୍ରହ୍ମପୁର ଅଫିସ୍,୧୮।୧

ବ୍ରହ୍ମପୁର ଶିଳ୍ପ ତାଲିମ ବୈଷୟିକ ଅନୁଷ୍ଠାନ (ଆଇଟିଆଇ) ସ୍କ୍ରାପ୍ କଳାକୃତି ପାଇଁ ଜାତୀୟ ସ୍ତରରେ ସମ୍ମାନିତ ହୋଇଛି। ଅନୁଷ୍ଠାନ ପକ୍ଷରୁ ଅଦରକାରୀ ସାମଗ୍ରୀ ଓ ବର୍ଜ୍ୟବସ୍ତୁକୁ ନେଇ ପ୍ରସ୍ତୁତ ହେଉଥିବା ବିଭିନ୍ନ ସ୍କ୍ରାପ୍ କଳାକୃତି ପରିବେଶ ସୁରକ୍ଷାରେ ସହାୟକ ହୋଇଥିବା ନେଇ କେନ୍ଦ୍ର ପରିବେଶ ମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ଆଇଟିଆଇକୁ ପ୍ରଶଂସା କରିଛନ୍ତି। ଏଥିସହ ସେ ଆଇଟିଆଇକୁ ଚଳିତ ବର୍ଷ ରିସାଇକ୍ଲିଂ ଫର ଗ୍ରୀନ୍‌ର ଟୁମୋରୋ ଆୱାର୍ଡ ଅନ୍‌ଲାଇନ୍‌ରେ ପ୍ରଦାନ କରିଥିବା ଅନୁଷ୍ଠାନ ଅଧକ୍ଷ ଡ.ରଜତ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଆଇଟିଆଇ ପକ୍ଷରୁ ଅଟୋ ମୋବାଇଲ ସ୍କ୍ରାପ୍ , ମେଟାଲ ସ୍କ୍ରାପ୍ , ଇ-ବର୍ଜ୍ୟବସ୍ତୁ, ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ




ଅନ୍‌ଲାଇନରେ ଆଇଟିଆଇ ଅଧକ୍ଷଙ୍କ ଉଦ୍‌ବୋଧନ।

ଓ ଘରକରଣାର ବିଭିନ୍ନ ଲୁହା ସଂଗ୍ରହ କରାଯାଇ ୬ ଫୁଟରୁ ଆରମ୍ଭ କରି ୩୨ ଫୁଟ ଯାଏ ୩୦ କଳାକୃତି ନିର୍ମାଣ କରାଯାଇଛି, ଯାହାକି ଅନୁଷ୍ଠାନର ସ୍କ୍ରାପ୍ ପାର୍କରେ ସ୍ଥାନିତ ହୋଇଛି। ଏହି ପାର୍କ ଏସିଆର ସବୁଠାରୁ ବୃହତ୍ତମ ପାର୍କ ଭାବେ ଏସିଆ ବୁକ୍ ଅଫ ରେକର୍ଡ ମଧ ହାସଲ କରିଛି। ବର୍ତ୍ତମାନ ଏହି ଜାତୀୟ ସମ୍ମାନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ସଫଳତା କ୍ଷେତ୍ରରେ ବେଶ୍ ସହାୟକ ହେବ ବୋଲି ଅଧକ୍ଷ କହିଛନ୍ତି।

## ୨ ସ୍ଥାନରେ ଗୁଳି ବିନିମୟ, ୫ ମାଓବାଦୀ ମୃତ

ମାଲକାନଗିରି,୧୮।୧ (ଡି.ଏନ୍.ଏ.)

ମାଓବାଦୀ ଦମନରେ ପୋଲିସକୁ ବଡ ସଫଳତା ମିଳିଛି। ଦୁଇଟି ପୃଥକ୍ ପୃଥକ୍ ସ୍ଥାନରେ ଗୁଳି ବିନିମୟରେ ମଙ୍ଗଳବାର ୫ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ଓ ତେଲେଙ୍ଗାନାରେ ଏପରି ଘଟିଛି। ମୃତ ମାଓବାଦୀଙ୍କ ମଧ୍ୟରେ ଦୁଇ ଜଣ ମହିଳା ମାଓବାଦୀ ଅଛନ୍ତି। ଜଣେ ମାଓବାଦୀଙ୍କ ପରିଚୟ ମିଳିଛି। ତାଙ୍କ ନାମ ଡିଭିସିଏମ୍ ସୁଧାକର। ଖବରରୁ ଜଣାପଡିଛି ତେଲେଙ୍ଗାନା ଓ ଛତିଶଗଡ ସୀମାନ୍ତ ଇଲମ୍‌ଡି ପୋଲିସ ଷ୍ଟେସନ ଅନ୍ତର୍ଗତ ସେମାଲଡୋଡି ଓ ତେଲେଙ୍ଗାନାର ପେରୁଗୁଲୁ ଗ୍ରାମ ନିକଟ ଜଙ୍ଗଲରେ ଗ୍ରେହାଉଣ୍ଡ, ଡିଆରଜି ଓ ସିଆରପିଏଫ୍ ଯବାନଙ୍କ ମଧ୍ୟରେ ସୋମବାର ରାତିରେ କୋମ୍ବିଂ ଅପରେଶନ ବେଳେ ମାଓବାଦୀଙ୍କ ସହ ଗୁଳି ବିନିମୟ ହୋଇଥିଲା। ପରେ ସର୍ଚ୍ଚ ଅପରେସନ ସମୟରେ ୫ ମାଓବାଦୀଙ୍କ ମୃତଦେହ ମିଳିଥିଲା। ତେବେ ଏହି ଗୁଳି ବିନିମୟରେ ଜଣେ ଯବାନ ଆହତ ହୋଇଛନ୍ତି। ତାଙ୍କୁ ହେଲିକପ୍ଟର ଯୋଗେ ବାରାଙ୍ଗଲ ଜିଲାକୁ ନେଇ ଚିକିତ୍ସା କରାଯାଉଛି। ସେହିପରି ଛତିଶଗଡର ଦାନ୍ତେୱାଡା ଓ ସୁକ୍‌ମା ସୀମାନ୍ତ ମାର୍ଜୁମ୍ ଅଞ୍ଚଳରେ ମଧ ପୋଲିସ ଓ ମାଓବାଦୀଙ୍କ ଗୁଳି ବିନିମୟ ଘଟିଛି। ଏଥିରେ ଜଣେ ମହିଳା ମାଓବାଦୀଙ୍କ ମୃତ୍ୟୁ ହୋଇଛି। ସେ ଏସିଏମ୍‌ର ମୁନି ବୋଲି ଜଣାପଡିଥିବା ବସ୍ତର ଆଇଜି ପି. ସୁନ୍ଦରରାଜ କହିଛନ୍ତି।

## ଖବରଦାତା ଜୟଗୋପାଳଙ୍କ ପରଲୋକ

ବଇଣ୍ଡା,୧୮।୧ (ଡି.ଏନ.ଏ.)



ଜୟଗୋପାଳ ଷଡ଼ଙ୍ଗୀ

'ଧରିତ୍ରୀ'ର ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଖବରଦାତା ଜୟଗୋପାଳ ଷଡ଼ଙ୍ଗୀ (୫୯)ଙ୍କ ମଙ୍ଗଳବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସକାଳେ ଦେହ ଅସୁସ୍ଥ ଲାଗିବାରୁ ପରିବାର ଲୋକେ ତାଙ୍କୁ ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ଡାକ୍ତର ତାଙ୍କୁ କଟକ ସ୍ଥାନାନ୍ତର କରିଥିଲେ। ହେଲେ ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ୧୮ ଅଗଷ୍ଟ ୧୯୬୩ରେ ଜନ୍ମିତ ଷଡ଼ଙ୍ଗୀ ଗ୍ରାଜୁଏଶନ ପରେ ୧୯୮୯ରୁ ଖବରଦାତା ଜୀବନ ଆରମ୍ଭ କରିଥିଲେ। ୧୯୯୨ରେ ସେ ଆଠମଲ୍ଲିକ ବ୍ଲକ କଂଗ୍ରେସର ଯୁବ ସଭାପତି ଭାବେ କାର୍ଯ୍ୟ କରିଥିଲେ। ୨୦୧୩ ମସିହାରେ ସେ 'ଧରିତ୍ରୀ' ପରିବାରରେ ଯୋଗଦେଇଥିଲେ। ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ସହ ତାଙ୍କର ସମ୍ପୃକ୍ତି ଥିଲା। ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମଗୁଡ଼ିକରେ ସେ ଭଜନ ପରିବେଷଣ କରି ଉଚ୍ଚ ପ୍ରଶଂସିତ ହେଉଥିଲେ। ପରଲୋକ ସମୟରେ ସ୍ତ୍ରୀ ଜ୍ୟୋତିର୍ମୟୀ, ପୁଅ ଅବିନାଶ, ଅଙ୍କିତ, ସୋମାନ୍ସ ଓ ଶ୍ରୀୟାନ୍ସ ଉପସ୍ଥିତ ଥିଲେ। ଜୟଗୋପାଳଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ଆଠମଲ୍ଲିକ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସାମାଜିକ କର୍ମୀ ଅର୍ଜୁନ ସାହୁ, ଆଠମଲ୍ଲିକ ଉପଜିଲାପାଳ ଲଳିତମୋହନ ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ସହରସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ, ଭାଜପା ନେତା ଭାଗୀରଥି ପ୍ରଧାନ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି। ବଇଣ୍ଡା ଖବରଦାତା ପରିକ୍ଷିତ ସାହୁ, ଛେଣ୍ଡିପଦା ଖବରଦାତା ଅଜିତ ଧଳ, ମାଧପୁର ଖବରଦାତା ମନୋଜ ପ୍ରଧାନଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

## ଏକତରଫା ପ୍ରେମରୁ ମହିଳାଙ୍କୁ ଫାର୍ସା ଚୋଟ

**ଏସ୍‌ଆଇଙ୍କ ଗୋଡ଼କୁ କାମୁଡ଼ି କ୍ଷତାକ୍ତ କଲେ ଅଭିଯୁକ୍ତ**

କାମାକ୍ଷାନଗର, ୧୮।୧(ଡି.ଏନ୍.ଏ.)

ଏକତରଫା ପ୍ରେମରୁ ମରଣାନ୍ତକ ଆକ୍ରମଣ। ଉନ୍ମତ୍ତ ଯୁବକଙ୍କ ଫାର୍ସା ଚୋଟରେ ଲହୁଲୁହାଣ ହୋଇଛନ୍ତି ଜଣେ ବିବାହିତା ମହିଳା। ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ରାଙ୍କିଆ ଗ୍ରାମରେ ମଙ୍ଗଳବାର ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ପୋଲିସ ଅଭିଯୁକ୍ତ ବିଜୟ ମହାନ୍ତି ଏବଂ ଏଥିରେ ସହଯୋଗ କରିଥିବା ତାଙ୍କ ମା'ଙ୍କୁ ଗିରଫ କରିଛି। ଏ ସଂକ୍ରାନ୍ତରେ ନଂ. ୧୮/୨୨ରେ ଏକ ମାମଲା ରୁଜୁ କରାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ବିଜୟ ହେଉଛନ୍ତି ଆକ୍ରମଣର ଶିକାର ହୋଇଥିବା ମହିଳାଙ୍କ ସମ୍ପର୍କୀୟ। ସେ ଦୀର୍ଘଦିନ ହେଲା ସମ୍ପୃକ୍ତ ମହିଳାଙ୍କୁ ଏକତରଫା ପ୍ରେମ ନିବେଦନ କରିବା ସହ ହଇରାଣ କରିଆସୁଥିଲେ। ମଙ୍ଗଳବାର ସକାଳେ ବିଜୟ ମହିଳାଙ୍କ ଘରେ ପହଞ୍ଚି ତାଙ୍କୁ ଟଣାଓଟରା କରିଥିଲେ। ଏହାର ବିରୋଧ କରିବାରୁ ପ୍ରତିଶୋଧ ପରାୟଣ ହୋଇ ଏକ ଫାର୍ସାରେ ପିଠିକୁ ହାଣି ଦେଇଥିଲେ। ଚିତ୍କାର ଶୁଣି ପରିବାର ସଦସ୍ୟ ଏବଂ ଗ୍ରାମବାସୀ ପହଞ୍ଚି ବିଜୟଙ୍କୁ କାବୁ କରି ପୀଡ଼ିତାଙ୍କୁ କାମାକ୍ଷାନଗର ଚିକିତ୍ସାଳୟକୁ ପଠାଇଥିଲେ। ବିଜୟଙ୍କ ମା' ଘଟଣାରେ ହସ୍ତକ୍ଷେପ କରିବା ସହିତ ଉଭୟ ଗ୍ରାମବାସୀ ଏବଂ ମହିଳାଙ୍କ ପରିବାରକୁ ଗାଳିଗୁଲଜ କରିଥିଲେ। କାମାକ୍ଷାନଗର ଥାନା ଏସ୍‌ଆଇ ପ୍ରଶାନ୍ତ କୁମାର ଲେଙ୍କା ସଦଳବଳ ପହଞ୍ଚି ବିଜୟଙ୍କୁ ହେପାଜତକୁ ନେଇଥିଲେ। ଏହି ସମୟରେ ଏସ୍‌ଆଇ ଲେଙ୍କାଙ୍କ ଡାହାଣ ଗୋଡ଼କୁ ଅଭିଯୁକ୍ତ କାମୁଡ଼ି କ୍ଷତାକ୍ତ କରିଦେଇଥିଲେ।

## ବାଇକ୍ ଡିକି ଭାଙ୍ଗି ୩ ଲକ୍ଷ ଲୁଟ୍

ବାସୁଦେବପୁର,୧୮।୧(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ସହରର କଲେଜ ରୋଡ୍ ସ୍ଥିତ ଆକ୍ସିସ ବ୍ୟାଙ୍କ ନିକଟରୁ ମଙ୍ଗଳବାର ଜଣେ ବ୍ୟକ୍ତିଙ୍କ ବାଇକ୍ ଡିକି ଭାଙ୍ଗି ଦୁର୍ବୃତ୍ତମାନେ ୩ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ସୂଚନା ଅନୁଯାୟୀ, ସ୍ଥାନୀୟ ଅଞ୍ଚଳର ଦୀପକ ଜେନା ଆକ୍ସିସ ବ୍ୟାଙ୍କରୁ ୬ ଲକ୍ଷ ଟଙ୍କା ଉଠାଇଥିଲେ। ୩ ଲକ୍ଷ ଟଙ୍କା ପକେଟରେ ଓ ଆଉ ୩ ଲକ୍ଷ ଟଙ୍କା ବାଇକ୍ ଡିକିରେ ରଖିଥିଲେ। ସେ ଏକ ଦୋକାନ ନିକଟରେ ବାଇକ୍ ରଖି ପାନ ଖାଉଥିବା ସମୟରେ କେତେଜଣ ଦୁର୍ବୃତ୍ତ ଆସି ଡିକି ଭାଙ୍ଗି ଟଙ୍କା ନେଇଯାଇଥିଲେ। ତେବେ ଖବର ଲେଖାହେବା ସୁଦ୍ଧା ବାସୁଦେବପୁର ଥାନାରେ ଏନେଇ କୌଣସି ଲିଖିତ ଅଭିଯୋଗ ହୋଇ ନାହିଁ।

## ସାବୁଳିଆ ଚିଲିକା କୂଳରେ ମୃତ ଡଲ୍‌ଫିନ୍



**ରମ୍ଭା,୧୮।୧:** ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ସାବୁଳିଆ ନିକଟ ଚିଲିକା କୂଳରେ ମଙ୍ଗଳବାର ଏକ ମୃତ ଡଲ୍‌ଫିନ୍ ଭାସୁଥିବା ଦେଖିବାକୁ ମିଳିଛି। ଡଲଫିନ୍‌ର ଲମ୍ବ ୫ ଫୁଟ। ରାତିରେ ଚିଲିକା ନିକଟରେ ବେଆଇନ ଭାବେ ମାଛ ମାରୁଥିବା ଲୋକଙ୍କ ଜାଲରେ ଡଲଫିନଟି ମାଡ଼ ହୋଇ ମୃତ୍ୟୁ ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଫିସେରି ବିଭାଗକୁ ଡଲଫିନ ମୃତ୍ୟୁ ନେଇ ଖବର ଦିଆଯାଇଥିବା କହିଥିଲେ ମଧ ଏଯାବତ୍ କୌଣସି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ନଥିବା ଗ୍ରାମବାସୀ କହିଛନ୍ତି।

## ଲାଞ୍ଚ ଟଙ୍କା ସହ ହସ୍ତଶିଳ୍ପ ବିଭାଗ ସହ-ନିର୍ଦ୍ଦେଶକ ଧରାପଡ଼ିଲେ

ଯାଜପୁର ଅଫିସ/ ଯାଜପୁର ଟାଉନ,୧୮।୧(ଡି.ଏନ.ଏ.)



ପ୍ରଭାତ ମିଶ୍ର

ଯାଜପୁର ଜିଲା ହସ୍ତଶିଳ୍ପ ବିଭାଗର ସହ ନିର୍ଦ୍ଦେଶକ ପ୍ରଭାତ ମିଶ୍ର ଏବଂ ଏମ୍‌ସିଏମ୍(ମାଷ୍ଟର ଅଫ୍ କ୍ରାଫ୍ଟମ୍ୟାନ୍) ଲକ୍ଷ୍ମୀପ୍ରିୟା ମହାରଣା ଯାଜପୁର ରୋଡ କାର୍ଯ୍ୟାଳୟରେ ମଙ୍ଗଳବାର ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ଏନେଇ କଟକ ଭିଜିଲାନ୍ସ ବିଭାଗ ଏକ ମାମଲା(ନଂ. ୨/୧୭।୧।୨୦୨୨)ରୁଜୁ କରି ଉଭୟଙ୍କ ବିରୋଧରେ ତଦନ୍ତ ଆରମ୍ଭ କରିଛି।

ଭିଜିଲାନ୍ସ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ, ସହ ନିର୍ଦ୍ଦେଶକ ମିଶ୍ର ବକେୟା ପାଉଣା ୭୬,୫୦୦ ଟଙ୍କାର ବିଲ୍ କରିଦେବା ପ୍ରତିଶ୍ରୁତି ଦେଇ ପାଇକରାପୁର ଗ୍ରାମର ହସ୍ତଶିଳ୍ପ ତାଲିମଦାତା ଖଗେଶ୍ୱର ମଲ୍ଲିକଙ୍କଠାରୁ ୨୦ ହଜାର ଟଙ୍କା ଦାବି କରିଥିଲେ। ଏନେଇ ତାଲିମଦାତା ମଲ୍ଲିକ ସୋମବାର ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଭିଜିଲାନ୍ସ ଅଧିକାରୀଙ୍କ ପୂର୍ବ ଯୋଜନା ମୁତାବକ ଯାଜପୁର ରୋଡ ହସ୍ତଶିଳ୍ପ କାର୍ଯ୍ୟାଳୟରେ ମିଶ୍ରଙ୍କୁ ଦାବି ଅନୁଯାୟୀ ଟଙ୍କା ଦେବାକୁ ତାଲିମଦାତା ମଲ୍ଲିକ ଯାଇଥିଲେ। ହେଲେ ଏମ୍‌ସିଏମ୍ ମହାରଣା ଉକ୍ତ ଟଙ୍କାକୁ ଗ୍ରହଣ କରି ସହ ନିର୍ଦ୍ଦେଶକ ମିଶ୍ରଙ୍କୁ ଦେଇଥିଲେ। ଏହି ସମୟରେ ଲୁଚି ରହିଥିବା ଭିଜିଲାନ୍ସ ଟିମ୍ ସହ ନିର୍ଦ୍ଦେଶକ ମିଶ୍ରଙ୍କୁ ଲାଞ୍ଚ ଟଙ୍କା ସହ ଧରିଥିଲେ। ଏହାପରେ ସହନିର୍ଦ୍ଦେଶକ ମିଶ୍ରଙ୍କ ଭୁବନେଶ୍ୱର ପଟିଆସ୍ଥିତ ଡୁଏଲ ହାଇଟ୍ ଆପାର୍ଟମେଣ୍ଟର ୨୦୯ ନମ୍ବର ଘର, କଟକ ବାଦାମବାଡ଼ିରେ ଥିବା ଭଡ଼ାଘର ଏବଂ ସୁନ୍ଦରଗଡ଼ର ସ୍ଥାୟୀ ଘର ସମେତ ଏମ୍‌ସିଏମ୍ ମହାରଣାଙ୍କ ଯାଜପୁର ଟାଉନ ଥାନ ଅଧୀନ ଗଣପତିପୁର ଘରେ ଚଢ଼ାଉ ଜାରି ରହିଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଭିଜିଲାନ୍ସ ଟିମ୍ ଦ୍ୱାରା ୭ ଲକ୍ଷ ୮୮ ହଜାର ୬୨୦ଟଙ୍କା ମିଶ୍ରଙ୍କ ଘରୁ ଜବତ ହୋଇଥିବା ସୂଚନା ମିଳିଛି।



**ଆଜିର ମନ୍ତବ୍ୟ**

"କୋଭିଡ୍-୧୯ର ମୁକାବିଲା ନିମନ୍ତେ ଭାରତ ସରକାର ଲୋକଙ୍କ ଜୀବନଯାତ୍ରା ଉପରେ ସମ୍ପୂର୍ଣ୍ଣ କଟକଣା ନ ଲଗାଇ ରିସ୍କ ଆଧାରିତ ଦାୟିତ୍ୱପୂର୍ଣ୍ଣ ଆଭିମୁଖ୍ୟ ଗ୍ରହଣ କରନ୍ତୁ।

– ରୋଡେରିକୋ ଏଚ୍ ଓଫ୍ରିନ୍, ଡବ୍ଲ୍ୟୁଏଚ୍ଓ ଭାରତ ମୁଖ୍ୟ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଦ୍ୱିତୀୟ ଦିନରେ ୧୩,୩୫୬ ନାମାଙ୍କନପତ୍ର ଦାଖଲ

**ତ୍ରିସ୍ତରୀୟ ନିର୍ବାଚନ**

ଭୁବନେଶ୍ୱର,୧୮।୧(ବ୍ୟୁରୋ)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଜାନୁୟାରୀ ୧୭ ତାରିଖଠାରୁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଦ୍ୱିତୀୟ ଦିନରେ ସାରା ରାଜ୍ୟରେ ୧୦୭୩୪ ଜଣ ୱାର୍ଡମେମ୍ବର ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ସରପଞ୍ଚ ପଦବୀ ପାଇଁ ୧୫୪୬, ପଞ୍ଚାୟତ ସମିତି ସଦସ୍ୟ ପାଇଁ ୧୦୩୪ ଏବଂ ଜିଲା ପରିଷଦ ସଦସ୍ୟ ପାଇଁ ୪୨ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି।

ଏହାକୁ ମିଶାଇ ଦୁଇ ଦିନରେ ରାଜ୍ୟରେ ୧୭,୮୫୦ଜଣ ୱାର୍ଡମେମ୍ବର ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ୨୬୬୮ଜଣ ସରପଞ୍ଚ, ୧୫୫୮ଜଣ ପଞ୍ଚାୟତ ସମିତି ସଦସ୍ୟ ଏବଂ ୬୪ ଜଣ ଜିଲା ପରିଷଦ ସଦସ୍ୟ ନାମାଙ୍କନପତ୍ର ଦାଖଲ କରିଛନ୍ତି। ତେବେ ଚଳିତ ବର୍ଷ କୋଭିଡ୍ କଟକଣା ଜାରି ରହିଥିବାରୁ ପ୍ରାର୍ଥୀମାନେ ଆଉ ଶୋଭାଯାତ୍ରାରେ ନ ଯାଇ ଜଣେ ଦୁଇ ଜଣଙ୍କୁ ସାଙ୍ଗରେ ନେଇ ନାମାଙ୍କନପତ୍ର ଦାଖଲ କରୁଛନ୍ତି। ଗତ ନିର୍ବାଚନ ଭଳି ଏଥର ଆଉ ଚାକଚକ୍ୟ ନାହିଁ। ପ୍ରାର୍ଥୀମାନଙ୍କୁ କୋଭିଡ୍ ନିୟମ ମାନି ନିର୍ବାଚନ ପ୍ରଚାର କରିବାକୁ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ତାଗିଦ କରାଯାଇଛି। ଯେଉଁମାନେ ଏହାକୁ ଉଲ୍ଲଂଘନ କରିବେ ସେମାନଙ୍କ ପ୍ରାର୍ଥୀତ୍ୱ ମଧ୍ୟ ରଦ୍ଦ କରାଯିବ। କଡ଼ା ତାଗିଦ୍ ସତ୍ତ୍ୱେ ଗାଁ ଗଣ୍ଡାରେ ପ୍ରଚାର ସାଙ୍ଗକୁ ଭୋଜିଭାତ ଜୋରସୋରରେ ଚାଲିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯେଣେ ଇଚ୍ଛା ତେଣେ ଯା**
**ମୋର ହୋଇ ପଡ଼ିଥା ।**

ପତିବ୍ରତା ନାରୀ ନିଜ ଗୁଣ ଓ ଆଚରଣ ବଳରେ ସମାଜରେ ବହୁ ପ୍ରଶଂସିତ ହୋଇଥାନ୍ତି। ଲଜ୍ଜାଶୀଳା ଗୁଣ ନାରୀର ଶ୍ରେଷ୍ଠ ଭୂଷଣ ହୋଇଥିବା ସ୍ଥଳେ କେତେଜଣ ମହିଳା ପରକୀୟା ପ୍ରୀତି ପ୍ରତି ମନ ବଳାଇଥାନ୍ତି।ଏହା ଯେ କେବଳ ଅନୈତିକ ତାହା ନୁହେଁ ବରଂ ପାପ କହିଲେ ଅତ୍ୟୁକ୍ତି ହେବ ନାହିଁ। ଏପରି ବ୍ୟଭିଚାରିଣୀ ନାରୀକୁ ପ୍ରଶ୍ରୟ ଦେଉଥିବା ଅପଦାର୍ଥ ସ୍ୱାମୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଯାହା ନୋହିଛି ବାଳକାଳେ,**
**ତାହା ନୋହିବ ପାଚିଲାବାଳେ ।**

ପିଲାଦିନୁ ଯେଉଁ କଥା ଅଭ୍ୟାସ କରାଯାଇ ନ ଥାଏ, ବୃଦ୍ଧ ବେଳକୁ ସେକଥା କରିବାକୁ ଚାହିଁଲେ ସହଜରେ ହୋଇପାରି ନ ଥାଏ। ପିଲାଦିନର ଅଭ୍ୟାସ ସହଜରେ ବଦଳି ନ ଥାଏ। ଆଦ୍ୟରୁ ଯାହା ନାହିଁ ଉତ୍ତର କାଳରେ ତାହା ହେବା ଆଦୌ ସମ୍ଭବପର ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର କର୍ମକ୍ଷେତ୍ରର ସବୁକଥାକୁ ଭଲରୂପେ ବିଚାର କରି କାମ କରିବା ଭଲ । ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେଲେ ମଧ୍ୟ ଆତ୍ମୀୟଙ୍କ ଅନାଦର ବ୍ୟଥିତ କରିବ। ଆଗାମୀ ଆନୁଷ୍ଠାନିକ କାମକୁ ଆଖି ଆଗରେ ରଖି ଘରକୁ ସଜାଡ଼ିବାରେ ସମୟ ନେଇପାରନ୍ତି। ପୂର୍ବରୁ ଶତ୍ରୁତା ଲାଗି ରହିଥିବା ବ୍ୟକ୍ତିମାନଙ୍କ ପ୍ରତି ନଜର ରଖି କାମ କରିବା ଭଲ ହେବ।

**ବୃଷ**
ପ୍ରତ୍ୟେକ କ୍ଷେତ୍ରରେ ଆପଣଙ୍କ ଯୁକ୍ତିଯୁକ୍ତ ବିଚାର ଓ ସୁଚିନ୍ତିତ ପରାମର୍ଶ ବନ୍ଧୁଙ୍କ ମନକୁ ପାଇବ। ଆନୁଷ୍ଠାନିକ କାମ ସକାଶେ ଧାଁ ଦଉଡ଼ କରିବାକୁ ପଡ଼ିପାରେ। ବ୍ୟସ୍ତତାର ଗୁରୁତ୍ୱ ହୃଦୟଙ୍ଗମ ପୂର୍ବକ ବନ୍ଧୁଙ୍କ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ହେବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ମିଥୁନ**
ଉପରିସ୍ଥଙ୍କ ଆଦେଶରେ ହଠାତ୍ ଦୂରକୁ ଯିବାକୁ ପଡ଼ିପାରେ। ନିଜର ବିଚାର ବୁଦ୍ଧି ପ୍ରୟୋଗକରି ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବେ। ବନ୍ଧୁଙ୍କ ନିକଟରେ ମନକଥା ପ୍ରକାଶ କରିପାରିବେ ନାହିଁ। ଆନୁଷ୍ଠାନିକ କାମରେ ବୃଥା ସନ୍ଦେହ କରି ଅନ୍ୟମାନଙ୍କ ବିରାଗଭାଜନ ହେବେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବ।

**କର୍କଟ**
ସାମାନ୍ୟ କଥାରେ ମତଭେଦ ଘଟି ମନରେ ସରସତା ଆଗଭଳି ରହିବ ନାହିଁ। କୌଣସି ହିତୈଷୀଙ୍କ ଦ୍ୱରା ସାୟାହ୍ନେ ମାନସିକ ଅବସାଦ ଦୂର ହେବ। ମାଲିମକଦ୍ଦମାରେ, ବ୍ୟବସାୟରେ, ବିବାଦୀୟ ଘଟଣାରେ ସ୍ଥିତି ଅନୁକୂଳ ହେବ। ବନ୍ଧୁମାନଙ୍କ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡ଼ିବେ।

**ସିଂହ**
କର୍ମକ୍ଷେତ୍ରରେ ସମସ୍ୟାର ସରଳ ସମାଧାନ କରି ଆଶ୍ୱସ୍ତି ଅନୁଭବ କରିବେ। ଟଙ୍କା ପଇସା ଯୋଗାଡ଼ କରିବା ପାଇଁ ବିଭିନ୍ନ ଫନ୍ଦି ଫିକର କରିପାରନ୍ତି। ଗୃହକୁ ସୌଖୀନ ପଦାର୍ଥ ଆଣିବା ସଙ୍ଗକୁ ଖୋଜୁଥିବା ଜିନିଷର ସନ୍ଧାନ ଡେରିରେ ମିଳିବ। କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ, ମାତ୍ର ଆଶାନୁରୂପ ସାହାଯ୍ୟ ମିଳି ନ ପାରେ।

**କନ୍ୟା**
ବିଭିନ୍ନ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ଆଜିର ମାନସିକ ସ୍ଥିତି ଭଲ ରହି ନ ପାରେ। ତରବର ନ ହୋଇ କାମ କଲେ ସମସ୍ୟା ସମାଧାନରେ ଅସୁବିଧା ରହିବ ନାହିଁ। ପୂର୍ବରାଗକୁ ଶୁଝାଇବାକୁ ଯାଇ ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ସଭାସମିତିରେ ମନକୁ ନ ପାଇଲେ ମଧ୍ୟ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ତୁଳା**
ଅସୁବିଧା ଲାଗିରହିବାରୁ ମାନସିକ ଅବସ୍ଥା ଭଲ ରହିବ ନାହିଁ। କୌଣସି ଜିନିଷ କ୍ରୟ ସକାଶେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିପାରେ। ଯିବା ରାସ୍ତାରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ଘର କଥାନେଇ ସ୍ୱାମୀଙ୍କ ସହ ଆଲୋଚନା କରି କାମ କଲେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ।

**ବିଛା**
ପାରିବାରିକ ସ୍ତରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଅତୀତ ଘଟଣା ମନକୁ ଆନ୍ଦୋଳିତ କରିପାରେ । ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କଲେ ମଧ୍ୟ ଉପସ୍ଥିତ ବୁଦ୍ଧି ଦ୍ୱାରା କାମ ହାସଲରେ ସମର୍ଥ ହେବେ। ଆନୁଷ୍ଠାନିକ କାମରେ ଛୋଟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦେଲେ ଅଶାନ୍ତି ସୃଷ୍ଟି ହେବ।

**ଧନୁ**
ରାଶିରେ ବୁଧ ଅବସ୍ଥାନ କରି ବୌଦ୍ଧିକ ବିକାଶ ଘଟାଇବା ସହ ନିବିଡ ବନ୍ଧୁତ୍ୱ ସୃଷ୍ଟିରେ ସହାୟକ ହେବେ। ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ କାର୍ଯ୍ୟହାନି କାରଣରୁ ମାନସିକ ଅସ୍ଥିରତା ଅନୁଭବ କରିବେ। ପ୍ରତିକୂଳ ସମୟ ଚାଲିଥିବାରୁ ପରିସ୍ଥିତିବଶତଃ ଅବହେଳିତ ହୋଇ ରହିଯାଇଥିବା କାର୍ଯ୍ୟ ସକାଶେ ଅନୁତାପ କରିପାରନ୍ତି।

**ମକର**
ପ୍ରତ୍ୟେକ କାମରେ କିଛିନା କିଛି ସମସ୍ୟା ଲାଗି ରହୁଥିବାରୁ ମନ ଭଲ ରହିବ ନାହିଁ। ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବାକୁ ମନସ୍ଥ କରିପାରନ୍ତି। ଜଣେ ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମ ସୁବିଧାରେ ସମ୍ପନ୍ନ ହୋଇଯିବ, ମାତ୍ର ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ବାଣିଜ୍ୟ, ବ୍ୟବସାୟ, କଳା, ସାହିତ୍ୟ, ସଙ୍ଗୀତରେ ଉନ୍ନତି କରିବେ।

**କୁମ୍ଭ**
ସାମାନ୍ୟ ବଚସାଜନିତ ମନ ଖରାପ ହୋଇଯାଇଥିଲେ ମଧ୍ୟ ଅଳ୍ପ ସମୟ ପରେ ସବୁ ଠିକ୍ ହୋଇଯିବ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂରେଇଯିବ ଓ ଲାଭବାନ ହେବେ। ପ୍ରିୟ ବନ୍ଧୁଟି ସହ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ପରୋକ୍ଷ ଶତ୍ରୁତା ହେତୁ କାମଗୁଡ଼ିକ ଶୃଙ୍ଖଳିତ ହେବା ଆଶା ମଉଳିଯିବ।

**ମୀନ**
ଆଜିର କର୍ମକ୍ଷେତ୍ରରେ ବନ୍ଧୁକାରକ ଗ୍ରହ ସାହାଯ୍ୟ ଓ ସହାନୁଭୂତି ଦାନରେ ସମର୍ଥ ହେବେ। ଆପଣଙ୍କର କୌଣସି କାମ ଅଟକିବ ନାହିଁ । ପରିବାରରେ ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣ, କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିବ। ଜମିଜମା କାରବାର, ଗୃହ ନିର୍ମାଣ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ର ଗତାନୁଗତିକ ରୀତିରେ ଗଡ଼ି ଚାଲିବ।

# classifieds Everyday 0674-2580101, 2549302




**BRIDE WANTED**

Searching Kaibarta Groom for very fair Kaibarta Bride. Contact Brother (IAS Faculty),Mob.: 9990161440. D-22869

ବ୍ରାହ୍ମଣ ପୁଅ ପାଇଁ ଝିଅ ଆବଶ୍ୟକ। Private company ଚାକିରି କରନ୍ତି। ମାସିକ ୨୫,୦୦୦/-, ବୟସ-୩୩। Mob: 7847867570. D-22832

ମାଟିବଂଶ ଜାତିର ପାତ୍ର ପାଇଁ ପାତ୍ରୀ ଆବଶ୍ୟକ। ମୋବାଇଲ୍-9937858319. D-22870

**GROOM WANTED**

Brahmin bride MBBS, 23+yrs, 5'4", white, (Well Established family)- 7008468672. D-22874

43 ବୟସ୍କା ବ୍ରାହ୍ମଣ ଗୋଟିଏ ସନ୍ତାନ ଥିବା Widow Govt. ଚାକିରିଆ ଅନାଥ ଝିଅଙ୍କୁ anycaste married/ unmarried ପୁଅ ଦରକାର। 9583000249. D-22875

62 ବୟସ୍କା Retd. Headmistress Gopal Caste Widow ଝିଅଙ୍କୁ ଯେକୌଣସି ଜାତିର ସନ୍ତାନ/ନିଃସନ୍ତାନ ପୁଅ ଦରକାର। 9583000252. D-22892




**SALE**

Swift Dezire 10900 KMS RUN 2016 and Chevrolet Sail Diesel for sale. 7381091234, 9861194627. D-71776




**SALE**

Plot for Sale at Chhatabar per sqft. @99/-. 8249017091, 9937816565. D-22860

**ଭୁବନେଶ୍ୱର ଟଙ୍କପାଣି ରୋଡ୍ ସାଇ ମନ୍ଦିରରୁ 2.5K.M. ରଙ୍ଗବଜାର BJEM-2 କୁ ଲାଗି East Facing 1500sqft. 4BHK duplex built up area-2285 (Bank finance available) booking open- 9337088399.** D-71775

ଭୁବନେଶ୍ୱର ଉତ୍ତରା କୃପାଜଳ କଲେଜ ପାଖରେ ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। 9178660666. D-71929

ଭୁବନେଶ୍ୱର ଭିଙ୍ଗାରପୁର **Oxford College** ଛକ ନିକଟରେ ମୁଖ୍ୟ ପିଚୁରାସ୍ତାକୁ ଲାଗି ସଙ୍ଗେ ସଙ୍ଗେ ଘର କଲାଭଳି ଘରବାଡି ପ୍ଲଟ୍ ବିକ୍ରିହେବ । **6370025920, 9937674302.** D-71774

ଜାଗା କିଣି ତୁରନ୍ତ ଘର କରନ୍ତୁ ଭୁବନେଶ୍ୱର ନୂଆ ରେଲ୍‌ୱେଷ୍ଟେସନ୍ ପାଖରେ **yellowzone sqft.-550/-,** ଚନ୍ଦକା **NH** ପାଖରେ ଘରବାଡ଼ି ପ୍ଲଟ୍ **sqft.-1100/-,** ବାରଙ୍ଗରୁ ତ୍ରିଶୂଳିଆ **NH** ପାଖରେ **sqft.-1300/-. 7539895510.** D-71780

ଭୁବନେଶ୍ୱର ବାଲିଅନ୍ତା ଭାରତ ଗ୍ୟାସ ପାଖରେ boundary ଘରବାଡ଼ି ପ୍ଲଟ୍ ବିକ୍ରିହେବ। 9438299931. D-71777

**30' road ଘରବାରି ପ୍ଲଟ୍ ପାଚେରି ସହ Sum Hospitalରୁ 4K.M. ଘଙ୍ଗାପାଟଣାରେ ମିଳୁଛି। Owner- 8249779595.** D-71763

ଘରବାରି Demarcation Plot Nakhara ତ୍ରିନାଥ ବଜାରରୁ 3 Km. ମେନ୍‌ରୋଡ୍‌କଡରେ 2000 ବର୍ଗଫୁଟକୁ 17,00,000/-, Chhatabar bypass road side- 15,00,000/-. 8260032051. D- 71778

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.- 280/ ନଖରା ତ୍ରିନାଥ ବଜାର sqft.- 220/- (out rate). 9776974912. D-73001

**ଘରବାରି ପ୍ଲଟ୍ ଧଉଳି ଶାନ୍ତିସ୍ତୁପ, ପିପିଲି ବଜାର ଏବଂ ଉତ୍ତରା (ମଗଲପୁର)ରେ ମିଳୁଛି। 93371-03361, 8249776268.** D-22761

**ଭୁବନେଶ୍ୱର ପିତାପଲ୍ଲୀଛକ Flyoverରୁ 400 Mtr. ଦୂରରେ ସ୍ଥିତିବାନ ପ୍ଲଟ୍ ମିଳୁଅଛି । 8338932027, 7848882166.** D-71767

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ରଙ୍ଗୀନ ଟ୪୨୦/-ରୋ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




**ଘରଭଡ଼ା ଦିଆଯିବ- 2BHK furnished duplex house only for family, 2.5 kms from Hanspal near Balianta, Saifone Square, BBSR. Mob: 9437276051, Rent Price- Rs.- 10,000/-.** D-22890




Ashirvaad Saloon and SPA get good massage for your health tha best therapy. 7077181074. D-71852

All types massage refreshing your body mind expert lady therapy. 7008773793. D-71462

**Refreshing your mind, body with tha best therapy at Lotus SPA. 8018891951.** D-71850

Newly Open Saikrupa Panchakarma Spa positively health benefits with Expert. 8984068077. D-22888

Open full body massage home night ladies, gents available. 9583808247. D-22887

Full body massage both ladies & gents @600/- (Discount offer). 9438201676. D-22868

Newly opening SPA positively health benefits with expert therapist. 8917332216. D-71932

Newly open full body massage ladies and gents. 8327740003. D-71853

**LOST**

I Malayabant Suna, R/o- Risigaon, PO-Tukla, Dist. Nuapada have purchase Ac.0.69 dec. of plot No-. 998, Khata No.328, Mouza- Risigaon vide Registered Sale Deed No.11431101996/ 2011. That the above Sale Deed has been misplaced somewhere on dt. 02.01.2022 while I am coming to Khariar from my village Risigaon. Inspite of my best efforts I could not trace out the same. D-22894

**AFFIDAVIT**

By virtue of affidavit sworn in before Notary Public, Bhubaneswar, I Smt. Somila Sahoo, aged about 56 years, Daughter of Late Bharata Charan Behera and Wife of Trilochan Sahoo, at Plot No.- 1086 B, Jagamohan Nagar, Jagamara main road, Bhubaneswar-751030, Dist.-Khurda, Odisha. That after my marriage to Trilochan Sahoo, I have changed my surname from Behera to Sahoo. Smt. Somila Behera and Smt. Somila Sahoo stands for one and same person. Henceforth I shall be known as Somila Sahoo for all purposes. D-22891

**ନିରୁଦ୍ଦିଷ୍ଟ**



ପଙ୍କଜ ପାଣିଗ୍ରାହୀ, ବୟସ-74, ବର୍ଣ୍ଣ- ଶ୍ୟାମଳ, ଉଚ୍ଚତା-5'2", ଠିକଣା- କିମ୍ବିରିଆ ବସ୍ତି, ପୋ- ଜି.ଜି.ପି. କଲୋନୀ, ଥାନା- ମଞ୍ଚେଶ୍ୱର, ଭୁବନେଶ୍ୱର-750125, ଗତ 16.01.2022 (ରବିବାର) ଦିନ ୧ଘଟିକାଠାରୁ ନିରୁଦ୍ଦିଷ୍ଟ ଅଛନ୍ତି। ଯୋଗାଯୋଗ ନଂ.- 9861259809, 9040629899. D-22893

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଟିକା ବିକାଶ...

ପ୍ରଥମ ପୃଷ୍ଠାରୁ...

ଜନ ସୂଚନା ଅଧିକାରୀ (ସିପିଆଇଓ)ଙ୍କ ନିକଟରେ ଦାଖଲ କରିଥିବା ଉକ୍ତ ଆବେଦନରେ ସେ ପିଏମ୍ କେୟାର୍ସ ପାଣ୍ଠିର ସମ୍ପୂର୍ଣ୍ଣ ଖର୍ଚ୍ଚ ବିବରଣୀ ଜାଣିବାକୁ ଚାହିଁଥିଲେ। ଆର୍ଥିକବର୍ଷ ୱାରି ଭାକ୍ସିନ ନିର୍ମାଣ ଲାଗି ସରକାର ପିଏମ୍ କେୟାର୍ସରୁ କେତେ ଟଙ୍କା ଯୋଗାଇଦେଇଛନ୍ତି ସେନେଇ ନିର୍ଦ୍ଦିଷ୍ଟ ଭାବେ ବାତ୍ରା ତଥ୍ୟ ମାଗିଥିଲେ। ଏଥିସହ ଟିକା ବିକାଶ ପ୍ରକ୍ରିୟାରେ ନିୟୋଜିତ ଥିବା ସରକାରୀ କର୍ତ୍ତୃପକ୍ଷ, କମ୍ପାନୀ, ସଂସ୍ଥାଗୁଡ଼ିକର ନାମ ମଧ୍ୟ ସେ ଜାଣିବାକୁ ଚାହିଁଥିଲେ। ଉତ୍ତର ନ ମିଳିବାରୁ ସେ ବାରମ୍ବାର ରିମାଣ୍ଡର ମଧ୍ୟ ଦେଇଥିଲେ। ତେବେ ଟିକା ବିକଶିତ କରିବା ଲାଗି କୌଣସି କମ୍ପାନୀକୁ ଟଙ୍କା ଦିଆଯାଇ ନ ଥିବା ବିଷୟ ଅବେଦନର ୪ ମାସ ପରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସ୍ୱୀକାର କରିଥିଲା। କୋଭିଡ୍-୧୯ ଭାକ୍ସିନ ପ୍ରଶାସନ ଶାଖା ପକ୍ଷରୁ କୁହାଯାଇଥିଲା ଯେ, ଟିକା ବିକଶିତ କରିବା ପାଇଁ ପିଏମ୍ କେୟାର୍ସ ପାଣ୍ଠିରୁ ଟଙ୍କାଟିଏ ବି ମିଳିନାହିଁ। ଏଥିସହ ସିପିଆଇଓ ଅଫିସ୍ ଉକ୍ତ ଆବେଦନକୁ ପିଏମ୍ଓ, ଇଣ୍ଡିଆନ୍ କାଉନ୍‌ସିଲ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍ଆର୍) ଏବଂ ବାୟୋଟେକ୍ନୋଲୋଜି ବିଭାଗକୁ ପଠାଇଦେଇଥିବା କହିଥିଲା।

ପରେ ପ୍ରଥମ ଅପିଲେଟ୍ କର୍ତ୍ତୃପକ୍ଷ କହିଥିଲେ, ପିଏମ୍ କେୟାର୍ସ ପାଣ୍ଠିରୁ ଟିକା ପାଇଁ ଅର୍ଥ ଦିଆଯାଇ ନାହିଁ ବୋଲି ଆଇସିଏମ୍ଆର୍ ଦର୍ଶାଇଛନ୍ତି। ତେଣୁ ବାତ୍ରାଙ୍କ ଆବେଦନର ଜବାବ ଦିଆଯିବ ନାହିଁ। ପିଏମ୍ଓ ଏନେଇ କିଛି ଉତ୍ତର ନ ଦେବାରୁ ବାତ୍ରା ସେପ୍ଟେମ୍ବର ୮ରେ ପୁଣି ଅପିଲ କରିଥିଲେ। ଦୁଇଦିନ ପରେ ସିପିଆଇଓ ଅଫିସ ପକ୍ଷରୁ କୁହାଯାଇଥିଲା, ପିଏମ୍ କେୟାର୍ସ ଫଣ୍ଡ ଆର୍‌ଟିଆଇ ଆଇନ, ୨୦୦୫ ଧାରା ୨(ଏଚ୍) ଅନୁସାରେ ଏକ ସରକାରୀ କର୍ତ୍ତୃପକ୍ଷ ରୂପେ ଆସୁନାହିଁ। ପରବର୍ତ୍ତୀ ସମୟରେ ନୀତି ଆୟୋଗ ଏବଂ ସେଣ୍ଟ୍ରାଲ ଡ୍ରଗ୍ ଷ୍ଟାଣ୍ଡାର୍ଡ୍ସ କଣ୍ଟ୍ରୋଲ ଅର୍ଗାନାଇଜେଶନ୍ (ସିଡିଏସ୍‌ସିଓ)ଙ୍କ ନିକଟକୁ ବାତ୍ରାଙ୍କ ଆବେଦନ ପଠାଇଦିଆଯାଇଥିଲା। ସେପ୍ଟେମ୍ବର ୧୪ରେ ସିଡିଏସ୍‌ସିଓ ନିଜ ୱେବ୍‌ସାଇଟ୍‌ରେ ବାତ୍ରାଙ୍କ ଆବେଦନର ଉତ୍ତର ରଖିଥିଲା। ସିଡିଏସ୍‌ସିଓ ଏକ ନିୟନ୍ତ୍ରକ ସଂସ୍ଥା। ଏହା ଔଷଧ ଏବଂ ଟିକାଗୁଡ଼ିକର ଗୁଣବତ୍ତା, ନିରାପତ୍ତା ଏବଂ କାର୍ଯ୍ୟଦକ୍ଷତାକୁ ନିୟନ୍ତ୍ରଣ କରିଥାଏ। ଟିକା ପାଇଁ ବଜେଟ ଆବଣ୍ଟନ ସହ ଏହାର କୌଣସି ସମ୍ପର୍କ ନାହିଁ ବୋଲି ୱେବ୍‌ସାଇଟ୍‌ରେ ଉଲ୍ଲେଖ କରାଯାଇଥିଲା। ଅକ୍ଟୋବର ୧ରେ ପିଏମ୍ଓ ପିଏମ୍ କେୟାର୍ସ ଫଣ୍ଡକୁ ସରକାରୀ କର୍ତ୍ତୃପକ୍ଷ ନୁହେଁ ବୋଲି ଦର୍ଶାଇ ଆବେଦନକାରୀଙ୍କ ସହ କୌଣସି ସୂଚନା ଶେୟାର ନ କରିବାକୁ କହିଥିଲା। ବାତ୍ରା କହିଛନ୍ତି, ସେ ପ୍ରଥମ ଅପିଲେଟ୍ ଅଧିକାରୀଙ୍କ ନିକଟକୁ ୭ ଥର ରିମାଇଣ୍ଡର ପଠାଇଥିଲେ। ଏଥିସହ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ନୋଡାଲ ସିପିଆଇଓଙ୍କୁ ମଧ୍ୟ ହସ୍ତକ୍ଷେପ ପାଇଁ ଜରୁରୀ ଇ-ମେଲ୍ ମଧ୍ୟ କରିଥିଲେ। କିନ୍ତୁ କେନ୍ଦ୍ର ସରକାର ଭାକ୍ସିନ ପ୍ରସ୍ତୁତି ପାଇଁ ପିଏମ୍ କେୟାର୍ସ ଫଣ୍ଡରୁ ୧୦୦ କୋଟି ଟଙ୍କା ପ୍ରଦାନ କରିଥିବା ବିଷୟ କୌଣସି ବିଭାଗର ସିପିଆଇଓ ଉତ୍ତର ଦେଇନାହାନ୍ତି।

## ନିର୍ବାଚନ ଡ୍ୟୁଟିରେ...

ଅନ୍ୟ କୌଣସି କାରଣରୁ ଗୁରୁତର ଆହତ ହେଲେ ତାଙ୍କୁ ସର୍ବାଧିକ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ରାଶି ପ୍ରଦାନ କରାଯିବ। ନିର୍ବାଚନ କାର୍ଯ୍ୟ ତୁଲାଉଥିବା ସମୟରେ କୌଣସି ସରକାରୀ କର୍ମଚାରୀଙ୍କର କରୋନାରେ ମୃତ୍ୟୁ ଘଟିଲେ ତାଙ୍କ ପରିବାରକୁ ୩୦ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରାଯିବ। ସେହିପରି କୌଣସି କର୍ମଚାରୀ କରୋନାରେ ଆକ୍ରାନ୍ତ ହେଲେ ତାଙ୍କୁ ମାଗଣାରେ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ଏହି ସବୁ ବ୍ୟବସ୍ଥା ନିର୍ବାଚନ ଡ୍ୟୁଟିରେ ନିୟୋଜିତ ହେଉଥିବା ଉଭୟ ସରକାରୀ ଓ ବେସରକାରୀ ଗାଡ଼ି ଡ୍ରାଇଭରମାନଙ୍କ କ୍ଷେତ୍ରରେ ମଧ୍ୟ ଲାଗୁ କରାଯିବ।

ପଞ୍ଚାୟତ ନିର୍ବାଚନ ଲାଗି ବିଭିନ୍ନ ଜିଲାଗୁଡ଼ିକୁ ବାଲଟ ପେପର ପଠାଯିବା କାର୍ଯ୍ୟ ଆରମ୍ଭ ହୋଇଛି। ସୋମବାର ପ୍ରଥମ ଦିନର ନାମାଙ୍କନପତ୍ର ଦାଖଲ ସରିଥିବାବେଳେ ୧୦ଟି ଜିଲାକୁ ବାଲଟ ପେପର ପଠାଯାଇଛି। କଟକର ସରକାରୀ ପ୍ରେସ୍‌ରୁ ଏହି ବାଲଟ ପେପରକୁ ସୁରକ୍ଷିତ ଭାବେ ଜିଲାଗୁଡ଼ିକୁ ପଠାଯାଇଛି। ଅନ୍ୟ ଜିଲାକୁ ବାଲଟ ପେପର ବୁଧବାର ଓ ୨୧ ତାରିଖରେ ପଠାଯିବ। ପ୍ରତି ଜିଲାକୁ ୱାଟର ମାର୍କ ବାଲଟ ପେପର ପଠାଯାଉଛି। ୱାର୍ଡମେମ୍ବର ପାଇଁ ହଳଦିଆ, ସରପଞ୍ଚ ପାଇଁ ଗୋଲାପୀ ଓ ସମିତି ସଭ୍ୟ ପାଇଁ ନୀଳ ରଙ୍ଗର ବାଲଟ ପେପର ପଠାଯାଉଛି। ବାଲଟ ପେପରଗୁଡ଼ିକୁ ଷ୍ଟ୍ରଙ୍ଗ୍‌ରୁମ୍‌ରେ ରଖାଯିବ। ଠିକ୍ ସମୟରେ ସେଗୁଡ଼ିକୁ ବ୍ଲକକୁ ପଠାଯିବ।

## କଲେଜ ଅଧକ୍ଷ...

ଏଠାରେ ଉଲ୍ଲେଖଯୋଗ୍ୟ ଯେ ପଞ୍ଚାୟତ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନ ଜାରି କରିଥିବା ଗାଇଡ୍‌ଲାଇନକୁ ଉଲ୍ଲଂଘନ କରି ଗତ ରବିବାର ମା'ତାରିଣୀ କଲେଜରେ ନିର୍ବାଚନୀ ସଭା ଆୟୋଜିତ ହୋଇଥିଲା । ଏହି ସଭାରେ ୨ ଶହରୁ ଊର୍ଦ୍ଧ୍ୱ ଲୋକ ଏକତ୍ରିତ ହୋଇଥିଲେ। ଗଡ଼ରୋମିତ ପଞ୍ଚାୟତର ଆଶାୟୀ ସରପଞ୍ଚ ପ୍ରାର୍ଥୀ (ଜଣେ ମହିଳା)ଙ୍କୁ ଜିତାଇବା ପାଇଁ ଏହି ସଭା ଆୟୋଜିତ ହୋଇଥିବା ଅଭିଯୋଗ ହୋଇଥିଲା। ଅଧକ୍ଷ ଦାଶ ଏବଂ ଏସ୍‌ଡିପିଓ ମାଝି ଉକ୍ତ ପଞ୍ଚାୟତର ବାସିନ୍ଦା ହୋଇଥିବାରୁ ସେମାନେ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ଏହାର ଭିଡିଓ ଭାଇରାଲ ହେବା ପରେ ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ କେନ୍ଦ୍ରାପଡ଼ା ଜିଲାପାଳଙ୍କୁ ରିପୋର୍ଟ ତଲବ କରିଥିଲେ। ଜିଲାପାଳଙ୍କ ରିପୋର୍ଟ ଆଧାରରେ ଉଭୟ ସରକାରୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି। ଚଳିତ ପଞ୍ଚାୟତ ନିର୍ବାଚନ ପାଇଁ ଜାନୁୟାରୀ ୧୧ ତାରିଖରୁ ରାଜ୍ୟରେ ନିର୍ବାଚନ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। କୋଭିଡ୍ ମହାମାରୀ ଯୋଗୁ କୌଣସି ପ୍ରକାରର ସଭାସମିତି, ବୈଠକ, ବାଇକ ରାଲି ଓ ପଥପ୍ରାନ୍ତ ସଭା ଆଦି ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରାଯାଇଛି। କେବଳ ସର୍ବାଧିକ ୫ ଜଣଙ୍କୁ ଧରି ପ୍ରାର୍ଥୀ ଘରକୁ ଘର ବୁଲି ପ୍ରଚାର କରିପାରିବେ।

## ରାଉରକେଲା ଗ୍ଲୋବାଲ...

ସବୁଠାରୁ ଅଧିକ ଆଶା ଦେଖାଇଥିବା ସହରୀ ଉଦ୍ଭାବନର ବହୁଳ ପ୍ରଚାର ପ୍ରସାର କରାଯିବାକୁ ଲକ୍ଷ୍ୟ ରହିଛି। କୋଭିଡ ମହାମାରୀ ଭଳି ଏକ ଜଟିଳ ସମୟରେ ଅର୍ଥନୈତିକ ପୁନରୁଦ୍ଧାର ଏବଂ ସାମଗ୍ରିକ ଅଭିବୃଦ୍ଧି, ସ୍ୱାସ୍ଥ୍ୟ ଓ ଜନକଲ୍ୟାଣ, ଜଳବାୟୁ ଓ ପରିବେଶ ତଥା ଉତ୍ତମ ଶାସନ ଓ ସମାନତା ଆଦି ବିଷୟକୁ ଆଧାର କରି ଆସିଥିବା ପ୍ରସ୍ତାବକୁ ନେଇ ଏହି ପ୍ରତିଯୋଗିତା କରାଯାଇଥିଲା। ଏହି ସମୟରେ ରାଉରକେଲା ମହାନଗର ନିଗମ ପକ୍ଷରୁ ବିଶେଷ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବାରୁ ସହରକୁ ବିଜେତା ଘୋଷଣା କରାଯାଇଛି। ଏହି ବିଶ୍ୱସ୍ତରୀୟ ସଫଳତା ପାଇଁ ସୁନ୍ଦରଗଡ଼ ଜିଲାପାଳ ନିଖିଲ ପବନ କଲ୍ୟାଣ ଏବଂ ରାଉରକେଲା ଅତିରିକ୍ତ ଜିଲାପାଳ ତଥା ମହାନଗର ନିଗମ କମିଶନର ଡା. ଶୁଭଙ୍କର ମହାପାତ୍ର ମହାନଗର ନିଗମର କର୍ମକର୍ତ୍ତା ଏବଂ ପ୍ରକଳ୍ପ ସହ ସମ୍ପୃକ୍ତ ସମସ୍ତ ଅଂଶୀଦାର ଓ ରାଉରକେଲାବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଗ୍ଲୋବାଲ ମେୟର୍ସ ଚ୍ୟାଲେଞ୍ଜ ପ୍ରତିଯୋଗିତା ଜିତିଥିବା ଅନ୍ୟ ସହରଗୁଡ଼ିକ ହେଲେ ଜୋର୍ଡାନର ଅମନ, କଲମ୍ବିଆର ବୋଗୋଟା, ଫିଲିପାଇନ୍ସର ବୁଟୁଆନ, ସିଏରା ଲିଓନର ଫ୍ରିଟାଉନ୍, ମେକ୍ସିକୋର ହର୍ମୋସିଲୋ, ତୁର୍କୀର ଇସ୍ତାନବୁଲ, ରାୱାଣ୍ଡାର କିଗାଲି, ଘାନାର କୁମାସି, ଆମେରିକାର ପାଟରସନ୍, ଫୋନିକ୍ସ ଏବଂ ରୋଚେଷ୍ଟର, ନେଦରଲାଣ୍ଡସର ରୋଟରଡ୍ୟାମ୍, ଲିଥୁଆନିଆର ଭିଲନିଅସ୍ ଏବଂ ନ୍ୟୁଜିଲାଣ୍ଡର ୱେଲିଂଟନ୍। ମହାମାରୀ ଯୋଗୁ ଜନସ୍ୱାସ୍ଥ୍ୟ ଏବଂ ଅର୍ଥନୈତିକ ସଙ୍କଟର ମୁକାବିଲା ନିମନ୍ତେ ବିଶ୍ୱ କାର୍ଯ୍ୟ କରୁଥିଲେ ହେଁ ସହରଗୁଡ଼ିକ ସେମାନଙ୍କ ଅଭିନବ ଚିନ୍ତାଧାରକୁ କାର୍ଯ୍ୟକାରୀ କରିପାରିବେ, ଯାହା କି ଦେଶର ସରକାରଙ୍କ ପଦକ୍ଷେପଠାରୁ ମଧ୍ୟ ଅଧିକ ପ୍ରଭାବୀ ହୋଇପାରିବ ବୋଲି ବ୍ଲୁମ୍‌ବର୍ଗ ଫିଲାନ୍‌ଥ୍ରୋପିଜ୍ ପ୍ରତିଷ୍ଠାତା ତଥା ନ୍ୟୁୟର୍କର ୧୦୮ତମ ମେୟର ମାଇକେଲ ଆର୍ ବ୍ଲୁମବର୍ଗ କହିଛନ୍ତି।


KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦ!
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଳ ପାନ ମସଲା ଦ୍ୱାରା ଜନହିତରେ ଜାରି ।
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଅତିମାନବ ନିଶ୍ଚୟ ପୃଥିବୀରେ ଉଦ୍‌ଭବ ହେବ। କିନ୍ତୁ ଅତିରଂଜିତ ଏକ ମାନସିକ ବୁଦ୍ଧିସମ୍ପନ୍ନ ମଣିଷ ରୂପେ ନୁହେଁ। ଏକ ଅତିମାନସ ଶକ୍ତିର ଅବତରଣ ପାଇଁ ସେ ହେବ ଏକ ମାଧ୍ୟମ। ତା'ଫଳରେ ସେ ଏକ ନୂତନ ଜୀବନ ବଞ୍ଚିବ ଓ ଏକ ରୂପାନ୍ତରିତ ଦିବ୍ୟ ଶରୀରର ଅଧିକାରୀ ହେବ। -ଶ୍ରୀଅରବିନ୍ଦ

# ସ୍ଥିତିକୁ ଆଦରିନିଅ

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଆବ୍ରାହମ୍ ଲିଙ୍କନ୍‌ଙ୍କ ଭାଷାରେ 'ଗଣତନ୍ତ୍ର ହେଉଛି ଲୋକଙ୍କର, ଲୋକଙ୍କ ଦ୍ୱାରା ଓ ଲୋକଙ୍କ ପାଇଁ'। ଅର୍ଥାତ୍ ଜନସାଧାରଣ ନିଷ୍ପତ୍ତି ନେବେ, କିଏ ନେତୃତ୍ୱ ନେବେ। ତେବେ ଓଡ଼ିଶାରେ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ନାମାଙ୍କନ ପତ୍ର ଦାଖଲର ପ୍ରଥମ ଦିନ ୧୭ ଜାନୁୟାରୀରେ ଶୁଣିବାକୁ ମିଳିଥିବା ବିଷୟଟି ଏବେ ବିବାଦୀୟ ସ୍ଥିତି ସୃଷ୍ଟି କରିଛି। ଘଟଣାଟି ହେଲା ବଲାଙ୍ଗୀର ଜିଲା ପୁଇଁତଳା ବ୍ଲକ ବିଲେଇସର୍ଡା ଗ୍ରାମପଞ୍ଚାୟତରେ ସରପଞ୍ଚ ପଦ ୪୪ ଲକ୍ଷ ୧୦ ହଜାର ଟଙ୍କାରେ ନିଲାମ ହୋଇଛି। ମିଳିଥିବା ଖବର ଅନୁଯାୟୀ, ବିଲେଇସର୍ଡା ସରପଞ୍ଚ ପଦବୀକୁ ନେଇ ମନ୍ଦିର କମିଟି ଏକ ବୈଠକ ଡକାଇଥିଲେ। ସେହି ଅନୁଯାୟୀ ୧୫ ତାରିଖରେ ଅନୁଷ୍ଠିତ ବୈଠକରେ ବିଲେଇସର୍ଡା, ବନ୍ଦନାକଟା ଓ କସୁରୁପାଲି ଗ୍ରାମର ଅନେକ ଲୋକ ଉପସ୍ଥିତ ଥିଲେ। ଏଥିରେ ତିନି ଜଣ ଆଶାୟୀ ସରପଞ୍ଚ ପ୍ରାର୍ଥୀ ମଧ୍ୟ ଯୋଗଦେଇଥିଲେ। ସରପଞ୍ଚ ପଦକୁ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାରୁ ଦୂରେଇ ରଖିବା ଲାଗି ନିଷ୍ପତ୍ତି ହୋଇଥିବା କୁହାଯାଇଥିଲା। ସେହି ଅନୁଯାୟୀ, ନିଲାମ ଡକାଗଲା ଓ ସୁଶାନ୍ତ ଛତ୍ରିଆ ମନ୍ଦିର କମିଟିକୁ ୪୪ ହଜାର ଟଙ୍କା ଦେଇଥିବା ଲୋକେ କୁହାକୁହି ହେଉଛନ୍ତି। ଏ ବିଷୟ ଗଣମାଧ୍ୟମରେ ପ୍ରସାରିତ ହେବାରୁ ରାଜ୍ୟ ନିର୍ବାଚନ କମିଶନର ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ଜିଲାପାଳଙ୍କୁ କହିବା ପରେ ୧୮ ଜାନୁୟାରୀରେ ପ୍ରଶାସନିକ ଅଧିକାରୀମାନେ ସମ୍ପୃକ୍ତ ଅଞ୍ଚଳକୁ ଯାଇ ପଚରାଉଚରା କରିଛନ୍ତି। ସମ୍ଭବତଃ ପ୍ରକାଶ୍ୟରେ ସରପଞ୍ଚ ପଦବୀ ନିଲାମ ହେବା ଓଡ଼ିଶାରେ ପୂର୍ବରୁ କେବେ ଶୁଣାଯାଇ ନ ଥିଲା। ଯଦିବା ପୂର୍ବରୁ ହୋଇଥିବ, ତେବେ ତାହା ଲୋକଲୋଚନକୁ ଆସୁ ନ ଥିଲା। ସାଧାରଣତଃ ଭାଇଚାରା ରକ୍ଷା ଲାଗି ଗାଁର ଲୋକମାନେ ଜଣଙ୍କୁ ବାଛି ନିର୍ବାଚନକୁ ପ୍ରତିଦ୍ୱନ୍ଦ୍ୱିତାବିହୀନ କରାଇଥାଆନ୍ତି। ଏଭଳି ପଦବୀ ନିଲାମ ହେବା ପ୍ରକ୍ରିୟା ବାହାରୁ ଆମଦାନୀ ହେଲାଭଳି ଲାଗୁଛି। ଗତବର୍ଷ ଡିସେମ୍ବରରେ ମଧ୍ୟପ୍ରଦେଶ ପଞ୍ଚାୟତ ନିର୍ବାଚନ ସମୟରେ ଭାତୁଆଲି ସରପଞ୍ଚ ସୌଭାଗ ସିଂ ଯାଦବ ସର୍ବାଧିକ ୪୪ ଲକ୍ଷ ଟଙ୍କାରେ ଏହି ପଦବୀକୁ ନିଲାମ ଧରିଥିଲେ। ବଲାଙ୍ଗୀର ଏକ ସୀମାନ୍ତ ଜିଲା ହୋଇଥିବାରୁ ଅବିଭାଜିତ ମଧ୍ୟପ୍ରଦେଶର ପ୍ରଭାବ ସେଠାରେ ପଡ଼ିବା ଭଳି ମନେହେଉଛି।

ସରକାର ବିଭିନ୍ନ ଯୋଜନା କରି ଡାଇରେକ୍ଟ ବେନିଫିଟ୍ ଟ୍ରାନ୍ସଫର (ଡିବିଟି) ବା ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର ଜରିଆରେ ଅର୍ଥ ଯୋଗାଇ ଦେଇ ଭୋଟରଙ୍କ ନିକଟତର ହେଉଛନ୍ତି। ମଧ୍ୟସ୍ଥଙ୍କ ଦୁର୍ନୀତିକୁ କମାଇବା ପାଇଁ ସରକାରଙ୍କ ଅଧିକାଂଶ ଯୋଜନାର ଅର୍ଥ ଏବେ ସିଧାସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ପହଞ୍ଚାଇ ଦିଆଯାଉଛି। ତଥାପି ପଶ୍ଚିମ ଓଡ଼ିଶାର ପଞ୍ଚାୟତଗୁଡ଼ିକୁ ପ୍ରାୟ ୩ କୋଟିରୁ ଅଧିକ ଅର୍ଥ ବିଭିନ୍ନ କାର୍ଯ୍ୟକ୍ରମରେ ମିଳିଥାଏ। ସରପଞ୍ଚମାନେ ଏହି ଅର୍ଥକୁ ଆଖିରେ ରଖି ୫ ବର୍ଷ ସକାଶେ ନିଜ ଅର୍ଥ ଖଟାଇଥାଆନ୍ତି। ସ୍ୱାଭାବିକ ଭାବେ ଅର୍ଥ ଖଟାଉଥିବା ବ୍ୟକ୍ତି କ୍ଷମତାକୁ ଆସିଲେ ତାଙ୍କର ପ୍ରଥମ ଲକ୍ଷ୍ୟ ହୋଇଥାଏ, ଲୋକଙ୍କୁ ଦେଇଥିବା ବହୁ ପରିମାଣର ଅର୍ଥକୁ ଅନେକ ଗୁଣା ବୃଦ୍ଧି କରାଇ ନିଜ ପକେଟକୁ ପୁନର୍ବାର ଫେରାଇ ନେବାର ଉଦ୍ୟମ।

ଭାରତରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଦେଖିଲେ ପ୍ରଧାନମନ୍ତ୍ରୀ ସିଧାସଳଖ ସରପଞ୍ଚଙ୍କ ସହ ଟେଲି କନ୍‌ଫରେନ୍ସିଂ କରିଥାଆନ୍ତି। କେବଳ ସେତିକି ନୁହେଁ, ସରପଞ୍ଚମାନେ ପଞ୍ଚାୟତର ପ୍ରଧାନମନ୍ତ୍ରୀ ବୋଲି ଭାଷଣ ଦିଆଯାଇଥାଏ। କୋଭିଡ୍ ସମୟରେ ଓଡ଼ିଶା ସରକାର ବିଧିବଦ୍ଧ ନିଷ୍ପତ୍ତି ନେଇ ଘୋଷଣା କଲେ ଯେ, ସରପଞ୍ଚମାନେ ନିଜ ପଞ୍ଚାୟତରେ ଜିଲାପାଳ କ୍ଷମତା ଜାହିର କରିବେ। ପଞ୍ଚାୟତ ଜମି ବ୍ୟବହାର କରି ନୂଆ ବୃହତ୍ ଶିଳ୍ପ ଗଢ଼ି ଉଠିବାକୁ ଥିଲେ ଜମି ହସ୍ତାନ୍ତର ଲାଗି 'ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ' ଦସ୍ତଖତ କରିବାର କ୍ଷମତା ସରପଞ୍ଚଙ୍କ ପାଖରେ ନ୍ୟସ୍ତ କରାଯାଇଛି। ସହର ବାସିନ୍ଦା ବୁଝିପାରିବେ ନାହିଁ ପଲ୍ଲୀ ସଭା ଓ ଗ୍ରାମ ସଭାର ଅନ୍ତର। ଏଭଳି ପ୍ରଚ୍ଛଦପଟରେ ବଲାଙ୍ଗୀର ସରପଞ୍ଚ ପଦବୀ ବିକ୍ରି ଅବାଞ୍ଛିତ ମନେହେଉ ନାହିଁ। ପଞ୍ଚାୟତ ବ୍ୟବସ୍ଥାକୁ ମହାତ୍ମା ଗାନ୍ଧୀ ସମର୍ଥନ କରୁଥିଲେ। ତାହା ଦ୍ୱାରା ଜନସାଧାରଣଙ୍କ ଇଚ୍ଛା ଅନୁଯାୟୀ ସ୍ଥାନୀୟ ପ୍ରଗତି ହୋଇପାରିବ ବୋଲି ଚିନ୍ତା କରାଯାଉଥିଲା। ଏବେ ସେହି ସ୍ଥିତିରେ ପରିବର୍ତ୍ତନ ଘଟୁଛି। ଧନୀ, କୁହାଳିଆ ଓ ବାହୁବଳ ଥିବା ବ୍ୟକ୍ତିବିଶେଷ ସରପଞ୍ଚ ହେବା ପାଇଁ ଆଗେଇ ଆସୁଛନ୍ତି। ନିର୍ବାଚନ ପୂର୍ବରୁ ପ୍ରାର୍ଥୀଙ୍କଠାରୁ ଅର୍ଥ, ମଦ, ଖାଦ୍ୟ ନେଇ ଭୋଟ୍ ଦେଇଥିବା ଗ୍ରାମବାସୀ ନିଜର ନୈତିକ ଶକ୍ତିକୁ ହରାଇ ବସୁଛନ୍ତି। ପରବର୍ତ୍ତୀ ୫ ବର୍ଷରେ ଦାବି କରିବା ପାଇଁ ଜନସାଧାରଣଙ୍କ ପାଖରେ ମୁହଁ ରହୁନାହିଁ। ଯେପର୍ଯ୍ୟନ୍ତ ବିକଳ୍ପ ବ୍ୟବସ୍ଥା ଚିନ୍ତା କରାଯାଇ ତାହା ସୃଷ୍ଟି କରାଯାଇପାରୁ ନାହିଁ, ସେ ପର୍ଯ୍ୟନ୍ତ ଏହିଭଳି ପଞ୍ଚାୟତ ବ୍ୟବସ୍ଥାକୁ ଆଦରି ନେବା ଦରକାର। ଗ୍ରାମବାସୀ ଅଳ୍ପ କିଛି ଅର୍ଥ ପାଇ ଖୁସି। ଗ୍ରାମର ଶକ୍ତିଶାଳୀ ଗୋଷ୍ଠୀ ପଦବୀ ପାଇ ସନ୍ତୁଷ୍ଟ। ସମସ୍ତେ ଯଦି ଖୁସି, ତେବେ ବାହ୍ୟଶକ୍ତିର ହସ୍ତକ୍ଷେପ କୌଣସି ଗୁରୁତ୍ୱ ରଖେ ନାହିଁ।

# ସର୍ବବ୍ୟାପ୍ତ ମହାଶୂନ୍ୟ



ଡ. ନରେନ୍ଦ୍ର କୁମାର ସେଠୀ

ଓଡ଼ିଶାର ଏକ ପ୍ରାଚୀନତମ ସମ୍ପ୍ରଦାୟ ମହିମା ଧର୍ମରେ ମହାଶୂନ୍ୟର ଉପାସନା କରାଯାଇଥାଏ। ଏହି ସମ୍ପ୍ରଦାୟ ଏକେଶ୍ୱରବାଦରେ ବିଶ୍ୱାସ କରନ୍ତି ଓ ମୂର୍ତ୍ତି ପୂଜାରେ ବିଶ୍ୱାସ ରଖନ୍ତି ନାହିଁ। ଆମକୁ ଏ ବିଷୟରେ ଚିନ୍ତା କଲେ ଆଶ୍ଚର୍ଯ୍ୟ ଲାଗେ ଯେ ମହାଶୂନ୍ୟରେ ଈଶ୍ୱରଙ୍କ ସନ୍ଧାନ କିପରି କରାଯାଇ ପାରେ? ଏ ବିଶ୍ୱ ଓ ଆମ ପୃଥିବୀ ସକଳ ଜଡ଼ ଓ ଜୀବନ୍ତ ଘଟରେ ପରିପୂର୍ଣ୍ଣ ଥିଲା ବେଳେ ମହାଶୂନ୍ୟରେ ଈଶ୍ୱରଙ୍କ ସନ୍ଧାନ କରିବାର ଗୂଢ଼ ତଥ୍ୟ କ'ଣ ବା ହୋଇପାରେ? ଏହି ମହାନ୍ ଧର୍ମର ପ୍ରାଚୀନ ଜ୍ଞାନ ଓ ଈଶ୍ୱର ପ୍ରାପ୍ତିର ଗୁଣ କୌଶଳ କୌତୂହଳପୂର୍ଣ୍ଣ ଲାଗେ। ତେବେ ମହାଶୂନ୍ୟର ବାସ୍ତବତା ଓ ଏହା ଆଧ୍ୟାତ୍ମିକ ଜୀବନରେ କେତେ ଗୁରୁତ୍ୱ ବହନ କରୁଛି ସେ ସମ୍ପର୍କରେ ଏକ ବୈଜ୍ଞାନିକ ଅନୁଶୀଳନ କରିବା।

ଆଧୁନିକ ବିଜ୍ଞାନ ଅନୁସାରେ ଏ ବିଶ୍ୱର ସବୁ ଜିନିଷ ଅଣୁ ପରମାଣୁରେ ଗଠିତ। ଅଣୁ ପରମାଣୁ ସବୁ ଜିନିଷ ଓ ପଦାର୍ଥର ମୂଳ ମୌଳିକ ନିର୍ମାଣ ଏକକ। ଏହି ପରମାଣୁ ଏତେ ଛୋଟ ଯେ ଏହାକୁ ଦେଖିବା ଅସମ୍ଭବ କହିଲେ ଭୁଲ୍ ହେବ ନାହିଁ। ଛୋଟ ପରମାଣୁ ଭିତରେ ଏକ ସୂକ୍ଷ୍ମ ନାଭିକେନ୍ଦ୍ର ଓ ତା'ର ଚାରିପଟେ ଅବିରତ ଘୂରି ବୁଲନ୍ତି ଅନେକ ଇଲେକ୍ଟ୍ରୋନ। କିନ୍ତୁ ପରମାଣୁ ଭିତରେ ୯୯.୯୯ ପ୍ରତିଶତ ଖାଲି ବା ଶୂନ୍ୟସ୍ଥାନ। ଅର୍ଥାତ୍ ଏକ ପରମାଣୁର ଭିତର ଅଂଶ ସମ୍ପୂର୍ଣ୍ଣ ଫମ୍ପା ବା ଖାଲି ସ୍ଥାନ। ଅର୍ଥାତ ସବୁ ଜଡ଼ ଓ ଜୀବନ୍ତ ପଦାର୍ଥ ଯାହା ଆମେ ଦେଖୁଛେ ସବୁ ଜିନିଷ ଦୃଶ୍ୟମାନ ହେଲେ ମଧ୍ୟ ଅନେଶତ ପ୍ରତିଶତ ଫମ୍ପା ବା ଶୂନ୍ୟ ସ୍ଥାନ। ତେବେ ଯଦି ସବୁ ପଦାର୍ଥ ଓ ଜିନିଷ ଏବଂ ମଣିଷ ଶରୀର ଏହି ଅଣୁ ପରମାଣୁରେ ଗଠିତ ତା'ହେଲେ ଆମେ କ'ଣ ସମସ୍ତେ ସେହି ଶୂନ୍ୟତାର ଅଂଶ? ଅନ୍ୟ ଅର୍ଥରେ କହିବାକୁ ଗଲେ ଆମେ ସମସ୍ତେ ଶୂନ୍ୟ ଏବଂ ମହାଶୂନ୍ୟ। ଅର୍ଥାତ ଆମ ଶରୀର ବା ଅନ୍ୟ ଯୋଉ ଜିନିଷ ଆମେ ଦେଖୁଚୁ ସବୁ ମିଛ ଓ ମହା ଶୂନ୍ୟ ହିଁ ସତ୍ୟ।

ଏ ସୃଷ୍ଟି, ସଂସାର ଏବଂ ସମୟର ଆରମ୍ଭ କିଏ ଓ କେବେ କରିଥିଲା ତାହା ହିନ୍ଦୁ ଧର୍ମରେ ନାନା ପୁରାଣ ଓ ପୋଥିରେ ଲିପିବଦ୍ଧ ଅଛି। କିନ୍ତୁ ଆଧୁନିକ ବିଜ୍ଞାନର ମତ ସୃଷ୍ଟି, ସଂସାର ଏବଂ ସମୟର ଆରମ୍ଭ ବିଷୟରେ ସମ୍ପୂର୍ଣ୍ଣ ଅଲଗା ଓ ପ୍ରାମାଣିକ। ଚଳିତ ଶତାବ୍ଦୀର ମହାନ୍ ଓ ବିଚକ୍ଷଣ ବୈଜ୍ଞାନିକ ଷ୍ଟିଫେନ ହକିଙ୍ଗସଙ୍କ ମତରେ ବିଗ୍‌ବ୍ୟାଙ୍ଗ ବିସ୍ଫୋରଣ ପରେ ସମୟ, ପଦାର୍ଥ ଓ ସୃଷ୍ଟିର ଆରମ୍ଭ ହେଲା ଓ ତା' ପୂର୍ବରୁ ଈଶ୍ୱରଙ୍କ ପାଖରେ ସଂସାର ତିଆରି କରିବାକୁ ସମୟ ନ ଥିଲା ବା ଈଶ୍ୱର ବୋଲି କେହି ନାହାନ୍ତି। କିନ୍ତୁ ଆଉଜଣେ ମହାନ୍ ବୈଜ୍ଞାନିକ ଆଇନଷ୍ଟାଇନଙ୍କ ଆପେକ୍ଷିକ ତତ୍ତ୍ୱ ବିଗ୍‌ବ୍ୟାଙ୍ଗ ସମୟରେ ଗୁରୁତ୍ୱ ହରେଇ ବସିବାରୁ ଈଶ୍ୱରଙ୍କ ସତ୍ତା ବିଷୟରେ ଷ୍ଟିଫେନ ହକିଙ୍ଗସଙ୍କ ମତ ବିରୋଧାଭାସ କଲା। ଆଧୁନିକ ଶୃଙ୍ଖଳା ସିଦ୍ଧାନ୍ତ ମତବାଦ ଅନୁସାରେ ଏ ବିଶ୍ୱ ଏକ ପାଣି ଫୋଟକା ସଦୃଶ ଓ ଆମେ ସମସ୍ତେ ଏହି ପାଣି ଫୋଟକାର ଉପରେ ଅଛୁ। କିନ୍ତୁ ଆଶ୍ଚର୍ଯ୍ୟର କଥା ହେଲା ଏହି ପାଣି ଫୋଟକା କ୍ରମାଗତ ବଢ଼ିବାରେ ଲାଗିଛି ଓ ଏହା ଦିନେ ଫାଟିଯିବ, ଯାହାକୁ ବିଗ୍‌ବ୍ୟାଙ୍ଗ କୁହାଯାଏ। ଷ୍ଟ୍ରିଙ୍ଗ ବା ଶୃଙ୍ଖଳା ତତ୍ତ୍ୱ ଅନୁସାରେ ଏମିତି ଅନେକ ପାଣିଫୋଟକା ଅଛନ୍ତି ଓ ଲଗାତର ମହା ଶୂନ୍ୟରେ ସଂସାରର ବିଲୋପ ଓ ନିର୍ମାଣ ଚାଲିଛି ଏବଂ ଚାଲିଥିବ। ହିନ୍ଦୁ ପୌରାଣିକ ମତବାଦ ଅନୁସାରେ ଏ ସଂସାର ଜଳମଗ୍ନ ଥିଲା। ସାତ ସମୁଦ୍ରର ଗଭୀରତମ କୋଣରେ ଶେଷ ନାଗର ଶଯ୍ୟାରେ ଶୟନ କରି ବିଷ୍ଣୁ ସଂସାର ତିଆରି କରିବାର କଳ୍ପନା କରିଥିଲେ। ସେହିପରି ଏହା ମଧ୍ୟ ବିଶ୍ୱାସ ଅଛି ଯେ, ଏହି ବିଶ୍ୱ ଅନ୍ତିମ ଆଡ଼କୁ ଗତି କରୁଛି ଓ ମହା ପ୍ରଳୟ ପରେ ନୂଆ ସଂସାର ତିଆରି ହେବ। ଆଧୁନିକ ବିଜ୍ଞାନ ଓ ହିନ୍ଦୁଧର୍ମ ମତବାଦର ଏହି ସାମଞ୍ଜସ୍ୟକୁ ଏକ ଆଶ୍ଚର୍ଯ୍ୟଜନକ ସମାନତା କୁହାଯାଇ ପାରେ। ତେବେ ସେ ଯାହା ହେଉ ଆମେ ଦେଖୁଥିବା ବିଶ୍ୱ ପ୍ରଥମ ହୋଇ ନ ଥିବ ଓ ବିଗ୍‌ବ୍ୟାଙ୍ଗ ପୂର୍ବରୁ କିଛି ନିଶ୍ଚିତ ଥିବ, ଯାହା ଏହି ବିସ୍ଫୋରଣର କାରଣ ହୋଇଥିବ।

ଆଧୁନିକ ବିଜ୍ଞାନ ମତରେ ଲଗାତର ବିଗ୍‌ବ୍ୟାଙ୍ଗ ଭଳି ବିସ୍ଫୋରଣ ହେବାରେ ଲାଗିଛି ଓ ଲଗାତର ବିଶ୍ୱ ଗୁଡ଼ିକ ତିଆରି ହେଉଛନ୍ତି ଏବଂ ବିନାଶ ହେଉଛନ୍ତି। ବିନାଶ ଓ ସୃଷ୍ଟି ପରସ୍ପର ପରିପୂରକ ହୋଇ ରହିଛନ୍ତି। ତେଣୁ ଆମେ ଯେ ଏ ବିଶ୍ୱରେ ଏକୁଟିଆ ପ୍ରଭୁତ୍ୱ ବିସ୍ତାର କରିଛେ ତାହା ଠିକ୍ ହୋଇ ନ ପାରେ। ଆମ ବ୍ୟତୀତ ହୁଏତ ଆଉ ଅନ୍ୟ ଗ୍ରହରେ ଜୀବନ ସଞ୍ଚାର ହୋଇଥାଇ ପାରେ। ଠିକ୍ ସେହିପରି ଆମ ପୌରାଣିକ ମତବାଦ ଅନୁସାରେ ଆମେ ପୃଥିବୀବାସୀ ବ୍ରହ୍ମାଣ୍ଡରେ ଏକୁଟିଆ ନାହୁଁ ଓ ଏ ସୃଷ୍ଟିରେ ଅନେକ ବିଶ୍ୱ ଅବସ୍ଥିତ; ଯାହାକୁ ନାଗଲୋକ, ପାତାଳ ଲୋକ, ସ୍ୱର୍ଗଲୋକ ବୋଲି କୁହାଯାଏ। ଏହା ଫଳରେ ବିଜ୍ଞାନ ଓ ପୌରାଣିକ ମତବାଦ ପୁଣି ଏକ ଜାଗାରେ ମିଶିଯିବା ପରି ଲାଗେ। ଅନ୍ୟ ଅର୍ଥରେ ବିଜ୍ଞାନ ଓ ଅଧ୍ୟାତ୍ମ ଏକ ସଂଗେ ଚାଲିଲା ଭଳି ଲାଗୁଛନ୍ତି, ଯୋଉଠି ଆଧୁନିକ ବିଜ୍ଞାନର ଆୟୁଷ ମାତ୍ର ଶହେ ବର୍ଷ ହୋଇଥିଲା ବେଳେ ସୃଷ୍ଟିର ବୟସ କୋଟି କୋଟି ବର୍ଷ। ଏହି ଶହେ ବର୍ଷ ମଧ୍ୟରେ ଆଧୁନିକ ବିଜ୍ଞାନ ଆମକୁ ସଂସାରର ଅନେକ କୌତୂହଳପୂର୍ଣ୍ଣ ଜଟିଳ ପ୍ରଶ୍ନକୁ ବୁଝିବାକୁ ସାହାଯ୍ୟ କରିଛି। ବିଶ୍ୱର ସୃଷ୍ଟି ପୂର୍ବରୁ ସମୟର ଉପସ୍ଥିତି ଏକ ପ୍ରଶ୍ନବାଚୀ ହୋଇ ରହିଥିଲେ ମଧ୍ୟ ଏକଥା ଠିକ୍ ଯେ କେବଳ ଗୋଟିଏ ସତ୍ୟ ହିଁ ସର୍ବଦା ବିଦ୍ୟମାନ ଥିଲା, ତାହା ହେଉଛି ସମୟ; ଯାହା ମହାଶୂନ୍ୟରେ ଚାରିଆଡ଼େ ବ୍ୟାପ୍ତ ଥିଲା। ଅର୍ଥାତ୍ ମହାଶୂନ୍ୟ ହିଁ ସତ୍ୟ।

ସବୁ ଜଡ଼ ଓ ଜୀବନ୍ତ ପଦାର୍ଥ ଏହି ମହାଶୂନ୍ୟର ଅଂଶ ମାତ୍ର। ଅର୍ଥାତ୍ ଈଶ୍ୱର ହିଁ ମହାଶୂନ୍ୟ; ଯାହାଙ୍କର କିଛି ଆକାର ନାହିଁ। ସେ ଚାରିଆଡ଼େ ବ୍ୟାପ୍ତ। ସବୁଆଡ଼େ, ସବୁ ଜିନିଷରେ, ସବୁ ପ୍ରାଣୀଙ୍କ ଦେହରେ ଈଶ୍ୱର ବିରାଜିତ। ମହାଭାରତ ରଣ ଭୂମି ମଧ୍ୟଭାଗରେ ଦଣ୍ଡାୟମାନ ହୋଇ ମ୍ରିୟମାଣ ପାର୍ଥଙ୍କ ମୋହ ଭଙ୍ଗ ପାଇଁ ଶ୍ରୀକୃଷ୍ଣ ଦେଇଥିବା ଗୀତା ଉପଦେଶରେ ମଧ୍ୟ ଠିକ୍ ଏହି କଥା କୁହାଯାଇଛି। ଗୀତାରେ ସ୍ପଷ୍ଟ ବର୍ଣ୍ଣିତ ଯେ ଈଶ୍ୱର ସବୁଆଡ଼େ ସବୁ ପ୍ରାଣୀ ଓ ଜିନିଷରେ ବିଦ୍ୟମାନ। କିନ୍ତୁ ଆଧୁନିକ ବିଜ୍ଞାନ ଈଶ୍ୱରଙ୍କ ସତ୍ତାକୁ ଗ୍ରହଣ କରୁଛି କି? ଏହା ଏକ ଲକ୍ଷେ ଟଙ୍କିଆ ପ୍ରଶ୍ନ? ତେବେ ବିଜ୍ଞାନର ସବୁ ତଥ୍ୟକୁ ମିଶେଇ ଦେଲେ ଗୋଟିଏ ନିଷ୍କର୍ଷ ମିଳେ ଯେ ସମୟ ଓ ଶୂନ୍ୟତା ସମୀକରଣ ତିଆରି ହେବା ପୂର୍ବରୁ କେହି ଜଣେ ଅଜଣା ଘଟକ ନିଶ୍ଚିତ ଥିବ; ଯିଏ ବିଗବ୍ୟାଙ୍ଗ ଭଳି ବିସ୍ଫୋରଣର କାରଣ ହୋଇ ସୃଷ୍ଟିର ନିର୍ମାଣ କରିଥାଇ ପାରେ। ବିଜ୍ଞାନ କୁଣ୍ଠିତ ହୋଇ ସେହି ଅଜଣା ଘଟକକୁ ଈଶ୍ୱର କହି ନ ପାରେ। ତେବେ ମହିମା ଧର୍ମର ଗୂଢ଼ ତତ୍ତ୍ୱ ଯେ ବିଜ୍ଞାନ ସମ୍ୱଳିତ ଓ ମହାଶୂନ୍ୟ ହିଁ ସର୍ବ ବ୍ୟାପ୍ତ ଏହା ଚିରନ୍ତନ ସତ୍ୟ। ବ୍ରହ୍ମାଣ୍ଡର ଆରମ୍ଭ ଅଛି କି ନାହିଁ ତାହା ବ୍ରହ୍ମାଣ୍ଡ ବିଜ୍ଞାନୀମାନେ ଏପର୍ଯ୍ୟନ୍ତ ଠିକ ଭାବରେ ଜାଣନ୍ତି ନାହିଁ। ଏହା ପରିବର୍ତ୍ତେ ବିଗବ୍ୟାଙ୍ଗ ବିସ୍ଫୋରଣ ପୂର୍ବରୁ ଏକ ଅନନ୍ତ ଅତୀତ ହୋଇ ଥାଇ ପାରେ ଓ ସମୟ ଅସୀମ ପଛକୁ ଲମ୍ବି ଥାଇ ପାରେ। ବିଜ୍ଞାନ ଅନୁସାରେ ବିଶ୍ୱର ବିସ୍ତାର ଏବଂ ସଂକୋଚନର ଏକ ଅସୀମ ଚକ୍ର ଦେଇ ଗତି କରି ଚାଲିଛି। କିନ୍ତୁ କ୍ୱାଣ୍ଟମ ଥିଓରି ବା ଶୃଙ୍ଖଳ ସିଦ୍ଧାନ୍ତ ଅନୁସାରେ ଶୂନ୍ୟରେ ମଧ୍ୟ ଶକ୍ତି ଅଛି, ସମସ୍ତ ପ୍ରକାରର ଅସମ୍ଭବ ଜିନିଷ ଶୂନ୍ୟରେ ଘଟିପାରେ ଓ ଏହା ପାଇଁ ଏକ ଅଲୌକିକ ଶକ୍ତିର ଆବଶ୍ୟକତା ଅଛି। ବିଜ୍ଞାନ ମତରେ ହୁଏତ ସେହି ଅଲୌକିକ ଶକ୍ତି ହିଁ ଈଶ୍ୱର; ଯାହାକୁ ଶୂନ୍ୟ ଶୂନ୍ୟ ମହାଶୂନ୍ୟ କୁହାଯାଇପାରେ ଓ ଆମ ପ୍ରାଚୀନ ଧର୍ମ ପରମ୍ପରାରେ ଏହା ଉଲ୍ଲିଖିତ ଅଛି। ତେବେ ଉପରୋକ୍ତ ବିଶ୍ଳେଷଣରୁ ଏତିକି କୁହାଯାଇ ପାରେ ଯେ ଈଶ୍ୱର ସର୍ବବ୍ୟାପ୍ତ, ସର୍ବ ବିଦିତ ଓ ମହାଶୂନ୍ୟ ରୂପରେ ରାମ, କୃଷ୍ଣ, ଆଲ୍ଲା ଓ ଯିଶୁ ଭଳି ଭିନ୍ନ ନାମରେ ମଣିଷ ଦ୍ୱାରା ନାମିତ ମାତ୍ର।

ପୂର୍ବ ସିଂଭୂମି, ଯାଦୁଗୁଡା, ଝାଡ଼ଖଣ୍ଡ
ମୋ:୭୦୦୪୦୬୮୧୧୦

# ଇରାନୀବାବୁ



ଡ.ଗୌରହରି ରାଉତ

ଟିମାକୁ ସାହେବୀ ବେଶରେ ଦେଖି ଗାଁଲୋକେ ଏକବାର ଖପ୍ପା। ହାଁ କରି ତା'ର ତାଳୁଠାରୁ ତଳିପା'ଯାଏ ଗହୀରିଆ ନଜର ଘୂରାଉଛନ୍ତି ସେମାନେ। ଫିସ୍ ଫିସ୍ ସିଗାରେଟ୍ ପିଇ ସୁଟ୍ ବୁଟ୍ ପିନ୍ଧି ଏବେ ଗାଁ ରେ ବୁଲୁଥିବା ଟିମା ତା'ର ସେ ପୁରୁଣା ପରିଚୟକୁ କେବେଠାରୁ ହଜେଇ ଆଖି ତରାଟି ହେଲାଭଳି ବାବୁ ବେଶ୍ ସାଜିଛି। ପାଟିରୁ ଖାଲି ବାହାରୁଛି ଦୋ'ମିଶା ହିନ୍ଦୀ। ଗାଁ ଲୋକଙ୍କୁ ତ 'ନ ଦେଖିଲା ଓଉ ଛଅ ଫଡ଼ା' ପରି ଲାଗୁଛି! ଟିମା ଆଉ ସେ କାଳର ଟିମା ହେଇ ନାହିଁ - ଏବେ ସେ ଇରାନ ଫେରନ୍ତା ଇରାନୀବାବୁ!

ଗାଁ ଦାଣ୍ଡରେ ଚାଲିଗଲେ ଖଣ୍ଡେ ଦୂର ପର୍ଯ୍ୟନ୍ତ ମହକୁଛି ଅତର ବାସ୍ନା। କ'ଣ ଦେଖିବ - ଭଳିକି ଭଳି ସୁଟ୍ ବୁଟ୍..ଆଜି ହଳେ ତ କାଲିକି ଆଉ ହଳେ..! ଏବେ ଖାଲି ତା'ରି ଚର୍ଚ୍ଚା ବାଟରେ, ଘାଟରେ, ହାଟରେ ଆଉ ପୋଖରୀ ତୁଠରେ। ଇରାନରୁ ଆଣିଛି ଚକ ଚକ କରୁଥିବା ହେଉଁ ହେଉଁ ଷ୍ଟିଲ୍ ବାକ୍ସ, ଆଟାଚି, କମ୍ବଳ - ଆଉ କେତେ କ'ଣ ବିଦେଶୀ ଚିଜ। ପଡ଼ୋଶୀ ଗାଁ ଲୋକେ ଦଳ ଦଳ ହୋଇ ଆସୁଛନ୍ତି ଦେଖିବାକୁ ଟିମାରୁ ରୂପାନ୍ତରିତ ହୋଇଥିବା ଏଇ ଇରାନୀବାବୁଙ୍କୁ। ଯେଉଁମାନେ ପାଠ ଘରେ ତାଲା ମାରି ଟିମା ସହ ବିଲ ବାରିରେ କାମ କରୁଥିଲେ, ସେମାନେ ଆଜି ତାକୁ ଦେଖି ଖାଲି ବଲ ବଲ ହୋଇ ଚାହିଁ ରହୁଛନ୍ତି ଯାହା। ୟା' ଭିତରେ ଇରାନୀବାବୁଙ୍କର ଆଖି ଦି'ଟା ଉପରକୁ ଉଠିଯାଇଛି। ବୋଇଲେ ବିଲବାରିରେ ଯେଉଁମାନଙ୍କ ସହ ସେ କାମ କରୁଥିଲା, ନଈ ନାଳରୁ ମାଛ ଧରୁଥିଲା- ସେମାନଙ୍କୁ ପାଖରେ ବସାଇ ଏବେ ସେ ଦେଶର କେତେ କଥା ଗପୁଛି। ସେଠାକାର ସହର ବଜାର, ଲୋକଙ୍କର ବେଶଭୂଷା ଆଉ ଚାଲିଚଳଣି ସମ୍ପର୍କରେ ଗପୁଥିଲାବେଳେ ଗାଁ ଲୋକେ ତାଟକା ହୋଇ ଚାହିଁଥାନ୍ତି ତା' ମୁହଁକୁ। ସତେ କି ସରଗ ରାଇଜରୁ ଓହ୍ଲେଇଛନ୍ତି ଇରାନୀବାବୁ..! ଏବେ ଟିମାକୁ ଗାଁ ଗନ୍ଧେଇଲାଣି। କେବଳ ଗାଁ ନୁହେଁ, ଇଣ୍ଡିଆ ଆଉ ଭଲ ଲାଗୁନି। ଇରାନ ଭଳିଆ ଇଣ୍ଡିଆ କ'ଣ ହୋଇପାରିବ? ଛେଳିକୁ ପାଣି ଅଡୁଆ ପରି ଇରାନୀବାବୁଙ୍କୁ ଗାଁ ଅଡୁଆ। ଆଉ ମାସକୁ ଇରାନ ପଳେଇବ ବୋଲି ଗାଁର କେତେ ଲୋକଙ୍କୁ କହିଲାଣି ଟିମା।

ଲୋକେ ବି ବୁଝିଲେଣି- ହଁ, ତା' ନୁହେଁ ତ କ'ଣ? କେଉଁ କାଳରେ ଟିମା ସିନା ଶ୍ରୀ ଅକ୍ଷର ବିବର୍ଜିତ ହୋଇ ବିଲବାରିରେ ଖଟୁଥିଲା, ଏବେ ତ ସେ ଇରାନୀବାବୁ। ବେଶ ପୋଷାକ, କଥାବାର୍ତ୍ତା, ଠାଣିମାଣି - ସବୁଥିରେ ଇରାନୀ ଇରାନୀ ବାସ୍ନା। ତେଣୁ ଗୁହ ଗୋବରରେ ପଚର ପଚର ଏ ଗାଁ ମାଟି, ପୁଣି ସେଥିରେ ଥିବା ଝାଟିମାଟିର ଚାଳଛପର ଘର କେମିତି ବା ଭଲ ଲାଗିବ? ସେଥିପାଇଁ ବାବୁ ଖାଲି ବାଟେଇ ଛାଟି ହେଉଛନ୍ତି - କେମିତି ଇରାନ ଫେରିବେ।

ଟିମା ଓରଫ ଇରାନୀବାବୁଙ୍କୁ ଘରର ଭାତ ତିଅଣ ଆଉ ରୁଚୁନି। ଖଡ଼ା ବା ପୋଇ ରାଇ- ଏହାକୁ କ'ଣ ମଣିଷ ଖାଆନ୍ତି? ସୁତରାଂ ଗାଁର ଶେଷ ମୁଣ୍ଡରେ ଥିବା ବସ୍ତି ଅଞ୍ଚଳରେ ଚକ୍କର କାଟି ବାବୁ ଆମର ଦିନକୁ ଗୋଟିଏ ଲେଖାଏଁ ତେଲାନ୍ତିଆ ଗଞ୍ଜାର ବେକ ମୋଡ଼ନ୍ତି। କ୍ଲବ୍ ଘରେ ଭେଣ୍ଡିଆ ସାଙ୍ଗମାନଙ୍କ ସହ ରାତିରେ ଜମେ ମଦ ମାଂସର ମଉଜ ମହୋତ୍ସବ। ଇରାନ ଫେରନ୍ତା ବାବୁ ତ ସାଙ୍ଗରେ ଆଣିଛନ୍ତି କେଇ ଗଣ୍ଡା ବିଦେଶୀ ମା..ଲ ର ପେଟି। ଏମିତି ଏମିତି ମଦ ମାଉଁସର ମଉଜ ମଜଲିସରେ ଏହା ଧୀରେ ଧୀରେ ସରିଆସେ, ବସ୍ତିର କୁକୁଡ଼ା ବି ପଦା ହେବାକୁ ଲାଗନ୍ତି। ଇରାନ ମା..ଲ ଶେଷ ହେବା ସହ ଇରାନରୁ ଆଣିଥିବା ବିଡ଼ା ବିଡ଼ା ନୋଟ୍ ବି କ୍ରମେ କମି କମି ଆସେ। ଇରାନୀ ବାବୁ ଘଣ୍ଟାକୁ ଥରେ ଲେଖାଏଁ ଯେଉଁ ବିଦେଶୀ ସିଗାରେଟ୍‌କୁ ଓଠରେ ଲଗେଇ ଫିସ୍ ଫିସ୍ କରି ଆକାଶକୁ ଧୂଆଁ ଛାଡ଼ନ୍ତି - ତାହା ବି ସରି ସରି ଆସେ। ବାବୁଙ୍କର ତ ବିଦେଶୀ ନାଲିପାଣି ଟିକିଏ ନ ହେଲେ ନ ଚଳେ କି ସିଗାରେଟ୍ ନ ଫୁଙ୍କିଲେ ଆଖି ପିତୁଳିଆ ମାରେ। ବାଇଆ ବାତୁଳ ହୁଅନ୍ତି ମା..ଲ ଆଉ ଧୂଆଁ ଟିକକ ପାଇଁ। ହେଲେ ଏ ଗାଁ ଭୂଇଁରେ ବା ସେସବୁ ବିଦେଶୀ ମା..ଲ କୁଆଡୁ ମିଳିବ? ବିଲବାରିରେ କାମ କରୁଥିବା ଭେଣ୍ଡିଆ ସାଙ୍ଗ ବା କେଉଁଠୁ ଯୋଗାଡ଼ କରିବେ ଏ ମହରଗ ମା..ଲ? ଅଣ୍ଟାରୁ ତ ଅଧଲାଟିଏ ଖସିବାର ନାହିଁ। ପ୍ରକୃତି ମେଣ୍ଟଣ ପାଇଁ ବାବୁ ଯାହା ଛାଟିପିଟି ହେଉଥାନ୍ତି। ବିଦେଶୀ ନ ହେଲା ନାହିଁ ପଛକେ ଦେଶୀ ଟିକିଏ ମିଳୁ, ଦାମୀ ସିଗାରେଟ୍ ନ ମିଳିଲା ନାହିଁ - ବିଡ଼ିରେ କାମ ଚଳିଯାଉ। ନିଶା ପାଇଁ ପାଗଳ ହେଉଥିବା ବାବୁଙ୍କ ଅକଲରେ ଏସବୁ ଯେତେବେଳେ ପଶେ ବାବୁ ସେଠୁ ଦରାଣ୍ଡି ହୁଅନ୍ତି ଏଠି ସେଠି। ଦେଶୀ ମା..ଲ ମାରୁଥିବା ସାଙ୍ଗମାନଙ୍କ ପାଖରେ ପହଞ୍ଚିଯାଇ ଗିନା, ତାଟିଆ ଯାହା ମିଳିଲା - ସେଥିରେ ମୁନ୍ଦିଏ ମାରିଦିଅନ୍ତି। ବିଡ଼ି କିମ୍ବା ଧୂଆଁପତ୍ରର ପିଙ୍କା ଟାଣୁଥିବା ଗାଁର ଭେଣ୍ଡିଆମାନଙ୍କୁ ନେହୁରା ହେଇ ତାଙ୍କ ଠାରୁ ଦି' କଳେ ଟାଣିଦେଇ ପ୍ରକୃତି ମେଣ୍ଟାନ୍ତି। ଶେଷକୁ ସମୟ ଆସେ - ବାବୁଙ୍କୁ ବିଡ଼ି ଖଣ୍ଡେ ବି ମିଳେନି, ଏଠି ସେଠି ପଡ଼ିଥିବା ଖଣ୍ଡିଆ ବିଡ଼ି ଗୋଟେଇବାକୁ ବାଧ ହୁଅନ୍ତି ବାବୁ।

ଇରାନୀବାବୁ ଯେତେବେଳେ ଇରାନରୁ ଫେରିଥିଲେ, ଦେହରୁ ଖାଲି ବାହାରୁଥିଲା ଅତରର ମହ ମହ ବାସ୍ନା। ବିଦେଶୀ ଶାମ୍ପୋ ସାବୁନ ଲଗେଇ ଗାଧୋଇଲା ବେଳେ ପୋଖରୀ ତୁଠରୁ ଖଣ୍ଡେ ଦୂର ପର୍ଯ୍ୟନ୍ତ ମହକ ଚହଟୁଥିଲା। ଇରାନ ଫେରନ୍ତା ଟିମା ବାବୁଙ୍କୁ ଖାଲି ପାଦରେ ଗାଁ ଦାଣ୍ଡରେ ଚାଲିବାର କେହି କେବେ ଦେଖିନାହାନ୍ତି। ତାଙ୍କ ପାଦରୁ ଜୋତା କେବେ ବାହାରେନି। ମୁଣ୍ଡରେ ଗୋଛାଏ କେଶର ହିପ୍ପି, ମଥାରେ ସିନ୍ଦୂରର ସରୁ ଚିତା। ତା' ସାଙ୍ଗକୁ ଦକ୍ଷିଣ ହାତରେ ଷ୍ଟିଲ୍‌ର ଏକ ବଳା। କାମ କରୁଥିବା ଲୋକ ପାଇଟି ଛାଡ଼ି ଘଡ଼ିଏ ଚାହିଁବ ଅବା ତାଙ୍କୁ! ଗାଁ ର ପିଲା ପେଚକା ତ କେହି ତାଙ୍କ ମୁହଁରେ କଥା ହେବାକୁ ସାହସ କରନ୍ତିନି। ଏବେ ସେସବୁ ଆଉ ନାଇଁ। ଅତର ଶେଷ, ଶାମ୍ପୋ ଶେଷ ଆଉ ସାବୁନ ବି ଶେଷ। ଗାଁ ଲୋକଙ୍କୁ ପାଖରେ ବସେଇ ଇରାନ କାହାଣୀ କହୁଥିବା ଇରାନୀବାବୁଙ୍କ ଦେହ ଧୀରେ ଧୀରେ ନୁଖୁରା ଦିଶିଲାଣି। ବେଶ ଭୂଷା, ଠାଣିମାଣିରେ ସମସ୍ତଙ୍କଠାରୁ ବାରିହୋଇପଡ଼େ। ଇରାନୀବାବୁ ସମୟ କ୍ରମେ ଗାଁ ଲୋକଙ୍କ ପୂର୍ବ ପରିଚିତ ଟିମାକୁ ରୂପାନ୍ତରିତ ହେଲେଣି। ଏବେ ଲୋକେ କୁହାକୁହି ହେଉଛନ୍ତି - ଆରେ ଏଇ ଟିମା କାହା ବାରିରୁ ନଡ଼ିଆ, ଲାଉ, କଖାରୁ ଚୋରି କରୁଥିଲା। ପଡ଼ୋଶୀ ଗାଁରୁ କୁକୁଡ଼ା ଚୋରିକରି କେତେଥର ମାଡ଼ ବି ଖାଇଛି ପିଲାଦିନେ। ପାଠଶାଠ ଛାଡ଼ି ଟ୍ୟୁବ୍ ୱେଲ୍‌ର ବୋରିଂ କାମ କରିବାକୁ ଠିକାଦାର ସଙ୍ଗେ ଚାଲିଲା। କିଛିଦିନ ପରେ ସେଠୁ କାମ ଛାଡ଼ି ଚାଲିଲା ଦିଲ୍ଲୀ। ତା' ପରେ ଏକାଥରକେ ଆକାଶ ପାରିହେଇ ଇରାନ..। ଛେଳି ମେଣ୍ଢା ବେପାରୀମାନେ ଯେମିତି ଟ୍ରକ୍ ଡାଲାରେ ଭର୍ତ୍ତିକରି ସେମାନଙ୍କୁ ଚାଲାଣ କରନ୍ତି, ସେମିତି ଦଲାଲମାନେ ଦଳ ଦଳ ଦାଦନମାନଙ୍କୁ ଇରାନ ଇରାକ ପଠାଇ ଦି' ପଇସା କମିଶନି ପାଆନ୍ତି। ଟିମା ସେଇ ସୂତ୍ରରେ ଇରାନ ଯାଇ ଇରାନୀବାବୁ ବନିଯାଇଛି।

ଆଜିକାଲି କେତେ ଅପାଠୁଆ, ଦରପାଠୁଆ ଯୁବକ ଇରାନ, ଇରାକ ଭଳି ଗଲ୍‌ଫ ଦେଶ ଯାଇ ସେଠି ଦାଦନ ଖଟନ୍ତି, କିନ୍ତୁ ଗାଁ କୁ ଫେରିଲେ ଲୋକଙ୍କ ପାଖରେ ବାବୁପଣିଆର ଖାତିର ଦେଖାନ୍ତି। ବିଲବାରିରେ କାମ କରୁଥିବା ନିରକ୍ଷର ଲୋକେ କୁଆଡୁ ବୁଝିବେ ଏ ସବୁର ଗୁମର? ଗାଁକୁ ଫେରି ବାବୁପଣିଆ ଦେଖାଉଥିବା ଏଇ ରାମା ଟିମା ମାନଙ୍କୁ ସେମାନେ ଅତି ମର୍ଯ୍ୟାଦାଜନକ ଆସନରେ ବସାଇ ଉତ୍ସୁକ ହୋଇ ବେଢ଼ିଯାନ୍ତି ସେ ଦେଶର କାହାଣୀ ଶୁଣିବାକୁ। ଛୋଟୀକୁ ଶ୍ରୀମତୀ କହିଲେ ସେ ଯେମିତି ସ୍ୱାଭାବିକ ଚାଲିଠାରୁ ଆଉ ଟିକିଏ ବୁଲେଇ ବଙ୍କେଇ ଚାଲେ, ସେମିତି ଏଇ ରାମା ଟିମା ମାନେ ସେଠାକାର ସତ ସହ ମିଛକୁ ଯୋଡ଼ି କାହାଣୀମାନ କହି ଲୋକଙ୍କୁ ଭକୁଆ ବନାନ୍ତି। ବଡ଼ ବଡ଼ କଥା କହି ବାବୁପଣିଆର ଖାତିର ଦେଖାଉଥିବା ଏମାନଙ୍କର ସମୟ ସରିଆସେ - ଠାଣିମାଣି ହଜିଯାଏ, ଦୋ'ମିଶା ହିନ୍ଦୀ ଭାଷା ଲିଭିଯାଏ ଓଠରୁ। କୋଡ଼ି କୋଦାଳ ଧରି ଗାଁ ର ପୂର୍ବ ସାଙ୍ଗମାନଙ୍କ ସହ ଚାଲନ୍ତି କ୍ଷେତ ଆଡ଼େ। ଏ ହେଲା ଆମ ଗାଁ ଗହଳିର ଆଜିକାଲିର ସତସତିକା ଚିତ୍ର।

ୟୁନିଟ୍ ୯, ଭୋଇନଗର, ଭୁବନେଶ୍ୱର
ମୋ: ୮୭୬୩୮୫୩୨୪୪

## ଏଇ ଭାରତରେ

ନରେନ୍ ହାଁସଦା। ସମର୍ପିତ ଜୀବନର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ। ପଶ୍ଚିମବଙ୍ଗର ସାନ୍ତାଳି ଲୋକ ସଙ୍ଗୀତର ଗାୟକ ନରେନ୍ କେବଳ କଳା କ୍ଷେତ୍ରରେ ସୀମିତ ରହିନାହାନ୍ତି, ସେ ସାମାଜିକ ସେବା ଓ ବନୀକରଣକୁ ବି ବ୍ରତ ଭାବେ ଗ୍ରହଣ କରିଛନ୍ତି। 'ସିଡୋକାହ୍ନୁ ମିଶନ' ମାଧ୍ୟମରେ ତାଙ୍କ ଅଭିଯାନ ଚଳାଇଛନ୍ତି। ସିଡୋ କାହ୍ନୁ ମିଶନ୍ ସ୍କୁଲ ମଧ୍ୟ ପ୍ରତିଷ୍ଠା କରିଛନ୍ତି। ଉକ୍ତ ସ୍କୁଲ୍‌ରେ ୪୦୦ରୁ ଊର୍ଦ୍ଧ୍ୱ ଅସହାୟ ଛାତ୍ର ମାଗଣାରେ ପଢୁଛନ୍ତି। ନରେନ୍ ୩୦ଜଣ ଅନାଥ ପିଲାଙ୍କୁ ପୋଷ୍ୟ ଭାବେ ଗ୍ରହଣ କରିଛନ୍ତି। ସେ ଅଷ୍ଟମ ଯାଏ ପଢ଼ିଛନ୍ତି। ୨୦୧୨ରେ ପୈତୃକ ଗାଁ ଜାହାଜପୁର ଛାଡ଼ି ପୁରୁଲିଆ ଜିଲାର ଅଯୋଧ୍ୟା ପାର୍ବତ୍ୟାଞ୍ଚଳରେ ରହୁଛନ୍ତି। କଳାକାର ଲସାରାମ ଟୁଟୁଙ୍କଠାରୁ ମ୍ୟୁଜିକ୍ ଶିକ୍ଷା କରିବାକୁ ସେଠାକୁ ଯାଇଥିଲେ। ପରେ ଲସାରାମ ଭାଲିଡୁଙ୍ଗ୍ରି ଗାଁରେ ନରେନ୍‌ଙ୍କୁ ଅଧ ଏକର ଜମି ଦେବା ପରେ ସେ ସେଠାରେ ରହୁଛନ୍ତି। ପଶ୍ଚିମବଙ୍ଗ ସମେତ ଝାଡ଼ଖଣ୍ଡ, ବିହାର, ଦିଲ୍ଲୀ, ପଞ୍ଜାବ ଏବଂ ମହାରାଷ୍ଟ୍ରରେ ନରେନ୍ ଲୋକଗୀତ ପ୍ରଦର୍ଶନ କରୁଛନ୍ତି। କଳାର ବିକାଶ, ଅସହାୟ ପିଲାମାନଙ୍କ ଯତ୍ନ ସହିତ ୪୩ ଏକର ଜମିରେ ଜଙ୍ଗଲ ସୃଷ୍ଟି କରିପାରିଛନ୍ତି ନରେନ୍।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ଜାନୁୟାରୀ ୧୯୯୭

- ପାକିସ୍ତାନର ଲାହୋର ସହରରେ ଏକ ଦୌରା ଅଦାଲତ ବାହାରେ ଶକ୍ତିଶାଳୀ ବୋମା ବିସ୍ଫୋରଣ ଘଟି ୩୦ ଜଣଙ୍କ ମୃତ୍ୟୁ।
- ରାଜ୍ୟ ବିଧାନସଭାର ପୂର୍ବତନ ଉପମୁଖ୍ୟ ସଚେତକ ତଥା ପିପିଲିର ପୂର୍ବତନ ବିଧାୟକ ପ୍ରଦୀପ କୁମାର ମହାରଥୀ ଜାମିନ ପାଇ ପୁରୀ ଜେଲ୍‌ରୁ ଖଲାସ।
- ଗଙ୍ଗାଧର ରଥ ଫାଉଣ୍ଡେଶନ ପକ୍ଷରୁ ବିଶିଷ୍ଟ ସାହିତ୍ୟିକ ଜ୍ଞାନପୀଠ ପୁରସ୍କାରପ୍ରାପ୍ତ କବି ଡକ୍ଟର ସଚ୍ଚିଦାନନ୍ଦ ରାଉତରାୟଙ୍କୁ 'ସାହିତ୍ୟ ଭାରତୀ' ସମ୍ମାନ।

## ଚିରନ୍ତନୀ

ଗର୍ବ ଭରେ ବିଶ୍ୱମୟ ମଣେ ମୁହିଁ ରେଣୁ,
ଶତ୍ରୁ ମିତ୍ର ପ୍ରିୟାପ୍ରିୟ ଆତ୍ମୀୟ ସ୍ୱଜନ
କୋଟି କୋଟି ବଂଶଧର ଦେଖଇ ନୟନେ
ତୋହରି କରୁଣାବଳେ, ତୁ ଯେ ବିଶ୍ୱ-ସୃଷ୍ଟି
କୋମଳ ଚରଣେ ରୁକ୍ଷ କଣ୍ଟକିତ ବନ
ଚାଲୁଅଛୁ ବରିନେଇ ଦୁଃଖ ଏ ଭୁବନେ
ବିଷମୟ ବିଶ୍ୱେ ସଦା ସୁଧା କରି ବୃଷ୍ଟି!
-(ପୁରୁଷ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | | | | 2 | | | |
| | | | 5 | | | 9 | | |
| 3 | | | | 4 | | 5 | | |
| | 6 | | | | 5 | 2 | | |
| | | 2 | | | | | 4 | 7 |
| 9 | | | | | 7 | | | |
| 4 | 2 | | 7 | | | | | |
| | 8 | | | | | | | 3 |
| | | | 9 | 1 | 4 | | 8 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 6 | 9 | 4 | 7 | 5 | 2 | 1 | 3 |
| 2 | 3 | 7 | 6 | 1 | 9 | 4 | 5 | 8 |
| 5 | 4 | 1 | 3 | 8 | 2 | 9 | 7 | 6 |
| 3 | 9 | 5 | 8 | 4 | 7 | 6 | 2 | 1 |
| 6 | 1 | 4 | 2 | 9 | 3 | 7 | 8 | 5 |
| 7 | 8 | 2 | 5 | 6 | 1 | 3 | 4 | 9 |
| 9 | 5 | 8 | 7 | 2 | 6 | 1 | 3 | 4 |
| 1 | 7 | 3 | 9 | 5 | 4 | 8 | 6 | 2 |
| 4 | 2 | 6 | 1 | 3 | 8 | 5 | 9 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଟିକା ଅମାନିଆ

ମହାଶୟ,

ଓମିକ୍ରନ୍ ତା'ର କାୟା ବିସ୍ତାର କରିଚାଲିଛି। ଡେଲ୍ଟାର ଭୟ ମନରୁ ଲିଭିନି। ଏହା ସତ୍ତ୍ୱେ ଅନେକ ଲୋକ ଟିକାଦାନ କେନ୍ଦ୍ରର ମାଟି ମାଡୁନାହାନ୍ତି। ଅମାନିଆ ହୋଇ ପରିବାର ଓ ଗୁରୁଜନଙ୍କ କଥା କାଟି ଦେଉଛନ୍ତି। ବହୁ ଦେଶୀ ଓ ବିଦେଶୀ ମଦରେ ଅଭ୍ୟସ୍ତ ଲୋକ ଟିକା ନେଲେ କାଳେ ଦେହ ଗୁରୁତର ହୋଇଯିବ ଭାବି ସଂଶୟରେ ପଡ଼ିଛନ୍ତି। ନପୁଂସକ ହୋଇଯିବାର ଭୟ ଘାରିଛି ମଧ୍ୟ ଅନେକଙ୍କୁ। ଟିକା ନେଇ ନ ଥିବା ଲୋକ ଅନ୍ୟମାନଙ୍କର କ'ଣ ହେଉଛି ଜାଣିବା ପାଇଁ ସମୟ ଗଡ଼େଇ ଚାଲିଛନ୍ତି। କରୋନା ପ୍ରଥମ ଲହର ସମୟରେ ଟିକା ନ ଥିଲା ଓ ଦ୍ୱିତୀୟ ଲହର ସମୟରେ ପୂରା ଦମ୍‌ରେ ଆସି ନ ଥିଲା। ପରେ ଟିକା ଦିଆଗଲା, କିନ୍ତୁ ବହୁ ଅମାନିଆ ଟିକା ନେଇନାହାନ୍ତି। ଆଗାମୀ ଦିନରେ ରାଜ୍ୟରେ ପଞ୍ଚାୟତ ଓ ପୌର ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ଶତ ପ୍ରତିଶତ ନାଗରିକଙ୍କ ଟିକାକରଣ ନିହାତି ଜରୁରୀ। ପୋଲିସ ଟିକା ନେଇ ନଥିବା ଲୋକଙ୍କୁ ଧରିବା ଓ ଟିକା ଦେବା ସମୟ ଆସିଯାଇଛି। କରୋନା କାଳରେ କିଛି ଲୋକ ଥଣ୍ଡା ଜ୍ୱର ପାଇଁ ସ୍ଥାନୀୟ ଔଷଧ ଦୋକାନରୁ ଔଷଧ ଖାଇ ଆଖି ବୁଜିଛନ୍ତି। ଆଉ କିଏ ସ୍ଥାନୀୟ ଚିକିତ୍ସାଳୟରେ ଜୀବନ ହାରିଛନ୍ତି। କରୋନାରେ ବି ବହୁ ଲୋକ ପ୍ରାଣ ହରାଇଛନ୍ତି। ସରକାର ପ୍ରଦାନ କରୁଥିବା ଅନୁକମ୍ପା ସାହାଯ୍ୟ ରାଶି ପଚାଶ ହଜାର ଟଙ୍କା ଏହି ପରିବାରଗୁଡ଼ିକ ନିକଟରେ ମଧ୍ୟ ପହଞ୍ଚିବା ଦରକାର।

-ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


KP GROUP Quality Since 1965
कमला पसन्द
ସିଲ୍‌ଭର କୋଟେଡ୍ ଇଲାଇଚି
KAMLA PASAND
Saffron Blended
KP GROUP Quality Since 1965
SILVER COATED ELAICHI
Anokha Swad
THIS CONTAINS SODIUM SACCHARIN (INS 954) or SUCRALOSE (INS 955) and NEOTAME(INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT,
CONTAINS ARTIFICIAL SWEETENER AND FOR CALORIE CONSCIOUS.
Watch at: f YouTube

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଜାନୁୟାରୀ ୧୯/୨୦୨୨ Bhubaneswar, Wednesday, January 19/ 2022

**ସଂକ୍ଷେପରେ**

## ସତୀଶଙ୍କୁ ଫିକ୍ସିଂ ପାଇଁ ପ୍ରଲୋଭିତ କରାଯାଇଥିଲା



**ନୂଆଦିଲ୍ଲୀ, ୧୮।୧(ପି.ଟି.):** ତାମିଲନାଡୁ ପ୍ରିମିୟର ଲିଗ୍ (ଟିଏନ୍‌ପିଏଲ୍)ବେଳେ ମ୍ୟାଚ ଫିକ୍ସ କରିବା ଲାଗି ପୂର୍ବତନ ପ୍ରଥମ ଶ୍ରେଣୀ ଓ ଆଇପିଏଲ୍ କ୍ରିକେଟର ରାଜଗୋପାଳ ସତୀଶଙ୍କୁ ୪୦ ଲକ୍ଷ ଟଙ୍କା ଯଚା ଯାଇଥିବା ଅଭିଯୋଗ ହୋଇଛି। ୪୧ ବର୍ଷୀୟ ସତୀଶ ଚେପକ ସୁପର ଗିଲିଜ୍ ଦଳର ସଦସ୍ୟ ଥିଲେ। ଏହି ଦଳ ଗତ ସିଜନରେ ଟିଏନ୍‌ପିଏଲ୍ ଜିତିଥିଲା। ତାମିଲନାଡୁର ଏହି ପୂର୍ବତନ ଖେଳାଳି ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ମୁମ୍ବାଇ ଇଣ୍ଡିଆନ୍ସ, ପଞ୍ଜାବ କିଙ୍ଗ୍ସ ଓ କୋଲକାତା ନାଇଟ ରାଇଡର୍ସର ଅଂଶବିଶେଷ ରହି ଆସିଛନ୍ତି। ବ୍ରୁନି ଆନନ୍ଦ ନାମକ ଜଣେ ବ୍ୟକ୍ତି ଇନ୍‌ଷ୍ଟାଗ୍ରାମ୍ ଜରିଆରେ ସତୀଶଙ୍କୁ ଫିକ୍ସିଂ କରିବା ଲାଗି ପ୍ରଲୋଭନ ଦେଖାଇଥିଲେ। ସତୀଶ ଚଳିତମାସ ପ୍ରଥମଭାଗରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡକୁ ଏ ବିଷୟରେ ଅବଗତ କରାଇଥିଲେ। ହେଲେ ସୋସିଆଲ ମିଡିଆ ଜରିଆରେ ଯେହେତୁ ତାଙ୍କୁ ଆପ୍ରୋଚ୍ କରାଯାଇଛି ତାଙ୍କୁ ପୋଲିସ ନିକଟରେ ଅଭିଯୋଗ କରିବା ଲାଗି କୁହାଯାଇଥିଲା। ସତୀଶ ତାହା ମଧ କରିଥିଲେ। ବର୍ତ୍ତମାନ ପୋଲିସ ଏହି ମାମଲାର ତଦନ୍ତ କରୁଥିବା ବିସିସିଆଇ ଆଇସିସିର ଦୁର୍ନୀତି ନିବାରଣ ୟୁନିଟ୍ (ଏସିୟୁ) ମୁଖ୍ୟ ଶିବର ଖଣ୍ଡୱାଲା ପ୍ରକାଶ କରିଛନ୍ତି।

## ବିବିଏଲ୍ ଖେଳିବାରେ ଉନ୍ମୁକ୍ତ ଚାନ୍ଦ ପ୍ରଥମ ଭାରତୀୟ



**ମେଲବୋର୍ନ, ୧୮।୧ (ପି.ଟି.):** ଅଷ୍ଟ୍ରେଲିଆର ବିଗ୍ ବାଶ୍ ଟି୨୦ ଲିଗ୍ (ବିବିଏଲ୍) ଖେଳିବାରେ ପୂର୍ବତନ ୧୯ ବର୍ଷରୁ କମ୍ ବିଶ୍ୱକପ୍ ବିଜୟୀ ଅଧିନାୟକ ଉନ୍ମୁକ୍ତ ଚାନ୍ଦ୍ ପ୍ରଥମ ଭାରତୀୟ ହୋଇଛନ୍ତି। ମେଲବୋର୍ନ ରେନିଗେଡ୍ସ ତରଫରୁ ସେ ତାଙ୍କ ପଦାର୍ପଣ ମ୍ୟାଚ ଖେଳିଛନ୍ତି। ୨୮ ବର୍ଷୀୟ ଚାନ୍ଦ୍ ହେଉଛନ୍ତି ଜଣେ ଡାହାଣହାତୀ ବ୍ୟାଟ୍ସମ୍ୟାନ। ବିବିଏଲ୍‌ରେ ସେ ହୋବାର୍ଟ ହରିକେନ୍ସ ବିପକ୍ଷରେ ତାଙ୍କ ପଦାର୍ପଣ ମ୍ୟାଚ ଖେଳିଛନ୍ତି। ଚାନ୍ଦଙ୍କ ନେତୃତ୍ୱରେ ଭାରତ ୨୦୧୨ରେ ଅଷ୍ଟ୍ରେଲିଆରେ ଆଇସିସି ୧୯ ବର୍ଷରୁ କମ୍ ବିଶ୍ୱକପ୍ ଜିତିଥିଲା। ଗତ ବର୍ଷ ଅଗଷ୍ଟରେ ସେ ଭାରତୀୟ କ୍ରିକେଟର ସମସ୍ତ ଫର୍ମାଟରୁ ତାଙ୍କର ଅବସର ଘୋଷଣା କରିବା ପରେ ବିଦେଶରେ ଲିଗ୍ ଖେଳିବା ଲାଗି ଯୋଗ୍ୟ ବିବେଚିତ ହୋଇଥିଲେ।

## ଲକ୍ଷ୍ୟଙ୍କୁ କ୍ୟାରିୟର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍

**ନୂଆଦିଲ୍ଲୀ, ୧୮।୧ (ପି.ଟି.):** ସଦ୍ୟପ୍ରକାଶିତ ବିଶ୍ୱ ବ୍ୟାଡ୍‌ମିଣ୍ଟନ ର୍‍ୟାଙ୍କିଙ୍ଗରେ ଦୁଇଥର ଅଲିମ୍ପିକ ପଦକ ବିଜେତା ପି. ଭି. ସିନ୍ଧୁ ଓ ବିଶ୍ୱର ପୂର୍ବତନ ନମ୍ବରୱାନ ଖେଳାଳି କିଦାମ୍ବି ଶ୍ରୀକାନ୍ତଙ୍କ ସ୍ଥାନରେ କୌଣସି ପରିବର୍ତ୍ତନ ଘଟିନାହିଁ। ଇଣ୍ଡିଆନ ଓପନରେ ଭଲ ପ୍ରଦର୍ଶନ ପାଇଁ କିନ୍ତୁ ଭାରତର ପୁରୁଷ ଡବଲ୍ସ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ୮ମ ସ୍ଥାନରେ ପହଞ୍ଚିପାରିଛନ୍ତି। ଇଣ୍ଡିଆ ଓପନରେ ପୁରୁଷ ସିଙ୍ଗଲ୍ସ ଟାଇଟଲ ଜିତିବା ପରେ ଯୁବ ଖେଳାଳି ଲକ୍ଷ୍ୟ ସେନ୍ ତାଙ୍କ କ୍ୟାରିୟର ଶ୍ରେଷ୍ଠ ୧୩ତମ ସ୍ଥାନ ଅଧିକାର କରିଛନ୍ତି।

# ଭାରତ-ଦକ୍ଷିଣ ଆଫ୍ରିକା ପ୍ରଥମ ଦିନିକିଆ ଆଜି

**ପର୍ଲ,୧୮।୧**

ଦୀର୍ଘ ୭ ବର୍ଷ ପରେ ଅଧିନାୟକ ଭାବେ ନୁହେଁ, ଜଣେ ବ୍ୟାଟର ଭାବେ ବିରାଟ କୋହଲି ପ୍ରଥମଥର ପାଇଁ ପଡିଆକୁ ଓହ୍ଲାଇବାକୁ ଯାଉଛନ୍ତି। ସ୍ଥାନୀୟ ବୋଲାଣ୍ଡ ପାର୍କରେ ବୁଧବାର ଭାରତ ଓ ଘରୋଇ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଦିନିକିଆ ମ୍ୟାଚ୍ ଖେଳାଯିବ। କୋହଲି ବିନା ନେତୃତ୍ୱରେ ଜଣେ ବ୍ୟାଟର ଭାବେ ଲୋକେଶ ରାହୁଲଙ୍କ ଅଧିନାୟକତ୍ୱରେ ଖେଳିବେ। ତେଣୁ ଏହି ମ୍ୟାଚ୍‌ରେ କୋହଲିଙ୍କ ଉପରେ ସମସ୍ତଙ୍କ ନଜର ରହିବ। ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ଜଣେ ଅଧିନାୟକ ଭାବେ ରାହୁଲ ମଧ ପରୀକ୍ଷାର ସମ୍ମୁଖୀନ ହେବେ।

କୋହଲି ମିଡ୍‌ଲରେ ବ୍ୟାଟିଂ କରନ୍ତୁ ବା ବାଉଣ୍ଡରୀ ଲାଇନ୍‌ରେ ଫିଲ୍ଡିଂ କରନ୍ତୁ ତାଙ୍କ ଉପରେ ସମସ୍ତଙ୍କ ନଜର ରହିବ। ସେହିପରି କୋହଲିଙ୍କ ଉପସ୍ଥିତିରେ ରାହୁଲ ଦଳର ନେତୃତ୍ୱ କିପରି ନେଉଛନ୍ତି ତାହା ଉପରେ ମଧ ଫୋକସ ରହିବ। କୋହଲି ଏବେ ୩ଟି ଯାକ ଫର୍ମାଟର ନେତୃତ୍ୱ ଛାଡି ସାରିଛନ୍ତି। ଟି୨୦ ନେତୃତ୍ୱ ଛାଡିବାକୁ ସେ ନିଜେ ନିଷ୍ପତ୍ତି ନେଇଥିବା ବେଳେ ଦିନିକିଆରେ ତାଙ୍କୁ ହଟାଯାଇଥିଲା। ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ ପରାଜୟ ପରେ ସେ ସବୁଠାରୁ ଲମ୍ବା ଫର୍ମାଟର ନେତୃତ୍ୱ ଛାଡିଥିଲେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସହିତ ମତଭେଦକୁ ପଛରେ ପକାଇ କୋହଲି ଏକ ନୂଆ ଇନିଂସ ଆରମ୍ଭ କରନ୍ତୁ ବୋଲି ତାଙ୍କ ପ୍ରଶଂସକ ଓ ସାରା କ୍ରିକେଟ ଜଗତ ଆଶା କରୁଛି। ଦୀର୍ଘ ଦୁଇବର୍ଷ ହେବ ସେ କୌଣସି ଫର୍ମାଟ୍‌ରେ ଶତକ ଅର୍ଜନ କରିନାହାନ୍ତି। ତେଣୁ ଏହି ମ୍ୟାଚ୍‌ରେ ସେ ଶତକ ହାସଲ କରି ଦମ୍‌ଦାର ପ୍ରତ୍ୟାବର୍ତ୍ତନ କରନ୍ତୁ ବୋଲି ପ୍ରଶଂସକ ଚାହୁଁଛନ୍ତି। କୋହଲି ମଧ ଏହା ଭଲ ଭାବେ ହୃଦୟଙ୍ଗମ କରିଥିବେ।

> **ମ୍ୟାଚ୍ ଆରମ୍ଭ: ଅପରାହ୍ନ ୨ଟା**
> **ସ୍ଥାନ: ବୋଲାଣ୍ଡ ପାର୍କ, ପର୍ଲ**
> **ସିଧା ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

ଆହତ ହୋଇଥିବା ନିୟମିତ ଅଧିନାୟକ ରୋହିତ ଶର୍ମାଙ୍କ ଅନୁପସ୍ଥିତିରେ ରାହୁଲ ଦିନିକିଆ ଦଳର ନେତୃତ୍ୱ ନେଉଛନ୍ତି। ତେଣୁ ସେ ସିରିଜ ଓ ମ୍ୟାଚ୍‌ଗୁଡିକରେ କୋହଲିଙ୍କ ଠାରୁ ପରାମର୍ଶ ନେବେ ବୋଲି ଆଶା କରାଯାଉଛି। ଜଣେ ଉଚ୍ଚକୋଟୀର ବ୍ୟାଟ୍ସମ୍ୟାନ ହେବା ସହିତ କୋହଲି ଆମର ଲିଡର ହୋଇ ରହିବେ ବୋଲି ଉପ-ଅଧିନାୟକ ଯଶପ୍ରୀତ ବୁମ୍‌ରା ପୂର୍ବରୁ କହିଛନ୍ତି। ଗତ ଟେଷ୍ଟ ସିରିଜ ପରାଜୟକୁ ପଛରେ ପକାଇ ୨୦୨୩ ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ନୂଆ ନେତୃତ୍ୱ ଓ ସପୋର୍ଟ ଷ୍ଟାଫ୍ ସହିତ ଭାରତ ଏହି ସିରିଜ ଜିତିବାକୁ ଚାହିଁବ। ଏହାପୂର୍ବରୁ ଭାରତ ଗତ ମାର୍ଚ୍ଚରେ ପୂରା ସାମର୍ଥ୍ୟ ସହ ଖେଳିଥିଲା। ସେହିପରି ଜୁଲାଇରେ ଅବଶ୍ୟ ଏକ ଦ୍ୱିତୀୟସ୍ତରର ଭାରତୀୟ ଦଳ ଶ୍ରୀଲଙ୍କା ଗସ୍ତ କରିଥିଲା। ମିଡ୍‌ଲ ଅର୍ଡରରେ ନ ଆସି ରାହୁଲ ଶିଖର ଧାୱନଙ୍କ ସହ ଇନିଂସ ଓପନ କରିବେ ବୋଲି ପୂର୍ବରୁ କହିସାରିଛନ୍ତି। ଫଳରେ ଘରୋଇ କ୍ରିକେଟରେ ଦମ୍‌ଦାର ପ୍ରଦର୍ଶନ କରି ଦଳରେ ସ୍ଥାନ ପାଇଥିବା ଋତୁରାଜଙ୍କୁ ଦିନିକିଆ ପଦାର୍ପଣ ପାଇଁ ଆହୁରି କିଛି ଦିନ ଅପେକ୍ଷା କରିବାକୁ ପଡିବ। ଟି୨୦ ଦଳରୁ ବାଦ୍ ପଡିସାରିଥିବା ଧାୱନଙ୍କ ପାଇଁ ଏହି ସିରିଜ ବେଶ୍ ଗୁରୁତ୍ୱ ବହନ କରୁଛି। ଦିନିକିଆ ଦଳରେ ସ୍ଥାନ ବଜାୟ ରଖିବାକୁ ହେଲେ ଧାୱନଙ୍କୁ ଭଲ ଖେଳିବାକୁ ହେବ। କୋହଲି ପୂର୍ବପରି ୩ ନମ୍ବରରେ ବ୍ୟାଟିଂ କରିବେ। ତେବେ ୪ ନମ୍ବରରେ ସୂର୍ଯ୍ୟକୁମାର ଯାଦବ କିମ୍ବା ଶ୍ରେୟାସ ଆୟାରଙ୍କ ମଧ୍ୟରୁ ଜଣକୁ ସୁଯୋଗ ଦିଆଯିବ। ଋଷଭ ପନ୍ତ ୫ ନମ୍ବରରେ ବ୍ୟାଟିଂ କରିବା ଆଶା କରାଯାଉଛି। ସେହିପରି ୬ ନମ୍ବରରେ ଭେଙ୍କଟେଶ ଆୟାର ଅଲରାଉଣ୍ଡର ଭାବେ ଡେବ୍ୟୁ କରିବେ। ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ରେ ସେ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ସେ ଷଷ୍ଠ ବୋଲର ବିକଳ୍ପ ସୃଷ୍ଟି କରିଛନ୍ତି। ଦୁଇ ସ୍ପିନର ଯୁଜବେନ୍ଦ୍ର ଚହଲ ଓ ରବିଚନ୍ଦ୍ରନ ଅଶ୍ୱିନ ଖେଳିବେ । ଦୀର୍ଘ ୪ ବର୍ଷ ପରେ ଅଶ୍ୱିନ ଦିନିକିଆ ଫର୍ମାଟକୁ ପ୍ରତ୍ୟାବର୍ତ୍ତନ କରିବେ। ଦ୍ରୁତ ବୋଲିଂରେ ବୁମ୍‌ରା ଓ ଭୁବନେଶ୍ୱର କୁମାରଙ୍କ ଉପରେ ଦାୟିତ୍ୱ ରହିବ। ତୃତୀୟ ପେସର ଭାବେ ଦୀପକ ଚହର, ଶାର୍ଦ୍ଦୁଳ ଠାକୁର କିମ୍ବା ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ସୁଯୋଗ ମିଳିବ। ଗତ ଦକ୍ଷିଣ ଆଫ୍ରିକା ଗସ୍ତରେ ଭାରତ ୫-୧ରେ ଘରୋଇ ଦଳକୁ ଦିନିକିଆ ସିରିଜରେ ହରାଇଥିଲା। ଏହି ବିଜୟରୁ ଭାରତ ଆତ୍ମବିଶ୍ୱାସ ହାସଲ କରିବ।

ଅନ୍ୟପଟେ ଟେଷ୍ଟ ସିରିଜ ଜିତିଥିବାରୁ ଦକ୍ଷିଣ ଆଫ୍ରିକା ଦଳ ବେଶ୍ ଉତ୍ସାହିତ ଅଛି। ଘରୋଇ ଦଳ ମୋମେଣ୍ଟମ ବଜାୟ ରଖିବାକୁ ପ୍ରୟାସ କରିବ।

**ଭାରତୀୟ ଦଳ:** ଲୋକେଶ ରାହୁଲ (ଅଧିନାୟକ), ଯଶପ୍ରୀତ ବୁମ୍‌ରା, ଶିଖର ଧାୱନ, ଋତୁରାଜ ଗାଏକ୍ୱାଡ, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ଶ୍ରେୟାସ ଆୟାର, ଭେଙ୍କଟେଶ ଆୟାର, ଋଷଭ ପନ୍ତ (ଉଇକେଟ କିପର), ଈଶାନ କିଷନ (ଉଇକେଟକିପର), ଯୁଜବେନ୍ଦ୍ର ଚହଲ, ରବିଚନ୍ଦ୍ରନ ଅଶ୍ୱିନ, ଭୁବନେଶ୍ୱର କୁମାର, ଦୀପକ ଚହର, ପ୍ରସିଦ୍ଧ କ୍ରିଷ୍ଣା, ଶାର୍ଦ୍ଦୁଳ ଠାକୁର, ମହମ୍ମଦ ସିରାଜ, ଜୟନ୍ତ ଯାଦବ ଓ ନବଦୀପ ସଇନି।

**ଦକ୍ଷିଣ ଆଫ୍ରିକା ଦଳ:** ଟେମ୍ବା ବଭୁମା (ଅଧିନାୟକ), କେଶବ ମହାରାଜ, କ୍ୱିଣ୍ଟନ ଡି କକ (ଉଇକେଟକିପର), ଜୁବେର ହମ୍‌ଜା, ମାର୍କୋ ଜାନସେନ, ଜାନେମାନ ମଲନ, ସିସାଣ୍ଡା ମାଗାଲା, ଏଡେନ ମାରକ୍ରାମ, ଡେଭିଡ ମିଲର, ଲୁଙ୍ଗି ଏନ୍‌ଗିଡି, ୱେନ ପାର୍ନେଲ, ଆଣ୍ଡିଲ ଫେଲୁକ୍ୱାୟୋ, ଡ୍ୱେନ ପ୍ରିଟୋରିୟସ, କାଗିସୋ ରାବାଡ଼ା, ତାବରେଜ ଶାମସି, ରାସି ଭାନ ଡେର ଡୁସେନ ଓ କାଏଲ ଭେରେନ।



ପର୍ଲଠାରେ ମଙ୍ଗଳବାର ଅଭ୍ୟାସ ଅବସରରେ ଭାରତୀୟ ଖେଳାଳି।

## ଇଣ୍ଡିଆନ ମହାରାଜାର ନେତୃତ୍ୱ ନେବେ ସେହ୍ୱାଗ

**ମସ୍କଟ, ୧୮।୧ (ପି.ଟି.):** ହାଓଜାଟ ଲିଜେଣ୍ଡ୍ସ ଲିଗ୍ କ୍ରିକେଟ ଟି୨୦ ଟୁର୍ନାମେଣ୍ଟର ପ୍ରଥମ ସଂସ୍କରଣ ଏଠାରେ ଗୁରୁବାରଠାରୁ ଆରମ୍ଭ ହେବ। ପୂର୍ବତନ ବିସ୍ଫୋରକ ବ୍ୟାଟର ବୀରେନ୍ଦ୍ର ସେହ୍ୱାଗ 'ଇଣ୍ଡିଆନ ମହାରାଜା' ଦଳର ନେତୃତ୍ୱ ନେବେ। ଅତୀତରେ ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଓ କିଙ୍ଗ୍ସ ଇଲେଭେନ ପଞ୍ଜାବର ନେତୃତ୍ୱ ନେଇଥିବା ସେହ୍ୱାଗଙ୍କ ଡେପୁଟି ଭାବେ କାର୍ଯ୍ୟକରିବେ ମହମ୍ମଦ କୈଫ। ଅଷ୍ଟ୍ରେଲିଆର ପୂର୍ବତନ ବିଶ୍ୱକପ୍ ବିଜୟୀ କୋଚ୍ ଜନ୍ ବୁକାନନ ଦଳର କୋଚ୍ ଭାବେ କାର୍ଯ୍ୟ କରିବେ। ପାକିସ୍ତାନ, ଶ୍ରୀଲଙ୍କା, ବାଂଲାଦେଶ ଓ ଆଫଗାନିସ୍ତାନର ଖେଳାଳିଙ୍କୁ ନେଇ ଗଠିତ ଏସିଆ ଲାୟନ୍ସ ଦଳର ନେତୃତ୍ୱ ନେବେ ପାକିସ୍ତାନର ମିସ୍‌ବା ଉଲ୍ ହକ୍। ଏହି ଦଳରେ ସ୍ଥାନ ପାଇଥିବା ଟପ୍ ଖେଳାଳିଙ୍କ ମଧ୍ୟରେ ରହିଛନ୍ତି ଶାହିଦ ଆଫ୍ରିଦୀ, ଶୋଏବ ଅଖତର, ମହମଦ ହାଫିଜ୍, ଉଭର ଗୁଲ୍, ସନଥ ଜୟସୁରିଆ, ତିଲକରତ୍ନେ ଦିଲ୍‌ସାନ, ଚାମିଣ୍ଡା ଭାସ୍ ଓ ହବିବୁଲ୍ ବସାର। ଏସିଆନ ଲାୟନ୍ସ ତିଲକରତ୍ନେ ଦିଲ୍‌ସାନଙ୍କୁ ଉପଅଧିନାୟକ ଏବଂ ୧୯୯୬ ଆଇସିସି ବିଶ୍ୱକପ୍ ବିଜୟୀ ଅଧିନାୟକ ଅର୍ଜୁନ ରଣତୁଙ୍ଗାଙ୍କୁ କୋଚ୍ ନିଯୁକ୍ତି ଦେଇଛି। ୱେଷ୍ଟଇଣ୍ଡିଜର ପୂର୍ବତନ ଅଧିନାୟକ ଡାରେନ ସାମି ୱାର୍ଲ୍ଡ ଜିଆଣ୍ଟ୍ସ ଟିମ୍‌ର ଅଧିନାୟତ୍ୱ କରିବେ।

# ପାୟୋନିୟର ଫାଇନାଲରେ

**ନିମାପଡ଼ା,୧୮।୧(ଡି.ଏନ୍.ଏ.)**

ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଚାଲିଥିବା ୧୩ତମ ସର୍ବଭାରତୀୟ ନିମାପଡ଼ା କପ୍ କ୍ରିକେଟ ପ୍ରତିଯୋଗିତାର ମଙ୍ଗଳବାର ପ୍ରଥମ ସେମିଫାଇନାଲ ମ୍ୟାଚ ହୋଇଥିଲା। ଏଥିରେ ଖୋର୍ଦ୍ଧା କ୍ରିକେଟ କ୍ଲବ(କେସିସି)କୁ ହରାଇ ପୁରୀର ପାୟୋନିୟର କ୍ଲବ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି ପାୟୋନିୟର ନିର୍ଦ୍ଧାରିତ ୩୦ ଓଭରରେ ୯ ଉଇକେଟ ହରାଇ ୨୦୪ ରନ କରିଥିଲା। ଦଳ ପକ୍ଷରୁ ଦିବ୍ୟଜ୍ୟୋତି ରଥ ଧୂଆଁଧାର ବ୍ୟାଟିଂ କରି ଶତକ ହାସଲ କରିଥିବା ବେଳେ ଦିନେଶ ସାହୁ ୨୨ ଓ ଭାଗୀରଥି ବେହେରା ୨୨ରନ କରିଥିଲେ। ଜବାବରେ କେସିସି ଟିମ୍ ୨୧.୫ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୯୯ ରନ କରିଥିଲା। ଦଳ ପକ୍ଷରୁ ଆଚାର୍ଯ୍ୟ ଭଟ୍ଟ ସର୍ବାଧିକ ୨୫ ରନ କରିଥିଲେ। ପାୟୋନିୟର ବୋଲର ପବିତ୍ର ବିଶୋଇ ଓ ଦିନେଶ ସାହୁ ୩ଟିଇ ଲେଖାଏ ଏବଂ ଅୟଶକାନ୍ତ ମହାନ୍ତି ୨ଟି ଉଇକେଟ ନେଇଥିଲେ। ମ୍ୟାଚରେ ଅତିଥି ଭାବେ ପୁରୀ ଆଥ୍‌ଲେଟିକ ଆସୋସିଏଶନ କ୍ରିକେଟ ସମ୍ପାଦକ ଜଗଦୀଶ ଚନ୍ଦ୍ର ରାଉତରାୟ, କ୍ରୀଡ଼ାବିତ ମହେନ୍ଦ୍ର ସିଂ ଭାଟିଆ, ଅକ୍ଷୟ ବେହେରା ପ୍ରମୁଖ ଯୋଗଦେଇଥିଲେ। ବିଜୟୀ ଦଳର ଦିବ୍ୟଜ୍ୟୋତି ରଥଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ଅମ୍ପାୟର ନିର୍ମଳ ମିଶ୍ର ଓ ଅଭିନନ୍ଦନ ପାତ୍ର ମ୍ୟାଚ ପରିଚାଳନା କରିଥିଲେ।



ଦିବ୍ୟଜ୍ୟୋତି ରଥଙ୍କୁ ଅତିଥି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।

# ତିନି ଫର୍ମାଟ ପାଇଁ ଜଣେ ଅଧିନାୟକ

**ଗୌତମ ଗମ୍ଭୀର**

ସୋସିଆଲ ମିଡିଆରେ ଶିଖର ଧାୱନଙ୍କ ଭଲ କାଟ୍ତି ରହିଛି। କେବଳ ଇନ୍‌ଷ୍ଟାଗ୍ରାମ୍‌ରେ ତାଙ୍କ ଫଲୋୟର୍ସଙ୍କ ସଂଖ୍ୟା ୧୦ନିୟୁତ ପାଖାପାଖି, ଯାହାକି ତାଙ୍କ ବାସସ୍ଥାନ ଗୁରୁଗ୍ରାମ ଲୋକସଂଖ୍ୟାଠାରୁ ୧୦ଗୁଣାରୁ ଅଧିକ ହେବ। ତାଙ୍କ ଇନ୍‌ଷ୍ଟା ହ୍ୟାଣ୍ଡେଲକୁ ପ୍ରତ୍ୟେକେ ଉପଭୋଗ କରିପାରିବେ। ସେଥିରେ ଫିଟ୍‌ନେସ୍ ଭିଡିଓମାନ ରହିଛି। ତାଙ୍କ ମା'ଙ୍କ ଜନ୍ମ ଦିବସରେ ମା'ଙ୍କ ସହିତ ନୃତ୍ୟ କରିବାର ଭିଡିଓ ଅତି ସୁନ୍ଦର ଥିଲା। ଯୁଜବେନ୍ଦ୍ର ଚହଲ ତାଙ୍କ ମାଂସପେଶୀ ପ୍ରଦର୍ଶନ କରୁଥିବା ଦୃଶ୍ୟ ମୋତେ ଭଲ ଲାଗିଥିଲା। ଅନ୍ୟ ଏକ ଭିଡିଓରେ ଶିଖର ସମ୍ଭବତଃ ତାଙ୍କ ଗୁରୁଙ୍କ ସହିତ ବଂଶୀବାଦନର ଦୃଶ୍ୟ ମୋତେ ପ୍ରଭାବିତ କରିଥିଲା। ଧାୱନ ଏହିଭଳି ଅନେକ ମଜାଦାର ଭିଡିଓ ତାଙ୍କ ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡେଲ ଜରିଆରେ ଶେୟାର କରିଛନ୍ତି। ସୋସିଆଲ ମିଡିଆରେ ଧାୱନ ଯେପରି ଫର୍ମରେ ଅଛନ୍ତି ତାହାକୁ ପଡ଼ିଆରେ ରୂପାନ୍ତରିତ କଲେ ବାସ୍ତବିକ୍ ସ୍ୱାଗତଯୋଗ୍ୟ ହୁଅନ୍ତା। ସମାଲୋଚକଙ୍କ ମୁହଁ ବନ୍ଦ କରିଦେବା ଲାଗି ଦକ୍ଷିଣ ଆଫ୍ରିକା ବିପକ୍ଷ ସୀମିତ ଓଭର ସିରିଜରେ ତାଙ୍କ ପାଇଁ ବଡ଼ ସୁଯୋଗ ରହିଛି। ଶିଖରଙ୍କୁ ବର୍ତ୍ତମାନ ୩୬ ବର୍ଷ ବୟସ। ବିଜୟ ହଜାରେ ଟୁର୍ଣ୍ଣାମେଣ୍ଟରେ ମଧ ସେ ଭଲ ପ୍ରଦର୍ଶନ କରିପାରି ନାହାନ୍ତି। ତାଙ୍କଠାରୁ ଆଉ ଭଲ ଖେଳ ଆଶା କରାଯାଏ ନାହିଁ ବୋଲି ସମାଲୋଚକମାନେ କହିପାରନ୍ତି। କିନ୍ତୁ ତାଙ୍କ ପ୍ରଦର୍ଶନ ଉପରେ ମୋର ଭରସା ରହିଛି। ଧାୱନଙ୍କୁ ଯଦି ଚୂଡ଼ାନ୍ତ ଏକାଦଶରେ ସାମିଲ କରା ନ ଯାଏ ତେବେ ମୋ ମନରେ ନାନା ପ୍ରଶ୍ନ ଉଙ୍କିମାରିବ। ଏଭଳି ଜଣେ କ୍ରିକେଟରଙ୍କୁ ଯଦି ଖେଳା ନ ଯାଏ ତେବେ ତାଙ୍କୁ ଦକ୍ଷିଣ ଆଫ୍ରିକା ପଠାଯିବାର ମାନେ କିଛି ନାହିଁ। କେ.ଏଲ୍. ରାହୁଲ, ଶିଖର ଓ ବିରାଟ କୋହଲିଙ୍କ ପରେ ଭାରତ ୪ ନମ୍ବରରେ ସୂର୍ଯ୍ୟକୁମାର ଯାଦବ, ୫ ନମ୍ବରରେ ଶ୍ରେୟାସ ଆୟାର ଓ ୬ ନମ୍ବରରେ ଋଷଭ ପନ୍ତଙ୍କୁ ଖେଳାଇବା ଆବଶ୍ୟକ। ବୋଲିଂ ବିଭାଗରେ ଅଭିଜ୍ଞ ଆର୍. ଅଶ୍ୱିନ ଓ ଅନ୍ୟତମ ସ୍ପିନର ଭାବେ ଚହଲଙ୍କୁ ନିଆଯିବା ଦରକାର। ଫାଷ୍ଟ ବୋଲିଂ ଦାୟିତ୍ୱ ଭୁବନେଶ୍ୱର କୁମାର, ପ୍ରସିଦ୍ଧ କ୍ରିଷ୍ଣା ଓ ଯଶପ୍ରୀତ ବୁମ୍‌ରାଙ୍କ ଉପରେ ନ୍ୟସ୍ତ କରାଯିବା ଉଚିତ। ଦକ୍ଷିଣ ଆଫ୍ରିକାର ବାଉନ୍ସ ପିଚ୍ ପ୍ରସିଦ୍ଧଙ୍କୁ ବିଶେଷ ସୁହାଇବ। ତାଙ୍କ ପ୍ରଦର୍ଶନକୁ ମୋର ଅପେକ୍ଷା ରହିଛି। ଅନ୍ତିମ ଟେଷ୍ଟ ମ୍ୟାଚ ଓ ଅନ୍ତର୍ଜାତୀୟ ଦିନିକିଆ ସିରିଜ ମଧ୍ୟରେ ଟେଷ୍ଟ ଅଧିନାୟକତ୍ୱରୁ ବିରାଟଙ୍କ ଇସ୍ତଫା ଏକ ବଡ଼ ଘଟଣା। ତାଙ୍କର ଏହି ନିଷ୍ପତ୍ତିକୁ ନେଇ ବ୍ୟକ୍ତିଗତ ଭିନ୍ନ ଭିନ୍ନ ମତ ରହିବ। ହ୍ୱାଇଟ ବଲ୍ କ୍ରିକେଟରେ ବିରାଟ ମିଡ୍‌ଲ ଅର୍ଡରରେ ଉପଯୋଗୀ ସାବ୍ୟସ୍ତ ହେବେ ମୋର ଧାରଣା। ବର୍ତ୍ତମାନ ପରିସ୍ଥିତିରେ ରୋହିତ ଶର୍ମାଙ୍କୁ ସମସ୍ତ ଫର୍ମାଟରେ ଭାରତର ଅଧିନାୟକ ଦାୟିତ୍ୱ ଏବଂ ରାହୁଲଙ୍କୁ ତାଙ୍କ ଡେପୁଟି ଦାୟିତ୍ୱ ପ୍ରଦାନ କରଯିବା ଉଚିତ। ସମସ୍ତ ଫର୍ମାଟରେ ଜଣେ ଅଧିନାୟକଙ୍କୁ ନିଯୁକ୍ତି ଦିଆଯିବା ଦ୍ୱାରା ଭାରତୀୟ ଦଳର ଆଭିମୁଖ୍ୟ ଓ ଶୈଳୀରେ ସ୍ଥିରତା ବଜାୟ ରଖିହେବ। ଚଳିତବର୍ଷ ଆମକୁ ଆଉ ଏକ ଟି୨୦ ବିଶ୍ୱକପ୍‌ରେ ଭାଗ ନେବାକୁ ଥିବାରୁ ଏହାର ଗୁରୁତ୍ୱ ରହିଛି। **(ଦୀନେଶ ଚୋପ୍ରା ମିଡିଆ/ଗେମ୍‌ପ୍ଲାନ୍)**




# ଲେୱାଣ୍ଡୋସ୍କି ଫିଫା ଶ୍ରେଷ୍ଠ ଖେଳାଳି

**ଜୁରୁକ,୧୮।୧**

ପୋଲାଣ୍ଡ ତାରକା ଫୁଟବଲର ତଥା ବେୟର୍ନ ମ୍ୟୁନିକ୍ ଫରୱାର୍ଡ ରବର୍ଟ ଲେୱାଣ୍ଡୋସ୍କି ଏଥର ଫିଫା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଗତ ବର୍ଷ ମଧ ସେ ଏହି ପୁରସ୍କାର ହାସଲ କରିଥିଲେ। ଏହି କ୍ରମରେ ସେ ଆର୍ଜେଣ୍ଟିନା ସୁପରଷ୍ଟାର ଲିଓନେଲ ମେସି ଓ ଇଜିପ୍ଟ ଫୁଟବଲର ତଥା ଲିଭରପୁଲ ଫରୱାର୍ଡ ମହମ୍ମଦ ସଲାହଙ୍କୁ ପଛରେ ପକାଇଛନ୍ତି। ଗତ ମାସ ବାଲନ ଡି'ଅର ପୁରସ୍କାର ହାସଲ କରିବାରୁ ବଞ୍ଚିତ ହୋଇଥିବା ଲେୱାଣ୍ଡୋସ୍କି ମେସିଙ୍କ ପଛକୁ ରହି ଦ୍ୱିତୀୟ ସ୍ଥାନରେ ରହିଥିଲେ। କିନ୍ତୁ ଫିଫା ପୁରସ୍କାରରେ ସେ ସମସ୍ତଙ୍କ ଆଗରେ ରହି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଏହି ତାଲିକାରେ ମେସି ଦ୍ୱିତୀୟ ଓ ସଲାହ ତୃତୀୟ ସ୍ଥାନରେ ରହିଛନ୍ତି।

> **ମେସି, ସଲାହଙ୍କୁ ପଛରେ ପକାଇଲେ**

ପୁରସ୍କାର ପାଇବା ପରେ ଲେୱାଣ୍ଡୋସ୍କି ଖୁସି ପ୍ରକାଶ କରିଛନ୍ତି। ଜୁରିକସ୍ଥିତ ଫିଫା ମୁଖ୍ୟ କାର୍ଯ୍ୟାଳୟରେ ସୋମବାର ଆୟୋଜିତ ଏକ ଅନଲାଇନ୍ ଉତ୍ସବରେ କ୍ଲବ ଅଫିସିଆଲମାନେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ପାଇଁ ୨୦୦ଟି ଦେଶର ଟିମ୍ ଅଧିନାୟକ, କୋଚ୍ ଓ ଗଣମାଧ୍ୟମର ବଛାବଛା ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ ଓ ଲେୱାଣ୍ଡୋସ୍କିଙ୍କୁ ପସନ୍ଦ କରିଥିଲେ। ତେବେ ମେସି ବିଶ୍ୱବ୍ୟାପୀ ପ୍ରଶଂସକଙ୍କ ପ୍ରଥମ ପସନ୍ଦ ଥିଲେ। ସେ ଲେୱାଣ୍ଡୋସ୍କିଙ୍କଠାରୁ ଦୁଇଗୁଣରୁ ଅଧିକ ସଂଖ୍ୟକ ଭୋଟ୍ ପ୍ରଶଂସକଙ୍କଠାରୁ ପାଇଥିଲେ।

ସେହିପରି ମହିଳା ବିଭାଗରେ ବାଲନ ଡି'ଅର ପୁରସ୍କାର ହାସଲ କରିଥିବା ସ୍ପାନିଶ ମହିଳା ଫୁଟବଲର ଆଲେକ୍ସିଆ ପୁଟେଲାସ ବାଜି ମାରିଛନ୍ତି। ସେ ଶ୍ରେଷ୍ଠ ଫିଫା ମହିଳା ଫୁଟବଲର ଭାବେ ପୁରସ୍କୃତ ହୋଇଛନ୍ତି। ପୁଟେଲାସଙ୍କ ନେତୃତ୍ୱରେ ବାର୍ସିଲୋନା ପ୍ରଥମ ମହିଳା ଚାମ୍ପିୟନ୍ସ ଲିଗ୍ ଟାଇଟଲ ହାସଲ କରିଥିଲା। ତାଙ୍କ ଟିମ୍‌ମେଟ ଜେନିଫର ହେରମୋସୋ ପୁରସ୍କାର ପାଇଁ ହୋଇଥିବା ମତଦାନରେ ତୃତୀୟ ସ୍ଥାନରେ ରହିଥିଲେ। ଚେଲସିର ସାମ କେର ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

ଅନ୍ୟପଟେ ଚେଲସି ସବୁ କୋଚିଂ ପୁରସ୍କାର ହାସଲ କରିଛି। ପୁରୁଷ ବିଭାଗରେ ଥୋମାସ ଟଚେଲ ଓ ମହିଳା ବିଭାଗରେ ଇମା ହେଜ ଶ୍ରେଷ୍ଠ କୋଚ୍ ବିବେଚିତ ହୋଇଛନ୍ତି। ଇଟାଲୀର କୋଚ୍ ରୋବେର୍ଟୋ ମାନ୍‌ସିନି ମତଦାନରେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ତାଙ୍କ ତତ୍ତ୍ୱାବଧାନରେ ଇଟାଲୀ ୟୁରୋପିଆନ ଚାମ୍ପିୟନଶିପ ଟାଇଟଲ ହାସଲ କରିଥିଲା। ସେହିପରି ଡେନମାର୍କ ଖେଳାଳି ଓ ମେଡିକାଲ ଷ୍ଟାଫ୍‌ଙ୍କୁ ଫେୟାର ପ୍ଲେ ପୁରସ୍କାର ପ୍ରଦାନ କରାଯାଇଛି। ଶ୍ରେଷ୍ଠ ଗୋଲ କିପର ଭାବେ ଚେଲସିର ଏଡୋୱାର୍ଡୋ ମେଣ୍ଡି ପୁରସ୍କୃତ ହୋଇଛନ୍ତି। ଶ୍ରେଷ୍ଠ ଗୋଲ ତଥା ପୁସ୍‌କାସ ପୁରସ୍କାର ପାଇଛନ୍ତି ଏରିକ ଲାମେଲା।





ଆଲେକ୍ସିଆ ପୁଟେଲାସ ଓ ରବର୍ଟ ଲେୱାଣ୍ଡୋସ୍କି।

# ପଞ୍ଚମକୁ ଉଠିଲା ଓଡ଼ିଶା ଏଫ୍‌ସି

**ଫତୋର୍ଦା, ୧୮।୧**

ଇଣ୍ଡିଆନ ସୁପର ଲିଗ୍‌ର ମଙ୍ଗଳବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ଏଫ୍‌ସି ୨-୦ ଗୋଲରେ ନର୍ଥଇଷ୍ଟ ୟୁନାଇଟେଡକୁ ପରାସ୍ତ କରିଛି। ଭୁବନେଶ୍ୱର ଭିତ୍ତିକ ଓଡ଼ିଶା ଦଳ ପକ୍ଷରୁ ୧୭ତମ ମିନିଟରେ ଡାନିଏଲ ଲାଲହଲିମପୁଇଆ ଓ ୨୨ତମ ମିନିଟରେ ଆରିଡାଇ କାବ୍ରେରା ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହି ବିଜୟ ଫଳରେ ଓଡ଼ିଶା ଏଫ୍‌ସି ପଏଣ୍ଟ ଟେବୁଲର ୫ମ ସ୍ଥାନକୁ ଲମ୍ଫ ମାରିଛି। ପୂର୍ବରୁ ଏହି ଦଳ ୯ମ ସ୍ଥାନରେ ଥିଲା। ୧୧ ମ୍ୟାଚରୁ ୫ ବିଜୟ, ୫ ପରାଜୟ ଓ ୧ ଡ୍ର ସହ ଦଳ ୧୬ ପଏଣ୍ଟରେ ପହଞ୍ଚିଛି। ଅନ୍ୟପକ୍ଷରେ ନର୍ଥଇଷ୍ଟ ୧୨ ମ୍ୟାଚରୁ ୭ମ ପରାଜୟ ସହ ୧୦ମ ସ୍ଥାନରେ ଅପରିବର୍ତ୍ତିତ ରହିଛି। ଦଳ ୯ ପଏଣ୍ଟ ପାଇଛି।



ଫତୋର୍ଦାଠାରେ ମଙ୍ଗଳବାର ଓଡ଼ିଶା ଏଫ୍‌ସି ଓ ନର୍ଥଇଷ୍ଟ ୟୁନାଇଟେଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜାନୁୟାରୀ ୧୯/୨୦୨୨ (୮+୮=୧୬ ପୃଷ୍ଠା) | Bhubaneswar, Wednesday, January 19/2022 | ପୃଷ୍ଠା-୧



**ମୁରେଙ୍କ କଷ୍ଟସାଧ୍ୟ ବିଜୟ**

ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ କଷ୍ଟସାଧ୍ୟ ବିଜୟ ହାସଲ କରିଛନ୍ତି ବ୍ରିଟେନର ଆଣ୍ଡି ମୁରେ।

୦୮

୦୭

**ଜ୍ୟାକଲିନ୍‌ଙ୍କ ହାତରୁ ଗଲା ବଡ଼ ଫିଲ୍ମ**

ମନିଲଣ୍ଡରିଂ ମାମଲାରେ ଫସିବା ପରେ ଅଭିନେତ୍ରୀ ଜ୍ୟାକଲିନ୍ ଫର୍ଣାଣ୍ଡିଜ୍‌ଙ୍କୁ ନିର୍ଦ୍ଦେଶକ ଅକ୍କିନେନୀ ନାଗାର୍ଜୁନଙ୍କ ଫିଲ୍ମ 'ଦ ଘୋଷ୍ଟ'ରୁ ହଟାଇ ଦିଆଯାଇଥିବା ଚର୍ଚ୍ଚା ହେଉଛି।



# ଓଡ଼ିଶାରେ କ୍ଷୁଧାମୃତ୍ୟୁ ନାହିଁ

## ସୁପ୍ରିମକୋର୍ଟଙ୍କୁ ଜଣାଇଲା ରାଜ୍ୟ

**ନୂଆଦିଲ୍ଲୀ,୧୮।୧**

ଓଡ଼ିଶାରେ କେହି ଜଣେ ହେଲେ କ୍ଷୁଧାରେ ପ୍ରାଣ ହରାଇ ନ ଥିବା ରାଜ୍ୟ ସରକାର ମଙ୍ଗଳବାର ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ତେବେ ରାଜ୍ୟର ସମସ୍ତ ଜିଲାରୁ ୫ ବର୍ଷରୁ କମ୍ ୧,୪୨୯ ପିଲା କୁପୋଷଣର ଶିକାର ହୋଇଛନ୍ତି। କୁପୋଷଣ ଦୂର ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଇଥିବା ସତ୍ୟପାଠ ଜରିଆରେ ସର୍ବୋଚ୍ଚ ଅଦାଲତଙ୍କୁ ଜଣାଇଦିଆଯାଇଛି। ଅପପୁଷ୍ଟିର ଶିକାର ପିଲାମାନଙ୍କୁ ଅତିରିକ୍ତ ପୋଷକ ତତ୍ତ୍ୱ ଯୋଗାଇ ଦିଆଯାଉଛି। ସୂଚନାଯୋଗ୍ୟ, କ୍ଷୁଧାମୃତ୍ୟୁ ରିପୋର୍ଟ ଦେବା ଲାଗି ଗତବର୍ଷ ଅକ୍ଟୋବରରେ ସୁପ୍ରିମକୋର୍ଟ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟକୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ କ୍ଷୁଧା ଦୂର ଲାଗି ମଡେଲ ଗୋଷ୍ଠୀ ରୋଷଶାଳା ଯୋଜନା ପ୍ରସ୍ତୁତ କରିବାକୁ ମଙ୍ଗଳବାର ପରାମର୍ଶ ଦେଇଛନ୍ତି।



## ଗୋଷ୍ଠୀ ରୋଷଶାଳା ଯୋଜନା ଲାଗି କେନ୍ଦ୍ରକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୮।୧(ଆଇଏଏନ୍‌ଏସ୍)**

କ୍ଷୁଧା ମୃତ୍ୟୁ ସମ୍ପର୍କରେ କୌଣସି ରିପୋର୍ଟ କରାଯାଉ ନ ଥିବାରୁ ସୁପ୍ରିମକୋର୍ଟ ମଙ୍ଗଳବାର କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ତେବେ ଦେଶରେ କ୍ଷୁଧା ମୃତ୍ୟୁ ହେଉ ନ ଥିବା ଏଥିରୁ ବୁଝିବାକୁ ହେବ କି ବୋଲି ସର୍ବୋଚ୍ଚ ଅଦାଲତ ଜାଣିବାକୁ ଚାହିଁଛନ୍ତି। କ୍ଷୁଧା ମୃତ୍ୟୁର ସଦ୍ୟତମ ରିପୋର୍ଟ ଦାଖଲ କରିବା ସହ କ୍ଷୁଧିତଙ୍କୁ ଖାଦ୍ୟ ଯୋଗାଇବା ଲାଗି ଗୋଷ୍ଠୀ ରୋଷଶାଳା ମଡେଲ ଯୋଜନା ପ୍ରସ୍ତୁତ କରିବା ନିମନ୍ତେ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଦେଶରୁ କ୍ଷୁଧା ଓ କୁପୋଷଣ ଦୂର କରିବାରେ ଏହା ସହାୟକ ହୋଇପାରିବ।

କ୍ଷୁଧା ମୃତ୍ୟୁ ସମ୍ପର୍କିତ ସଦ୍ୟତମ ତଥ୍ୟ କେନ୍ଦ୍ର ସରକାର ଆମକୁ ଦେବା ଉଚିତ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ ଏ.ଏସ୍. ☞ପୃଷ୍ଠା-୬



ଜମ୍ମୁରେ ଆସନ୍ତା ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ମଙ୍ଗଳବାର ଜମ୍ମୁ-କଶ୍ମୀର ପୋଲିସର ମହିଳା ଡେୟାରଡେଭିଲ୍ସଙ୍କ ମୋଟରସାଇକେଲ ଷ୍ଟଣ୍ଟ ଅଭ୍ୟାସ।

# କ୍ଷତିପୂରକ ଜଙ୍ଗଲ ପାଇଁ ଲ୍ୟାଣ୍ଡ ବ୍ୟାଙ୍କ

## ୧ ହେକ୍ଟର ପ୍ରକଳ୍ପ ପାଇଁ ଡିଏଫ୍‌ଓ ଅନୁମତି ଦେବେ

**ଭୁବନେଶ୍ୱର,୧୮।୧(ବ୍ୟୁରୋ)**

ଶିଳ୍ପ, ରାସ୍ତାଘାଟ ନିର୍ମାଣ, ଜଳସେଚନ, ଆବାସିକ ସ୍ଥଳ ପାଇଁ ରାଜ୍ୟରେ ବହୁ ପରିମାଣରେ ବୃକ୍ଷକୁ ବଳି ଦେବାକୁ ପଡୁଛି। ଏଥିଯୋଗୁ ଜଙ୍ଗଲ କ୍ରମଶଃ ଧ୍ୱଂସହୋଇ ଯାଉଛି। ଫଳରେ ପରିବେଶ ଅସନ୍ତୁଳନ ବଢ଼ିବାରେ ଲାଗିଛି । ରାଜ୍ୟରେ କଟାଯାଉଥିବା ବୃକ୍ଷର ଭରଣା କରିବା ପାଇଁ କ୍ଷତିପୂରକ ବନୀକରଣ ସକାଶେ ରାଜ୍ୟ ସରକାର ଲ୍ୟାଣ୍ଡ ବ୍ୟାଙ୍କ ଗଠନ କରିବେ। ମଙ୍ଗଳବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏଥିସହିତ ରାଜ୍ୟରେ ବିଭିନ୍ନ ପ୍ରକଳ୍ପ ପାଇଁ ଜଙ୍ଗଲ ଜମି ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରିବା ନିମନ୍ତେ ଆସୁଥିବା ପ୍ରସ୍ତାବଗୁଡ଼ିକ ସକାଶେ ଏକ ସ୍ୱତନ୍ତ୍ର ଅନ୍‌ଲାଇନ ସଫ୍ଟୱେର ବିକାଶ କରିବାକୁ ନିଷ୍ପତ୍ତି ହୋଇଛି। ଏହାଦ୍ୱାରା ପରିବେଶ ମଞ୍ଜୁରୀ ପ୍ରସ୍ତାବ ଆରମ୍ଭରୁ ସାର୍ଟିଫିକେଟ ପ୍ରଦାନ ଯାଏ ଅନ୍‌ଲାଇନ ଜରିଆରେ କରାଯାଇ ପାରିବ। ରାଜ୍ୟରେ ଜଟିଳ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ବିକାଶ ପାଇଁ ଜଙ୍ଗଲ ଆଇନରେ ଥିବା ଶେଷ ବିକଳ୍ପକୁ ବ୍ୟବହାର କରିବାକୁ ମୁଖ୍ୟ ଶାସନ ସଚିବ ବିଭିନ୍ନ ବିଭାଗକୁ ପରାମର୍ଶ ଦେଇଛନ୍ତି। ଜଙ୍ଗଲ ଆଇନ ବିଷୟରେ ଅପ୍‌ଡେଟ ହେବା ପାଇଁ ନିୟମିତ ବ୍ୟବଧାନରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅଧିକାରୀ ଏବଂ ରାଜସ୍ୱ ବିଭାଗ ଅଧିକାରୀମାନଙ୍କୁ ନେଇ ଏକ କର୍ମଶାଳା ଆୟୋଜନ କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା ଜଙ୍ଗଲ ଅଧିକାର ଆଇନ(ଏଫ୍‌ଆରଏ) ଅଧୀନରେ ୧୩ ପ୍ରକାର ଅତ୍ୟାବଶ୍ୟକ ପ୍ରକଳ୍ପ ସ୍କୁଲ, ଡାକ୍ତରଖାନା, ସରକାରୀ ଖୁଚୁରା ଦୋକାନ, ବିଦ୍ୟୁତ୍ ଓ ଟେଲିଫୋନ, ପାନୀୟ ଜଳ ପ୍ରକଳ୍ପ, କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, କେନାଲ, ଜଳ ଅମଳ ପ୍ରକଳ୍ପ, ସବୁଜଶକ୍ତି ପ୍ରକଳ୍ପ, ଦକ୍ଷତା ବିକାଶ ତାଲିମ କେନ୍ଦ୍ର, ରାସ୍ତା, ଗୋଷ୍ଠୀକେନ୍ଦ୍ର ଭଳି ପ୍ରକଳ୍ପ ପାଇଁ ୧ ହେକ୍ଟର ଜମିର ଆବଶ୍ୟକତା ପଡ଼ିଥାଏ। ସେଭଳି ପ୍ରକଳ୍ପକୁ ଜିଲା ବନ ଅଧିକାରୀ(ଡିଏଫ୍‌ଓ) ଅନୁମତି ଦେଇ ପାରିବେ ବୋଲି କହିଥିଲେ। ପରିବେଶ ସନ୍ତୁଳନ ପାଇଁ ଆବଶ୍ୟକ ବନୀକରଣ ସକାଶେ ଜଙ୍ଗଲ ବିଭାଗ ଅଧିକାରୀମାନେ ଉପଯୁକ୍ତ ଜମି ଚିହ୍ନଟ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବନ ସଂରକ୍ଷକ(ପିସିସିଏଫ୍) ଶିଶିର କୁମାର ରଥୋ କ୍ଷତିପୂରକ ବନୀକରଣ ପାଇଁ ଅବ୍ୟବହୃତ ଅନାବାଦୀ ଜମି, ପତରା ଜଙ୍ଗଲ, ଝାଡ଼ ଜଙ୍ଗଲ ଇତ୍ୟାଦିକୁ ବ୍ୟବହାର କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି।

ଏହି ବୈଠକରେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ଜଳସମ୍ପଦ ବିଭାଗ ☞ପୃଷ୍ଠା-୬

# ଲିଜ୍‌ଧାରୀଙ୍କୁ ୧୦ କୋଟି ଜରିମାନା

## ଆରୁହା ପାହାଡ଼ କଳାପଥର ଲୁଟ୍ ମାମଲା

**ଯାଜପୁର ଅଫିସ,୧୮।୧**

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ବହୁଚର୍ଚ୍ଚିତ ଆରୁହା ପାହାଡ଼ରୁ କଳାପଥର ଲୁଟ୍ ଓ ଜାଲିଆତି ଅଭିଯୋଗର ଲୋକାୟୁକ୍ତ ମାମଲା ଭିନ୍ନମୋଡ ନେଇଛି। ଏହି ମାମଲାରେ ପ୍ରାୟ ୧୦ ଅଧିକାରୀ ଓ କର୍ମଚାରୀ ଛନ୍ଦି ହୋଇଛନ୍ତି। ସେମାନେ ମାମଲାରୁ ମୁକ୍ତି ପାଇବାକୁ ଏକ ନୂଆ ଯୋଜନା ପ୍ରସ୍ତୁତ କରିଥିବା ଅନୁମାନ କରାଯାଉଛି। ଧର୍ମଶାଳା ତହସିଲ କାର୍ଯ୍ୟାଳୟରୁ ୨୯।୯।୨୦୨୧ରେ ଲିଜ୍‌ଧାରୀଙ୍କୁ ୨ଟି ନୋଟିସରେ ୧୦.୦୨ କୋଟି ଟଙ୍କା ଜରିମାନା ନିର୍ଦ୍ଦେଶ ହୋଇଛି। ତେବେ ଏହି ନୋଟିସକୁ ଫାଇଲରେ ଚାପି ରଖି ଗତ ୫ ଦିନ ହେଲା ଲିଜ୍‌ଧାରୀ ତ୍ରିନାଥ ଜେନାଙ୍କୁ ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ପୁରୁଣା ତାରିଖରେ ଜରିମାନା ନୋଟିସ ଜାରି ହୋଇଛି କିମ୍ବା ଜାଣିଶୁଣି ସାଢେ ୩ ମାସ ପର୍ଯ୍ୟନ୍ତ ଏହି ନୋଟିସକୁ ଚାପି ରଖାଯାଇ ଲିଜ୍‌ଧାରୀଙ୍କୁ ସୁରକ୍ଷା ଦିଆଯାଉଥିଲା ବୋଲି ଅଭିଯୋଗକାରୀ ପ୍ରଶ୍ନ କରିଛନ୍ତି।

ଲୋକାୟୁକ୍ତରେ ଆରୁହା କଳାପଥର ଲୁଟ୍ ଅଭିଯୋଗକୁ ନେଇ ଏକ ମାମଲା(ନଂ.୧୩୫୫/୨୦୨୦)ରୁଜୁ ହୋଇଥିଲା। ଲୋକାୟୁକ୍ତ ନିର୍ଦ୍ଦେଶକ ଏହି ମାମଲାର ତଦନ୍ତ କରି ଗତ ନଭେମ୍ବରରେ ରିପୋର୍ଟ ଦାଖଲ କରିଥିଲେ। ରିପୋର୍ଟରେ ପୂର୍ବତନ ଜିଲାପାଳ, ୪ ପୂର୍ବତନ ତହସିଲଦାର, ୨ ଭୂତତ୍ତ୍ୱବିତ୍, ୩ ରାଜସ୍ୱ ନିରୀକ୍ଷକଙ୍କ ସମେତ ଲିଜ୍‌ଧାରୀ ଲୁଟ୍ କାରବାରରେ ସମ୍ପୃକ୍ତ ଥିବା ଦର୍ଶାଇଥିଲେ। ଏନେଇ ଉପରୋକ୍ତ ଅଧିକାରୀମାନଙ୍କୁ ଜବାବ୍ ତଲବ ହୋଇଥିଲା। ଗତ ୧୨ ତାରିଖରେ ସମ୍ପୃକ୍ତ ଅଧିକାରୀମାନେ ଲୋକାୟୁକ୍ତରେ ସତ୍ୟପାଠ ଦାଖଲ କରିଥିଲେ। ଏବେ ପୁଣି ଏକ ନୂଆ କଥା ସାମ୍ନାକୁ ଆସିଛି। ଧର୍ମଶାଳା ତହସିଲଦାର ସଇରାତ ନୋଟିସ ୩୭୪୯ ଓ ୩୭୪୮ରେ ଲିଜ୍‌ଧାରୀ ଜେନାଙ୍କୁ ଯଥାକ୍ରମେ ୨୪,୮୬,୬୫୨ ଟଙ୍କା ଏବଂ ୯,୭୭,୯୯,୭୩୦ ଟଙ୍କା ଜରିମାନା ତୁରନ୍ତ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ନିର୍ଦ୍ଦେଶ ପତ୍ରରେ ୨୨।୭।୨୦୨୧ରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଏବଂ ୩୦।୭।୨୦୨୧ରେ ଯାଜପୁର ଜିଲାପାଳଙ୍କ ନିର୍ଦ୍ଦେଶରେ ଲୋକାୟୁକ୍ତ ମାମଲା ଉପରେ ତଦନ୍ତ ହୋଇଥିଲା। ଅତିରିକ୍ତ ଜିଲାପାଳ(ରାଜସ୍ୱ)ଙ୍କ ଅଧ୍ୟକ୍ଷତାରେ ଗଠିତ ☞ପୃଷ୍ଠା-୬



କଟକ ଫିରିଙ୍ଗି ବଜାର ଅଞ୍ଚଳରେ ଜଣେ ମହିଳା ବାହାଘର ପଗଡ଼ି ତିଆରି କରୁଛନ୍ତି।

# ୧ ଲକ୍ଷରୁ ଉର୍ଦ୍ଧ୍ୱ ପିଲା ସଂକ୍ରମିତ

## ରାଜ୍ୟରେ ଆଉ ୧୧,୦୮୬ ଚିହ୍ନଟ

**ଭୁବନେଶ୍ୱର, ୧୮।୧(ବ୍ୟୁରୋ)**

ରାଜ୍ୟରେ କରୋନା ସଂକ୍ରମଣ ହୁ ହୁ ହୋଇ ବଢ଼ି ଚାଲିଛି। ଏହି ମହାମାରୀରୁ ବର୍ତ୍ତିନାହାନ୍ତି ପିଲା। ରାଜ୍ୟରେ ଏଯାବତ୍ ଏକ ଲକ୍ଷରୁ ଉର୍ଦ୍ଧ୍ୱ ପିଲା ସଂକ୍ରମିତ ହୋଇସାରିଲେଣି। ରାଜ୍ୟ କୋଭିଡ୍ ଡ୍ୟାସ୍‌ବୋର୍ଡ ତଥ୍ୟାନୁସାରେ, ରାଜ୍ୟରେ କରୋନା ସଂକ୍ରମଣ ଆରମ୍ଭ ହେବା ଦିନଠାରୁ ଏପର୍ଯ୍ୟନ୍ତ ୧୧,୫୫,୪୮୭ ଜଣ ପଜିଟିଭ୍ ବାହାରିଛନ୍ତି। ଏମାନଙ୍କ ମଧ୍ୟରେ ୧୮ ବର୍ଷରୁ କମ୍ ବୟସ୍କ ୧,୦୧,୭୯୫ ଜଣ ରହିଛନ୍ତି। ସେହିଭଳି ୧୯ରୁ ୪୦ ବର୍ଷ ବୟସ ମଧ୍ୟରେ ସର୍ବାଧିକ ୬,୨୧,୮୩୧ ଜଣ, ୪୧ ରୁ ୬୦ବର୍ଷ ବୟସ ମଧ୍ୟରେ ୩,୩୨,୪୬୮ ଏବଂ ୬୦ ବର୍ଷରୁ ଉର୍ଦ୍ଧ୍ୱ ୯୯,୩୯୩ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତେବେ ରାଜ୍ୟର ପିଲାଙ୍କ ହାରକୁ ତୁଳନା କଲେ ମାତ୍ର ୦.୬୮% କରୋନାରେ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ପ୍ରତି ଏକ ଲକ୍ଷ ପିଲାଙ୍କ ମଧ୍ୟରେ ୬୭୭ ଜଣ ସଂକ୍ରମିତ ହୋଇଛନ୍ତି। ସେହିଭଳି ପ୍ରଥମ ଲହରରେ ୨୧ହଜାର ଓ ଦ୍ୱିତୀୟ ଲହର ବେଳେ ୬୯ହଜାର ପିଲା ସଂକ୍ରମିତ ହୋଇଥିଲେ। ତୃତୀୟ ଲହରରେ ଏଯାଏ ପ୍ରାୟ ୯ହଜାର ପିଲା ସଂକ୍ରମିତ ହୋଇସାରିଲେଣି। ତୃତୀୟ ଲହରରେ ଅଧିକ ପିଲା ସଂକ୍ରମିତ ହେଉଥିବା ଦେଖାଯାଉଛି। ପ୍ରଥମ ଲହରରେ ଦିନକୁ ହାରାହାରି ୬୨ ସଂକ୍ରମିତ ଚିହ୍ନଟ ହେଉଥିବାବେଳେ ଦ୍ୱିତୀୟ ଲହରରେ ୨୪୧ ଜଣ ଚିହ୍ନଟ ହେଉଥିଲେ। ଏବେ ଦିନକୁ ହାରାହାରି ୩୪୪ ଜଣ ଚିହ୍ନଟ ହେଉଛନ୍ତି। ଗତ ୪ ଦିନର ତଥ୍ୟକୁ ଦେଖିଲେ ଶନିବାର ୧,୦୨୧, ରବିବାର ୧,୦୧୬, ସୋମବାର ୯୮୨ ଓ ମଙ୍ଗଳବାର ୧,୦୬୧ଜଣ ପିଲା କରୋନା ପଜିଟିଭ୍ ବାହାରିଛନ୍ତି। ସେପଟେ ରାଜ୍ୟରେ ☞ପୃଷ୍ଠା-୬

## ଗଣମାଧ୍ୟମ ପ୍ରତିନିଧିଙ୍କୁ ବୁଷ୍ଟର ଡୋଜ୍ ଦିଅ




କୋଭିଡ୍ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ସଚିବ ଭି.କେ.ପାଣ୍ଡିଆନ୍।

### ମୁଖ୍ୟମନ୍ତ୍ରୀଙ୍କ କୋଭିଡ୍ ସମୀକ୍ଷା

■ **ଭୟଭୀତ ହୁଅନାହିଁ, ଟିକାକରଣ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ**

**ଭୁବନେଶ୍ୱର,୧୮।୧(ବ୍ୟୁରୋ)**

ରାଜ୍ୟରେ କରୋନା ସଂକ୍ରମଣ ନିୟନ୍ତ୍ରଣରେ ରହିଛି। ତେଣୁ ଭୟଭୀତ ନ ହୋଇ କୋଭିଡ୍ ଗାଇଡ୍‌ଲାଇନ୍ ଅନୁପାଳନ କରିବାକୁ ମଙ୍ଗଳବାର ଭିଡିଓ କନ୍‌ଫରେନ୍ସ ଜରିଆରେ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଜନସାଧାରଣଙ୍କ ଜୀବନ ଜୀବିକାକୁ ଦୃଷ୍ଟିରେ ରଖି ବହୁବିଧ ପଦକ୍ଷେପ ନିଆଯାଉଛି। ସମସ୍ତଙ୍କ ସହଯୋଗ ମିଳିଲେ ପରିସ୍ଥିତିର ମୁକାବିଲା କରିପାରିବା ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଗଣମାଧ୍ୟମ ପ୍ରତିନିଧି ସମ୍ମୁଖ ଯୋଦ୍ଧା ଭାବେ ପରିଗଣିତ ହେଉଥିବାରୁ ସେମାନଙ୍କୁ ବୁଷ୍ଟର ଡୋଜ୍ ପ୍ରଦାନ ଲାଗି ପ୍ରାଥମିକତା ଦେବା ପାଇଁ ସେ ପରାମର୍ଶ ଦେଇଛନ୍ତି।

ଦେଶର ବଡ଼ ସହରଗୁଡ଼ିରେ ସଂକ୍ରମଣ ହ୍ରାସ ପାଇବା ଆରମ୍ଭ କଲାଣି। ତୃତୀୟ ଲହରରେ ରୋଗୀଙ୍କ ନିକଟରେ ସାମାନ୍ୟ ଲକ୍ଷଣ ଦେଖାଯାଉଛି। କମ୍‌ସଂଖ୍ୟକ ରୋଗୀ ମେଡିକାଲରେ ଭର୍ତ୍ତି ହେଉଛନ୍ତି। ଏହା ଶୁଭସଙ୍କେତ। ତଥାପି ବିପଦ ସମ୍ପୂର୍ଣ୍ଣ ଟଳି ନ ଥିବାରୁ ସମସ୍ତଙ୍କୁ ସମ୍ପୂର୍ଣ୍ଣ ସତର୍କ ରହିବାକୁ ପଡ଼ିବ। ରାଜ୍ୟରେ ଟିକାକରଣ କାର୍ଯ୍ୟ ତ୍ୱରାନ୍ୱିତ କରିବା, ଆଗଧାଡ଼ିରେ ରହି କାର୍ଯ୍ୟ କରୁଥିବା ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ବରିଷ୍ଠ ନାଗରିକଙ୍କୁ ବୁଷ୍ଟର ଡୋଜ୍ ପ୍ରଦାନ କରିବା, ମାଇକ୍ରୋ କଣ୍ଟେନମେଣ୍ଟ ରଣନୀତି ଠିକ୍ ଭାବେ କାର୍ଯ୍ୟକାରୀ କରିବା, ଗୃହ ସଙ୍ଗରୋଧରେ ଥିବା ଆକ୍ରାନ୍ତଙ୍କ ନିୟମିତ ସ୍ୱାସ୍ଥ୍ୟାବସ୍ଥା ତଦାରଖ କରିବା ଲାଗି ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି।

ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଆଲୋଚନାରେ ଅଂଶଗ୍ରହଣ କରି କହିଲେ, ରାଜ୍ୟର ସବୁ କୋଭିଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ କରାଯାଇଛି। ସେଠାରେ ଆବଶ୍ୟକ ଔଷଧ ଏବଂ ଅନ୍ୟ ଆନୁଷଙ୍ଗିକ ଚିକିତ୍ସା ବ୍ୟବସ୍ଥା କରାଯାଇଛି। ଲୋକଙ୍କ ଜୀବିକା ଯେପରି ପ୍ରଭାବିତ ନ ହୁଏ, ତାହାକୁ ନଜରରେ ରଖି ସମସ୍ତ ପଦକ୍ଷେପ ନିଆଯାଉଛି। ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ☞ପୃଷ୍ଠା-୬

# ସୋରିଷ: ପାଉଁଶିଆ ରୋଗ ଦମନ



**ସୋ**ରିଷ ଚାଷରେ ପାଉଁଶିଆ ରୋଗ ଦମନ ପାଇଁ ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ବା କାରାଥେନ୍ ୧ ମି.ଲି./୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଜଉପୋକ ଦମନ ସକାଶେ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍ଜାମ୍ ୨୫ ଏସ୍.ଜି. – ୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ । ଫସଲରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ଲାଗି ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । କରଡିଆ ମାଛି/ପତ୍ରଛନ୍ଦା ପୋକର ଦମନ ପାଇଁ ହେକ୍ଟର ପ୍ରତି ୫୦୦ ମିଲିଲିଟର ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

# କୋବିରେ ପୋକ ନିୟନ୍ତ୍ରଣ

**ଶୀ**ତ ଦିନେ କୋବି ଜାତୀୟ ଫସଲରେ ବିଭିନ୍ନ ପ୍ରକାର ପୋକ ଲାଗିବାର ଆଶଙ୍କା ରହିଛି। ଏପରି ପୋକଙ୍କୁ ଦମନ କରିବା ଲାଗି ଏଠାରେ ପ୍ରଦତ୍ତ ଟିପ୍ସ ଆପଣେଇ ପାରନ୍ତି। କୋବିରେ ବିନ୍ଧାପୋକ, ଠିକିରି ପିଠିଆ ପୋକ, କରଡିଆ ମାଛି ଆଦି ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫ ଏସ୍.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫ ଏସ୍.ସି. କିମ୍ବା ୨୦୦ ମି.ଲି. ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲୁ.ଜି. ୫୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ । ବିଳମ୍ବ କିସମ ଫୁଲ କୋବି ପାଇଁ ତଳିପଟି ପ୍ରସ୍ତୁତ କରି ତଳି ପକାନ୍ତୁ। କିସମ- ସ୍ନୋବଲ୍, ସ୍ନୋବଲ୍-୧୬ ।





# ବିଳମ୍ବରେ ଆଳୁ ଲଗାଇଥିଲେ..

**ବି**ଳମ୍ବରେ ଲଗାଯାଇଥିବା ଆଳୁରେ କୋଡ଼ାଖୁସା ଓ ହୁଡ଼ା ଟେକା ଶୀଘ୍ର ସାରି ଦିଅନ୍ତୁ। ମାଟିର ଆବଶ୍ୟକତାକୁ ଚାହିଁ ୮-୧୦ ଦିନ ଅନ୍ତରରେ ପାଣି ମଡାନ୍ତୁ । ସିଆରର ଦୁଇ ତୃତୀୟାଂଶ ପର୍ଯ୍ୟନ୍ତ ପାଣି ମଡ଼ାଇବା ଭଲ । ଆଳୁ ଅମଳର ୧୫ ଦିନ ପୂର୍ବରୁ ପାଣି ମଡ଼ାଇବା ବନ୍ଦ କରନ୍ତୁ । ତେବେ ଆଳୁରେ ସଅଳ ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପିଛା ୨ କି.ଗ୍ରା. ଇଣ୍ଡୋଫିଲ୍ ଏମ୍-୪୫ ଔଷଧକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଏହିଭଳି ୧୫ ଦିନ ଅନ୍ତରରେ ୩ ଥର ସିଞ୍ଚନ୍ତୁ । ବିଳମ୍ବ ପତ୍ରପୋଡ଼ା ରୋଗ ପାଇଁ ମେଟାଲାକ୍‌ସିଲ୍ x ମାନ୍‌କୋଜେବ୍ ଔଷଧ ୧ କି.ଗ୍ରା.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ୍ତୁ। ମୂଳକଟା ପୋକ ଦମନ ପାଇଁ କ୍ଲୋରୋପାଇରିଫସ୍ ୧.୫ ଲିଟରକୁ ୫୦୦ ଲିଟର ପାଣିରେ ମିଶାଇ ଗଛମୂଳ ମାଟିରେ ପକାନ୍ତୁ। ପାଗ ମେଘୁଆ ହେଲେ ଆଗତୁରା ପ୍ରତିଷେଧମୂଳକ ଔଷଧ ସିଞ୍ଚନ କରନ୍ତୁ ।



# ଧାନ: ଅଧିକ ଅମଳ ପାଇଁ...



ପ୍ରତ୍ୟୁଷ ପଣ୍ଡା

**ଧା**ନ ଫସଲରେ ଅଧିକ ପିଲ ଥିଲେ ଅଧିକ ଅମଳ ହୋଇଥାଏ। ତେଣୁ କ'ଣ କ'ଣ ପଦକ୍ଷେପ ନେଲେ ଧାନରେ ଅଧିକ ପିଲ ଆସିବ, ସେ ନେଇ ଜାଣିବା ନିହାତି ଦରକାର। ଅଧିକ ଅମଳ ପାଇଁ ସମନ୍ୱିତ ଖାଦ୍ୟସାର ପରିଚାଳନା ଉପରେ ଧାନ ଦେବାକୁ ପଡିବ। ତେଣୁ ରାସାୟନିକ ସାର ସହିତ ଜୈବିକ ଖତ, ସବୁଜ ସାର ଓ ଜୀବାଣୁ ସାରକୁ ଠିକ୍ ପରିମାଣରେ ପ୍ରୟୋଗ କଲେ ଅମଳ ଭଲ ମିଳେ।

ପ୍ରଥମ ପଦକ୍ଷେପ ହିସାବରେ ଏକର ପ୍ରତି ଦୁଇ ଟନ୍ ଶଢ଼ା ଗୋବର ଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରିବାକୁ ପଡିବ। ଏହାଦ୍ୱାରା ମୃତ୍ତିକାର ଭୌତିକ, ରାସାୟନିକ ଓ ଜୈବିକ ଧର୍ମରେ ଉନ୍ନତି ଘଟି ମୃତ୍ତିକା ଉତ୍ପାଦିକତା ଶକ୍ତି ବୃଦ୍ଧି ପାଇବ।

ଦ୍ୱିତୀୟ ପଦକ୍ଷେପ ଭାବରେ ସବୁଜ ସାର ପାଇଁ ଧନିଚା, ବିଲାତି ଧନିଚା, ବରଗୁଡି, ମୁଗ, ବିରି, ଖେସାରି ଓ ଗୁଆଁର ଇତ୍ୟାଦି ସଫଳରେ ଚାଷ କରାଯାଇପାରିବ। ଖାଲ ଓ ମଧ୍ୟମ କିସମ ଜମିରେ ଧନିଚା ଓ ବିଲାତି ଧନିଚା ବୁଣାଯାଏ। ଢ଼ିପ ଜମିରେ ବରଗୁଡି, ଛଣି ଓ ଗୁଆଁର ବୁଣାଯାଏ। ଧାନ ରୁଆର ଦୁଇ ମାସ ପୂର୍ବରୁ (ଏକର ପ୍ରତି) ୧୦ କିଗ୍ରା ଧନିଚା ମଞ୍ଜି, ୩୦ କିଗ୍ରା ଛଣି ମଞ୍ଜି, ୧୨ କିଗ୍ରା ବରଗୁଡି କିମ୍ବା ୨୦ କିଗ୍ରା ଗୁଆଁର ମଞ୍ଜି ବୁଣାଯାଇ ଧାନ ରୁଆର ୧୦-୧୫ ଦିନ ପୂର୍ବରୁ ଧନିଚାର ବୟସ ୬ ସପ୍ତାହ ହେବା ବେଳେ ଏହାକୁ କାଦୁଅ କରି ମାଟିରେ ମିଶାଇ ଦିଆଯାଏ। ସବୁଜ ସାର ପାଇଁ ଆବଶ୍ୟକ ସମସ୍ତ ଫସଫରସ ସାର ପ୍ରୟୋଗ କରାଯାଏ।



ତୃତୀୟ ପଦକ୍ଷେପ ହିସାବରେ ଜୈବିକ ସାର ପ୍ରୟୋଗ। ଏହା ମଧ୍ୟରେ ନୀଳହରିତ୍ ଶୈବାଳ (ବି.ଜି.ଏ.), ଆଜୋଲା, ଆଜୋସ୍ପିରିଲମ୍ ଧାନ ଫସଲ ପାଇଁ ବ୍ୟବହାର କରାଯାଏ। ସାଧାରଣତଃ ଧାନ ରୋଇବାର ୨-୩ ସପ୍ତାହ ଆଗରୁ ଜମିକୁ ସମତୁଲ କରି ୪-୫ ଇଞ୍ଚ ପାଣି ରଖନ୍ତୁ। ତା'ପରେ ଏକର ପ୍ରତି ଏକ କୁଇଣ୍ଟାଲ ଆଜୋଲା ପ୍ରୟୋଗ କରନ୍ତୁ। ଏକର ପ୍ରତି ୨୫ କିଗ୍ରା ସିଙ୍ଗଲ ସୁପର ଫସଫେଟ୍ ତିନି ଥର ପ୍ରୟୋଗ କରନ୍ତୁ। ୨-୩ ସପ୍ତାହ ପରେ ଆଜୋଲାର ଏକ ଆସ୍ତରଣ ଦେଖାଗଲେ ପାଣି କମାଇ କାଦୁଅ କରି ମାଟିରେ ମିଶାଇ ଦିଅନ୍ତୁ। ଏହି ଆଜୋଲା ପ୍ରୟୋଗରୁ ଏକର ପ୍ରତି ୪-୫ ଟନ୍ ଜୈବିକ ଖତ ମାଟିରେ ମିଶିଥାଏ, ଯେଉଁଥିରୁ ୨୦-୩୦ କିଗ୍ରା ଯବକ୍ଷାରଜାନ ମିଳେ। ନୀଳହରିତ୍ ଶୈବାଳ ଏକ ଏକର ଜମିରେ ୫-୧୦ କିଗ୍ରା ଧାନ ରୁଆର ୮-୧୦ଦିନ ମଧ୍ୟରେ ଜମିରେ ପ୍ରୟୋଗ କରାଯାଏ। ଚାରି ଦିନ ମଧ୍ୟରେ ଶୈବାଳ ବୃଦ୍ଧି ହୋଇଥାଏ। ଏହି ସମୟରେ ଜମିରେ ପାଣି କମିଗଲେ ପାଣି ଭର୍ତ୍ତି କରନ୍ତୁ। ବି.ଜି.ଏ. ପ୍ରୟୋଗ ଦ୍ୱାରା ଏକର ପ୍ରତି ୧୦-୧୨ କିଗ୍ରା ଯବକ୍ଷାରଜାନ ମିଳିଥାଏ।



ଆଜୋସ୍ପିରିଲମ୍ ଏକ କିଗ୍ରା ବିହନ ପ୍ରତି ୧୫-୨୦ ଗ୍ରାମ ନିଅନ୍ତୁ। ତାହାକୁ ଦୁଇ ଗୁଣ ପାଣିରେ ଗୋଳାଇ ମଣ୍ଡ ପ୍ରସ୍ତୁତ କରନ୍ତୁ। ଏହି ମଣ୍ଡ ଛାଇ ଜାଗାରେ ମଞ୍ଜି ଉପରେ ଧୀରେ ଧୀରେ ଢ଼ାଳି ଉପଚାର କରନ୍ତୁ। ବିହନକୁ ଶୁଖିଗଲା ପରେ ବୁଣନ୍ତୁ।

ରୁଆ ଧାନରେ ଏକରପ୍ରତି ଏକ କିଗ୍ରା ଆଜୋସ୍ପିରିଲମକୁ ୩୦ ଲିଟର ପାଣିରେ ମିଶାଇ ଏକ ମଣ୍ଡ ପ୍ରସ୍ତୁତ କରନ୍ତୁ। ଏହି ମଣ୍ଡରେ ଧାନ ତଳିର ଚେରକୁ ୨୫-୩୦ ମିନିଟ୍ ବୁଡାଇ ରୁଅନ୍ତୁ। କୌଣସି କାରଣରୁ ବିହନ ଓ ତଳି ଉପଚାର ହୋଇ ନ ପାରିଲେ ହେକ୍ଟର ପ୍ରତି ୧୨.୫ ଓ ଏକର ପ୍ରତି ୫ କିଗ୍ରା ଆଜୋସ୍ପିରିଲମ୍ ୨୫-୩୦ କିଗ୍ରା ଖତରେ ମିଶାଇ ବୁଣା ଧାନରେ ବେଉଷଣ ସମୟରେ ଓ ରୁଆ ଧାନରେ କାଦୁଅ କରିବା ସମୟରେ ପ୍ରୟୋଗ କରନ୍ତୁ।

ଚତୁର୍ଥ ପଦକ୍ଷେପ ହିସାବରେ ସାମୁଦ୍ରିକ ଶୈବାଳ କିଛି ଆମିନୋ ଏସିଡ୍ ଏବଂ କିଛି ଜୈବିକ ଓ ରାସାୟନିକଯୁକ୍ତ ପଦାର୍ଥ ପ୍ରୟୋଗ କରିବାର ଅଛି, ଯାହାଦ୍ୱାରା ଗଛର ଚେର ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଅଧିକ ପିଲ ଆସିଥାଏ। ତେବେ ଏହି ସବୁର ସମାଧାନ ପାଇଁ ଜି-୫ ପ୍ରୟୋଗ କରନ୍ତୁ। ଏକରକୁ ୧୦ କିଗ୍ରା ହିସାବରେ ବାୟୋଜାଇକ୍, ୧୨ କିଗ୍ରା ହିସାବରେ ବାୟୋ ପାୱାର ଗୋଲ୍ଡ ପ୍ରୟୋଗ କରନ୍ତୁ।

ପଞ୍ଚମ ପଦକ୍ଷେପ ଭାବରେ ରାସାୟନିକ ସାର ପ୍ରୟୋଗ ରୁଆ ଧାନରେ ମୂଳ ସାର ହିସାବରେ ସମସ୍ତ ଫସଫରସ ଓ ପଟାସ୍ ଏବଂ ୨୫ ଶତାଂଶ ଯବକ୍ଷାରଜାନ ସାର କାଦୁଅ କରିବା ସମୟରେ ପ୍ରୟୋଗ କରାଯାଏ। ଧାନରୁଆର ତିନି ସପ୍ତାହ ବେଳକୁ ୫୦ ଶତାଂଶ ଯବକ୍ଷାରଜାନ ପିଲସାର ହିସାବରେ ଏବଂ ଫୁଲ ବାହାରିବାର ୧୮-୨୦ ଦିନ ପୂର୍ବରୁ ୨୫ ଶତାଂଶ ଯବକ୍ଷାରଜାନକୁ ଥୋପ ସାର ହିସାବରେ ପ୍ରୟୋଗ କରାଯାଏ।

ଡାଲୁଅ ଧାନ ପାଇଁ ୩୨: ୧୬:୧୬ ଅନୁପାତରେ ଯବକ୍ଷାରଜାନ, ଫସଫରସ ଏବଂ ପଟାସ୍ ପ୍ରୟୋଗ କରାଯାଏ। କାଦୁଅ ସମୟରେ ଏବଂ ରୋଇବା ପୂର୍ବରୁ ମୂଳ ସାର ଭାବରେ ଏକର ପ୍ରତି ଡି.ଏ.ପି. ୩୫ କିଗ୍ରା ଏବଂ ପଟାସ୍ ୨୫ କିଗ୍ରା ପ୍ରୟୋଗ କରନ୍ତୁ। ଦ୍ୱିତୀୟ ସାର ଦେବା ବେଳେ ଅର୍ଥାତ୍ ଧାନ ରୋଇବାର ୧୦-୧୨ ଦିନ ମଧ୍ୟରେ ଗଛ ଯେତେବେଳେ ଠିଆ ହୋଇ ପିଲ ଦେବା ଆରମ୍ଭ କରିବ ସେହି ସମୟରେ ୩୫ କିଗ୍ରା ୟୁରିଆ ପ୍ରୟୋଗ କରନ୍ତୁ। ତୃତୀୟ ସାର ପ୍ରୟୋଗ ସମୟରେ ଅର୍ଥାତ୍ ଗର୍ଭ ସଞ୍ଚାର ଆରମ୍ଭ ବେଳେ ଏକର ପ୍ରତି ୧୭ କିଗ୍ରା ୟୁରିଆ ପ୍ରୟୋଗ କରନ୍ତୁ। ଯବକ୍ଷାରଜାନ ସାର ପ୍ରୟୋଗ କରିବା ପୂର୍ବରୁ କିଆରିରୁ ପାଣି ନିଗାଡି ଦିଅନ୍ତୁ ଏବଂ ଏକ ଇଞ୍ଚ ପାଣି ଥାଇ ସାର ପ୍ରୟୋଗ କରନ୍ତୁ। ସାର ପ୍ରୟୋଗର ୨୪-୪୮ ଘଣ୍ଟା ପରେ ପୁନରାୟ ପାଣି ଦିଅନ୍ତୁ। ଆଜୋଲା, ବି.ଜି.ଏ. ଅବା ଧନିଚା ଚାଷ କରିଥିଲେ ୨୫ ଶତାଂଶ କମ୍ ଯବକ୍ଷାରଜାନ ବ୍ୟବହାର କରନ୍ତୁ।

ଷଷ୍ଠ ପଦକ୍ଷେପ ଭାବରେ ଅଣୁସାର ପ୍ରୟୋଗ କରନ୍ତୁ। ଧାନ ଫସଲ ମୁଖ୍ୟ ସାର ବ୍ୟତୀତ ଗୌଣ ଓ ଅଣୁସାର ମଧ୍ୟ ଆବଶ୍ୟକ କରେ। ଧାନ ପାଇଁ ଲୌହ ଓ ମାଙ୍ଗାନିଜ ଅତି ଗୁରୁତ୍ୱପୂର୍ଣ୍ଣ। ଅଣୁସାର ଠିକ୍ ଅନୁପାତରେ ପ୍ରୟୋଗ କଲେ ଧାନର ଅମଳ ତଥା ଗୁଣାତ୍ମକ ମାନ ବୃଦ୍ଧି ପାଇଥାଏ। ଦାନାରେ ଶର୍କରା ଅଂଶ ବୃଦ୍ଧି ପାଇଁ ତମ୍ବା, ମଲିବଡିନମ୍ ଓ କୋବଲ୍ଟ ପରି ଅଣୁସାର ପ୍ରୟୋଗ କରାଯାଇପାରେ। ଦସ୍ତାର ଅଭାବ ଦେଖାଦେଲେ ପ୍ରତି ତିନୋଟି ଫସଲ ପରେ ହେକ୍ଟର ପ୍ରତି ୧୦ କିଗ୍ରା ଦସ୍ତା (ଜିଙ୍କ୍ ସଲଫେଟ୍) ଜମି ପ୍ରସ୍ତୁତି ବେଳେ ମାଟିରେ ପ୍ରୟୋଗ କରିବା ଭଲ। ଧାନ ରୁଆର ୫-୭ଦିନ ପରେ ଏକର ହିସାବରେ ଭିର୍ଟାକୋ ୨.୫ କିଗ୍ରାକୁ ୧୦ କିଗ୍ରା ୟୁରିଆରେ କିମ୍ବା ୭.୫ କିଗ୍ରା ବାଲିରେ ମିଶାଇ ପ୍ରୟୋଗ କରନ୍ତୁ। ଏହାଦ୍ୱାରା ଧାନ ଗଛ ହୃଷ୍ଟପୁଷ୍ଟ ହେବା ସହ କାଣ୍ଡବିନ୍ଧା ପୋକ ଆକ୍ରମଣରୁ ରକ୍ଷା ପାଇଥାଏ।

ଉପରୋକ୍ତ ସାର ଠିକ୍ ସମୟରେ ପ୍ରୟୋଗ କଲେ ଧାନ ଗଛର ପିଲ ସଂଖ୍ୟା ବଢ଼ିଥାଏ ଏବଂ ଅଧିକ ଧାନ ଅମଳ ହୋଇଥାଏ।

-ନୀଳାଦ୍ରି ବିହାର, ଭୁବନେଶ୍ୱର
ମୋ : ୭୮୭୩୮୨୭୮୩୦

# ଜାଣି ରଖନ୍ତୁ

➤ ଗହମ ବୁଣିବାର ୨୧ ଦିନପରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ। ଗହମ ଫସଲରେ ମୁକୁଟ ବା ଶିଖା ଚେର ବାହାରିବା ସମୟ ହେଉଛି ଫସଲର ଜଳ ଆବଶ୍ୟକତାର ସଙ୍କଟ କାଳ। ତେଣୁ ମାଟିର ବତରକୁ ଚାହିଁ ଜଳସେଚନ ବ୍ୟବସ୍ଥା କରନ୍ତୁ। ମଞ୍ଜି ଗଜା ହେବାର ୨୧ ଦିନପରେ ହେକ୍ଟର ପ୍ରତି ୨୫-୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ସଅଳ ବୁଣା ହୋଇଥିବା ଗହମ ୩୫ ଦିନର ହୋଇଥିଲେ ହେକ୍ଟର ପ୍ରତି ୨୫-୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ।

➤ ଶୀତଦିନରେ ଗାଈଙ୍କଠାରେ ଭୂତାଣୁଜନିତ ଫାଟୁଆ ରୋଗ ଅଧିକ ଦେଖାଯାଇଥାଏ। ତେଣୁ ଫାଟୁଆ ରୋଗର ପ୍ରତିଷେଧକ ବ୍ୟବସ୍ଥା ପାଇଁ ଏହି ମାସରେ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କ ସହ ପରାମର୍ଶ କରି ଟିକା ଦିଅନ୍ତୁ।

➤ ପିଆଜ ତଳିଗୁଡ଼ିକ ୧୨-୧୫ ସେ.ମି. ଉଚ୍ଚ ହୋଇଗଲେ ସେଗୁଡ଼ିକ ଉପରବେଳା ଉପାଡ଼ି ଲଗାନ୍ତୁ। ତଳି ରୋଇବାର ଦୁଇଦିନ ଆଗରୁ ହେକ୍ଟର ପ୍ରତି ୬୦ କି.ଗ୍ରା. ଯବକ୍ଷାରଜାନ, ୬୦ କି.ଗ୍ରା. ଫସ୍‌ଫରସ୍ ଓ ୧୦୦ କି.ଗ୍ରା. ପଟାସ୍ ମୂଳସାର ଭାବେ ପ୍ରୟୋଗ କରି ପଟାଳି ପ୍ରସ୍ତୁତ କରନ୍ତୁ। ଉକୁଣି ପୋକ ଲାଗିଲେ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ ୨୦ ଏସ୍.ପି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

➤ ଏକ ହେକ୍ଟର ବିଶିଷ୍ଟ ମାଛ ପୋଖରୀରେ ୧୨,୫୦୦ ଯାଆଁଳ ପାଇଁ ପ୍ରତିଦିନ ୩ କି.ଗ୍ରା. ୭୫୦ ଗ୍ରାମ୍ କାଣ୍ଡିଆ କୁଣ୍ଡା ସହିତ ୩ କି.ଗ୍ରା ୭୫୦ ଗ୍ରାମ୍ ବାଦାମ ପିଡ଼ିଆ ମିଶାଇ ଖାଇବାକୁ ଦିଅନ୍ତୁ। ପୋଖରୀରେ ଜୈବିକ ସାର ପ୍ରୟୋଗର ୭ ଦିନ ପୂର୍ବରୁ ଅମ୍ଳତା ୭.୫ ରୁ କମ୍ ଥିଲେ ପ୍ରତି ହେକ୍ଟର ମିଟର ପାଣିରେ ୧୦୦ କି.ଗ୍ରା. ଚୂନ ପ୍ରୟୋଗ କରନ୍ତୁ।

➤ ଲିଚୁ ଓ ସପେଟା ଗଛରେ ଫଳ ଧରି ଆସିବାର ଦେଖିଲେ ଜଳସେଚନ କରନ୍ତୁ ଓ ୧ ଲିଟର ପାଣିରେ ୨ ମି.ଲି. କ୍ଲୋରୋପାଇରିଫସ୍ ସିଞ୍ଚନ କରନ୍ତୁ। ଫୁଲ ବା ବଉଳ ଆସିବା ପୂର୍ବରୁ ଗଛରେ ପାଣି ଦିଅନ୍ତୁ ନାହିଁ।

# ମୂଳି ଆଖୁକୁ ରୋଗମୁକ୍ତ ରଖିବା ଉପାୟ



**ମୂ**ଳି ଆଖୁକୁ ରୋଗମୁକ୍ତ କରିବା ପାଇଁ ଖୁଣ୍ଟା କାଟିବା ପରେ ହେକ୍ଟର ପ୍ରତି ୧୦୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫାନେଟ୍ ମିଥାଇଲ୍ (୭୫୦ ଗ୍ରାମ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଆଖୁ କାଟିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ। ଏଥିପାଇଁ ଧାରୁଆ କତୁରି ବ୍ୟବହାର କରିବା ଦରକାର। ଆଖୁ ଗଛକୁ ଭୂମି ପତନ ସହ ସମାନ କରି କାଟନ୍ତୁ। ଏପରି କାଟିଲେ ଆଖୁ ଅଧିକ ଅମଳ ହୁଏ। ତା' ସହ ଫସଲ ପାଇଁ ମୂଳି ଆଖରୁ ଭଲ ଏବଂ ଅଧିକ ଗଜା ବାହାରେ । ଆଖୁ କାଟି ସାରିବା ପରେ ଜମିରୁ ଶୁଖିଲା ପତ୍ର ବାହାର କରି କ୍ଷେତକୁ ପରିଷ୍କାର କରନ୍ତୁ । ଆଖୁ ଫସଲରେ ଶର୍କରା ଅଂଶ ହାତ ବ୍ରିକ୍ସ ମିଟର ସାହାଯ୍ୟରେ ପରୀକ୍ଷା କରନ୍ତୁ । ବ୍ରିକ୍ସ ମୂଲ୍ୟାଙ୍କ ୧୮ ରୁ ଅଧିକ ହେଲେ ଆଖୁ କାଟିବା ଭଲ । ଆଖୁ ଖୁଣ୍ଟାକୁ କାଟି ସାରିବା ପରେ ଚାଷ କରି ହୁଡ଼ା ଭାଙ୍ଗି ଦିଅନ୍ତୁ । ଏହା ଫଳରେ ପୁରୁଣା ଚେର ନଷ୍ଟ ହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିଥାଏ । ମାଟି ଅଧିକ ଶୁଖି ଯାଇଥିଲେ ଜଳସେଚନ କରି ହୁଡ଼ା ଭାଙ୍ଗନ୍ତୁ । ହୁଡ଼ା ଭାଙ୍ଗିଲା ସମୟରେ ହେକ୍ଟର ପ୍ରତି ୧୦ ଟନ୍ ଗୋବର ଖତ, ୧୦୦ କି.ଗ୍ରା. ଯବକ୍ଷାରଜାନ, ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଧାଡ଼ି ମଧ୍ୟରେ ଗଛକୁ ଗଛ ବ୍ୟବଧାନ ୪୫ ସେ.ମି.ରୁ ଅଧିକ ଥିଲେ ହୁଡ଼ା ଭାଙ୍ଗିବାର ୩୦ ଦିନ ମଧ୍ୟରେ ଖୁଞ୍ଚା ଦିଅନ୍ତୁ । ଏଥିପାଇଁ ଆଖୁ କାଟିବା ବେଳେ ଆଖୁ ଖଣ୍ଡକୁ ତଳି ପକାନ୍ତୁ କିମ୍ବା ପଲିଥିନ୍ ମୁଣାରେ ଚାରା ଉତାରନ୍ତୁ ।

# ଚିନାବାଦାମରେ ଜଉ ପୋକ ଲାଗିଲେ..

**ଚି**ନାବାଦାମରେ ଜଉପୋକ ଦମନ ଲାଗି ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ୧୨୫ ଗ୍ରାମ୍ ଥାୟୋମେଥୋକ୍ସାମ୍ ୫୦୦ ଲିଟର ପାଣିରେ ଗୋଳାଇ ସିଞ୍ଚନ୍ତୁ। ପତ୍ରଦାଗ ରୋଗ (ଟିକା) ଦେଖାଦେଲେ ହେକ୍ଟର ପ୍ରତି ୫୦୦ ମି.ଲି. ଟେବୁକୋନାଜୋଲ୍/ ହେକ୍ସାକୋନାଜଲ୍ କିମ୍ବା କ୍ଲୋରୋଥାଲୋନିଲ୍ ୨ ଗ୍ରାମ୍/ ଲିଟର ପାଣି ସିଞ୍ଚନ୍ତୁ। ଚିନାବାଦମ ବୁଣିବାର ଦୁଇତିନି ସପ୍ତାହ ବେଳକୁ ଖୁସାଇ ଘାସ ବାଛି ଦିଅନ୍ତୁ। ଯଦି ଜିପ୍‌ସମ୍ ବୁଣିବା ସମୟରେ ଦିଆ ଯାଇ ନ ଥାଏ ତେବେ ଏହି ସମୟରେ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍‌କୁ ଦୁଇପାଖରେ ଦେଇ ମାଟିରେ ମିଶାଇ ଦିଅନ୍ତୁ। ୧୨ରୁ ୧୫ ଦିନ ବ୍ୟବଧାନରେ ବତର ଦେଖି ପାଣି ମଡ଼ାନ୍ତୁ। ଲାଲ୍ ଶମ୍ବାଳୁଆ ପାଇଁ ହେକ୍ଟର ପିଛା ୧ ଲିଟର ଇକାଲକ୍ସ ବା ପ୍ରୋଫେନୋଫସ୍ ସିଞ୍ଚନ କରନ୍ତୁ।

# ଜୀବ ମଙ୍ଗଳ

ପ୍ରତିବର୍ଷ ଜାନୁୟାରୀ ୧୪-୩୦ ପର୍ଯ୍ୟନ୍ତ 'ଜୀବ ମଙ୍ଗଳ ପକ୍ଷ' ପାଳନ କରାଯାଇଥାଏ। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...



ଡା. ବୀରକିଶୋର ପରିଡ଼ା



**ପ୍ର**ତିବର୍ଷ ପରି ଚଳିତବର୍ଷ ଜାନୁୟାରୀ ୧୪ରୁ ୩୦ ପର୍ଯ୍ୟନ୍ତ ଆମ ରାଜ୍ୟ ତଥା ଦେଶରେ ଜୀବ ମଙ୍ଗଳ ପକ୍ଷ ପାଳିତ ହେଉଅଛି। ଏହି ଜୀବ ମଙ୍ଗଳ ପକ୍ଷ ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଲା- "କଥା କହି ପାରୁ ନ ଥିବା ମୂକ ଜୀବ ପ୍ରତି ପ୍ରେମ, ସ୍ନେହ, ଶ୍ରଦ୍ଧା ଓ ସମ୍ବେଦନଶୀଳ ମନୋଭାବ ପୋଷଣ କରିବା। ଏଥିସହ ପ୍ରାଣୀଙ୍କଠାରେ ଅନାବଶ୍ୟକ କଷ୍ଟ ଓ ଯନ୍ତ୍ରଣା ବାରଣ ଲାଗି ପ୍ରାଣୀଙ୍କ ପ୍ରତି ମନୁଷ୍ୟଙ୍କ ଚିକିତ୍ସାର ଆବଶ୍ୟକତା ଉପରେ ଜନସଚେତନତା ସୃଷ୍ଟି କରିବା।" ଏହି ପକ୍ଷ ଅବସରରେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ଜନସଚେତନତା ସହିତ ବିଭିନ୍ନ ଜୀବ କଲ୍ୟାଣ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି। ଜୀବେ ନିଷ୍ଠୁରତା ପ୍ରଦର୍ଶନ କହିଲେ- ବାଡ଼େଇବା, ଗୋଇଠା ମାରିବା, ଅଧିକ ଜିନିଷ ଲଦିଦେବା, ରୋଗଗ୍ରସ୍ତ ସମୟରେ କାମ କରାଇବା, ରୋଗ ନ ଥାଇ ଉଦ୍ଦେଶ୍ୟମୂଳକ ଭାବେ କୌଣସି କ୍ଷତିକାରକ ଔଷଧ ଦେବା, ପ୍ରାଣୀଙ୍କୁ ମୋଟା ଲୁହା କଡିରେ ବାନ୍ଧି କଷ୍ଟ ଦେବା, ସେମାନଙ୍କୁ ଘରେ ରଖି ଠିକ୍ ଭାବେ ଖାଦ୍ୟ ପାନୀୟ ନ ଦେବା, ଉପଯୁକ୍ତ ଆୟତନରେ ନ ରଖିବା, ବୃଦ୍ଧାବସ୍ଥାରେ ବା ଅତ୍ୟଧିକ ରୋଗଗ୍ରସ୍ତ ବେଳେ ଘରୁ ବାହାର କରିଦେବା, କୁକୁଡ଼ା ଲଢ଼େଇ କରିବା, ପ୍ରାଣୀଙ୍କ ଲାଞ୍ଜ ବା କାନକୁ ଟାଣିବାକୁ ବୁଝାଇଥାଏ। ତେଣୁ ପ୍ରାଣୀଙ୍କ ପ୍ରତି ଏସବୁ ନିଷ୍ଠୁରତା ପ୍ରଦର୍ଶନ ନ କରିବାକୁ ଜୀବେ ନିଷ୍ଠୁରତା ନିରୋଧ ଆଇନ୍-୧୯୬୦ ଆକ୍ଟ-୫୯ରେ ଆମ ସମ୍ବିଧାନରେ ଦଣ୍ଡବିଧାନ ରହିଛି।

ଆମ ଦେଶରେ ପଶୁପକ୍ଷୀଙ୍କ ସୁରକ୍ଷା ଓ ସେମାନଙ୍କ ପ୍ରତି ନିଷ୍ଠୁରତା ପରିହାର ପାଇଁ ଅନେକ ଆଇନର ବ୍ୟବସ୍ଥା ଅଛି। ସେଗୁଡ଼ିକ ହେଲା- ଭାରତୀୟ ସମ୍ବିଧାନ ; ଭାରତୀୟ ପିଙ୍ଗଳ କୋଡ-୧୮୨୦ ; କ୍ରିମିନାଲ ପ୍ରୋସିଡିଓର କୋଡ-୧୯୭୩ ; ଜୀବେ ନିଷ୍ଠୁରତା ନିରୋଧ ଆକ୍ଟ-୧୯୬୦, ବନ୍ୟଜନ୍ତୁ ସୁରକ୍ଷା ଆକ୍ଟ-୧୯୭୨ ; ପୋଲିସ୍ ଆକ୍ଟସ୍ ; ମ୍ୟୁନିସିପାଲ କର୍ପୋରେଶନ୍ ଆକ୍ଟସ୍ ; ଗୋ-ବଧ ଆଇନ୍ ୨୦୦୧ ; ବୁଲା କୁକୁରଙ୍କ ଜନ୍ମନିୟନ୍ତ୍ରଣ ଅସ୍ତ୍ରୋପଚାର-୨୦୦୧ ଇତ୍ୟାଦି। ଆମ ରାଜ୍ୟ ସରକାରଙ୍କ ତରଫରୁ ଜୀବେଦୟା ଓ ଜୀବେ ନିଷ୍ଠୁରତା ପରିହାର ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ସହିତ ଜନସଚେତନତା ସୃଷ୍ଟି ପାଇଁ 'ରାଜ୍ୟ ଜୀବେ ନିଷ୍ଠୁରତା ସମିତି' ବା ଷ୍ଟେଟ୍ ଏସ୍.ପି.ସି.ଏ. ଗଠନ କରାଯାଇଛି। ଗତବର୍ଷ ଜୀବଜନ୍ତୁଙ୍କ ସୁରକ୍ଷା ନିମନ୍ତେ ରାଜ୍ୟ ଜୀବଜନ୍ତୁ କଲ୍ୟାଣ ବୋର୍ଡ ପୁନର୍ଗଠିତ କରାଯାଇଅଛି। ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ୨୦୦୭ ମାର୍ଚ୍ଚ ୨୩ଠାରୁ ସହରବାସୀଙ୍କୁ ପ୍ରାଣୀ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଆନିମଲ ହେଲପ୍ ଲାଇନ କାର୍ଯ୍ୟକ୍ଷମ ହୋଇଅଛି। ବର୍ତ୍ତମାନ ଏହି ହେଲପ୍ ଲାଇନ କଟକ ମହାନଗର ନିଗମ, ବ୍ରହ୍ମପୁର, ସମ୍ବଲପୁର ଆଦି ପୌରାଞ୍ଚଳକୁ ସଂପ୍ରସାରିତ କରାଯାଇଅଛି। ଏହି ଆନିମଲ ହେଲପ୍ ଲାଇନର ପ୍ରକୃତ ଉଦ୍ଦେଶ୍ୟ ହେଲା କ୍ଷତିଗ୍ରସ୍ତ ବା ପ୍ରପୀଡ଼ିତ ପ୍ରାଣୀମାନଙ୍କୁ ସେହି ନିର୍ଦ୍ଦିଷ୍ଟ ସ୍ଥାନରେ ଚିକିତ୍ସା ସେବା ଯୋଗାଇଦେବା। ଦୁର୍ଘଟଣାଗ୍ରସ୍ତ ପ୍ରାଣୀମାନଙ୍କୁ ଜରୁରିକାଳୀନ ଚିକିତ୍ସା ସେବା ଯୋଗାଇବା। ଦୁର୍ବଳ ଓ ଅସୁସ୍ଥ ପ୍ରାଣୀମାନଙ୍କୁ ଚିକିତ୍ସା ଉପଲବ୍ଧ ନିମନ୍ତେ ନିକଟସ୍ଥ ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ସ୍ଥାନାନ୍ତରିତ କରିବା। ଜାତୀୟ ରାଜପଥ ବା ରାଜ୍ୟସଡ଼କ ପଥରେ ପ୍ରାଣୀ ଜନିତ ଦୁର୍ଘଟଣା ଘଟିବା ସମୟରେ ରାସ୍ତା ଅବରୋଧ ହଟାଇବା ନିମନ୍ତେ କାର୍ଯ୍ୟ କରିବା। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉତ୍ତମ ଓ ସମୟ ଉପଯୋଗୀ ପ୍ରାଣୀ ଚିକିତ୍ସା ସେବା ଯୋଗାଇଦେବା।

ଜୀବମାନଙ୍କ ପ୍ରତି ନିଷ୍ଠୁରତା ପରିହାର ସହିତ ସେମାନଙ୍କ ପ୍ରତି ଦୟାଭାବ ପ୍ରଦର୍ଶନ କରିବା ନିମନ୍ତେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯଥା – ପିପୁଲ ଫର ଆନିମଲ, ଗୋମାତା ସେବା ଫୋରମ୍, ଗୋସୁରକ୍ଷା ବାହିନୀ, ସ୍କିକ ଫର ଆନିମଲସ୍, ଆନିମଲ ୱେଲଫେୟାର ଟ୍ରଷ୍ଟ ଆଦି ଏ ଦିଗରେ ଆଗେଇ ଆସିଛନ୍ତି। ସେହିପରି ଭୁବନେଶ୍ୱର ମହାନଗରନିଗମ ତରଫରୁ ଜଟଣୀର ଜାମୁକୋଲିଠାରେ ବୁଲାଷଣ୍ଢଙ୍କ ଥଇଥାନ ନିମନ୍ତେ ଏକ ଆନିମଲ ୱେଲଫେୟାର ସେଣ୍ଟର ପ୍ରତିଷ୍ଠା କରାଯାଇଛି।

ଏହି ପବିତ୍ର ଜୀବ ମଙ୍ଗଳ ପକ୍ଷ ପାଳନ ଅବସରରେ ରାଜ୍ୟସ୍ଥିତ ବିଭିନ୍ନ ଜୀବ କଲ୍ୟାଣ ସଂଗଠନ ଏବଂ ସ୍ୱେଚ୍ଛାସେବୀ ସଂଗଠନଗୁଡିକ ତ୍ୱରିତ କାର୍ଯ୍ୟ କଲେ ଜୀବମଙ୍ଗଳ ପକ୍ଷର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରିବ, ଏଥିରେ ସନ୍ଦେହ ନାହିଁ।

-ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ
ଜଗତ୍‌ସିଂହପୁର
ମୋ : ୯୪୩୭୬୦୭୩୧୨

## ସଂକ୍ଷେପରେ

### ନିଆଁରେ ଘର ସହ ଜଳିଗଲା ଗୁହାଳ
### ୩ ଗୋରୁ ଜୀବନ୍ତ ଦଗ୍ଧ

ଆଳି,୧୮।୧(ଡି.ଏନ.ଏ.): କେନ୍ଦ୍ରାପଡ଼ା ଜିଲା ଆଳି ତହସିଲ ଅନ୍ତର୍ଗତ ସଂସିଧା ପଞ୍ଚାୟତର ଠାକୁରପାଟଣା ଗ୍ରାମର ଗୌରାଙ୍ଗ ପରିଡାଙ୍କ ଘରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ନିଆଁରେ ଗୋଟିଏ ବଖରା ଘର ସହ ଗୁହାଳ ଜଳିଯାଇ ୩ ଗୋରୁ ଜୀବନ୍ତ ଦଗ୍ଧ ହୋଇଥିବା ସୂଚନା ମିଳିଛି। ସବୁଦିନ ପରି ରାତିରେ ଗୌରାଙ୍ଗଙ୍କ ପରିବାର ଲୋକ ଖାଇ ପିଇ ଶୋଇଥିଲେ। ବିଳମ୍ବିତ ରାତିରେ ଘରେ ନିଆଁ ଲାଗି ଯାଇଥିବା ଜାଣିବାକୁ ପାଇଥିଲେ। ସେମାନେ ପଡ଼ୋଶୀଙ୍କ ସହ ମିଶି ନିଆଁ ଲିଭାଇବା ସହ ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ। ଘର ସହ ଗୁହାଳ ଜଳି ଗୁହାଳରେ ଥିବା ୩ ଗୋରୁ ଜୀବନ୍ତ ଦଗ୍ଧ ହୋଇ ଯାଇଥିବା ବେଳେ ଆଉ ୩ ଗାଈ ସାମାନ୍ୟ ଆହତ ହୋଇଥିଲେ। କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାରୀ ସହାୟତା ପ୍ରଦାନ ପାଇ ଗ୍ରାମବାସୀ ଦାବି କରିଛନ୍ତି।

### ହାଇୱା ଜବତ: ୫୦ ହଜାର ଜରିମାନା ଆଦାୟ

ବିରିଡି,୧୮।୧(ଡି.ଏନ.ଏ.): ବିରିଡ଼ି ଛକରେ ବେଆଇନ ବାଲି ବୋଝେଇ କରି ନେଉଥିବା ଏକ ହାଇୱାକୁ ତହସିଲ ପକ୍ଷରୁ ଜବତ କରାଯାଇ ୫୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଗାଡିଟି କଟକ-ଜାତୀୟ ରାଜପଥ ନଂ. ୫୫ ଦେଇ କଇଜଙ୍ଗାରୁ ଜଗତସିଂହପୁର ଅଭିମୁଖେ ଯାଉଥିଲା ବେଳେ ଧରାପଡ଼ିଥିଲା ବୋଲି ବିରିଡି ତହସିଲର ରେକର୍ଡ କିପର ସୂର୍ଯ୍ୟ ମହାନ୍ତି କହିଛନ୍ତି।

### କେଉଟକଣ୍ଡିଆରେ ବାଦୀପାଲା ମହୋତ୍ସବ ଉଦ୍‌ଯାପିତ

ଡେରାବିଶ,୧୮।୧(ସ୍ୱ.ପ୍ର.): ଡେରାବିଶ ବ୍ଲକ ଅଧୀନ ଏଣ୍ଡର ପଞ୍ଚାୟତ କେଉଟକଣ୍ଡିଆ ଗାଁର ମା' ବୁଢ଼ୀ ଜାଗୁଲାଇଙ୍କ ପୀଠରେ ଗତ ୧୧ ତାରିଖଠାରୁ ଆରମ୍ଭ ହୋଇଥିବା ବାଦୀପାଲା ମହୋତ୍ସବ ସୋମବାର ବିଳମ୍ବିତ ରାତ୍ରିରେ ଉଦ୍‌ଯାପିତ ହୋଇଯାଇଛି। ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଚଳିତବର୍ଷ ୧୩୫ତମ ବାଦୀପାଲା ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଗାୟକ ରମେଶ ଚନ୍ଦ୍ର ପଣ୍ଡା, ଭାସ୍କର ଚନ୍ଦ୍ର ସାହୁ, ନୃସିଂହ ଚରଣ ହୋତା, ଅଜୟ ମହାଭୋଇ ଓ ମଧୁସୂଦନ ପତି ପ୍ରମୁଖ ପାଲା ପରିବେଷଣ କରିଥିଲେ। ତେବେ ରାମାୟଣ, ମହାଭାରତ ଓ ଅଷ୍ଟାଦଶ ପୁରାଣରେ ବର୍ଣ୍ଣିତ ଚରିତ୍ରର ବର୍ତ୍ତମାନ ସମାଜରେ ପ୍ରତିଫଳନ ଉପରେ ପ୍ରାଚୀନ କବିମାନଙ୍କର ଲେଖାକୁ ଗାୟକମାନେ ପରିବେଷିତ କରିଥିଲେ। କରୋନା କଟକଣାକୁ ଦୃଷ୍ଟିରେ ରଖି ପାଲା କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିବା କର୍ମକର୍ତ୍ତା ସଞ୍ଜୟ ସୁନ୍ଦରରାୟ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ହରେକୃଷ୍ଣ ମହାନ୍ତି, ଭାସ୍କର ବେହେରା, ଗୋବିନ୍ଦ ଚନ୍ଦ୍ର ସେଠୀ, ନାରାୟଣ ସେଠୀ, ଜ୍ୟୋତି ସୁନ୍ଦରରାୟ ପ୍ରମୁଖ ପରିଚାଳନା କରିଥିଲେ।

### ୪ ଧାନମଣ୍ଡି ଉଦ୍‌ଘାଟିତ

ବିରିଡି/ଏରସମା/ରଘୁନାଥପୁର,୧୮।୧ (ଡି.ଏନ୍.ଏ./ସ୍ୱ.ପ୍ର.): ବିରିଡି ବ୍ଲକରେ ୨ଟି, ଏରସମା ଓ ରଘୁନାଥପୁର ବ୍ଲକରେ ମଙ୍ଗଳବାର ଗୋଟିଏ ଲେଖାଏ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ବିରିଡି ବ୍ଲକ ଅଧୀନ ଅଡଙ୍ଗଗଡ ପ୍ରାଥମିକ କୃଷି ସମବାୟ ସମିତି ଓ ଗୋପୀନାଥପୁର ପ୍ରାଥମିକ କୃଷି ସମବାୟ ସମିତିରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ଅଡଙ୍ଗଗଡ ମଣ୍ଡିକୁ ସମିତିର ପୂର୍ବତନ ସଭାପତି ଗିରୀଶ ଚନ୍ଦ୍ର ପାତ୍ର ଉଦ୍‌ଘାଟନ କରିଥିଲେ। ଏହି ସମିତି ଅଧୀନରେ ଥିବା ଅଡଙ୍ଗଗଡ, ଅଡଙ୍ଗମଜୁରାଇ, ଶିବପୁର ଓ ଅରଣା ପଞ୍ଚାୟତର ୬୧୩ ଜଣ ଚାଷୀ ଧାନ ବିକ୍ରୟ କରିବା ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ଏହି ବ୍ଲକ ଅଧୀନ ଗୋପୀନାଥପୁର ପ୍ରାଥମିକ କୃଷି ସମବାୟ ସମିତିରେ ସମ୍ପାଦକ ଅନ୍ତର୍ଯ୍ୟାମୀ ମୁଦୁଲି, ଡିଇଓ ରମାକାନ୍ତ ମହାପାତ୍ର ଓ ପୂର୍ବତନ ସଭାପତି ବିକ୍ରମ ସାହୁ ପ୍ରମୁଖଙ୍କ ଉପସ୍ଥିତି ଧାନମଣ୍ଡି ଉଦ୍‌ଘାଟିତ ହୋଇଥିଲା। ଏଠାରେ ଗୋପୀନାଥପୁର, ସଡେଇଶାସନ, ବୁଢାପଡା, କୁଳକଇଜଙ୍ଗା ପଞ୍ଚାୟତର ୫୯୮ ଜଣ ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜୀକୃତ କରିଛନ୍ତି। ଏରସମା କୃଷି ସମବାୟରେ ମଣ୍ଡିକୁ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଏରସମା ଶାଖା ପରିଚାଳକ ଫକୀର ଚରଣ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଏଠାରେ ଏରସମା ଓ ଜିରାଇଲୋ ପଞ୍ଚାୟତର ଚାଷୀମାନେ ଧାନ ବିକ୍ରୟ କରିପାରିବେ। ସେହିପରି ରଘୁନାଥପୁର ବ୍ଲକ ରେଢୁଆ କୃଷି ସେବା ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଶୁଭାରମ୍ଭ ହୋଇଛି। ସମିତି ସହସମ୍ପାଦକ ପ୍ରକାଶ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ରଘୁନାଥପୁର କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ଇତିଶିକାନ୍ତ ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ମଣ୍ଡିରେ ଧାନ ବିକ୍ରି ପାଇଁ ୪୩୩ ଜଣ ଚାଷୀ ଅନ୍‌ଲାଇନରେ ନାମ ପଞ୍ଜୀକରଣ କରିଛନ୍ତି।

# ବହୁ ଘରୁ ଆଦାୟ ହେଉନି ହୋଲ୍ଡିଂ ଟ୍ୟାକ୍ସ

ପାରାଦୀପ, ୧୮।୧(ସ୍ୱ.ପ୍ର.)

ପାରାଦୀପ ପୌର ପରିଷଦ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ୧ କୋଟି ୭୦ ଲକ୍ଷ ୭୧ ହଜାର ୪୩୮ ଟଙ୍କା ଆଦାୟ କରି ରାଜ୍ୟରେ ଶ୍ରେଷ୍ଠ ସ୍ଥାନ ହାସଲ କରିଥିଲା। ଏ ନେଇ ସେପ୍ଟେମ୍ବର ୨୫ରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପୁରସ୍କାର ସ୍ୱରୂପ ଫଳକ ମିଳିଥିଲା। କିନ୍ତୁ ପୌରାଞ୍ଚଳର ୫ନଂ. ୱାର୍ଡର ବିଜୟଚନ୍ଦ୍ରପୁର ବା ତାରିଣୀଗଡ଼ାରୁ କର୍ତ୍ତୃପକ୍ଷ ବହୁ ଘରର କବଲା କିମ୍ବା ପଟ୍ଟା ନ ଥିବାରୁ ହୋଲ୍ଡିଂ ଟ୍ୟାକ୍ସ ନେବାକୁ ରାଜି ହେଉନାହାନ୍ତି। ଉକ୍ତ ଅଞ୍ଚଳରେ ବହୁ ଅଟ୍ଟାଳିକା ଥିବାବେଳେ ପ୍ରତିଦିନ ନୂଆ ନୂଆ ଘର ନିର୍ମାଣ ଚାଲିଛି। ସେଥିମଧ୍ୟରୁ ପୌର ପରିଷଦ ମାତ୍ର ୫୭୩ ଘରୁ ହୋଲ୍ଡିଂ ଟ୍ୟାକ୍ସ ଆଦାୟ କରୁଛି। ପ୍ରଶାସନ ପକ୍ଷରୁ ବିଜୟଚନ୍ଦ୍ରପୁର ମୌଜାରେ ଜମି କିଣାବିକା ଉପରେ ୨୦୧୬ରୁ କଟକଣା ଲାଗୁ କରାଯାଇଛି। ସେଠାରେ ଜମି ଜାଲିଆତି ବହୁଳମାତ୍ରାରେ ହେଉଥିବାରୁ ବିଗତ ଦିନରେ ଅନେକ



ପାରାଦୀପ ପୌରାଞ୍ଚଳର ବିଜୟଚନ୍ଦ୍ରପୁର ଅଞ୍ଚଳ।

ବିବାଦ ହୋଇଛି। ଏପରି କି ଏକାଧିକ ମାମଲା କୋର୍ଟରେ ଚାଲିଛି। ୨୦୧୬ ପୂର୍ବରୁ କବଲା ହୋଇଥିବା ଘରଗୁଡ଼ିକରୁ କେବଳ ହୋଲ୍ଡିଂ ଟ୍ୟାକ୍ସ ନିଆଯାଉଛି ବୋଲି ଟ୍ୟାକ୍ସ ଆଦାୟକାରୀ ଅଧିକାରୀ ଶାରଦା ମାହାଳି କହିଛନ୍ତି। ଅପରପକ୍ଷେ ପାରାଦୀପ ପୌର ପରିଷଦ ପକ୍ଷରୁ ୧୩ ବର୍ଷ ହେଲା ହୋଲ୍ଡିଂ ଟ୍ୟାକ୍ସ ରିଭାଇଜ୍ ସର୍ଭେ କରାଯାଇନାହିଁ। ପୌରାଞ୍ଚଳର ଘର ଓ ଅନ୍ୟ ଅନୁଷ୍ଠାନ ସମ୍ପର୍କରେ ପ୍ରତି ୫ ବର୍ଷରେ ଥରେ ସର୍ଭେ ହେବା କଥା। ପାରାଦୀପ ପୌର ପରିଷଦର ବିଭିନ୍ନ ୱାର୍ଡ ପାଇଁ ୨୦୦୮ରେ ନଗର ଉନ୍ନୟନ ବିଭାଗ ପକ୍ଷରୁ ସର୍ଭେ କରାଯାଇଥିଲା। ପୁନଃ ସର୍ଭେ କରିବାକୁ ପୌରପାଳିକା ପକ୍ଷରୁ ୨ ଥର ଚିଠି କରାଗଲାଣି ବୋଲି ଆଇନ ଅଧିକାରୀ ଦୁର୍ଯ୍ୟୋଧନ ନାୟକ କହିଛନ୍ତି। ହୋଲ୍ଡିଂ ଟ୍ୟାକ୍ସ ନ ନେବା ପ୍ରସଙ୍ଗରେ ପୌର ନିର୍ବାହୀ ଅଧିକାରୀ ସୌରୀନ୍ଦ୍ର କୁମାର ରାଉତରାୟଙ୍କୁ ପଚାରିବାରେ ଯେଉଁମାନେ ଟ୍ୟାକ୍ସ ଦେବା କଥା ସେମାନେ ବିଭିନ୍ନ ଆଳ ଦେଖାଇ ବିଳମ୍ବ କରୁଛନ୍ତି। ମାତ୍ର ଯାହାର ଘରବାଡ଼ି ଉପରେ କାଗଜପତ୍ର ଠିକ୍ ନାହିଁ ସେମାନେ ଟ୍ୟାକ୍ସ ଦେବାକୁ କହୁଛନ୍ତି। ଥରେ ପୌର ପରିଷଦର ରସିଦ ପାଇଗଲେ ସେମାନେ କୋର୍ଟରେ ପ୍ରଶାସନକୁ ଅଡୁଆରେ

**ପାରାଦୀପ ପୌରାଞ୍ଚଳ**
- ୧୩ ବର୍ଷ ହେଲା ଟ୍ୟାକ୍ସ ରିଭାଇଜ୍ ସର୍ଭେ ହୋଇନାହିଁ

ପକାଇ ପାରିବେ। ସେମାନେ ପରିଷଦକୁ ଉପଯୁକ୍ତ କାଗଜପତ୍ର ଦେଖାଇଲେ ଟ୍ୟାକ୍ସ ଆଦାୟ କରାଯିବ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ପାରାଦୀପ ଶିଳ୍ପାଞ୍ଚଳରେ ଜାଗାର ମୂଲ୍ୟ ଦିନକୁ ଦିନ ବଢ଼ିଚାଲିଛି। ଅନେକ ମୁଷ୍ଟିମେୟ ଲୋକ ଏଠାର ସରକାରୀ ଜାଗାକୁ ଜବରଦଖଲ କରି ଘର କରିବାରେ ଲାଗିଛନ୍ତି। ସେହି ଘରକୁ କିପରି ନିଜ ନାମରେ କରିବେ ସେଥିପାଇଁ ଗଳାବାଟ ଖୋଜୁଛନ୍ତି। ଏହିକ୍ରମରେ ପାରାଦୀପରେ ଏବେ ୫୫ଟି ବସ୍ତି ଓ କଲୋନୀ ସୃଷ୍ଟି ହେଲାଣି। ସେଥିରୁ ବିଜୟଚାନ୍ଦପୁର, ମୂଷାଡିଆ, ଉଦୟବିହାର, ଲକ୍‌ପଡ଼ା ଆଦିରେ ଶତାଧିକ ସୁଉଚ୍ଚ ଅଟ୍ଟାଳିକା ଗଢ଼ିଉଠିଛି ବୋଲି ଜଣେ ରାଜସ୍ୱ ନିରୀକ୍ଷକ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି।

## କଣ୍ଡିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡାକ୍ତର ଯୋଗାଇ ଦେବାକୁ ଦାବି

ରାଜକନିକା,୧୮।୧(ଡି.ଏନ.ଏ.)

ରାଜକନିକା ବ୍ଲକର ମୁଖ୍ୟ ବାଣିଜ୍ୟ କେନ୍ଦ୍ର କଣ୍ଡିଆ ହାଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଜକୁ ଦୀର୍ଘଦିନ ହେବ କେହି ଡାକ୍ତର ନାହାନ୍ତି। ଫଳରେ ରୋଗୀମାନଙ୍କ ପାଇଁ ସ୍ୱାସ୍ଥ୍ୟସେବା ଅପହଞ୍ଚ ହୋଇପଡିଛି। ଡାକ୍ତର ନ ଥିବାରୁ ରୋଗୀମାନେ ଏବେ ବାଧ୍ୟ ହୋଇ କଟକ ଓ ଯାଜପୁର ଡାକ୍ତରଖାନାକୁ ବହୁ ଖର୍ଚ୍ଚାନ୍ତ ହୋଇ ଯାଉଛନ୍ତି। ପୂର୍ବରୁ ଥିବା ଡାକ୍ତର ଏବେ ଯାଜପୁରକୁ ବଦଳି ହୋଇଛନ୍ତି। ତେଣୁ ଜଣେ ଡାକ୍ତରଙ୍କୁ ନିଯୁକ୍ତି ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ୧୯୫୭ ଜୁନ୍ ୧୫ରେ ସ୍ଥାନୀୟ ଲୋକଙ୍କ ସହଯୋଗରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବ ଏହି ସ୍ୱାସ୍ଥ୍ୟକେନ୍ଦ୍ରର ଶୁଭ ଦେଇଥିଲେ। ସେତେବେଳେ ବ୍ରାହ୍ମଣୀ, ଖରସ୍ରୋତା, କାଣୀ ଓ ବୈତରଣୀରେ ପ୍ରବଳ ବନ୍ୟା ହେଉଥିଲା। ଧାନ ଉଜୁଡି ଯାଉଥିଲା। ଲୋକେ ଖାଇବାକୁ ପାଉ ନ ଥିଲେ। ଏଭଳି ପରିସ୍ଥିତିରେ କୋଲକାତାର ଝୋଟକଳ ଓ ବଡବଜାରରେ କୁଲିଗିରି କରି ଏ ଅଞ୍ଚଳର ଲୋକେ ପେଟ ପୋଷୁଥିଲେ। ତେଣୁ କଣ୍ଡିଆ ଗ୍ରାମର ଜଗନ୍ନାଥ ବାରିକ ସଭାପତି ଥିବା ବେଳେ ଲୋକଙ୍କଠାରୁ ମାସିକ ଚାନ୍ଦା ଆଦାୟ କରି ଏହି ବେସରକାରୀ ଡାକ୍ତରଖାନା ଚଳାଉ ଥିଲେ। ଏହାର କିଛିଦିନ ପରେ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏହାକୁ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିଥିଲେ। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଚରପଡା, ଅବଦୁଲପୁର, ହାଟସାହି, ସିହୋପଡା, ପଣସଗଣ୍ଡ, ପଧାନପଡା, ଦେଉଳତରା ଓ ନମତରା ଅଞ୍ଚଳର ରୋଗୀମାନେ ନିର୍ଭର କରିଥାନ୍ତି।

## ଦ୍ୱିତୀୟ ଦିବସରେ ଜିଲାରେ ୭୯୨ ପ୍ରାର୍ଥୀଙ୍କ ନାମାଙ୍କନ

କେନ୍ଦ୍ରାପଡ଼ା ଅଫିସ, ୧୮।୧

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସୋମବାର କେନ୍ଦ୍ରାପଡ଼ା ଜିଲାରେ ପ୍ରଥମ ଦିନରେ ୮୧୦ଜଣ ପ୍ରାର୍ଥୀ ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ମଙ୍ଗଳବାର ଦ୍ୱିତୀୟ ଦିବସରେ ୭୯୨ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଜିଲା ପରିଷଦ ସଭ୍ୟ ପାଇଁ ଆଳି ବ୍ଲକ ଅଞ୍ଚଳର ୧ ନଂ. ଜୋନ ପାଇଁ ବିଜେଡିର କନକଲତା ବେହେରା ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏଥିସହ ଜିଲାର ୯ ବ୍ଲକ ଅଞ୍ଚଳରେ ସମିତିସଭ୍ୟ, ସରପଞ୍ଚ ଓ ୱାର୍ଡ ସଭ୍ୟ ପଦ ପାଇଁ ମୋଟ ୭୯୧ ପ୍ରାର୍ଥୀପତ୍ର ବିଭିନ୍ନ କାର୍ଯ୍ୟାଳୟରେ ଦାଖଲ ହୋଇଛି। ଡିପିଓ ସନ୍ତୋଷ କୁମାର ସାହୁଙ୍କ ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳରେ ୮୧ ୱାର୍ଡ ସଭ୍ୟ, ୪ ସମିତିସଭ୍ୟ ଓ ୭ ଜଣ ସରପଞ୍ଚ ପଦ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି ଡେରାବିଶ ବ୍ଲକରେ ୬୦ ୱାର୍ଡ ସଭ୍ୟ, ୨ ସମିତିସଭ୍ୟ ଓ ୯ ସରପଞ୍ଚ, ପଟ୍ଟାମୁଣ୍ଡାଇ ବ୍ଲକରେ ୧୦୯ ୱାର୍ଡ ସଭ୍ୟ, ୭ ସମିତିସଭ୍ୟ ଓ ୧୪ ସରପଞ୍ଚ, ଗରଦପୁର ବ୍ଲକରେ ୪୪ ୱାର୍ଡ ସଭ୍ୟ, ୪ ସମିତିସଭ୍ୟ ଓ ୨ ସରପଞ୍ଚ, ମାର୍ଶାଘାଇ ବ୍ଲକରେ ୭୮ ୱାର୍ଡ ସଭ୍ୟ, ୩ ସମିତିସଭ୍ୟ ଓ ୯ ସରପଞ୍ଚ ପଦ ପାଇଁ ପ୍ରାର୍ଥୀ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଏଥିସହ ଆଳି ବ୍ଲକ ଅଞ୍ଚଳରେ ୯୨ ୱାର୍ଡସଭ୍ୟ, ୨ ସମିତିସଭ୍ୟ ଓ ୧୧ ସରପଞ୍ଚ, ମହାକାଳପଡ଼ା ବ୍ଲକରେ ୭୭ ୱାର୍ଡ ସଭ୍ୟ, ୨ ସମିତିସଭ୍ୟ ଓ ୭ ସରପଞ୍ଚ, ରାଜନଗର ବ୍ଲକରେ ୪୩ ୱାର୍ଡ ସଭ୍ୟ, ୪ ସମିତିସଭ୍ୟ ଓ ୯ ସରପଞ୍ଚ ଓ ରାଜକନିକା ବ୍ଲକରେ ୯୫ ୱାର୍ଡ ସଭ୍ୟ, ୭ ସମିତିସଭ୍ୟ ଓ ୯ ସରପଞ୍ଚ ପଦ ପାଇଁ ଆଶାୟୀ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଉପଜିଲାପାଳ ନିରଞ୍ଜନ ବେହେରାଙ୍କ ସୂଚନା ଅନୁଯାୟୀ ଚଳିତ ନିର୍ବାଚନରେ କୋଭିଡ୍ କଟକଣାକୁ ଗୁରୁତ୍ୱ ଦିଆଯାଇଛି।

## ଜାଳେଣି କାଠ ପାଇଁ ଜୀବନ ସଂଗ୍ରାମ


କାଠ ଧରି ନଦୀ ପାରି ହେଉଛନ୍ତି ମହିଳା।

ମହାକାଳପଡ଼ା,୧୮।୧(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ଉପକୂଳ ଅଞ୍ଚଳ ବତୀଘର ପଞ୍ଚାୟତର କେତେଜଣ ମହିଳା ନିକଟସ୍ଥ ଜଙ୍ଗଲରୁ ଦୈନିକ ଜାଳେଣି କାଠ ସଂଗ୍ରହ କରିବାକୁ ନଦୀ ପାର ହୋଇଯାଇଥାନ୍ତି। ଏଥିପାଇଁ ସେହି ମହିଳାମାନଙ୍କୁ କୁମ୍ଭୀର ବହୁଳ ନଦୀରେ ପଶି ଯିବାଆସିବା କରିବାକୁ ପଡିଥାଏ। ମହିଳାମାନଙ୍କ ମୁଣ୍ଡରେ ସେମାନେ ସଂଗ୍ରହ କରିଥିବା କାଠ ବିଡ଼ା ଥାଏ। ମହାନଦୀ ଶାଖା ବତୀଘର-ଖୋଲା ନଦୀ ପାର ହୋଇ ସେମାନ ଅତି ବିପଦପୂର୍ଣ୍ଣ ଅବସ୍ଥାରେ ଘରକୁ ଫେରିଥାନ୍ତି। ନଦୀରେ ଏବେ ବଉଳା କୁମ୍ଭୀରଙ୍କ ଉପଦ୍ରବ ଆରମ୍ଭ ହୋଇଛି। ବହୁ ଲୋକ ମାଛ ଧରିବା ସମୟରେ କୁମ୍ଭୀରଙ୍କ ଆକ୍ରମଣର ଶିକାର ହେଉଥିବା ନଜିର ରହିଛି। ଏହାପରେ ବି ଘରେ ରୋଷେଇ ପାଇଁ ବାଧ ହୋଇ ସମ୍ପୃକ୍ତ ମହିଳାମାନେ ନଦୀରେ ପଶି ଏପରି ବିପଦପୂର୍ଣ୍ଣ ଭାବେ ଯାତାୟାତ କରିବା ଘଟଣା ଚିନ୍ତାର କାରଣ ପାଲଟିଛି।

## ଦିବାରାତ୍ର କ୍ରିକେଟ: ଇମନ ଏକାଦଶ ଚାମ୍ପିୟନ

ରାଜନଗର, ୧୮।୧(ଡି.ଏନ.ଏ.)

ରାଜନଗର ସପ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ଅରୁ ଏକାଦଶକୁ ହରାଇ ଇମନ ଏକାଦଶ ଚାମ୍ପିୟନ ହୋଇଛି। ଖେଳରେ ୫ଟି ଟିମ୍ ଭାଗ ନେଇଥିଲେ। ଫାଇନାଲ ମ୍ୟାଚରେ ସର୍ବେଶ୍ୱର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୟୀ ଇମନ ଏକାଦଶକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ଫାଇନାଲ ମ୍ୟାଚରେ ନିଟା ନାଥ ମ୍ୟାନ ଅଫ୍ ଦି ମ୍ୟାଚ ଓ ମଣ୍ଟୁ ସେଠୀଙ୍କୁ ମ୍ୟାନ ଅଫ୍ ଦି ସିରିଜ ପ୍ରଦାନ କରାଯାଇଛି। ଏହି ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟକୁ ବାସୁଦେବ ସାହୁ, ଅଜୟ କୁମାର ନାଥଶର୍ମା ପରିଚାଳନା କରିଥିଲେ।

## ଜେଏସ୍‌ଡବ୍ଲ୍ୟୁ ଅଧିକାରୀ ଲୋକଙ୍କ ସମସ୍ୟା ବୁଝିଲେ


ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ ନାୟକ ଲୋକଙ୍କ ସହ ଆଲୋଚନା କରୁଛନ୍ତି।

କୁଜଙ୍ଗ,୧୮।୧(ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲା ଏରସମା ତହସିଲ ଅନ୍ତର୍ଗତ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ଅଞ୍ଚଳକୁ ମଙ୍ଗଳବାର ଏହି ପ୍ରକଳ୍ପର କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ ନାୟକଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଗସ୍ତ କରିଥିଲେ। ସେମାନେ ମାହାଳ, ପାଟଣା ଓ ଗୋବିନ୍ଦପୁର ଗାଁକୁ ଯାଇ ମା'ମଙ୍ଗଳା ଜଙ୍ଗଲ କମିଟି ଓ ଆଖଣ୍ଡଳମଣି ଜଙ୍ଗଲ କମିଟି ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଅଞ୍ଚଳର ଭୌଗୋଳିକ ସ୍ଥିତି ଅନୁଧ୍ୟାନ କରି ଫେରିଥିଲେ। ଏହି ଅବସରରେ କମିଟିର ସଦସ୍ୟମାନେ ପାନବରଜ ଉଚ୍ଛେଦ କରାଯାଉଥିବାରୁ ବିକଳ୍ପ ରୋଜଗାର ଯୋଗାଇଦେବାକୁ ଦାବି କରିଥିଲେ। ଏଥିସହ ଫଳନ୍ତି ବୃକ୍ଷ ଓ ଅନ୍ୟାନ୍ୟ ଗଛଗୁଡ଼ିକର ଠିକ୍ ମୂଲ୍ୟାୟନ କରିବାକୁ କହିଥିଲେ। ନାୟକଙ୍କ ଗସ୍ତ ସମୟରେ କମ୍ପାନୀର ଖଣି ମୁଖ୍ୟ ବି.ଆର.କେ ପାଢୀ, ମାନବ ସମ୍ବଳ ମୁଖ୍ୟ ଶ୍ରୀଜିତ ମିଶ୍ର, ପାରାଦୀପ ପ୍ରକଳ୍ପ ମୁଖ୍ୟ ସୁବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଅପରପକ୍ଷରେ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ପାଇଁ ପାଟଣାଠାରୁ ଗୋବିନ୍ଦପୁର ପର୍ଯ୍ୟନ୍ତ ପ୍ରାଚୀର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ପାଟଣା ଓ ମାହାଳ ଗାଁରେ ପାନବରଜ ମାପଚୁପ ଓ ଉଚ୍ଛେଦ କାର୍ଯ୍ୟ ଜାରି ରହିଛି। ଏବେ ସୁଦ୍ଧା ୨୫୭ଜଣ ହିତାଧିକାରୀଙ୍କୁ ସେମାନଙ୍କ ପାନବରଜ ଉଚ୍ଛେଦ ବାବଦରେ ୬କୋଟି ୪୬ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି। ଅନ୍ୟପକ୍ଷେ ପୋସ୍କୋ ସମୟରେ ପାନବରଜ ଦେଇଥିବା ୧୧୧ଜଣଙ୍କୁ ବର୍ଦ୍ଧିତ କ୍ଷତିପୂରଣ ବାବଦରେ ଡିସିମିଲି ପିଛା ଅଧିକ ୬ ହଜାର ଟଙ୍କା ଲେଖାଏ ଦିଆଯାଇଛି। ଏବାବଦରେ ୯୪ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯାଇଛି ବୋଲି ତହସିଲାଦାର ପ୍ରଜ୍ଞାନନ୍ଦ ଦାସ କହିଛନ୍ତି।

ଗତ ଶୁକ୍ରବାର ପାନବରଜ ଉଚ୍ଛେଦ ବେଳେ ଢିଙ୍କିଆରେ ପ୍ରକଳ୍ପ ବିରୋଧୀ ଓ ପୋଲିସ ମଧ୍ୟରେ ସଂଘର୍ଷ ହୋଇଥିଲା। ଏଥିରେ ଉଭୟ ପକ୍ଷରୁ କେତେଜଣ ଆହତ ହୋଇଥିଲେ। ସେଦିନଠାରୁ ଢିଙ୍କିଆ ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଛି। ପୋଲିସ ପକ୍ଷରୁ ସେଠାରେ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

## ପଟ୍ଟାମୁଣ୍ଡାଇ-ରାଜନଗର ରାସ୍ତାରେ ବସ୍ ଚଳାଚଳ ପାଇଁ ଦାବି

ପଟ୍ଟାମୁଣ୍ଡାଇ,୧୮।୧(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ-ରାଜନଗର ବନ୍ୟାବନ୍ଧ ପୁରାତନ ରାସ୍ତାରେ ଦୀର୍ଘ ୨ ବର୍ଷରୁ ଊର୍ଦ୍ଧ୍ୱ ହେଲା ବସ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି। ୧୯୮୦ ମସିହାଠାରୁ ଉକ୍ତ ରାସ୍ତାରେ କଟକ, ଭୁବନେଶ୍ୱର, ପାରାଦୀପ, କୋଲକାତା ଆଦି ଅଞ୍ଚଳକୁ ବସ ଚଳାଚଳ ପାଇଁ ଆରଟିଓଙ୍କ ଅନୁମତି ମିଳିଥିଲା। ସେବେଠାରୁ ଏହି ରାସ୍ତାରେ ବସ ଚଳାଚଳ କରିଆସୁଛି। କିନ୍ତୁ ଗତ ୨ ବର୍ଷ ଧରି ଏହି ରାସ୍ତାରେ କୌଣସି ଯାତ୍ରୀବାହୀ ବସ ଚଳାଚଳ କରୁନାହିଁ। ଆସନ୍ତା ୧୬ ତାରିଖ ମଧ୍ୟରେ ବସ ଚଳାଚଳ ନ ହେଲେ ଅଞ୍ଚଳବାସୀଙ୍କ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଶୁଣାଯାଇଛି। ଏହି ରାସ୍ତା ଉପରେ ରାଜନଗର ସମେତ ପଟ୍ଟାମୁଣ୍ଡାଇ, ଉତିକଣ ଓ ଧୋୟାଞ୍ଚଳର ୧୯ଟି ପଞ୍ଚାୟତର ହଜାର ହଜାର ଲୋକ ଦୈନିକ ନିର୍ଭର କରନ୍ତି। ଏଥିସହ ସ୍କୁଲ, କଲେଜରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ର, ବିଭିନ୍ନ ସଂସ୍ଥା ଓ ଅନୁଷ୍ଠାନରେ କାର୍ଯ୍ୟରତ ବ୍ୟକ୍ତିମାନେ ଏହି ରାସ୍ତାକୁ ବ୍ୟବହାର କରନ୍ତି। ବସ ଚଳାଚଳ ବନ୍ଦ ଯୋଗୁ ଲୋକମାନେ ଅସୁବିଧା ଭୋଗୁଛନ୍ତି। ରାସ୍ତାରେ ଆଗଭଳି ଯାତ୍ରୀବାହୀ ବସ ଚଳାଚଳା କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପରିବହନ ସଚିବ ପ୍ରମୁଖଙ୍କୁ ଦାବିପତ୍ର ଦିଆଯାଇଛି। ହେଲେ ସମସ୍ୟାର ସମାଧାନ ପାଇଁ କେହି କର୍ଣ୍ଣପାତ କରୁ ନ ଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଅଞ୍ଚଳବାସୀଙ୍କ ପକ୍ଷରୁ ଦୀର୍ଘ ୬୭ ପୃଷ୍ଠା ବିଶିଷ୍ଟ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର କେନ୍ଦ୍ରାପଡ଼ା ଅତିରିକ୍ତ ଜିଲାପାଳଙ୍କୁ ଦିଆଯାଇଥିବା ବେଳେ ଅଞ୍ଚଳବାସୀ ଆରଟିଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହିତ ବସ ଚଳାଚଳ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ଦାବି କରିଥିଲେ। ଆସନ୍ତା ୧୬ ତାରିଖ ମଧ୍ୟରେ ସମସ୍ୟାର ସମାଧାନ କରା ନ ଗଲେ ଅଞ୍ଚଳବାସୀଙ୍କ ପକ୍ଷରୁ ରାସ୍ତାରୋକୋ କରାଯିବ ବୋଲି ସାମାଜିକ କର୍ମୀ ପ୍ରଶାନ୍ତ ମହାନ୍ତି, ଅଲେଖ ମଲ୍ଲିକ, ପ୍ରଶାନ୍ତ ସାହୁ, ଉତ୍ତମ ପରିଡ଼ା, ଅଲେଖ କୁମାର ସାହୁ, ଅଶ୍ୱିନୀ ସେଠୀ, ପ୍ରମୋଦ ସେନାପତି, ରଶ୍ମିକାନ୍ତ କୁଣ୍ଡୁ, ସଂଗ୍ରାମ ମହାନ୍ତି, ବିଷ୍ଣୁ ପ୍ରସାଦ ନାୟକ, ନିମାଇଁ ଚରଣ ଦାସ ପ୍ରମୁଖ ଶତାଧିକ ବ୍ୟକ୍ତି ଜିଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି।

## କ୍ରିକେଟ ଟୁର୍ନାମେଣ୍ଟ: ନିଆଳି ଫାଇନାଲରେ

ରାଜନଗର, ୧୮।୧(ଡି.ଏନ.ଏ.)

ରାଜନଗର ବ୍ଲକ ବେଲପାଳ କାଳୀ ପଡିଆରେ ଚାଲିଥିବା ପ୍ରଗତି କପ୍ କ୍ରିକେଟ ଟୁର୍ନାମେଣ୍ଟରେ ୨ୟ ସେମି ଫାଇନାଲ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବେଲପାଳର ମା'କାଳୀ କ୍ରିକେଟ କ୍ଲବକୁ ୭ ଉଇକେଟରେ ହରାଇ ଆଳି ନିଆଳିର ଏନ୍‌ଏନ୍‌ସିସି କ୍ରିକେଟ କ୍ଲବ ୨ୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ବେଲପାଳର ମା'କାଳୀ କ୍ରିକେଟ କ୍ଲବ ବାଟିଂ କରି ୧୭ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୮୦ ରନ କରିଥିଲା। ଦଳର ବ୍ୟାଟ୍ସମ୍ୟାନ ସତ୍ୟରଞ୍ଜନ ସର୍ବାଧିକ ୨୦ ରନ କରିଥିଲେ। ନିଆଳିର ଏନ୍‌ଏନ୍‌ସିସି କ୍ରିକେଟ କ୍ଲବ ୮ ଓଭରରେ ୩ ଉଇକେଟ ହରାଇ ୮୧ ରନ କରି ବିଜୟୀ ହୋଇଥିଲା। ଦଳର ବ୍ୟାଟ୍ସମ୍ୟାନ ଚିକୁ ୨୪ ରନ କରିଥିଲେ। ଚିକୁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ନିଗମାନନ୍ଦ ମହାନ୍ତି, କାଳନ୍ଦୀ ପ୍ରଧାନ ଖେଳ ପରିଚାଳନା କରିଥିଲେ।

## ୨ୟ ଦିନରେ ୫୫୫ ଜଣଙ୍କ ପ୍ରାର୍ଥୀପତ୍ର ଦାଖଲ

**ପଞ୍ଚାୟତ ନିର୍ବାଚନ**
- ସରପଞ୍ଚ ପଦବୀ ପାଇଁ ୪୧, ସମିତି ସଭ୍ୟ ୨୦, ୱାର୍ଡ ସଭ୍ୟ ପାଇଁ ୪୯୪ ଜଣଙ୍କ ନାମାଙ୍କନପତ୍ର ଦାଖଲ

ଜଗତ୍‌ସିଂହପୁର ଅଫିସ, ୧୮।୧

ଜଗତ୍‌ସିଂହପୁର ଜିଲାରେ ପଞ୍ଚାୟତ ନିର୍ବାଚନ ନିମନ୍ତେ ନାମାଙ୍କନପତ୍ର ଦାଖଲର ଦ୍ୱିତୀୟ ଦିନରେ ମଙ୍ଗଳବାର ମୋଟ ୫୫୫ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରେ ସରପଞ୍ଚ ପଦବୀ ନିମନ୍ତେ ୪୧, ସମିତି ସଭ୍ୟରେ ୨୦ ଏବଂ ୱାର୍ଡ ସଭ୍ୟ ପାଇଁ ୪୯୪ ଜଣ ରହିଛନ୍ତି। ତେବେ ୨ୟ ଦିନରେ ମଧ୍ୟ ଜିଲା ପରିଷଦ ସଭ୍ୟ ପଦ ପାଇଁ କୌଣସି ନାମାଙ୍କନପତ୍ର ଦାଖଲ ହୋଇନାହିଁ। ସରପଞ୍ଚ ପଦବୀ ନିମନ୍ତେ ଏରସମା ବ୍ଲକରୁ ୫, ବାଲିକୁଦା ୩, ଜଗତ୍‌ସିଂହପୁର ୬, ବିରିଡ଼ି ୪, ତିର୍ତ୍ତୋଲ ୧୦, କୁଜଙ୍ଗ ବ୍ଲକରୁ ୯ ଏବଂ ନାଉଗାଁ, ରଘୁନାଥପୁର ବ୍ଲକରୁ ୨ ଜଣ ଲେଖାଏ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସମିତି ସଭ୍ୟ ପଦବୀ ପାଇଁ ବାଲିକୁଦା ବ୍ଲକରୁ ୪, ଜଗତ୍‌ସିଂହପୁର ୫, ତିର୍ତ୍ତୋଲ ୬ ଓ କୁଜଙ୍ଗରୁ ଜଣେ ଏବଂ ଏରସମା, ବିରିଡ଼ି ବ୍ଲକରୁ ୨ ଜଣ ଲେଖାଏ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି ୱାର୍ଡ ସଭ୍ୟ ପଦ ନିମନ୍ତେ ଏରସମା ବ୍ଲକରୁ ୫୭, ବାଲିକୁଦା ୫୦, ନାଉଗାଁ ୪୧, ଜଗତ୍‌ସିଂହପୁର ୫୩, ରଘୁନାଥପୁର ୪୫, ବିରିଡ଼ି ୫୪, ତିର୍ତ୍ତୋଲ ୧୦୪ ଓ କୁଜଙ୍ଗ ବ୍ଲକରୁ ୮୯ ଜଣ ନାମାଙ୍କନପତ୍ର ଭରିଛନ୍ତି। ସୋମବାର ସରପଞ୍ଚ ପଦବୀ ପାଇଁ ୩୧, ସମିତି ସଭ୍ୟ ୧୬ ଏବଂ ୱାର୍ଡମେମ୍ବର ପଦବୀ ପାଇଁ ୨୨୩ ଜଣ ନାମାଙ୍କନପତ୍ର ଦାଖଲ କରିଥିଲେ। ସୂଚନାଯୋଗ୍ୟ, ଏହି ଜିଲାରେ ୧୯୮ଟି ଲେଖାଏ ସରପଞ୍ଚ ଓ ସମିତି ସଭ୍ୟ ପଦବୀ ଥିବାବେଳେ ୩୩୬୪ଟି ୱାର୍ଡ ସଭ୍ୟ ପଦବୀ ରହିଛି। ନାମାଙ୍କନପତ୍ର ଦାଖଲ ପାଇଁ ଆଉ ୩ ଦିନ ବାକି ଥିବାରୁ ଦଳୀୟ ନେତୃବୃନ୍ଦ ଆଶାୟୀମାନଙ୍କ ମଧ୍ୟରେ କିପରି ବୁଝାମଣା କରିପାରୁଛନ୍ତିତାହା ଦେଖିବାକୁବାକିରହିଲା।

## କଲେଜରେ ନିର୍ବାଚନୀ ସଭା ଘଟଣା: ପିଲାଙ୍କ ରାସ୍ତାରୋକୋ

ମାର୍ଶାଘାଇ, ୧୮।୧ (ଡି.ଏନ.ଏ.)


ଜାତୀୟ ରାଜପଥ ଉପରେ ପିଲାମାନେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।

ମାର୍ଶାଘାଇ ଥାନା ମହାକାଳପଡ଼ା ବ୍ଲକ ଅଧୀନ ଜୟଚନ୍ଦ୍ରପୁର ତାରିଣୀ ମହାବିଦ୍ୟାଳୟ ପରିସରରେ ରବିବାର ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ସଭା ହୋଇଥିଲା। ମଙ୍ଗଳବାର କଲେଜ ସମ୍ମୁଖ ଜାତୀୟ ରାଜପଥରେ ଛାତ୍ରୀଛାତ୍ରମାନେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। କଲେଜ ପରିସରରେ ଦଳୀୟ କାର୍ଯ୍ୟକ୍ରମ କରାଯିବାକୁ ନାପସନ୍ଦ କରିଥିଲେ। ଏହା କଲେଜକୁ ବଦ୍‌ନାମ କରିବାକୁ କରାଯାଇଥିଲା ବୋଲି ପିଲାମାନେ କହିଛନ୍ତି। ଯେଉଁମାନେ ଏହି କାର୍ଯ୍ୟରେ ଲିପ୍ତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ। କଲେଜ କ୍ୟାମ୍ପସ ପରିସରରେ ସଭା ପରେ ଶହଶହ ଅଇଁଠା ପତ୍ର, ପାଣି ପାଉଚ, ଓ ଜରି ପ୍ରଭୃତି ପଡ଼ିଥିଲା। ଖବରପାଇ ପୋଲିସ ପହଞ୍ଚି ପିଲାମାନଙ୍କୁ ବୁଝାଶୁଝା କରି ରାସ୍ତାରୋକୋ ହଟାଇ ଥିଲା।

## ସଂକ୍ଷେପରେ

### ସ୍କୁଟିକୁ ଧକ୍କାଦେଲା ଟ୍ରକ୍: ବାପା ମୃତ, ପୁଅ ଗୁରୁତର

କୁଜଙ୍ଗ,୧୮।୧(ଡି.ଏନ୍.ଏ.): କୁଜଙ୍ଗ ଥାନା ଅନ୍ତର୍ଗତ କଟକ-ପାରାଦୀପ ରାସ୍ତାର କୋଠିଆସାହି ନିକଟରେ ମଙ୍ଗଳବାର ଏକ ସ୍କୁଟିକୁ ଟ୍ରକ୍ ଧକ୍କା ଦେବାରୁ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ପୁଅ ଗୁରୁତର ହୋଇଛନ୍ତି। ମୃତକ ହେଲେ ରଘୁନାଥପୁର ଥାନା ଅଞ୍ଚଳର ପ୍ରଶାନ୍ତ ପାତ୍ର (୬୫)ଓ ଗୁରତର ହେଲେ ମାନସ ପାତ୍ର (୨୮)। ପ୍ରଶାନ୍ତଙ୍କ ପରିବାର ଦୀର୍ଘ ବର୍ଷ ହେବ ପାରାଦୀପର ଷଣ୍ଢକୁଦ ଅଞ୍ଚଳରେ ବସବାସ କରୁଛନ୍ତି। ବାପା ଓ ପୁଅ ସ୍କୁଟିରେ ଅପରାହ୍ନ ସମୟରେ ଜଗତ୍‌ସିଂହପୁରରୁ ପାରାଦୀପ ଫେରୁଥିବାବେଳେ କୋଠିଆ ସାହି ନିକଟରେ ଏକ ୧୨ ଚକିଆ ଟ୍ରକ୍ ପଛପଟୁ ସେମାନଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ କୁଜଙ୍ଗ ପୋଲିସ ସେମାନଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ପ୍ରଶାନ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମାନସଙ୍କୁ ଅଧିକ ଚିକିତ୍ସା ନିମନ୍ତେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ପରେ ଟ୍ରକ୍ ଚାଳକ ଗାଡ଼ିରୁ ଡେଇଁ ଫେରାର ହୋଇଯାଇଛନ୍ତି। ଟ୍ରକ୍‌ଟି ଦୁର୍ଘଟଣାସ୍ଥଳରୁ ପଚାଶମିଟର ଗଡ଼ିଯାଇ ଜଣଙ୍କ ବାଡି ଭିତରକୁ ପଶିଯାଇଛି।

### ଜାଗା ସମ୍ପର୍କ କାର୍ଯ୍ୟକ୍ରମ ଆରମ୍ଭ

କଳିଙ୍ଗନଗର,୧୮।୧(ଡି.ଏନ.ଏ.): ବ୍ୟାସନଗର ପୌରପାଳିକାର ୧୦ ସ୍ଥାନ ସମେତ ୩୨ ବସ୍ତିକୁ ନେଇ 'ଜାଗା ସମ୍ପର୍କ' କାର୍ଯ୍ୟକ୍ରମ କରାଯିବାକୁ ବ୍ୟବସ୍ଥା କରାଯାଇଛି। ମଙ୍ଗଳବାର ପୌରାଞ୍ଚଳର ୨୩ ନଂ. ୱାର୍ଡ କୋପଣ୍ଡ ଗ୍ରାମରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ତଥା ବ୍ୟାସନଗର ପୌର ପ୍ରଶାସକ ସନ୍ତୋଷ କୁମାର ମିଶ୍ର ଏହି କାର୍ଯ୍ୟକ୍ରମର ଶୁମାରମ୍ଭ କରିଛନ୍ତି। ପୌର ନିର୍ବାହୀ ଅଧିକାରୀ ଅଶୋକ ରାଉତ ସଭାରେ ସଭାପତିତ୍ୱ କରିଥିଲେ। ସହରର ସୁଇପର ସାହି, ଶୀଳ ପୋଖରୀ ଏବଂ ମୁଣ୍ଡମାଳର ଗୋଟିଏ ବସ୍ତିକୁ ନେଇ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ବସ୍ତିବାସିନ୍ଦା ସଂଘ ସଭାପତି ଏବଂ ସମ୍ପାଦକଙ୍କ ସମେତ ୨୫୦ରୁ ଊର୍ଦ୍ଧ୍ୱ ବସ୍ତିବାସିନ୍ଦା ଯୋଗଦାନ କରିଥିଲେ। ରାସ୍ତା, ପାନୀୟ ଜଳ, ବିଜୁଳି, ବ୍ୟକ୍ତିଗତ ତଥା ଗୋଷ୍ଠୀ ଶୌଚାଳୟ ନିର୍ମାଣ ସୁବିଧା ସୁଯୋଗ ବିଷୟରେ ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ସୁବ୍ରତ ଚକ୍ର, ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀ ବିଚିତ୍ର କୁମାର ପୁହାଣ ଏବଂ ଶ୍ରମ ବିଭାଗ ଅଧିକାରୀ ସନ୍ତୋଷ କୁମାର ମହାନ୍ତି ଅବଗତ କରାଇଥିଲେ। ଏତଦ୍‌ଭିନ୍ନ ସରକାରଙ୍କ ମୁକ୍ତା ଯୋଜନାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ସଂଯୋଜିକା ରିଚିସ୍ମିତା ମହାନ୍ତି ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରପାଳିକା ତରଫରୁ ସିଟି ମିଶନ ମ୍ୟାନେଜର ଶଶିକାନ୍ତ ଘଡ଼ାଇ, କମ୍ୟୁନିଟି ଅର୍ଗାନାଇଜର ଶୁଭଶ୍ରୀ ରତ୍ନପ୍ରଭା ସାମଲ, ପ୍ରଜ୍ଞପରମିତା ଚକ୍ରବର୍ତ୍ତୀଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ଦୁର୍ଘଟଣାରେ ଜଣେ ଗୁରୁତର

ପାଣିକୋଇଲି,୧୮।୧(ଡି.ଏନ.ଏ.): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଶର୍ମା ପେଟ୍ରୋଲ ପମ୍ପ ନିକଟରେ ମଙ୍ଗଳବାର ପଡ଼ିଯାଇ ଜଣେ ପରିବା ବ୍ୟବସାୟୀ ଗୁରୁତର ହୋଇଛନ୍ତି। ସେ ହେଲେ କୁଆଖିଆ ଥାନା ଗୋପାଳପୁର ପ୍ରଥମାଖଣ୍ଡି ଗ୍ରାମର ପ୍ରମୋଦ ମଲ୍ଲିକ। ପ୍ରମୋଦ ଏକ ଲୁନା ଯୋଗେ ପରିବା ବ୍ୟବସାୟ କରନ୍ତି। ସେ ମଧ୍ୟାହ୍ନରେ ପାଣିକୋଇଲିରେ ପରିବା ବିକି ଘରକୁ ଫେରୁଥିଲେ। ତେବେ ପେଟ୍ରୋଲ ପମ୍ପ ନିକଟରେ ଭାରସାମ୍ୟ ହରାଇ ପଡିଯିବାରୁ ସେଠାରେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ପରେ ଜାତୀୟ ରାଜପଥ ପାଟ୍ରୋଲିଂ ଟିମ ପହଞ୍ଚି ପ୍ରମୋଦଙ୍କୁ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି।

### ସିଂହପୁର ବରିଷ୍ଠ ନାଗରିକ ମଞ୍ଚର ମକର ମିଳନ

ସିଂହପୁର,୧୮।୧(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ସିଂହପୁର ବରିଷ୍ଠ ନାଗରିକ ମଞ୍ଚର ମକର ମିଳନ ଉତ୍ସବ ସ୍ଥାନୀୟ ସାଇ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଚ ସଭାପତି ପଦ୍ମନାଭ ଦାଶଙ୍କ ପୌରୋହିତ୍ୟରେ ସମ୍ପାଦକ ନିରଞ୍ଜନ ଦାସ, ବରିଷ୍ଠ ନାଗରିକ ମଞ୍ଚ ସଭ୍ୟ ଡ. ଦୁର୍ଯ୍ୟୋଧନ ସାମଲ, ଗୋଲଖ ବିହାରୀ ଦାସ, କଳାକର ପାତ୍ର, ଅଜୟ ଓଝା, ନାରାୟଣ ଚନ୍ଦ୍ର ଦାସ, କୃଷ୍ଣଚରଣ ସାମଲ, ଉପେନ୍ଦ୍ର ନାଥ ଧଳ ଓ ଗୁରୁଚରଣ ସାହୁଙ୍କ ସମେତ ସମସ୍ତ ସଦସ୍ୟ ଯୋଗ ଦେଇଥିଲେ। କରୋନା କଟକଣାରେ ଉତ୍ସବ ପାଳନ କରାଯାଇଥିଲା। ବୈଠକରେ ବିଭିନ୍ନ ସାମାଜିକ କାର୍ଯ୍ୟ, ଅସହାୟବ୍ୟକ୍ତିଙ୍କୁ ସହାୟତା, ମେଧାବୀ ଛାତ୍ରଙ୍କୁ ସମ୍ମାନିତ, ଅର୍ଥବିନା ଚିକିତ୍ସାରେ ବାଧକ ହେଉଥିବା ବ୍ୟକ୍ତିଙ୍କୁ ସହଯୋଗର ହାତ ବଢ଼ାଇବା ଭଳି କାର୍ଯ୍ୟ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ତେବେ ବରିଷ୍ଠ ନାଗରିକଙ୍କ ଏଭଳି ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଉଛି।

# ଦୂର ହେଉନି ଖାଦ୍ୟ ସଙ୍କଟ

## ବରଗଡ଼ରୁ ଯାଜପୁର ଆସିବ ୭୦ ହଜାର କୁଇଣ୍ଟାଲ ଚାଉଳ

ଯାଜପୁର ଅଫିସ,୧୮।୧



ଚାଉଳ ସଂଗ୍ରହ ଚାଲିଛି।

ବନ୍ୟା, ବାତ୍ୟା ଏବଂ ବର୍ଷାରେ ଫସଲ ଉଜୁଡ଼ିବାର ଦୁଃଖ ଯାଜପୁର ଜିଲାର ଚିର ସହଚର ହୋଇଛି। ଏହି ପରିପ୍ରେକ୍ଷୀରେ ଜିଲାରେ ଆବଶ୍ୟକ ଅନୁଯାୟୀ ଜଳସେଚନ ବ୍ୟବସ୍ଥା ନ ଥିବାରୁ ଖାଦ୍ୟ ସଙ୍କଟ ଦୂର ହୋଇପାରୁନାହିଁ। ଯାଜପୁର ଜିଲାରେ ସଂଗୃହୀତ ପ୍ରାୟ ୧୦ ଲକ୍ଷ କୁଇଣ୍ଟାଲ ଚାଉଳ ମାତ୍ର ୬ ମାସର ଚାହିଦା ପୂରଣ କରିପାରୁନାହିଁ । ବାକି ୬ ମାସର ଆବଶ୍ୟକତାକୁ ମେଣ୍ଟାଇବାକୁ ବାହାର ଜିଲା ଉପରେ ଯୋଗାଣ ବିଭାଗକୁ ନିର୍ଭର କରିବାକୁ ପଡୁଛି । ଏହି କ୍ରମରେ ପରିବହନ ବାବଦକୁ ରାଜ୍ୟ ସରକାର ବିପୁଳ ଅର୍ଥ ଶ୍ରାଦ୍ଧ କରିବା ସହ ଚାଉଳ ଦାଖଲରେ ବହୁ ହେରାଫେରି ହେଉଥିବା ମତପ୍ରକାଶ ପାଇଛି। ମା'ତାରିଣୀ ଏଣ୍ଟରପ୍ରାଇଜେସ ପରିବହନ ସଂସ୍ଥାକୁ ବରଗଡ଼ ଜିଲାରୁ ଆସନ୍ତା ୨୦ ତାରିଖ ସୁଦ୍ଧା କେବଳ ଜାନୁୟାରୀ ମାସ ପାଇଁ ୭୦ ହଜାର କୁଇଣ୍ଟାଲ ଚାଉଳ ଯାଜପୁର ଜିଲାକୁ ଆସିବାକୁ ନିର୍ଦ୍ଦେଶ ହୋଇଛି। ପର୍ଯ୍ୟାୟକ୍ରମେ ୫ ଲକ୍ଷରୁ ଊର୍ଦ୍ଧ୍ୱ କୁଇଣ୍ଟାଲ ଚାଉଳ ପଶ୍ଚିମଓଡିଶାର ବିଭିନ୍ନ ଜିଲାରୁ ଆଣିବାକୁ ଯୋଜନା ପ୍ରସ୍ତୁତ ହୋଇଛି।

ଯାଜପୁର ଜିଲା ବିକାଶର ଏକମାତ୍ର ଆଧାର ଭାବେ ଶିଳ୍ପାୟନକୁ ସରକାର ଯେଭଳି ପ୍ରୋତ୍ସାହିତ କରୁଛନ୍ତି ତାହା ଦ୍ୱାରା କୃଷିର କିପରି ବିନାଶ ହେଉଛି ତାହା ଜିଲାରେ ଏଭଳି ଖାଦ୍ୟ ଶସ୍ୟ ନିଅଣ୍ଟରୁ ଜଳଜଳ ହୋଇ ଦିଶୁଛି। ଖଣିଜ ସମ୍ପଦ ଭିତ୍ତିକ ଶିଳ୍ପାୟନର କୌଣସି ବିକଳ୍ପ ନ ଥିବାରୁ କୃଷି କିପରି କମି ଚାଲିଛି ତାହାର ନଗ୍ନ ଉଦାହରଣ ପାଲଟିଛି ଯାଜପୁର ଜିଲା। ସ୍ୱତନ୍ତ୍ର ଅର୍ଥନୈତିକ ଜୋନ୍ ଆଳରେ ବିଭିନ୍ନ ଘରୋଇ କମ୍ପାନୀ ଓ ଶିଳ୍ପ ସଂସ୍ଥାକୁ ସରକାର ବିପୁଳ ପରିମାଣର ଭୂଖଣ୍ଡ ଯୋଗାଇ ଦେଇଛନ୍ତି । ସେମାନଙ୍କୁ ଅଧିଶ୍ୱର କରାଇବାର ପୂର୍ବରୁ ଆଜି ଯଦି ଏ ଅବସ୍ଥା ତା'ହେଲେ ଆଗାମୀ ଦିନରେ ଜିଲାରେ କୃଷି ଓ କୃଷକଙ୍କ ପାଇଁ କିପରି ଦୁର୍ଦ୍ଦିନ ଆସିବ ସେ ସଂକ୍ରାନ୍ତରେ ସମାଲୋଚକ ତଥା ବୁଦ୍ଧିଜୀବୀମାନେ ଚିନ୍ତା ପ୍ରକଟ କରିଛନ୍ତି ।

ଜିଲାରେ ସମୁଦାୟ ୧,୪୫,୪୫୦ ହେକ୍ଟର ଚାଷ ଜମି ମଧ୍ୟରୁ ଖରିଫରେ ୪୨ ପ୍ରତିଶତ ଓ ରବି ଋତୁରେ ମାତ୍ର ୨୩ ପ୍ରତିଶତ ଜମିକୁ ଜଳସେଚନ ସୁବିଧା ରହିଥିବା କୁହାଯାଉଛି। କିନ୍ତୁ ବାସ୍ତବରେ ସେଥିରୁ ଅଧା ପରିମାଣ ଜମିରେ ଜଳସେଚନ ହେଉ ନ ଥିବାରୁ ଜିଲାବାସୀଙ୍କ ଖାଦ୍ୟ ଚାହିଦାକୁ ପୂରଣ କରି ପାରୁନାହିଁ । ଜେନାପୁର ଅଞ୍ଚଳରେ ହାଇଲେବୁଲ କେନାଲ ଅଚଳ ରହିଛି। ଅର୍ଦ୍ଧାଧିକ ଉଠାଜଳସେଚନ ପ୍ରକଳ୍ପ ଅକାମୀ ହୋଇ ପଡିଥିବାବେଳେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡ଼ିକ ଆବଶ୍ୟକ ସମୟରେ ସେବା ଯୋଗାଇବାରେ ବିଫଳ ହୋଇଛି । ରେଙ୍ଗାଲି ବହୁମୁଖୀ ଯୋଜନାର ବାମପାର୍ଶ୍ୱ କେନାଲ ଯାଜପୁର ଜିଲା ଦେଇ ନିର୍ମାଣ ହେଉଛି। ଏହି କେନାଲ ଜରିଆରେ ୧,୧୪,୩୦୦ ହେକ୍ଟର ଜମିରେ ପାଣି ମାଡିବାକୁ ପରିକଳ୍ପନା କରାଯାଇଛି । ହେଲେ କଚ୍ଛପ ଗତିରେ ଚାଲିଥିବା କେନାଲ ନିର୍ମାଣ ଯୋଗୁ ଚାଷୀ ଚାତକ ପକ୍ଷୀ ଭଳି ପାଣିକୁ ଅନାଇ ବସିଛନ୍ତି। ନଦୀନାଳ ଭରା ଜିଲାରେ ଜଳସେଚନର ପ୍ରାଚୁର୍ଯ୍ୟ ରହିଥିଲେ ହେଁ ଜଳସମ୍ପଦ ବିଭାଗର ଆନ୍ତରିକତାର ଅଭାବ ଏବଂ ସ୍ଥାନୀୟ ରାଜନେତାଙ୍କ ଅନାଗ୍ରହ ଯୋଗୁ ଚାହିଦା ମୁତାବକ ଖାଦ୍ୟ ଉତ୍ପାଦନ ପରାହତ ହୋଇଛି । ଜଳସେଚନ ପ୍ରକଳ୍ପ ନିର୍ମାଣ ଅପେକ୍ଷା ଠିକାଦାରି ରାଜନୀତିକୁ ପ୍ରୋତ୍ସାହିତ କରିବାକୁ ଯାଇ ବୈତରଣୀ ଓ ଖରସ୍ରୋତା ନଦୀରେ ପ୍ରାୟ ୪୦୦ କୋଟି ଟଙ୍କାରେ ବ୍ୟାରେଜ ନିର୍ମାଣ ହେଉଛି। ତେବେ ଏହି ବ୍ୟାରେଜରେ କେବଳ ଉଠାଜଳସେଚନ ମାଧ୍ୟମରେ କିଛି ଜଳସେଚନ ସୁବିଧା ହେବ ବୋଲି ବିଭାଗୀୟ କର୍ତ୍ତୃପକ୍ଷ କହୁଛନ୍ତି। ଏଭଳିସ୍ଥିତିରେ ରାଜ୍ୟ ସରକାରଙ୍କ ଉପଯୁକ୍ତ ପ୍ରୋତ୍ସାହନ ଅଭାବରୁ ଚାଷୀ ଆଉ ଚାଷ କରିବାକୁ ଆଗଭଳି ଆଗ୍ରହ ଦେଖାଉ ନାହାନ୍ତି । ଏହି କ୍ରମରେ ବିପିଏଲ, ଅନ୍ନପୂର୍ଣ୍ଣା, ଅନ୍ତ୍ୟୋଦୟ, ମଧ୍ୟାହ୍ନଭୋଜନ ଆଦି ହିତାଧିକାରୀଙ୍କ ପାଇଁ ଚାହିଦା ମୁତାବକ ଚାଉଳ ସଂଗ୍ରହ ହୋଇପାରୁନାହିଁ। ଏଥିପାଇଁ ପରିବହନ ବାବଦକୁ କୁଇଣ୍ଟାଲ ପିଛା ପ୍ରାୟ ୧୦୦ ଟଙ୍କା ଦରରେ ଚାଉଳ ପରିବହନ ଦାୟିତ୍ୱ ଦିଆଯାଇଛି। ତେବେ ବିଭିନ୍ନ ସମୟରେ ଚାଉଳ ନଷ୍ଟ ଦେଖାଇ ବିପୁଳ ପରିମାଣର ହେରାଫେରି ହେଉଥିବା ପୂର୍ବରୁ ନଜିର ରହିଛି। ଜାନୁୟାରୀ ମାସ ପାଇଁ ପରିବହନ ସଂସ୍ଥା ବରଗଡ଼ ଜିଲା ଅତାବିରା ଅଞ୍ଚଳର ଗୋଡଭଙ୍ଗା ଓ ପଦ୍ମାବତୀ ଗୋଦାମରୁ ପରିବହନ ହେବ ବୋଲି ସୂଚନା ମିଳିଛି। ବରଗଡ଼ ଓ ଯାଜପୁର ଉଭୟ ଜିଲାର ଜିଲା ଯୋଗାଣ ଅଧିକାରୀମାନଙ୍କୁ ଏଥିପାଇଁ ବ୍ୟବସ୍ଥା ଗ୍ରହଣ କରିବା ସହ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଏସ୍‌ୟୁସିଆଇର ୩ ଜିଲା ପରିଷଦ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ



ଯାଜପୁର ଟାଉନ,୧୮।୧(ଡି.ଏନ.ଏ.)

ଏସ୍‌ୟୁସିଆଇ(କମ୍ୟୁନିଷ୍ଟ) ଯାଜପୁର ଜିଲା କମିଟି ପକ୍ଷରୁ ୩ଜଣ ପ୍ରାର୍ଥୀ ଜିଲା ପରିଷଦ ସଭ୍ୟ ପଦ ପାଇଁ ଯାଜପୁର ଉପଜିଲାପାଳଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେମାନେ ହେଲେ ଦଶରଥପୁର ବ୍ଲକର ୭ ନମ୍ବର ଜୋନ୍ ପ୍ରାର୍ଥିନୀ ସବିତା ଦାସ, ଧର୍ମଶାଳା ବ୍ଲକର ୧୧ ନମ୍ବର ଜୋନ୍ ପ୍ରାର୍ଥୀ ପବିତ୍ର ସାହୁ ଓ ସୁକିନ୍ଦା ବ୍ଲକର ୩୯ ନମ୍ବର ଜୋନ୍‌ର ପ୍ରାର୍ଥୀ ଶରତ ବାରିକ। ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ନୀତି, ଆଦର୍ଶ ଓ ବିପ୍ଳବୀ ଭାବାଦର୍ଶକୁ ଭିତ୍ତିକରି ସେମାନେ ଲଢ଼େଇ ଜାରି ରଖିବେ ବୋଲି ଜିଲା ସମ୍ପାଦକ ସୁରେନ୍ଦ୍ର ମଲିକ ପ୍ରକାଶ କରିଛନ୍ତି। ନାମାଙ୍କନପତ୍ର ଦାଖଲ ବେଳେ ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ବରିଷ୍ଠ ସଦସ୍ୟ ନୃସିଂହ ଚରଣ ପଣ୍ଡା, ଜିଲା କମିଟି ସଭ୍ୟ ସୁରେଶ ପ୍ରଧାନ, ରାଧାବଲ୍ଲଭ ମଲିକ, ଜଗବନ୍ଧୁ ମଲିକ, ଚୈତନ୍ୟ ସାହୁ ତଥା ସଂଗଠକ ବିଜୟ ମୁଣ୍ଡା, ନାରାୟଣ ପରିଡ଼ା, ବ୍ରଜବନ୍ଧୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ନିର୍ମାଣ ଚାଲିଛି ଦ୍ୱିତୀୟ କୁସୁମା ପୋଖରୀ

- ରାସ୍ତା ପାଇଁ ଜମି ବିବାଦ
- ଚିହ୍ନଟ ଲାଗି ତହସିଲଦାରଙ୍କୁ ନିର୍ଦ୍ଦେଶ

ଯାଜପୁର ଅଫିସ,୧୮।୧



ଯାଜପୁର ଜିଲାର ଅନ୍ୟତମ ଆକର୍ଷଣୀୟ କେନ୍ଦ୍ର ହେଉଛି ବିଶାଳ କୁସୁମା ପୋଖରୀ। ମା' ବିରଜାଙ୍କ ମନ୍ଦିର ନିକଟରେ ଗତ ୬ ବର୍ଷରେ ନୂଆ ରୂପ ପାଇଥିବା ଏହି ଐତିହ୍ୟ ପୋଖରୀ ଏବେ ପର୍ଯ୍ୟଟନସ୍ଥଳ ପାଲଟିଛି। ଦିନେ ଏହା ପରିତ୍ୟକ୍ତ ହୋଇପଡ଼ି ରହିଥିଲା। ତାହାକୁ ଆମୋଦପ୍ରମୋଦର ସ୍ଥାନ ଭାବେ ଗଢ଼ିବାରେ ସଫଳତା ମିଳିବା ପରେ ଚଣ୍ଡିଖୋଲ ଛକଠାରୁ ୨ କି.ମି. ଦୂର କଣ୍ଟିଗଡ଼ିଆ ନିକଟରେ ଦ୍ୱିତୀୟ କୁସୁମା ପୋଖରୀର ପରିକଳ୍ପନା କରାଯାଇଛି। ଏଥିପାଇଁ ପ୍ରାୟ ୨୫ ଏକର ପରିମିତ ଜମିରେ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ କରାଯାଇ ବ୍ରିଜ୍ ଓ ରୁଫ୍ ଠିକାସଂସ୍ଥାକୁ ନିର୍ମାଣ ଦାୟିତ୍ୱ ପ୍ରଦାନ କରାଯାଇଛି। ତେବେ ପ୍ରସ୍ତାବିତ ସ୍ଥାନକୁ ଏକ ଅତ୍ୟାଧୁନିକ ରାସ୍ତା ନିର୍ମାଣରେ ଜମି ବିବାଦ ପ୍ରକଳ୍ପ ନିର୍ମାଣରେ ବାଧକ ସାଜିଛି। ଏହି ପୋଖରୀ ନିର୍ମାଣ ହେଲେ ପ୍ରସିଦ୍ଧ ବୌଦ୍ଧପୀଠ ରତ୍ନଗିରି, ଉଦୟଗିରି, ଲଳିତଗିରି, ଓଳାଶୁଣୀକୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଆମୋଦପ୍ରମୋଦର ଏକ ସ୍ଥାନ ହୋଇପାରିବ। ଓଟିଡିସି ପକ୍ଷରୁ ଏହି ପୋଖରୀ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇସାରିଛି। ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ଉକ୍ତ ପୋଖରୀକୁ ୬୦୦ ମିଟର ରାସ୍ତା, ବ୍ରିଜ୍ ସହ ୮୦୦ ମିଟର ଡ୍ରେନ ନିର୍ମାଣ କରିବାକୁ ପ୍ରାୟ ୨ କୋଟି ଟଙ୍କା ମଞ୍ଜୁରୀ ମିଳିଛି। ଏହି ରାସ୍ତାର ଓସାର ୫.୫ ମିଟର ହେବ। କିନ୍ତୁ ସମ୍ପୃକ୍ତ ଗ୍ରାମବାସୀଙ୍କ ବିରୋଧ ଯୋଗୁ ଏହି ରାସ୍ତା କାର୍ଯ୍ୟ ଅଟକି ରହିଛି। ଏ ସଂକ୍ରାନ୍ତରେ ଗ୍ରାମ୍ୟ ନିର୍ମାଣ ବିଭାଗ ଏସ୍‌ଡିଓ ସୌମ୍ୟରଞ୍ଜନ ଦ୍ୱିବେଦୀଙ୍କୁ ପଚାରିବାରେ ସେ କହିଛନ୍ତି, ବିବାଦୀୟ ରାସ୍ତାର ତୁରନ୍ତ ଡିମାର୍କେଶନ ପାଇଁ ଧର୍ମଶାଳା ତହସିଲଦାରଙ୍କୁ ପତ୍ର ଦିଆଯାଇଛି। ଜମି ଚିହ୍ନଟ କରି ହସ୍ତାନ୍ତର କରିବା ପରେ ରାସ୍ତା କାର୍ଯ୍ୟ ଆରମ୍ଭ ହେବ।

ଅନ୍ୟପକ୍ଷରେ କୁସୁମା ପୋଖରୀରେ ଫ୍ଲୋଟିଂ ମ୍ୟୁଜିକାଲ ଫାଉଣ୍ଟେନ ନିର୍ମାଣ ପାଇଁ ୬.୬୯ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହାର ନିର୍ମାଣ ପାଇଁ ୭।୨।୨୦୧୮ରେ କାର୍ଯ୍ୟାଦେଶ ଦିଆଯାଇଛି। ମାତ୍ର ୨ କୋଟି ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ପ୍ରକଳ୍ପ ନିର୍ମାଣାଧୀନ ରହିଛି। ପ୍ରିନ୍ସିପାଲ ଆକାଉଣ୍ଟାଣ୍ଟ ଜେନେରାଲ(ଅଡିଟ-୨) ୭।୮।୨୦୨୧ରେ ଏନେଇ ସ୍ପଷ୍ଟୀକରଣ ମାଗିଥିଲେ। କାର୍ଯ୍ୟାଦେଶ ଦିଆଯିବାର ସାଢେ ୩ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ପ୍ରକଳ୍ପ ସମ୍ପୂର୍ଣ୍ଣ ନ ହେବାର ବିଭାଗୀୟ ଆନ୍ତରିକତାର ଅଭାବକୁ ସୂଚାଉଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

# ଦ୍ୱିତୀୟ ଦିନରେ ୭୬୩ ପ୍ରାର୍ଥିପତ୍ର ଦାଖଲ

## ଜିଲା ପରିଷଦ ପ୍ରାର୍ଥୀ ଚୟନକୁ ନେଇ ବିଜେଡିରେ ଅଡୁଆ

ଯାଜପୁର ଅଫିସ,୧୮।୧

ଯାଜପୁର ଜିଲାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ନାମାଙ୍କନ ଦାଖଲର ଦ୍ୱିତୀୟ ଦିନ ବି ବିଜେଡି, ଭାଜପା ଓ କଂଗ୍ରେସରୁ ଜିଲା ପରିଷଦ ପ୍ରାର୍ଥୀ ଚୂଡ଼ାନ୍ତ ହୋଇ ପାରିନାହିଁ। ୫ ବର୍ଷ ମଧ୍ୟରେ ବିଭିନ୍ନ ରାଜନୈତିକ ଦଳରୁ ଆମଦାନୀ ହୋଇଥିବା ଶତାଧିକ ନେତା ଓ କର୍ମୀ ଆଶାୟୀ ଥିବାରୁ ବିଜେଡି ପାଇଁ ପ୍ରାର୍ଥୀ ଚୟନ ଅଡୁଆ ସାବ୍ୟସ୍ତ ହୋଇଥିବା ସୂଚନା ମିଳିଛି। ଭାଜପା ଉପଯୁକ୍ତ ପ୍ରାର୍ଥୀ ଖୋଜାରେ ମାତି ଥିବାରୁ କାହାକୁ ଟିକେଟ୍ ଦେଇ ପାରୁ ନ ଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ କଂଗ୍ରେସ ପ୍ରାର୍ଥୀ ଖୋଜାରେ ବ୍ୟସ୍ତ ଥିବା ଜଣାପଡିଛି। ଏହି କ୍ରମରେ ମଙ୍ଗଳବାର ୭୬୩ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେଥିମଧ୍ୟରୁ ବଡ଼ଚଣା ବ୍ଲକରୁ ୭ ସରପଞ୍ଚ, ୨ ସମିତିସଭ୍ୟ, ଓ ୯୧ ୱାର୍ଡ ମେମ୍ବର ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବରୀ ବ୍ଲକରୁ ସରପଞ୍ଚ ୫, ୪ ସମିତିସଭ୍ୟ ଓ ୫୬ ୱାର୍ଡ ମେମ୍ବର ପ୍ରାର୍ଥୀ, ଯାଜପୁର ବ୍ଲକରୁ ଜଣେ ସରପଞ୍ଚ ପ୍ରାର୍ଥୀ, ୩ ସମିତିସଭ୍ୟ ଓ ୨୬ ୱାର୍ଡ ମେମ୍ବର, ବିଞ୍ଝାରପୁର ବ୍ଲକରୁ ୮ ସରପଞ୍ଚ, ୫ ସମିତିସଭ୍ୟ ଓ ୧୦୦ ୱାର୍ଡ ମେମ୍ବର, ଦଶରଥପୁର ବ୍ଲକରୁ ୨୪ ସରପଞ୍ଚ ପ୍ରାର୍ଥୀ, ୧୦ ସମିତି ସଭ୍ୟ ଓ ୧୫୩ ୱାର୍ଡ ମେମ୍ବର, ଧର୍ମଶାଳା ବ୍ଲକରୁ ୧୩ ସରପଞ୍ଚ, ୫ ସମିତିସଭ୍ୟ ଓ ୭୬ ୱାର୍ଡ ମେମ୍ବର, କୋରେଇ ବ୍ଲକରୁ ୬ ସରପଞ୍ଚ, ସମିତିସଭ୍ୟ ପାଇଁ ୪, ୱାର୍ଡ ମେମ୍ବର ପାଇଁ ୪୨, ରସୁଲପୁର ବ୍ଲକରୁ ୩ ସରପଞ୍ଚ, ୩ ସମିତି ସଭ୍ୟ, ୪୭ ୱାର୍ଡମେମ୍ବର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଦାନଗଦି ବ୍ଲକରୁ ୩ ସରପଞ୍ଚ, ୪ ସମିତିସଭ୍ୟ, ୨୨ ୱାର୍ଡ ମେମ୍ବର ଏବଂ ସୁକିନ୍ଦା ବ୍ଲକରୁ ୨ ସରପଞ୍ଚ, ୩ ସମିତି ସଭ୍ୟ ଓ ୩୦ ୱାର୍ଡ ମେମ୍ବର ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ଜିଲାରେ ସମୁଦାୟ ୬୪୩ ୱାର୍ଡମେମ୍ବର, ୭୨ ସରପଞ୍ଚ, ୪୧ ସମିତି ସଭ୍ୟ ଏବଂ ୭ ଜିଲା ପରିଷଦ ସଭ୍ୟ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ୯ ସିଲପଟ କାଠ ଜବତ



କାଳିଆପାଣି,୧୮।୧(ଡି.ଏନ.ଏ.)

ରାଁସୋଳ ସେକ୍ସନ ଫରେଷ୍ଟର ନରେଶ ଟୁଡୁ ଦୈତାରୀ ସଂରକ୍ଷିତ ଚିଙ୍ଗୁଡ଼ିପାଳ ପଞ୍ଚାୟତର ବାଘୁଆସାହିଠାରେ ଚଢ଼ାଉ କରି ୯ ଖଣ୍ଡ ଶାଳକାଠ ସିଲପଟ ଜବତ କରିଥିବା ଜଣାପଡ଼ିଛି। ସେଠାରେ ବିକ୍ରି ପାଇଁ କାଠ ମାଫିଆ ସିଲପଟ କାଠ ରଖିଥିବା ଟୁଡୁ ଖବର ପାଇଥିଲେ। ତେଣୁ ସୋମବାର ରାତିରେ ଟୁଡୁ ଫରେଷ୍ଟ ଗାର୍ଡ ଇପସିକାର ନାୟକ ଓ ଗଙ୍ଗାଧର ମୁର୍ମୁଙ୍କ ସମେତ ଏକ ସ୍କ୍ୱାଡ୍ ଟିମକୁ ନେଇ ସେଠାରେ ଚଢ଼ାଉ କରିଥିଲେ। କାଠ ଜବତ କରାଯାଇଥିଲେ ମଧ୍ୟ ମାଫିଆଙ୍କୁ ଗିରଫ କରାଯାଇ ପାରିନାହିଁ। ଜବତ କାଠ ରାଁସୋଳ ଫରେଷ୍ଟ ଅଫିସ୍‌ରେ ରଖାଯାଇଛି। ସେଗୁଡ଼ିକର ଆନୁମାନିକ ମୂଲ୍ୟ ୨୫ରୁ୩୦ ହଜାର ଟଙ୍କା ହେବ ବୋଲି ଟୁଡୁ ପ୍ରକାଶ କରିଛନ୍ତି।

# ସଡ଼କ ସୁରକ୍ଷା ମାସ ଅଭିଯାନ ଶୁଭାରମ୍ଭ

କଳିଙ୍ଗନଗର,୧୮।୧(ଡି.ଏନ.ଏ.)

କଳିଙ୍ଗନଗର ଟାଟା ଷ୍ଟିଲ୍‌ରେ ୩୩ତମ ଜାତୀୟ ସଡ଼କ ସୁରକ୍ଷା ମାସ ଅଭିଯାନ ମଙ୍ଗଳବାର ଶୁଭାରମ୍ଭ ହୋଇଛି। ଅଭିଯାନକୁ ଅନ୍‌ଲାଇନ୍ ମାଧ୍ୟମରେ ଶୁଭାରମ୍ଭ କରାଯାଇଛି। ଏଥିରେ ଟାଟା ଷ୍ଟିଲ୍ କଳିଙ୍ଗନଗରର ମହାପ୍ରବନ୍ଧକ(ଅପରେଶନ୍) କରମ୍‌ବୀର ସିଂହ ମୁଖ୍ୟଅତିଥି ଓ ମହାପ୍ରବନ୍ଧକ (କର୍ପୋରେଟ୍ ସେବା) ରାମ ରମଣ ଶତପଥୀ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଳିଙ୍ଗନଗରର ବରିଷ୍ଠ ପରିଚାଳନା ଅଧିକାରୀ, କର୍ମଚାରୀ ଓ ବ୍ୟବସାୟ ସହଯୋଗୀ ଯୋଗ ଦେଇଥିଲେ। ମାସବ୍ୟାପୀ ସଚେତନତା ଅଭିଯାନରେ ସଡ଼କ ସୁରକ୍ଷାର ଗୁରୁତ୍ୱକୁ ପ୍ରଚାର କରାଯିବ ଏବଂ ଏକ ଦାୟିତ୍ୱବାନ ନାଗରିକ ଭାବେ ଯେଭଳି ଲୋକମାନେ ସଡ଼କ ସୁରକ୍ଷାପ୍ରତି ସେମାନଙ୍କ ଦାୟିତ୍ୱକୁ ବୁଝିପାରିବେ ଏବଂ ପ୍ରଶଂସା କରିପାରିବେ ସେଥିପାଇଁ ଉଦ୍ୟମ କରାଯିବ। ମାସବ୍ୟାପୀ ଅଭିଯାନରେ ବ୍ୟବହାର ପରିବର୍ତ୍ତନ ପ୍ରଚାର ଉପରେ ଗୁରୁତ୍ୱ ଦିଆଯିବ। ଯାହାର ବିଷୟବସ୍ତୁ ହେଉଛି 'ବ୍ରେକ୍ ଦି ହାବିଟ୍-ଡୁ ନଟ୍ ଡ୍ରାଇଭ୍ ହାର୍ସଲି' (ଅଭ୍ୟାସକୁ ବଦଳାନ୍ତୁ-ବେପରୁଆ ଗାଡ଼ି ଚଳାନ୍ତୁ ନାହିଁ)। ଏହି ଅଭିଯାନ ଜରିଆରେ କର୍ମଚାରୀ ଏବଂ କଳିଙ୍ଗନଗର ଆଖପାଖରେ ବାସ କରୁଥିବା ଲୋକଙ୍କ ମଧ୍ୟରେ ସଡ଼କ ସୁରକ୍ଷାର ଗୁରୁତ୍ୱକୁ ଜାଗ୍ରତ କରିବାକୁ ଆଶା ରଖାଯାଇଛି ବୋଲି ଅତିଥି କହିଛନ୍ତି।

# ବରୀ କଂଗ୍ରେସର ଜିଲା ପରିଷଦ ପ୍ରାର୍ଥୀ ଘୋଷଣା



କାର୍ଯ୍ୟକ୍ରମରେ ପ୍ରାର୍ଥିନୀପ୍ରାର୍ଥୀ ଓ ଅନ୍ୟମାନେ ଉପସ୍ଥିତ।

ବରୀ,୧୮।୧(ଡି.ଏନ.ଏ.)

ବରୀ ବ୍ଲକ କଂଗ୍ରେସ ପକ୍ଷରୁ ୨୧, ୨୨, ୨୩ ଓ ୨୪ ନମ୍ବର ଜୋନ୍ ନିମନ୍ତେ ଜିଲା ପରିଷଦ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। କଂଗ୍ରେସ ନେତା ଉମେଶ ଜେନା ୨୧ ନଂ. ଜୋନ୍ ପାଇଁ ରଶ୍ମିକାନ୍ତ ନାୟକ, ୨୨ନଂ. ପାଇଁ ସୌଭାଗ୍ୟ ରଞ୍ଜନ ଦାସ, ୨୩ ନଂ. ଜୋନ୍ ନିମନ୍ତେ ସ୍ନେହଲତା ସାମଲ ଓ ୨୪ ନଂ. ଜୋନ୍ ନିମନ୍ତେ କଳ୍ପନା ପଣ୍ଡାଙ୍କ ନାମ ଘୋଷଣା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ଲକ କଂଗ୍ରେସ ସଭାପତି ମନୋଜ କୁମାର ଦାସଙ୍କ ସମେତ ବହୁ କର୍ମୀ ଓ ନେତା ଉପସ୍ଥିତ ଥିଲେ।

## ମକର ମେଳା, ଚଣ୍ଡୀ ଯଜ୍ଞ ଉଦ୍‌ଯାପିତ

ଚଢ଼େଇଧରା,୧୮।୧(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଅଧୀନ ମହିଶରା ପଞ୍ଚାୟତ ଡଙ୍କାରିଠାରେ ୩ ଦିନ ଧରି ଚାଲିଥିବା ବାର୍ଷିକ ମକରମେଳା ଓ ଚଣ୍ଡୀଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଗ୍ରାମବାସୀଙ୍କ ପୂର୍ଣ୍ଣ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କରୋନା କଟକଣା ହେତୁ ବାହାର ଲୋକଙ୍କ ସମାଗମ ହୋଇ ନ ଥିଲା। ଏହି ଅବସରରେ ମା'ଙ୍କ ପାଖରେ ଭଜନ କୀର୍ତ୍ତନ କରାଯାଇଥିଲା। ଏଥିଲାଗି ୩ ଦିନ ଧରି ଗ୍ରାମରେ ଆମିଷ ବର୍ଜନ କରାଯାଇଥିଲା।

# କପିଳେଶ୍ୱର ଯୁବକ ସଂଘ ବାର୍ଷିକୋତ୍ସବ

ରସୁଲପୁର,୧୮।୧(ଡି.ଏନ.ଏ.)

ଯୁବପିଢ଼ି ପଥଭ୍ରଷ୍ଟ ହେଉଥିବାବେଳେ କପିଳେଶ୍ୱର ଯୁବକ ସଂଘର ଯୁବକମାନେ ସାମାଜିକ କାର୍ଯ୍ୟକ୍ରମ ଓ ସମାଜସେବା ପ୍ରତି ରୁଚି ରଖି ଆଗକୁ ବଢୁଛନ୍ତି। ତେଣୁ ଉକ୍ତ ଯୁବକ ସଂଘ ସଦସ୍ୟ ଲକ୍ଷ୍ୟହୀନ ଯୁବପିଢ଼ିଙ୍କୁ ମାର୍ଗ ଦେଖାଇବେ ବୋଲି ରସୁଲପୁର ବ୍ଲକ ସିଂହାପୁର ପଞ୍ଚାୟତ ବାମଦେବପୁର ଗ୍ରାମରେ କପିଳେଶ୍ୱର ଯୁବକ ସଂଘର ତୃତୀୟ ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ମତପୋଷଣ କରିଛନ୍ତି। ସଭାରେ ଅନୁଷ୍ଠାନ ଉପଦେଷ୍ଟା ସୁରେଶ ଶରଣ ସଭାପତିତ୍ୱ କରିଥିଲେ। ଚଳଚ୍ଚିତ୍ର ଅଭିନେତା ଶ୍ରୀକାନ୍ତ ଗୌତମ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ।

ମୁଖ୍ୟଅତିଥି ଭାବେ ପ୍ରାକ୍ତନ ଅଧ୍ୟାପକ ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ, ମୁଖ୍ୟବକ୍ତା ଗୋକର୍ଣ୍ଣିକା ସାହିତ୍ୟ ସମାଜ ସଭାପତି ରମାକାନ୍ତ ଜେନା, ସମ୍ମାନିତ ଅତିଥି ସାମାଜିକ କର୍ମୀ ମୀନତି ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସମାଜରେ ବିଭିନ୍ନସ୍ତରରେ ନିଜର ସ୍ୱତନ୍ତ୍ର ଅବଦାନ ପାଇଁ ଖବରଦାତା ରଞ୍ଜିତ ରାଉତ, ଶିକ୍ଷାବିତ ପ୍ରଭାସିନୀ ଆଚାର୍ଯ୍ୟ, ବିଜୟ ଶରଣ, କୃଷକ ଶ୍ରୀଧର ପ୍ରଧାନ, ଗୀତିକାର ସୁରେଶ ପଣ୍ଡା, ସଙ୍ଗୀତ ନିର୍ଦ୍ଦେଶକ ଶ୍ରୀକାନ୍ତ ଗୌତମ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଯୁବକ ସଂଘ ସମ୍ପାଦକ ପ୍ରସନ୍ନଜିତ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଓଡ଼ିଶୀ ନୃତ୍ୟଶିଳ୍ପୀ ତନୁଜ ପଣ୍ଡା ଅତିଥିଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିଥିଲେ। ସଂଘ ସଭାପତି ବିକ୍ରମ ମହାପାତ୍ର, କପିଳେଶ୍ୱର ବାରିକ, ସତ୍ୟନାରାୟଣ ପ୍ରଧାନ, ଶିଶିର ଶରଣ, ସୁଶୀଲ ପଣ୍ଡା ଓ ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରିପୁଞ୍ଜୟ ମହାପାତ୍ର ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ହୋଇଥିବା ପ୍ରତିଭା ଓ ଅନ୍ୟମାନେ।

# କ୍ରିକେଟ: ସିଦ୍ଧାନ୍ତ ଲାୟନ୍ସ ଟିମ୍ ଚାମ୍ପିୟନ

ଚଣ୍ଡିଖୋଲ,୧୮।୧(ଡି.ଏନ.ଏ.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ପଲାଇ ବାରବାଟୀ ପଡ଼ିଆରେ ଶ୍ରମିକ ନେତା ବ୍ରଜମୋହନ ସାମଲଙ୍କ ସ୍ମୃତିରେ ବ୍ରଜମୋହନ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସିଦ୍ଧାନ୍ତ ଲାୟନ୍ସ କ୍ରିକେଟ୍ କ୍ଲବ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍‌ରେ ଟସ୍ ଜିତି ସିଦ୍ଧାନ୍ତ ଲାୟନ୍ସ କ୍ରିକେଟ କ୍ଲବ ବ୍ୟାଟିଂ ଆରମ୍ଭ କରିଥିଲା। କ୍ୟାପ୍‌ଟେନ ସତ୍ୟବ୍ରତ ସାମଲଙ୍କ ସହାୟତାରେ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୧୮୨ ରନ୍ ସଂଗହ କରିଥିଲା। ଜବାବରେ ୟଙ୍ଗଷ୍ଟାର କ୍ରିକେଟ କ୍ଲବ ମହାକାଳପଡ଼ା ମାତ୍ର ୭୩ ରନ୍‌ରେ ସମସ୍ତ ଉଇକେଟ ହରାଇ ପରାଜିତ ହୋଇଥିଲା। ଏଥିରେ ମ୍ୟାନ୍ ଅଫ୍ ଦି ମ୍ୟାଚ ଓ ମ୍ୟାନ୍ ଅଫ୍ ଦି ସିରିଜ ଭାବେ ସତ୍ୟବ୍ରତ ସାମଲଙ୍କୁ ଟ୍ରଫି ପ୍ରଦାନ କରାଯାଇଥିବା ବେଳେ ଶ୍ରେଷ୍ଠ ବୋଲର ଭାବେ ଅଶୋକ ମହାରଣା ଓ ମହେନ୍ଦ୍ର ମଲିକଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ସିରିଜ୍‌ର ଶ୍ରେଷ୍ଠ ବ୍ୟାଟ୍‌ସମ୍ୟାନ ଦୀପ୍ତିକାନ୍ତ ପାତ୍ର ଓ ଲାଟିନ ସାମଲଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ତ୍ତିକ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଉମାକାନ୍ତ ସାମଲ, ଜିଲା ସାମ୍ବାଦିକ ସଂଘ ଉପସଭାପତି ପ୍ରଦୀପ୍ତ ପୃଷ୍ଟି, ସରପଞ୍ଚ ବାସନ୍ତୀ ହେମ୍ବ୍ରମ ଓ ରତିକାନ୍ତ ସାମଲ ପ୍ରମୁଖ ଯୋଗଦେଇ ବିଜୟୀ ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ। ପଲାଇ କ୍ରିକେଟ କ୍ଲବର ସଭାପତି ସୁମନ୍ତ ସାମଲ, ବୈନେତେୟ ଦାସ, ବିକ୍ରମ ପ୍ରଧାନ, ଅଶୋକ ସାମଲ, ବରେନ୍ଦ୍ର କୃଷ୍ଣ ନାୟକ, ଅନିରୁଦ୍ଧ ଦାସ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।





ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।

# ଇକୋ ରିଟ୍ରିଟ୍ ଉପରେ କରୋନା ମାଡ଼

■ ୧୦ ପ୍ରତିଶତରୁ କମ୍ କଟେଜ୍ ବୁକିଂ

■ ନୂଆବର୍ଷରେ ମଧ ହେଲେ ନାହିଁ ପର୍ଯ୍ୟଟକ

ସମ୍ବଲପୁର,୧୮।୧(ବ୍ୟୁରୋ)

ଡିସେମ୍ବର ୧୫ରୁ ରାଜ୍ୟର ଅନ୍ୟ ୬ ସ୍ଥାନ ସହିତ ସମ୍ବଲପୁର ଜିଲା ହୀରାକୁଦ ଜଳଭଣ୍ଡାର ତଟ ବଳବସପୁର ଗ୍ରାମରେ ଇକୋ ରିଟ୍ରିଟ ଆରମ୍ଭ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଭିଡିଓ ବାର୍ତ୍ତା ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଗତବର୍ଷଠାରୁ ଏବର୍ଷ ଅଧିକ ପର୍ଯ୍ୟଟକ ଆସିବେ ବୋଲି ଜିଲା ପର୍ଯ୍ୟଟନ ବିଭାଗ ଆଶା ରଖିଥିଲା। ହେଲେ ଆରମ୍ଭ ହେବାର ଏକମାସ ବିତିଯାଇଥିଲେ ମଧ ଆଶାନୁରୂପକ ପର୍ଯ୍ୟଟକ ଆସିନାହାନ୍ତି। ଡିସେମ୍ବର ୧୫ରୁ ଜାନୁୟାରୀ ୧୫ ଭିତରେ ୧୦ ପ୍ରତିଶତରୁ କମ୍ କଟେଜ୍ ବୁକିଂ ହୋଇଛି।

ବିଗତ ବର୍ଷର ତଥ୍ୟ ଦେଖିଲେ ଡିସେମ୍ବର ଶେଷ ସପ୍ତାହ ଓ ନୂଆବର୍ଷ ଆରମ୍ଭରେ ବହୁ ସଂଖ୍ୟକ ପର୍ଯ୍ୟଟକ ଆସୁଥିଲେ। ଏହି ଦିନଗୁଡିକରେ ଶତ ପ୍ରତିଶତ କଟେଜ୍ ବୁକିଂ ରହୁଥିଲା। ହେଲେ ଚଳିତବର୍ଷ ଏହି ସମୟରେ ପର୍ଯ୍ୟଟକ ସଂଖ୍ୟା ହ୍ରାସ ପାଇଥିବାରୁ କଟେଜ୍ ବୁକିଂ ହେଲା ନାହିଁ। କୋଭିଡ୍ କଟକଣା ଓ ଲୋକଙ୍କ ମଧ୍ୟରେ ଥିବା ଭୟ ଇକୋ ରିଟ୍ରିଟ ଉପରେ ସିଧାସଳଖ ପ୍ରଭାବ ପକାଇଥିବା କହିଛନ୍ତି ପର୍ଯ୍ୟଟନ ବିଭାଗ ଡେପୁଟି ଡାଇରେକ୍ଟର ହେମନ୍ତ ପ୍ରଧାନ। ସେ ଆହୁରି କହିଥିଲେ, ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ୨୭ ଗୋଟି ୩ ଷ୍ଟାର ହୋଟେଲ ଭଳି ସୁବିଧା ଥିବା କଟେଜ୍ କରାଯାଇଛି। ଏହା ଭିତରେ ରହିବା, ଖାଇବା, ବାର୍ ସହ ଡ୍ରଇଁ ହଲ ଓ ମିଟିଂ ହଲ ସବୁ ରହିଛି। ହୀରାକୁଦ ଜଳଭଣ୍ଡାରରେ ଜଳକ୍ରୀଡା କରିବା ପାଇଁ ସୁବିଧା କରାଯାଇଛି। ବୋଟ୍, ସାଇକେଲ ରାଇଡିଂ, ରାଇଫଲ ଶୁଟିଂ, ଡେବ୍ରିଗଡ ଅଭୟାରଣ୍ୟ ସହ ଅନ୍ୟ ପର୍ଯ୍ୟଟନ ସ୍ଥଳ ବୁଲିବା ସୁବିଧା ରହିଛି। ଏହାସହ ବାହାର ଓ ସ୍ଥାନୀୟ ପର୍ଯ୍ୟଟକଙ୍କ ପାଇଁ କେବଳ ଜଳଭଣ୍ଡାରରେ ଜଳକ୍ରୀଡା କରିବାକୁ ଖୋଲା ରହିଛି। ଜିଲାରେ କୋଭିଡ୍ ସଂକ୍ରମଣ ବୃଦ୍ଧି ହେବା ଯୋଗୁ ସ୍ଥାନୀୟ ପର୍ଯ୍ୟଟକ ମଧ ଜଳକ୍ରୀଡା କରିବାକୁ ଅମଙ୍ଗ ହେଉଛନ୍ତି। ଗତବର୍ଷ ହୀରାକୁଦ ଇକୋ ରିଟ୍ରିଟ ପର୍ଯ୍ୟଟକ ସଂଖ୍ୟା ଭଲ ରହିଥିଲା। ୩ ମାସରେ ହାରାହାରି ୪୦ ପ୍ରତିଶତ କଟେଜ୍ ବୁକିଂ ହୋଇଥିଲା। ଦେଖିବାକୁ ଗଲେ ଗୋଟିଏ ୩ ଷ୍ଟାର ହୋଟେଲ ୪୦ ପ୍ରତିଶତ ବୁକିଂ ହେଲେ ଗ୍ରେଡ ୧ରେ ବ୍ୟବସାୟ ହୋଇଛି ବୋଲି ଧରାଯାଇଥାଏ। ହେଲେ ଚଳିତଥର ଏକମାସ ବିତିଯାଇଥିଲେ ମଧ ବୁକିଂ ହୋଇପାରି ନାହିଁ। ଆଗାମୀ ମାସରେ ସଂଖ୍ୟା ବୃଦ୍ଧି ପାଇପାରେ ବୋଲି ଆଶା କରାଯାଉଛି। ଅନ୍ୟପଟେ ଇକୋ ରିଟ୍ରିଟ ପରିଚାଳନା ପାଇଁ ଟେଣ୍ଡର ପାଇଥିବା ସଂସ୍ଥା ମଧ ଚିନ୍ତାରେ ପଡିଛି। ପର୍ଯ୍ୟଟକ ନ ଆସିବାରୁ ଜଳକ୍ରୀଡା ବୋଟ୍‌ରେ କାର୍ଯ୍ୟରତ କର୍ମଚାରୀ ଓ ଅଧିକାରୀ ନିରାଶ ହୋଇ ବସିରହିଛନ୍ତି।


ପର୍ଯ୍ୟଟକଙ୍କ ପାଇଁ ହୋଇଥିବା କଟେଜ୍ ବ୍ୟବସ୍ଥା।

# ଆର ଜନ୍ମରେ ଦେଖାହେବ...

## ଅଶ୍ଳୀଳ ଫଟୋ ଭାଇରାଲ୍ ପରେ ଛାତ୍ରୀଙ୍କ ଆତ୍ମହତ୍ୟା

କାମାକ୍ଷାନଗର, ୧୮।୧(ଡି.ଏନ୍.ଏ.)

'ମୁଁ ଆମ ମୋବାଇଲରେ କିଛି ଖରାପ ଫଟୋ ଉଠାଇଥିଲି। ସେ ସବୁ ଫଟୋ ସମସ୍ତଙ୍କ ପାଖରେ ଅଛି। ଆସୁଅଛି। ଆରଜନ୍ମରେ ଦେଖାହେବ। ମତେ ତୁମେ କ୍ଷମା କରିଦିଅ'। ଏଭଳି ସୁଇସାଇଡ୍ ନୋଟ୍ ଲେଖି ଲୁଗାରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି ୧୩ ବର୍ଷୀୟା ଜଣେ ବାଳିକା। ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମହାବିରୋଡ ଫାଣ୍ଡି ଅଞ୍ଚଳରେ ଗତ ସୋମବାର ଏଭଳି ଏକ ଦୁଃଖଦ ଘଟଣା ଘଟିଛି। ମଙ୍ଗଳବାର ଛାତ୍ରୀଙ୍କ ମୃତଦେହ ଜବତ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

ପୋଲିସ ସୂଚନା ଅନୁଯାୟୀ, ମୃତା ନାବାଳିକା ଅଷ୍ଟମ ଶ୍ରେଣୀର ଛାତ୍ରୀ। ତାଙ୍କ ବାପା କେନ୍ଦୁଝର ଜିଲା ବଡବିଲର ଏକ ଘରୋଇ କମ୍ପାନୀରେ ଚାକିରି କରୁଛନ୍ତି। ଗତ ସୋମବାର ତାଙ୍କ ମା' ଗାଈ ଚରାଇବାକୁ ଯାଇଥିଲେ। ସନ୍ଧ୍ୟାରେ ଫେରିବା ବେଳକୁ ଝିଅଙ୍କ ମୃତଦେହ ଝୁଲୁଥିବା ଅବସ୍ଥାରେ ମିଳିଥିଲା। ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିଛି। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ତେବେ ଆପତ୍ତିଜନକ ଫଟୋଗୁଡ଼ିକ କାହିଁକି ଓ କାହା ପ୍ରରୋଚନାରେ ଉଠାଯାଇଥିଲା, ଏହା କିପରି ଭାଇରାଲ ହେଲା, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରେମ–ପ୍ରତାରଣା ଜନିତ ଘଟଣାରୁ ନାବାଳିକା ଜଣକ ଏଭଳି ଚରମ ପଦକ୍ଷେପ ନେଇଥିବା ଚର୍ଚ୍ଚା ଜୋର୍ ଧରିଛି। ଏ ସଂକ୍ରାନ୍ତରେ ଏସ୍‌ଡିପିଓ ରଞ୍ଜନ କୁମାର ଦେଓ କୁହନ୍ତି, ମୃତା ଛାତ୍ରୀ ନାବାଳିକା ବୋଲି ସ୍ପଷ୍ଟ ହୋଇଛି। ପ୍ରାଥମିକ ତଦନ୍ତରୁ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଘଟଣାସ୍ଥଳରୁ ଏକ ସୁଇସାଇଡ୍ ନୋଟ୍ ଜବତ କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଏବଂ ଅଧିକ ତଦନ୍ତ ପରେ ପ୍ରକୃତ ଘଟଣା ଜଣାପଡ଼ିବ।

# ଧାନ ବିଲରୁ ନରକଙ୍କାଳ ଜବତ



ରାହାମା,୧୮।୧(ଡି.ଏନ୍.ଏ.)

ଜଗତସିଂହପୁର ଜିଲା ତିର୍ତ୍ତୋଲ ଥାନା ଅନ୍ତର୍ଗତ ପୋତାନଈ ପଞ୍ଚାୟତ ବାଇଲୋ ଗ୍ରାମ ନିକଟସ୍ଥ ଧାନବିଲରୁ ମଙ୍ଗଳବାର ପୋଲିସ ଏକ ନରକଙ୍କାଳ ଜବତ କରିଛି। ଘଟଣାସ୍ଥଳରେ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଛି। ସକାଳୁ କେତେଜଣ ଲୋକ ଉକ୍ତ ଜମିକୁ ଧାନ କାଟିବାକୁ ଯାଇଥିବା ବେଳେ ସେଠାରେ ଲୁଙ୍ଗି ଘୋଡାହୋଇଥିବା ଅବସ୍ଥାରେ ଖପୁରି ଓ ହାଡ଼ ପଡ଼ିଥିବା ଦେଖି ପୋଲିସରେ ଖବର ଦେଇଥିଲେ। ଏହି କଙ୍କାଳ କାହାର ସ୍ପଷ୍ଟ ହୋଇ ନ ଥିବା ବେଳେ ଜଣେ ବୟସ୍କ ଲୋକର ବୋଲି ଅନୁମାନ କରାଯାଉଛି। ତିନି ଚାରି ମାସ ତଳେ ତାଙ୍କର ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ଏନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ସବ୍ୟସାଚୀ ରାଉତ କହିଛନ୍ତି।

# ଆଶୀର୍ବାଦ ଯୋଜନା ପୁନଃ କାର୍ଯ୍ୟକ୍ଷମ ପାଇଁ ଅନୁରୋଧ କରିବ ଶିଶୁ ସୁରକ୍ଷା ଆୟୋଗ

ଭୁବନେଶ୍ୱର, ୧୮।୧(ବ୍ୟୁରୋ)

କୋଭିଡ୍– ୧୯ ଯୋଗୁ ୨୦୨୦ ଏପ୍ରିଲ୍‌ରୁ ଏଯାବତ୍ ଦେଶରେ ୧,୪୭,୪୯୨ ପିଲା ଅନାଥ ହୋଇଥିବା ନେଇ ଏକ ରିପୋର୍ଟ ଜାତୀୟ ଶିଶୁ ସୁରକ୍ଷା ଆୟୋଗ(ଏନ୍‌ସିପିସିଆର୍) ନିକଟରେ ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଛନ୍ତି। ଏହି ରିପୋର୍ଟରେ ଓଡ଼ିଶାରେ ସର୍ବାଧିକ ୨୪, ୪୦୫ ପିଲା ସେମାନଙ୍କ ମା' କିମ୍ବା ବାପା ଅଥବା ଉଭୟଙ୍କୁ ହରାଇଥିବା ରିପୋର୍ଟ ଉଲ୍ଲେଖ ରହିଛି। ଏହା ଜଣାପଡ଼ିବା ପରେ ଉପରୋକ୍ତ ଅନାଥ ପିଲାଙ୍କ ପାଇଁ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ(ଓଏସ୍‌ସିପିସିଆର୍) ତତ୍ପରତା ପ୍ରକାଶ କରିଛି। ଅନାଥ ଶିଶୁଙ୍କ ସୁବିଧା ଓ ସୁରକ୍ଷା ପାଇଁ ଆଶୀର୍ବାଦ ଯୋଜନା ପୁନଃ କାର୍ଯ୍ୟକ୍ଷମ କରିବାକୁ ରାଜ୍ୟ ସରକାରଙ୍କୁ ଆୟୋଗ ପକ୍ଷରୁ ପତ୍ର ଲେଖାଯିବ ବୋଲି ଓଏସ୍‌ସିପିସିଆର ଅଧ୍ୟକ୍ଷା ସନ୍ଧ୍ୟାବତୀ ପ୍ରଧାନ କହିଛନ୍ତି।

ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗକୁ ଏକ ପତ୍ର ଲେଖାଯାଇ ଆଶୀର୍ବାଦ ଯୋଜନାରୁ ବଞ୍ଚିତ ହେଉଥିବା ଅନାଥ ପିଲାଙ୍କୁ କିପରି ଉପଯୁକ୍ତ ଶିକ୍ଷା ଏବଂ ସହାୟତା ପ୍ରଦାନ କରାଯାଇପାରିବ ସେନେଇ ଅନୁରୋଧ କରାଯିବ ବୋଲି ପ୍ରଧାନ କହିଛନ୍ତି। ଗତ ବର୍ଷ କୋଭିଡ୍ ଯୋଗୁ ଅନାଥ ହୋଇଥିବା ପିଲାଙ୍କୁ ସହାୟତା ଯୋଗାଇ ଦେବାକୁ ରାଜ୍ୟ ସରକାର ଆଶୀର୍ବାଦ ଯୋଜନା ଆରମ୍ଭ କରିଥିଲେ। ହେଲେ ଯୋଜନା ଆରମ୍ଭ ହେବାର ସାଢ଼େ ୩ମାସ ମଧ୍ୟରେ ବନ୍ଦ ହୋଇଯାଇଥିଲା। ଉକ୍ତ ଯୋଜନାରେ ଅନାଥ ହୋଇଥିବା ପିଲାମାନଙ୍କୁ ୩ଟି ଭାଗରେ ବିଭକ୍ତ କରାଯାଇଥିଲା। ଯେଉଁ ପିଲା ସେମାନଙ୍କ ମା' କିମ୍ବା ବାପା, ନଚେତ୍ ଉଭୟ ବା ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇଥିବେ ବା ୨୦୨୦ ଏପ୍ରିଲ ୧ କିମ୍ବା ଏହା ପରଠାରୁ ମାତାପିତାଙ୍କୁ ହରାଇଥିବେ ସେମାନେ ଏହି ଯୋଜନା ଅନ୍ତର୍ଭୁକ୍ତ ହୋଇପାରୁଥିଲେ। ହେଲେ କରୋନା ମହାମାରୀର ପ୍ରକୋପ କମିଯିବା କାରଣରୁ ୨୦୨୧ ସେପ୍ଟେମ୍ବର ୧୫ରେ ମାତାପିତାଙ୍କୁ ହରାଇଥିବା ପିଲାମାନେ ଏହି ଯୋଜନା ଅନ୍ତର୍ଭୁକ୍ତ ହୋଇପାରିବେ ନାହିଁ ବୋଲି ସରକାର ଘୋଷଣା କରି ଯୋଜନାକୁ ବନ୍ଦ କରିଥିଲେ। ହେଲେ କୋଭିଡ୍ ମହାମାରୀ ଯୋଗୁ ଯେଉଁ ପିଲାମାନେ ଏବେବି ଅନାଥ ହେଉଛନ୍ତି ସେମାନଙ୍କୁ ସହାୟତା ଏବଂ ସୁରକ୍ଷାକୁ ସୁନିଶ୍ଚିତ କରିବାକୁ ଆୟୋଗ ପଦକ୍ଷେପ ନେଉଥିବା ଓଏସ୍‌ସିପିସିଆର ଅଧ୍ୟକ୍ଷା ପ୍ରଧାନ କହିଛନ୍ତି।

# 'ସୂଚନା, ସଚେତନତା ଅଭିଯାନକୁ ସେବାଭିତ୍ତିକ କର'

## କୋଭିଡ୍ ସ୍ଥିତି ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୧୮।୧(ବ୍ୟୁରୋ)

ପରିବର୍ତ୍ତିତ କୋଭିଡ୍ ସ୍ଥିତିରେ ସୂଚନା ଓ ସଚେତନତା ଅଭିଯାନକୁ ଅଧିକ ପ୍ରତିଷେଧାତ୍ମକ ଏବଂ ସେବାଭିତ୍ତିକ କରିବାକୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ବର୍ତ୍ତମାନ ରାଜ୍ୟରେ ଚାଲିଥିବା କୋଭିଡ୍ ବିରୋଧୀ ସଚେତନତା ଅଭିଯାନର ସମୀକ୍ଷାକରି ମହାପାତ୍ର ଏହି ନିର୍ଦ୍ଦେଶ ଦେଇଛନ୍ତି। ଲୋକସେବା ଭବନରୁ ଡିଜିଟାଲ ମୋଡ୍‌ରେ ମଙ୍ଗଳବାର ଅନୁଷ୍ଠିତ ଏହି ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜକୁମାର ଶର୍ମା କୋଭିଡ୍ ସଚେତନତା ଅଭିଯାନ ସମ୍ବନ୍ଧୀୟ ବିଷୟ ଆଲୋଚନା ନିମନ୍ତେ ତଥ୍ୟ ଉପସ୍ଥାପନ କରିଥିଲେ।

ବିଭିନ୍ନ ସ୍ତରରେ କରାଯାଉଥିବା ସଚେତନତା ଅଭିଯାନର ସମୀକ୍ଷା କରି ମୁଖ୍ୟ ଶାସନ ସଚିବ କହିଛନ୍ତି, ବର୍ତ୍ତମାନ ସ୍ଥିତିରେ ପ୍ରତିଷେଧାତ୍ମକ ଏବଂ ସେବା ଉପଲବ୍ଧି ସମ୍ବନ୍ଧିତ ସୂଚନା ପ୍ରସାରଣ କୋଭିଡ୍ ପରିଚାଳନା ପାଇଁ ଗୁରୁତ୍ୱପୂର୍ଣ୍ଣ। ଅଧିକ ସଂଖ୍ୟକ କୋଭିଡ୍ ସଂକ୍ରମିତ ବ୍ୟକ୍ତି ଘରୋଇ ପୃଥକ୍‌ବାସରେ ରହି ଚିକିତ୍ସିତ ହେଉଥିବାରୁ ସେମାନଙ୍କ ପାଇଁ ସେବା ସମ୍ବନ୍ଧିତ ସୂଚନା ବିଶେଷ ସହାୟକ ହେବ। ପୃଥକ୍‌ବାସର ବ୍ୟବହାରିକ ଢଙ୍ଗ, ଦୈନିକ ଯତ୍ନ, ଅମ୍ଳଜାନସ୍ତର ଯାଞ୍ଚ, ବୟସ୍କ ବ୍ୟକ୍ତି ଓ ଗର୍ଭବତୀଙ୍କ ଯତ୍ନ, କେଉଁ ଟେଲିଫୋନ ନମ୍ବର ମାଧ୍ୟମରେ ଡାକ୍ତରଙ୍କ ପରାମର୍ଶ ମିଳିପାରିବ, କି ସତର୍କତା ଅବଲମ୍ବନ କରାଯିବା ଦରକାର, ଜରୁରିକାଳୀନ ସ୍ଥିତିରେ କାହା ସହିତ ଓ କେମିତି ଯୋଗାଯୋଗ କରିବେ, ଦରକାର ସମୟରେ କିପରି ଆମ୍ବୁଲାନ୍ସ ସେବା ପାଇବେ ଓ ହସ୍ପିଟାଲ ଯାଇପାରିବେ ଆଦି ସମସ୍ତ ବିଷୟ ସୂଚନା ଓ ସଚେତନତା ଅଭିଯାନରେ ସନ୍ନିବେଶିତ କରିବା ପାଇଁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତି ଜିଲା ଏବଂ ସହରାଞ୍ଚଳର କୋଭିଡ୍ ନିୟନ୍ତ୍ରଣ କକ୍ଷ, ଟେଲି ମେଡିସିନ୍ ଏବଂ ତୁରନ୍ତ ସହାୟକ ଦଳ(ଆର୍‌ଆର୍‌ଟି)ଗୁଡିକର ଟେଲିଫୋନ୍ ନମ୍ବର ମଧ ସୂଚନା ଓ ସଚେତନତା ବାର୍ତ୍ତାରେ ସନ୍ନିବେଶିତ କରିବା ପାଇଁ ମଧ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତି ଆର୍‌ଆରଟି ନିଜ ଦାୟିତ୍ୱ ଥିବା ବିଭିନ୍ନ ଅଞ୍ଚଳର ରୋଗୀଙ୍କୁ ସାମିଲ କରି ଏକାଧିକ ହ୍ୱାଟ୍ସଆପ୍ ଗ୍ରୁପ୍ ଖୋଲିବା ପାଇଁ ମଧ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଏହା ମାଧ୍ୟମରେ ଘରୋଇ ପୃଥକ୍‌ବାସରେ ଥିବା ସଂକ୍ରମିତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ସ୍ଥିତି ଓ ଆବଶ୍ୟକତା ବିଷୟରେ ଆର୍‌ଆର୍‌ଟିଗୁଡିକ ତୁରନ୍ତ ଜାଣିପାରିବେ। ଏହିସବୁ ସୂଚନା ଘରୋଇ ପୃଥକ୍‌ବାସରେ ଥିବା ଲୋକଙ୍କୁ ଅଧିକ ଆତ୍ମବିଶ୍ୱାସ ଓ ଭରସା ଦେବ ଯାହା ପ୍ରକାରାନ୍ତରେ ଶୀଘ୍ର ଆରୋଗ୍ୟଲାଭରେ ସହାୟକ ହେବ ବୋଲି ସେ କହିଛନ୍ତି। ବର୍ତ୍ତମାନ ପ୍ରାୟ ୧୨ ପ୍ରକାର ସଚେତନତା ବାର୍ତ୍ତା, ୮ ପ୍ରକାର ମେସେଜ୍, ବହୁବିଧ ଦୃଶ୍ୟ ଓ ଶ୍ରାବ୍ୟ ବାର୍ତ୍ତା, ପରାମର୍ଶ ଆଦି ଦିଆଯାଉଛି। ଜନସାଧାରଣଙ୍କୁ ମଧ ଏସ୍‌ଏମ୍‌ଏସ୍ ମାଧ୍ୟମରେ ସୂଚନା ପଠାଯାଉଛି। ଏହାଛଡ଼ା ଜିଲାସ୍ତରରେ ୫୫ଟି, ବ୍ଲକ୍ ସ୍ତରରେ ୭୦୬ଟି, ସହରାଞ୍ଚଳ ସ୍ତରରେ ୫୬ଟି ଏବଂ ପୌର ନିଗମ ସ୍ତରରେ ୬୫ଟି ଏପରି ସମୁଦାୟ ୮୬୫ଟି ଆର୍‌ଆର୍‌ଟି ଦଳ ନିଜ ନିଜ ସ୍ତରରେ ଚିକିତ୍ସା ଓ ସଚେତନତା ସୂଚନା ଦେଉଛନ୍ତି।



# ଡିଙ୍କିଆରେ ପୋଲିସ ଅତ୍ୟାଚାର ବନ୍ଦ କରାଯାଉ


ବୈଠକରେ ଉପସ୍ଥିତ ବିଭିନ୍ନ ଦଳର ନେତୃବୃନ୍ଦ।

## ୧୩ ବିରୋଧୀ ରାଜନୈତିକ ଦଳର ଦାବି

ଭୁବନେଶ୍ୱର,୧୮।୧(ବ୍ୟୁରୋ)

ଡିଙ୍କିଆରେ ପୋଲିସ ଅତ୍ୟାଚାର ବନ୍ଦ ପାଇଁ ୧୩ଟି ବିରୋଧୀ ଦଳ ମିଳିତ ଭାବେ ଦାବି କରିଛନ୍ତି। ଏହି ମିଳିତ ଦଳର ପ୍ରତିନିଧିମାନେ ଖୁବ୍ ଶୀଘ୍ର ରାଜ୍ୟପାଳଙ୍କୁ ଭେଟିବା ସହ ଆସନ୍ତା ୨୧ ତାରିଖରେ ଡ଼ିଙ୍କିଆ ଅଞ୍ଚଳ ଗସ୍ତ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ମଙ୍ଗଳବାର ଭୁବନେଶ୍ୱର ଠାରେ ୧୩ଟି ରାଜନୈତିକ ଦଳକୁ ନେଇ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ

ଏହି ରାଜନୈତିକ ଦଳର ନେତୃବୃନ୍ଦ ଯୋଗଦେଇ କହିଥିଲେ, ଡ଼ିଙ୍କିଆରେ ମାନବିକ ଅଧିକାର ଓ ସ୍ୱାଭାବିକ ଜୀବନ ଯାତ୍ରା ଭୁଲୁଣ୍ଠିତ ହୋଇଛି। ପୋଲିସ ଓ ସରକାରୀ ଦଳର ଗୁଣ୍ଡାଙ୍କ କବଳରେ ଡ଼ିଙ୍କିଆବାସୀ ଅରାଜକତା ଏବଂ ଭୟାତୁର ବାତାବରଣ ମଧ୍ୟରେ ଜୀବନ ବିତାଉଛନ୍ତି। ଲୋକେ ପୋଲିସ ଭୟରେ ଗାଁ ଛାଡି ଜଙ୍ଗଲରେ ଲୁଚିଛନ୍ତି। ସେମାନଙ୍କ ପାଇଁ ଖାଦ୍ୟ ଓ ସ୍ୱାସ୍ଥ୍ୟଜନିତ ସଂକଟ ସୃଷ୍ଟି ହୋଇଛି। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏଭଳି ପରିସ୍ଥିତି ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ଏଥିଲାଗି ରାଜ୍ୟ ସରକାର ଦାୟୀ। ଡ଼ିଙ୍କିଆରୁ ପୋଲିସ ଫୋର୍ସ ପ୍ରତ୍ୟାହାର ସହ ଅନ୍ୟାନ୍ୟ ଦାବି କରାଯାଇଛି। ବୈଠକରେ କଂଗ୍ରେସର ପଞ୍ଚାନନ କାନୁନଗୋ, ସିପିଆଇର ଆଶିଷ କାନୁନଗୋ, ସିପିଆଇ(ଏମ୍)ର ଅଲି ପଟ୍ଟନାୟକ, ଜନାର୍ଦ୍ଦନ ପତି, ସୁରେଶ ପାଣିଗ୍ରାହୀ, ସିପିଆଇ–ଏମ୍‌ଏଲ୍ ( ଲିବେରେଶନ )ର ମହେନ୍ଦ୍ର ପରିଡ଼ା, ଅଲ ଇଣ୍ଡିଆ ଫରୱାର୍ଡ଼ ବ୍ଲକର ଜ୍ୟୋତି ରଞ୍ଜନ ମହାପାତ୍ର, ସିପିଆଇ–ଏମ୍‌ଏଲ୍ (ରେଡ ଷ୍ଟାର)ର ପ୍ରମିଳା ବେହେରା, ପୂଜା ଦାସ, ସିପିଆଇ–ଏମ୍‌ଏଲ(ନ୍ୟୁ ଡେମୋକ୍ରାସି)ର ଭାଲଚନ୍ଦ୍ର ଷଡ଼ଙ୍ଗୀ, ସିପିଆଇ(ଏମ୍‌ଏଲ୍)ର ଶ୍ରୀକାନ୍ତ ମହାନ୍ତି, ସମାଜବାଦୀ ପାର୍ଟିର ସୁଦର୍ଶନ ପ୍ରଧାନ, ଏଏପିର ରଙ୍ଗାଚରଣ ପ୍ରଧାନ, ଆର୍‌ଜେଡିର ହେମନ୍ତ କୁମାର, ଆର୍‌ପିଆଇର ଶେଖ ଅବଦୁଲ ୱାଲୀ ଏବଂ ଏନ୍‌ସିପିର ବିକ୍ରମ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପୃଷ୍ଠାରୁ...

### ଲିଜ୍‌ଧାରୀଙ୍କୁ ୧୦ କୋଟି...

ଜିଲାସ୍ତରୀୟ ବିଶେଷଜ୍ଞ କମିଟି ମାମଲା ଉପରେ ଛାନ୍‌ଭିନ୍ କରି ୩୧,୫୪୮.୩୦ ଘନମିଟର ପଥର ଅନୁମତିଠାରୁ ଅଧିକ ଉତ୍ତୋଳନ ହୋଇଥିବା ଦୁଇଟି ରିପୋର୍ଟ ଦାଖଲ କରିଥିଲେ। ତଦନୁସାରେ ଘନମିଟର ପିଛା ୧୫୫୦ ଟଙ୍କା ଦରରେ ୪,୮୮,୯୯,୮୬୫ ଜରିମାନା ସହ ୧୦୦ ପ୍ରତିଶତ ରାଜସ୍ୱକୁ ମିଶାଇ ୯,୭୭,୯୯,୭୩୦ ଟଙ୍କା ଦେବାକୁ ଧାର୍ଯ୍ୟ ହୋଇଥିଲା। ଅନ୍ୟ ଏକ ଜରିମାନା ନୋଟିସରେ ୫୯୨୦.୬୦ ଘନମିଟର ଅଧିକ ପଥର ଉତ୍ତୋଳନ ହୋଇଛି । ଘନମିଟର ପିଛା ୨୧୦ ଟଙ୍କା ଦରରେ ୧୨,୪୩,୩୨୬ ଟଙ୍କା ଏବଂ ୧୦୦ ପ୍ରତିଶତ ରାଜସ୍ୱକୁ ମିଶାଇ ୨୪,୮୬,୬୫୨ ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଛି। ଏ ସଂକ୍ରାନ୍ତରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ ଏବଂ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସଙ୍କ ମତାମତ ନେବାକୁ ମଙ୍ଗଳବାର ଏକାଧିକ ଥର ଫୋନ କରିଥିଲେ ହେଁ ଉଭୟ ଫୋନ କଲ୍‌କୁ ଗ୍ରହଣ କରି ନ ଥିଲେ। ଅନ୍ୟପକ୍ଷେ ଲିଜ୍‌ଧାରୀ ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି, ଲିଜ୍ ପାଇଥିବା ଅଞ୍ଚଳରେ ସେ ଧାର୍ଯ୍ୟ ଅନୁଯାୟୀ ପଥର ଉତ୍ତୋଳନ କରୁଛନ୍ତି। ଲିଜ୍ ବାହାରେ ଅନ୍ୟମାନେ ପଥର ଚୋରି କରିଥିବା ନେଇ ସେ ପୂର୍ବରୁ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଅନ୍ୟର ଦୋଷଦୁର୍ବଳତା ଲୁଚାଇବାକୁ ଯାଇ ସମସ୍ତ ଅଭିଯୋଗ ତାଙ୍କ ଉପରେ ଲଦି ଦିଆଯାଉଛି। ଲୋକାୟୁକ୍ତ ଛାନ୍‌ଭିନ୍ କରିବା ପରେ ଗତ ୫ଦିନ ହେଲା ଜରିମାନା ନୋଟିସ ସେ ପାଇଛନ୍ତି। ଏନେଇ ସେ ସାର୍ଟିଫାଏଡ କପି ଦେବାକୁ ଧର୍ମଶାଳା ତହସିଲଦାରଙ୍କୁ ଅନୁରୋଧ କରିଛନ୍ତି। ଡଙ୍କାରୀ ପାହାଡ଼ରୁ ବେଆଇନ କଳାପଥର ଉତ୍ତୋଳନ ବାବଦକୁ ୫୮ କୋଟି ୬୨ ଲକ୍ଷ ୭୯ ହଜାର ୬୩୩ ଟଙ୍କା ରାଜସ୍ୱ ଜମା କରିବାକୁ ୨୦୧୬ ମେ ରେ ନୋଟିସ ଜାରି ହୋଇଥିଲା। ଏହାବାଦ୍ ଏନ୍‌ଜିଟି ମଧ ୨୫ କୋଟି ଟଙ୍କାର ଜରିମାନା ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତା'ର ସୁଫଳ ଏଯାଏ ମିଳି ପାରିନାହିଁ।

### ୧ ଲକ୍ଷରୁ ଊର୍ଦ୍ଧ୍ୱ ...

ସଂକ୍ରମଣ ହାର ୧୫% ଟପିଛି। ଗତ ୨୪ ଘଣ୍ଟାରେ ୭୦,୯୯୦ ନମୁନା ପରୀକ୍ଷା କରାଯାଇଥିବାବେଳେ ୧୧,୦୮୬ଜଣ ପଜିଟିଭ୍ ବାହାରିଛନ୍ତି। ଫଳରେ ଦୈନିକ ସଂକ୍ରମଣ ହାର ୧୫.୬୨% ହୋଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୩,୪୬୯ଜଣ ଥିବାବେଳେ ସୁନ୍ଦରଗଡ଼ରୁ ୧,୪୧୬, କଟକରୁ ୭୬୬, ମୟୂରଭଞ୍ଜ ୩୯୩, ବାଲେଶ୍ୱର ୩୨୩, ସମ୍ବଲପୁର ୩୦୨, ବଲାଙ୍ଗୀରରୁ ୩୦୦ ଜଣ ରହିଛନ୍ତି। ଯାଜପୁରରୁ ୨୭୫, ଜଗତ୍‌ସିଂହପୁର ୨୭୩, କଳାହାଣ୍ଡି ୨୫୩, କେନ୍ଦୁଝର ୨୨୩, କୋରାପୁଟ ୧୯୬, ପୁରୀ ୧୮୮, ରାୟଗଡ଼ା ୧୮୭, ଢେଙ୍କାନାଳ ୧୫୭, ସୁବର୍ଣ୍ଣପୁର ୧୫୩, ନୟାଗଡ଼ ୧୪୯, ଅନୁଗୋଳ ୧୩୯, ନବରଙ୍ଗପୁର ୧୩୭, ଝାରସୁଗୁଡ଼ା ୧୩୨, ଭଦ୍ରକ ୧୩୨, ବରଗଡ଼ ୧୨୫, ଗଞ୍ଜାମ ୧୧୬, ନୂଆପଡ଼ା ୧୦୪ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୧,୫୫,୪୮୭କୁ ବୃଦ୍ଧି ପାଇଛି। ଅପରପକ୍ଷେ ରାଜ୍ୟରେ ଆଉ ୪ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ କଟକ, କେନ୍ଦ୍ରାପଡ଼ା, କୋରାପୁଟ ଓ ସୁନ୍ଦରଗଡ଼ରୁ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ଜିଲାର ଜଣେ ୧୪ ବର୍ଷୀୟା ବାଳିକା ଅଛନ୍ତି। ସେ ଅନ୍ୟ କୌଣସି ରୋଗରେ ପୀଡ଼ିତ ନ ଥିଲେ। କରୋନାରେ ହିଁ ତାଙ୍କର ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୮,୪୮୮ରେ ପହଞ୍ଚିଛି।

### ଗଣମାଧ୍ୟମ ପ୍ରତିନିଧିଙ୍କୁ ...

ସଚିବ ଆର୍.କେ. ଶର୍ମା କହିଲେ, ରାଜ୍ୟରେ ଦୈନିକ ୧୦ରୁ ୧୧ ହଜାର ମଧ୍ୟରେ ନୂଆ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି। ତଥାପି ହସ୍ପିଟାଲରେ ଚିକିତ୍ସାଧୀନ ରୋଗୀଙ୍କ ସଂଖ୍ୟା କମ୍ ରହିଛି। ରାଜ୍ୟରେ କୋଭିଡ୍ ରୋଗୀଙ୍କ ପାଇଁ ୧୧,୨୯୧ ଶଯ୍ୟା ଉପଲବ୍ଧ ରହିଛି। ତନ୍ମଧ୍ୟରୁ ମାତ୍ର ୧୧% ବେଡ୍‌ରେ ରୋଗୀ ଚିକିତ୍ସିତ ହେଉଛନ୍ତି। ରାଜ୍ୟରେ ପର୍ଯ୍ୟାପ୍ତ ଔଷଧ, ଅକ୍ସିଜେନ ମହଜୁଦ୍ ରହିଛି। ଅଦ୍ୟାବଧି ୯୨.୭% ପ୍ରଥମ ଡୋଜ୍ ଏବଂ ୭୦.୭% ଦ୍ୱିତୀୟ ଡୋଜ୍ ନେଇସାରିଛନ୍ତି। ୧୫ରୁ ୧୮ ବର୍ଷର କିଶୋର ବର୍ଗ କ୍ଷେତ୍ରରେ ୪୫.୮% ଟିକାକରଣ ହୋଇଛି। ୧୪% ବୁଷ୍ଟର ଡୋଜ୍ ନେଇସାରିଥିବା ସେ ସୂଚନା ଦେଇଛନ୍ତି। ପୋଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ, କଟକ, ମୟୂରଭଞ୍ଜ ଜିଲାପାଳ, ଭୁବନେଶ୍ୱର ଏବଂ କଟକ ମହାନଗର ନିଗମ କମିଶନର ନିଜ ନିଜର କ୍ଷେତ୍ର କାର୍ଯ୍ୟକ୍ରମ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫–ଟି) ଭି.କେ. ପାଣ୍ଡିଆନ ବୈଠକ ପରିଚାଳନା କରଥିବାବେଳେ ଉନ୍ନୟନ କମିଶନରଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଉପସ୍ଥିତ ଥିଲେ।

### କ୍ଷତିପୂରକ ଜଙ୍ଗଲ ...

ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁଗର୍ଗ, ସ୍କୁଲ ଓ ଗଣଶିକ୍ଷା ବିଭାଗ ସଚିବ ବିଷ୍ଣୁପଦ ସେଠୀ, ଖଣି ଓ ଇସ୍ପାତ ବିଭାଗ ସଚିବ ଦେଓ ରଞ୍ଜନ କୁମାର ସିଂ, ଉଚ୍ଚଶିକ୍ଷା ସଚିବ ଶାଶ୍ୱତ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ସଚିବମାନେ ବୈଠକରେ ଯୋଗ ଦେଇଥିଲେ।

### ଗୋଷ୍ଠୀ ରୋଷଶାଳା ...

ବୋପନା ଏବଂ ହିମା କୋହଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଟର୍ନି ଜେନେରାଲ କେ.କେ. ବେଣୁଗୋପାଳଙ୍କୁ କହିଥିଲେ। ସାର୍ବଜନିକ ଯୋଜନା ନୁହେଁ କମ୍ୟୁନିଟି କିଚେନ ମଡେଲ ଯୋଜନା କେନ୍ଦ୍ର ସରକାର ପ୍ରସ୍ତୁତ କରି ରାଜ୍ୟଗୁଡ଼ିକୁ ଏହାର କାର୍ଯ୍ୟକାରିତା ଦାୟିତ୍ୱ ଦେବା ଲାଗି ଖଣ୍ଡପୀଠ କହିଛନ୍ତି। ଶୁଣାଣି ବେଳେ ବିଭିନ୍ନ ରାଜନୈତିକ ଦଳ ଭୋଟରମାନଙ୍କୁ ଆକୃଷ୍ଟ କରିବା ଲାଗି ଅନେକ କିଛି ମାଗଣା ଯୋଗାଇବା ଲାଗି ପ୍ରତିଶ୍ରୁତିମାନ ଦେଉଛନ୍ତି। ନିର୍ବାଚନ ସମୟ ହୋଇଥିବାରୁ ଏହା ଉପରେ ମନ୍ତବ୍ୟ ଦେବାକୁ କୋର୍ଟ ଚାହୁଁନାହାନ୍ତି। ତେବେ ରାଜ୍ୟ ସରକାରଗୁଡ଼ିକ କୁପୋଷଣ, କ୍ଷୁଧା ମୃତ୍ୟୁ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରସଙ୍ଗରେ ୨ ସପ୍ତାହ ମଧ୍ୟରେ ତଥ୍ୟ ଦେବା ଲାଗି ଖଣ୍ଡପୀଠ କହିଛନ୍ତି। ରାଜ୍ୟଗୁଡ଼ିକ ଏ ସମ୍ପର୍କିତ ରିପୋର୍ଟ ଦେଉ ନ ଥିବାବେଳେ ତାମିଲନାଡୁରେ ଜଣେ ୫ ବର୍ଷର ପିଲାର କ୍ଷୁଧାରେ ମୃତ୍ୟୁ ଘଟିଥିବା ଡାକ୍ତରମାନେ ଶବ ବ୍ୟବଚ୍ଛେଦ ବେଳେ ଜାଣିବାକୁ ପାଇଥିବା ଆଟର୍ନି ଜେନେରାଲ କହିଥିଲେ। ଏହା ବ୍ୟତୀତ କେନ୍ଦ୍ର ସରକାର ୧୩୧ଟି କଲ୍ୟାଣକାରୀ ଯୋଜନା ପାଇଁ ପାଣ୍ଠି ଯୋଗାଉଥିବାବେଳେ କ୍ଷୁଧା ଓ କୁପୋଷଣ ଦୂର ଲାଗି ଗୋଷ୍ଠୀ ରୋଷଶାଳା ଯୋଜନା କାର୍ଯ୍ୟକାରୀ କରିବା ନିମନ୍ତେ ଅର୍ଥ ନାହିଁ ବୋଲି ବେଣୁଗୋପାଳ କହିଥିଲେ। ରାଜ୍ୟ ସରକାରଗୁଡ଼ିକ ଏଥିପାଇଁ ପାଣ୍ଠି ଯୋଗାଇବା ସହ ଏହାର ଆୟୋଜନ କରିବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ। ତେବେ ଏହାକୁ ଏକ ମାନବୀୟ ସମସ୍ୟା ଭାବେ ଗ୍ରହଣ କରି କେନ୍ଦ୍ର ସରକାର ମଡେଲ ଯୋଜନା ଆଣିବା ଲାଗି ପ୍ରଧାନ ବିଚାରପତି ପରାମର୍ଶ ଦେଇଥିଲେ।

**ଅଶୋଧିତ ତେଲର ମୂଲ୍ୟ ଆକାଶ ଛୁଆଁ**

ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ଆକାଶ ଛୁଆଁ ହୋଇଛି। ଫଳରେ ମଙ୍ଗଳବାର ବ୍ରେଣ୍ଟ କ୍ରୁଡ ବାରଲ ପିଛା ଦର ୮୭.୪୮ ଡଲାରରେ ପହଞ୍ଚିଛି। ୨୦୧୪ ଅକ୍ଟୋବର ପରେ ଏହାର ମୂଲ୍ୟ ବଜାରରେ ଦ୍ୱିତୀୟ ସର୍ବାଧିକ ବୋଲି କୁହାଯାଉଛି। ଏହି ଦର ବୃଦ୍ଧି ବିଗତ ୭ ବର୍ଷର ରେକର୍ଡ ଭାଙ୍ଗିଥିବା କୁହାଯାଉଛି। ସେହିଭଳି ଅଶୋଧିତ ତୈଳର ମାନକ ବ୍ରେଣ୍ଟ କ୍ରୁଡର ମୂଲ୍ୟ ବୃଦ୍ଧି ପଛରେ ଭୂ-ରାଜନୈତିକ ଉତ୍ତେଜନା ଓ ଏଥିଯୋଗୁ ଯୋଗାଣରେ ଉପୁଜିଥିବା ବାଧାକୁ ଦାୟୀ କରାଯାଇଛି। ଅପରପକ୍ଷରେ ୟେମେନର ହୁତୀ ବିଦ୍ରୋହୀମାନେ ୟୁଏଇଙ୍କ ତୈଳ ପ୍ରତିଷ୍ଠାନମାନଙ୍କ ଉପରେ ଆକ୍ରମଣ କରିଛନ୍ତି।

## ସଂକ୍ଷେପରେ

### ବିକାଶ ପାଇଁ ବିପ୍ଳବର ଆବଶ୍ୟକତା ରହିଛି

ଭୁବନେଶ୍ୱର,୧୮।୧: ଦେଶର ପାଣିପାଗରେ ପରିବର୍ତ୍ତନ ଓ ପରିବେଶର ନିରନ୍ତରତା ଦୃଷ୍ଟିରୁ କୃଷିକ୍ଷେତ୍ରକୁ ଅଧିକ ସହନଶୀଳ କରିବା ଲାଗି ଦ୍ୱିତୀୟ ସବୁଜ ବିପ୍ଳବର ଆବଶ୍ୟକତା ରହିଛି ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପକ୍ଷରୁ କୁହାଯାଇଛି। ନିକଟରେ ଏକ ସର୍ଭେ ରିପୋର୍ଟରେ ଆର୍‌ବିଆଇ ଉଲ୍ଲେଖ କରିଛି, କୃଷିକ୍ଷେତ୍ରରେ ଯେଉଁସବୁ ନୂଆ ଆହ୍ୱାନ ସୃଷ୍ଟି ହୋଇଛି, ସେଥିପାଇଁ ଦ୍ୱିତୀୟ ସବୁଜ ବିପ୍ଳବ ଓ ପରବର୍ତ୍ତୀ ପିଢ଼ିର ସଂସ୍କାର ମୂଳକ କାର୍ଯ୍ୟ ନିହାତି ଦରକାର। ଦେଶରେ ରେକର୍ଡ ପରିମାଣର ଖାଦ୍ୟଶସ୍ୟ ଉତ୍ପାଦନ ହେଉଥିବାରୁ ଖାଦ୍ୟ ନିରାପତ୍ତା ନିଶ୍ଚିତ ହୋଇପାରିଛି। ସେହିଭଳି ଖାଦ୍ୟ ସାମଗ୍ରୀର ଦରବୃଦ୍ଧି ଏକ ପ୍ରମୁଖ ସମସ୍ୟା ହୋଇରହିଛି। ହେଲେ ବିଭିନ୍ନ ସମୟରେ ଖାଦ୍ୟ ସାମଗ୍ରୀ ମୂଲ୍ୟ ଅସ୍ଥିର ମଧ ରହୁଛି। ଫଳରେ ଗୋଦାମ ଭିତ୍ତିଭୂମିରେ ସରକାରୀ ନିବେଶ ବଢ଼ାଇବା ସହ ଖାଦ୍ୟ ପ୍ରକ୍ରିୟାକରଣର ପ୍ରସାର କରିବାକୁ ହେବ ବୋଲି ରିପୋର୍ଟରେ କୁହାଯାଇଛି।

### ଭାରତରେ ବଢୁଛି ସୁନା ଆମଦାନୀ

**ଭୁବନେଶ୍ୱର,୧୮।୧:** ଭାରତ ୨୦୨୧ ଏପ୍ରିଲରୁ ଡିସେମ୍ବର ମଧ୍ୟରେ ପ୍ରାୟ ୨ଗୁଣରୁ ଊର୍ଦ୍ଧ୍ୱ ସୁନା ଆମଦାନୀ କରିଛି। ଗତ ୯ ମାସରେ ଦେଶକୁ ପ୍ରାୟ ୩୮୦୦ କୋଟି ଡଲାର ବା ୨,୮୫,୦୦୦ କୋଟି ଟଙ୍କାର ସୁନା ଆମଦାନୀ ହୋଇଛି। ସେହିଭଳି ୨୦୨୦ରେ ଆମଦାନୀ ହୋଇଥିବା ୧୬୭୮ କୋଟି ଡଲାର ବା ୧,୨୫,୮୫୦ କୋଟି ଟଙ୍କା ତୁଳନାରେ ଏହା ୨ଗୁଣ ଅଧିକ ବୋଲି କୁହାଯାଉଛି। ୨୦୨୧ ଡିସେମ୍ବରରେ କେବଳ ୪୮୦ କୋଟି ଡଲାରର ସୁନା ଆମଦାନୀ କରାଯାଇଛି। ଏହି ସମୟରେ କେବଳ ସୁନା ନୁହେଁ ବରଂ ରୁପାର ଆମଦାନୀ ମଧ ପ୍ରାୟ ୨୦୦ କୋଟି ଡଲାରକୁ ବୃଦ୍ଧି ପାଇଛି। ସେହିପରି ୨୦୨୦ ଏପ୍ରିଲରୁ ଡିସେମ୍ବର ମଧ୍ୟରେ ମାତ୍ର ୭୬.୨ କୋଟି ଡଲାରର ରୁପା ଆମଦାନୀ ହୋଇଛି। ଅପରପକ୍ଷରେ ସୁନା ଓ ରୁପା ଭଳି ଅଣ ଅତ୍ୟାବଶ୍ୟକ ସାମଗ୍ରୀ ଆମଦାନୀରେ ମଧ ବିପୁଳ ବିଦେଶୀ ମୁଦ୍ରା ବିନିଯୋଗ ହେବା ଯୋଗୁ ଦେଶର ଅର୍ଥନୀତିରେ ଏହାର କୁପ୍ରଭାବ ପଡିଛି।

# ୫୫୦ ପଏଣ୍ଟ ଖସିଲା ଶେୟାର ବଜାର



ମୁମ୍ବାଇ,୧୮।୧

ଭାରତୀୟ ଇକ୍ୱିଟି ମାର୍କେଟର ବେଞ୍ଚମାର୍କ ମୂଲ୍ୟ ମଙ୍ଗଳବାର ପ୍ରାୟ ୧% ହ୍ରାସ ପାଇଛି। ଏହାର ପ୍ରଭାବ ଶେୟାର ବଜାର ନିବେଶକଙ୍କ ଉପରେ ପଡ଼ିଛି। ବିଶେଷକରି ଅଟୋ, ଆଇଟି ଏବଂ ଧାତୁ କ୍ଷେତ୍ରରେ ବଜାର କାରବାର ତଳମୁହାଁ ରହିବାରୁ ଦଲାଲ ଷ୍ଟ୍ରିଟ୍‌ରେ ନୈରାଶ୍ୟ ଖେଳିଯାଇଥିଲା। ବଜାର କାରବାର ଅନୁସାରେ ମାରୁତି ସୁଜୁକି ସୋମବାରର ବ୍ୟବସାୟକୁ ବୃଦ୍ଧି କରିବା ଲକ୍ଷ୍ୟରେ ମଙ୍ଗଳବାର ପ୍ରାୟ ୪% ଶେୟାର ହ୍ରାସ କରିଛି। ସେହିଭଳି ଅଲ୍ଟ୍ରାଟେକ୍ ସିମେଣ୍ଟ ମଧ ୩.୬ %ରୁ ଅଧିକ ଶେୟାର ହ୍ରାସ ଘଟାଇଛି। ଫଳରେ ବେଞ୍ଚମାର୍କ ସୂଚକାଙ୍କ ମଙ୍ଗଳବାର ଲାଲରଙ୍ଗରେ କାରବାର ବନ୍ଦ କରିବାକୁ ପଡ଼ିଥିଲା। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୫୪ ପଏଣ୍ଟ କମି ୬୦,୭୫୪ ଅଙ୍କରେ ରହିଥିଲା ବେଳେ ଏନ୍‌ଏସ୍‌ଇ ନିଫ୍ଟି ୧୯୫ ପଏଣ୍ଟ ହ୍ରାସ ଘଟି ୧୮,୧୧୩ ଅଙ୍କରେ କାରବାର ଶେଷ ହୋଇଥିଲା। ଶେୟାର ବଜାରର ପ୍ରମୁଖ ମାର୍କେଟ ହେଭିୱେଟ୍ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ (ଆର୍‌ଆଇଏଲ୍), ହାଉସିଂ ଡେଭଲପମେଣ୍ଟ ଫାଇନାନ୍ସ କର୍ପୋରେଶନ ଏବଂ ଇନ୍‌ଫୋସିସ୍ ଭଳି ନିବେଶକଙ୍କର ଶେୟାର ହ୍ରାସ ଫଳରେ ବଜାର କାରବାର ହ୍ରାସ ପାଇବାର ଏକ କାରଣ ପାଲଟିଥିଲା। ଏହାର ପ୍ରଭାବ ବିଏସ୍‌ଇ ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏ ନ୍ ଏ ସ୍ ଇ) ରେ ବେଞ୍ଚମାର୍କ ଇକ୍ୱିଟି ସୂଚକାଙ୍କ ଉପରେ ପଡ଼ିଥିଲା। ଫଳରେ ବିଏସ୍‌ଇ ସେନ୍‌ସେକ୍ସ ୫୫୪.୦୫ ପଏଣ୍ଟ (୦.୯୦%) ହ୍ରାସ ପାଇ ୬୦,୭୫୪.୮୬ ରେ ଶେଷ ହୋଇଥିବା ବେଳେ ନିଫ୍ଟି ୧୯୫.୦୫ ପଏଣ୍ଟ (୧.୦୭%) ୧୮,୧୧୩.୦୫ ରେ ସ୍ଥିର ରହିଛି। ୧୮ ତାରିଖର ବିଏସ୍‌ଇ ମାନଦଣ୍ଡରେ ମାରୁତି ସୁଜୁକି ଇଣ୍ଡିଆ ସର୍ବାଧିକ ୪% ହ୍ରାସ କରିଥିବା ବେଳେ ଅଲ୍ଟ୍ରାଟେକ୍ ସିମେଣ୍ଟ, ଟେକ୍ ମହିନ୍ଦ୍ରା, ଏଚ୍‌ସିଏଲ୍ ଟେକ୍ନୋଲୋଜି, ଟାଟା ଷ୍ଟିଲ୍ ଏବଂ ଇଣ୍ଡସ୍ ଇଣ୍ଡ ବ୍ୟାଙ୍କ୍ ଭଳି ନିବେଶକଙ୍କ ଶେୟାର ହ୍ରାସ ପାଇଛି। ଅପରପକ୍ଷରେ ଆକ୍ସିସ୍ ବ୍ୟାଙ୍କ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଆଇସିଆଇସିଆଇ ବ୍ୟାଙ୍କ, କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଏବଂ ଡକ୍ଟର ରେଡ୍ଡି ଲାବରେଟୋରିର ଶେୟାରଗୁଡ଼ିକ ଉଚ୍ଚ ମୂଲ୍ୟରେ କାରବାର ଶେଷ କରିଥିଲେ। ବଜାର କାରବାରରେ ଅଟୋ, ଆଇଟି, ଧାତୁ, ଫାର୍ମା, ଏଫ୍‌ଏମ୍‌ସିଜି କାରବାର ୧-୨% ହ୍ରାସ ପାଇ ସମସ୍ତ ସେକ୍ଟର ଇଣ୍ଡେକ୍ସ ଲାଲ ରଙ୍ଗରେ ରହିଥିଲା। ବିଏସ୍‌ଇର ମିଡ୍‌କ୍ୟାପ୍ ଏବଂ ଛୋଟ କ୍ୟାପ୍ ଇଣ୍ଡେକ୍ସଗୁଡ଼ିକ ମଧ ୧-୨% ହ୍ରାସ ପାଇଛି। ସେନ୍‌ସେକ୍ସରେ ମାତ୍ର ୭ଟି ଷ୍ଟକ୍ ଉନ୍ନତ ହୋଇଥିବାବେଳେ ୨୩ ଟି ଷ୍ଟକ୍ ହ୍ରାସ ପାଇଛି। ସେହିପରି ନିଫ୍ଟିର ୭ଟି ଶେୟାର ବୃଦ୍ଧି କରିଥିବା ବେଳେ ୪୩ ହ୍ରାସ ପାଇଥିଲା।

# ଚଳିତ ବର୍ଷ ବୃଦ୍ଧି ପାଇବ ବେକାରି ସଂଖ୍ୟା

ଭୁବନେଶ୍ୱର,୧୮।୧

କୋଭିଡ୍ ସଂକ୍ରମଣ ଯୋଗୁ ସାରା ବିଶ୍ୱ ନାନା ସମସ୍ୟା ଦେଇ ଗତି କରୁଥିବା ବେଳେ ଏଭଳି ସମୟରେ ଏକ ରିପୋର୍ଟ ବିଶ୍ୱବାସୀଙ୍କୁ ଆହୁରି ଡରାଇ ଦେଇଛି। ୨୦୨୨ରେ ସାରା ବିଶ୍ୱରେ ବେକାରିଙ୍କ ସଂଖ୍ୟା ୨୦.୭ କୋଟିରୁ ଅଧିକ ହେବ ବୋଲି ଆନ୍ତର୍ଜାତିକ ଶ୍ରମ ସଙ୍ଗଠନ (ଆଇଏଲ୍‌ଓ) ପକ୍ଷରୁ ଆକଳନ କରାଯାଇଛି। ୨୦୧୯-୨୦ ତୁଳନାରେ ଚଳିତ ବର୍ଷ ବେକାରିଙ୍କ ସଂଖ୍ୟାରେ ୨.୧ କୋଟି ବୃଦ୍ଧି ଘଟିବ ବୋଲି ଆଶଙ୍କା କରାଯାଉଛି। ମହାମାରୀ ପୂର୍ବ ସମୟ ତୁଳନାରେ କାର୍ଯ୍ୟ ସମୟ ମଧ ୨% ହ୍ରାସ ହେବ, ଯାହା ୫.୨ କୋଟି ପୂର୍ଣ୍ଣକାଳୀନ ନିଯୁକ୍ତି ସହ ସମାନ ରହିବ ବୋଲି କୁହାଯାଉଛି। ସେହିଭଳି କରୋନା ମହାମାରୀର ପ୍ରତିଟି ଲହର ବିଶ୍ୱବାସୀଙ୍କ ପାଇଁ ଏକ ଶକ୍ତ ଧକ୍କା ସଦୃଶ ହୋଇଛି। ଏହି ସମୟରେ କିଛି ଭଲ କାମ ଆଗକୁ ବଢୁଥିବା ବେଳେ ସେହି ସମୟରେ ମହାମାରୀର ଆଉ ଏକ ନୂଆ ଲହରର ସମ୍ମୁଖୀନ ହେବାକୁ ପଡୁଛି। ଫଳରେ ଏହାର ସୁଧାର ପ୍ରକ୍ରିୟା ବାଧାପ୍ରାପ୍ତ ହେଉଛି। ଫଳରେ ନିଯୁକ୍ତି ଉପରେ ଏହାର ବ୍ୟାପକ ପ୍ରଭାବ ପଡୁଛି ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି। କୋଭିଡ୍ ମହାମାରୀ ବ୍ୟାପିବା ପରଠାରୁ ଧନୀ ଦେଶଗୁଡ଼ିକ ତୁଳନାରେ ନିମ୍ନ ଓ ମଧ୍ୟମ ଆୟ ବର୍ଗର ଦେଶଗୁଡ଼ିକରେ ନିଯୁକ୍ତିର ହେଉଥିବା ବୃଦ୍ଧି ଅତି ନିମ୍ନ ସ୍ତରରେ ରହିଛି। ସେହିଭଳି ବିକଶିତ ଦେଶଗୁଡ଼ିକରେ ମଧ ଏହି ସ୍ଥିତି ଆହୁରି ଉତ୍କଟ ରହିଥିବା ଆଇଏଲ୍‌ଓ ସୂଚନାରୁ ସ୍ପଷ୍ଟ ଜଣାପଡୁଛି।

# ଆଜିଠୁ ବିଗ୍ ବଜାରରେ 'ସବ୍‌ସେ ଶସ୍ତେ ଦିନ୍' ଅଫର

ଭୁବନେଶ୍ୱର,୧୮।୧




ଭାରତର ସର୍ବବୃହତ୍ ଖୁଚୁରା ବିକ୍ରେତା ବିଗ୍ ବଜାର ଚଳିତ ଜାନୁୟାରୀ ୧୯ ରୁ ୨୬ ତାରିଖ ପର୍ଯ୍ୟନ୍ତ ବର୍ଷର ସର୍ବବୃହତ୍ ସଞ୍ଚୟ ଉତ୍ସବ 'ସବ୍‌ସେ ଶସ୍ତେ ଦିନ୍' ସହିତ ୨୦୨୨ବର୍ଷ ଆରମ୍ଭ କରୁଛି। ଏହି ଚହଳ ସୃଷ୍ଟିକାରୀ ବିକ୍ରୟ ଭାରତର ପ୍ରତ୍ୟେକ ଗୃହକୁ ସର୍ବନିମ୍ନ ମୂଲ୍ୟରେ ଖାଦ୍ୟ, ଘରକରଣା ସାମଗ୍ରୀ, ଇଲେକ୍‌ଟ୍ରୋନିକ୍ସ, ଫ୍ୟାଶନ ପୋଷାକ, ଜୋତା, ଖେଳନା ଏବଂ ଅନ୍ୟ ବର୍ଗର ଉତ୍ପାଦ ଆଦି ପହଞ୍ଚାଇବା ସହିତ ସର୍ବାଧିକ ସଞ୍ଚୟ ପ୍ରଦାନ କରିବ। ଚଳିତ ବର୍ଷ ଗ୍ରାହକମାନେ କେବଳ ଷ୍ଟୋର ଭିତରେ ଅଫରର ସୁବିଧା ନେବେ ନାହିଁ, ତାହା ସହିତ ବିଗ୍ ବଜାର ଆପ୍, ଶପ୍ ବିଗ୍ ବଜାର ଡଟ୍ କମ୍ ୱେବ୍‌ସାଇଟ ଜରିଆରେ ମଧ କ୍ରୟ କରିଥିବା ସାମଗ୍ରୀ ମାତ୍ର ୨ ଘଣ୍ଟା ମଧ୍ୟରେ ମାଗଣାରେ ହୋମ୍ ଡେଲିଭରି ବ୍ୟବସ୍ଥା କରାଯାଇଛି। ସର୍ବନିମ୍ନ ମୂଲ୍ୟ ସହିତ ଗ୍ରାହକମାନେ ୨୫୦୦ ଟଙ୍କା ମୂଲ୍ୟର ଯେକୌଣସି ସାମଗ୍ରୀ କିଣାକିଣି କଲେ ୨୫୦୦ ଟଙ୍କା ମୂଲ୍ୟର ଫ୍ୟାଶନ ଭାଉଚର ପାଇବେ। ଏସ୍‌ବିଆଇ କ୍ରେଡିଟ କାର୍ଡଧାରୀ ଗ୍ରାହକମାନେ ସର୍ବନିମ୍ନ ୩୫୦୦ଟଙ୍କାର ସାମଗ୍ରୀ ଷ୍ଟୋର ମଧ୍ୟରେ କ୍ରୟ କଲେ ଅଧିକ ୭.୫% ରିହାତି ପାଇବେ। ସବ୍‌ସେ ଶସ୍ତେ ଦିନ୍ (ଏସ୍‌ଏସ୍‌ଡି) ଗ୍ରାହକଙ୍କୁ ଖାଦ୍ୟ, ଫ୍ୟାଶନ, ଗୃହ ଉପକରଣ ଏବଂ ଇଲେକ୍‌ଟ୍ରୋନିକ୍ସ ଆଦି ବର୍ଗରେ ସର୍ବନିମ୍ନ ମୂଲ୍ୟରେ କ୍ରୟ କରିବାର ସୁଯୋଗ ଦେବ। ସେଥିମଧ୍ୟରୁ କିଛି ପ୍ରମୁଖ ଅଫର ମଧ୍ୟରେ ରହିଛି ହରଡ଼ଡାଲି କିଲୋ ପିଛା ୮୯ ଟଙ୍କା, ଚଣାଡାଲି କିଲୋ ପିଛା ୫୯ ଟଙ୍କା, ଦେଶୀ ଘିଅ ଲିଟର ୩୬୪ ଟଙ୍କା, ଟାଟା ଚା ୨ଟି କିଣିଲେ ଗୋଟିଏ ମାଗଣା, ୬ କିଲୋ ଟାଇଡ ଉପରେ ସିଧା ୧୮୦ ଟଙ୍କା ଛାଡ଼, ବେଡ୍‌ସିଟ୍ ଏବଂ କମ୍ବଳ ମୂଲ୍ୟରେ ୫୦% ରିହାତି, ଘରକରଣା ଅତ୍ୟାବଶ୍ୟକ ସାମଗ୍ରୀ ୯୯ ଟଙ୍କାରୁ କମ୍ ମୂଲ୍ୟରେ, ପୁରୁଷ, ମହିଳା ଓ ପିଲାଙ୍କର ଫ୍ୟାଶନ ପୋଷାକ ଓ ଜୋତା,ଚପଲ ଗୋଟିଏ କିଣିଲେ ଗୋଟିଏ ମାଗଣା, ସ୍ମାର୍ଟ ଘଣ୍ଟା ୧୯୯୯ ଟଙ୍କା ମୂଲ୍ୟରେ ଉପଲବ୍ଧ ହେଉଛି। ଏସମ୍ପର୍କରେ ଫ୍ୟୁଚର ଗ୍ରୁପ୍‌ର ଡିଜିଟାଲ, ମାର୍କେଟିଂ ଓ ଇ-କମର୍ସ ସିଏମ୍‌ଓ ପୱନ ସାରଦା କହିଛନ୍ତି, ଚଳିତ ବର୍ଷର ସବ୍‌ସେ ଶସ୍ତେ ଦିନ ଅନ୍ୟ ବର୍ଷଗୁଡିକଠାରୁ ଅଧିକ ବୃହଦାକାର ହେବାକୁ ଯାଉଛି। ଏହି ସୁବିଧା ଉଭୟ ଷ୍ଟୋର ମଧ୍ୟରେ ଓ ଅନ୍‌ଲାଇନରେ ଉପଲବ୍ଧ ହେଉଛି। ୨ ଘଣ୍ଟା ମଧ୍ୟରେ ମାଗଣାରେ ଘରେ ପହଞ୍ଚାଇବାର ପ୍ରତିଶ୍ରୁତି ସହିତ ଆମେ ପ୍ରତ୍ୟେକ ଭାରତୀୟ ପରିବାର ନିକଟରେ ପହଞ୍ଚିବାକୁ ଚାହୁଁଛୁ।

# ୧୯ରୁ ଯାତ୍ରୀବାହୀ ଯାନର ମୂଲ୍ୟ ବୃଦ୍ଧି କରିବ ଟାଟା ମୋଟର୍ସ

**ଭୁବନେଶ୍ୱର,୧୮।୧:** ଦେଶର ପ୍ରମୁଖ ଅଟୋଶିଳ୍ପ ଟାଟା ମୋଟର୍ସ ପକ୍ଷରୁ ମଙ୍ଗଳବାର ଘୋଷଣା କରାଯାଇଛି ଯେ ଉତ୍ପାଦ ଇନପୁଟ୍ ମୂଲ୍ୟ ବୃଦ୍ଧିର ପ୍ରଭାବକୁ ଆଂଶିକ ବନ୍ଦ କରିବା ପାଇଁ କମ୍ପାନୀ ଦର ବୃଦ୍ଧି କରିବ ବୋଲି ନିଷ୍ପତ୍ତି ନେଇଛି। କମ୍ପାନୀର କହିବାର ଅନୁସାରେ ଜାନୁଆରୀ ୧୯ ରୁ ଏହାର ଯାତ୍ରୀବାହୀ ଯାନଗୁଡ଼ିକର ମୂଲ୍ୟ ହାରାହାରି ୦.୯% ବୃଦ୍ଧି ହେବ ବୋଲି ଜଣାପଡ଼ିଛି। ୨୦୨୨ ଜାନୁଆରୀ ୧୯ ଠାରୁ ଏହାର ବିଭିନ୍ନ ଭାରିଆଣ୍ଟ ଏବଂ ମଡେଲଗୁଡ଼ିକ ଉପରେ ହାରାହାରି ୦.୯% ଦର ବୃଦ୍ଧି ଲାଗୁ ହେବ ବୋଲି ଟାଟା ପକ୍ଷରୁ କୁହାଯାଇଛି। ଏଥିସହ ଗ୍ରାହକଙ୍କ ମତାମତକୁ ଦୃଷ୍ଟିରେ ରଖି କମ୍ପାନୀ ନିର୍ଦ୍ଦିଷ୍ଟ ଯାନ ଉପରେ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଦର ହ୍ରାସ ନେଇ ଘୋଷଣା କରିଛି। ସେହିପରି ୨୦୨୨ ଜାନୁୟାରୀ ୧୮ କିମ୍ବା ତା ପୂର୍ବରୁ ବୁକ୍ ହୋଇଥିବା ଯାନ ଗୁଡିକ ଉପରେ ଏହି ମୂଲ୍ୟ ବୃଦ୍ଧିର କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ଟାଟା ମୋଟର୍ସ ସ୍ପଷ୍ଟ କରିଛି।

# 'ସ୍କାଉଟ୍-୨୦୨୧' ଶୀର୍ଷକ କର୍ମଶାଳା

ଭୁବନେଶ୍ୱର,୧୮।୧

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମର୍ଥନରେ ଇଏସ୍‌ଡିଏମ୍ ଷ୍ଟାର୍ଟଅପ୍‌ଗୁଡିକୁ ପ୍ରୋତ୍ସାହିତ କରିବା ଏବଂ ଭୁବନେଶ୍ୱରରେ ଇଲେକ୍‌ଟ୍ରୋନିକ ସିଷ୍ଟମ ଡିଜାଇନ ଓ ବିନିର୍ମାଣ (ଇଏସ୍‌ଡିଏମ୍) କ୍ଷେତ୍ରରେ ଗବେଷଣା ଓ ବିକାଶ, ନବୋନ୍ମେଷ, ଉତ୍ପାଦର ବିକାଶ, ଔଦ୍ୟୋଗିକତାକୁ ଉତ୍ସାହିତ କରିବା ନିମନ୍ତେ ସଫ୍ଟୱେର ଟେକ୍‌ନୋଲୋଜି ପାର୍କସ ଅଫ୍ ଇଣ୍ଡିଆ (ଏସ୍‌ଟିପିଆଇ) ପକ୍ଷରୁ ଭୁବନେଶ୍ୱରଠାରେ ଇଲେକ୍‌ଟ୍ରୋପ୍ରିନ୍ୟୋର ପାର୍କ ସ୍ଥାପନ କରାଯାଇଛି। ଏହି ପ୍ରୟାସର ଅଂଶସ୍ୱରୂପ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସ୍‌ସିଏଲ୍) ସହଯୋଗରେ ଇଲେକ୍‌ଟ୍ରୋପ୍ରିନ୍ୟୋର ପାର୍କ ଭୁବନେଶ୍ୱର ପକ୍ଷରୁ ସ୍ମାର୍ଟ ଚାଲେଞ୍ଜ ଆଣ୍ଡ ଆଉଟକମ୍ ଫର୍ ଅର୍ବାନ ଟ୍ରାନ୍ସଫର୍ମେସନ (ସ୍କାଉଟ ୨୦୨୧) ଶୀର୍ଷକରେ ସ୍ମାର୍ଟ ସିଟି ସମାଧାନଗୁଡିକ ପାଇଁ ଏକ ସର୍ବଭାରତୀୟ ଭର୍ଚୁଆଲ ତ୍ୱରାନ୍ୱିତକାରୀ କାର୍ଯ୍ୟକ୍ରମ ଏବଂ ତାହାର ଉଦ୍‌ଯାପନୀ ଓ ଉତ୍ପାଦ ପ୍ରଦର୍ଶନ ଅନୁଷ୍ଠିତ ହୋଇଥିଲା। ସ୍ମାର୍ଟ ସିଟି ସମସ୍ୟାଗୁଡିକର ସମାଧାନ ଏବଂ ସହରୀ ଜୀବନକୁ ଉନ୍ନତ କରି ଗଢିତୋଳିବା ତଥା ସମ୍ପୂର୍ଣ୍ଣ ଭିନ୍ନ ପ୍ରଯୁକ୍ତି ଜରିଆରେ ରୂପାନ୍ତରଣ ଆଣିବା ଲକ୍ଷ୍ୟନେଇ ସମ୍ପୂର୍ଣ୍ଣ ନୂତନ ଉତ୍ପାଦ ଓ ସମାଧାନ ଆହ୍ୱାନ କରିବାକୁ ସ୍କାଉଟର ଆୟୋଜନ କରାଯାଇଥିଲା।

ଏହି ଭର୍ଚୁଆଲ କାର୍ଯ୍ୟକ୍ରମରେ ଏସ୍‌ଟିପିଆଇ ମହାନିର୍ଦ୍ଦେଶକ ଅରବିନ୍ଦ କୁମାର, ଭାରତ ସରକାରଙ୍କ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗର ଯୁଗ୍ମ ସଚିବ ଭୁବନେଶ କୁମାର, ଭୁବନେଶ୍ୱର ମହାନଗର ନିଗମର କମିଶନର ଏବଂ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍‌ର ସିଇଓ ସଞ୍ଜୟ କୁମାର ସିଂ, ଏସ୍‌ଟିପିଆଇ ଭୁବନେଶ୍ୱର ଶାଖାର ନିର୍ଦ୍ଦେଶକ ମାନସ ପଣ୍ଡା, ଏସ୍‌ଟିପିଆଇ ଷ୍ଟାର୍ଟଅପ୍ ଓ ନବୋନ୍ମେଷ ପ୍ରୋତ୍ସାହନର ନିର୍ଦ୍ଦେଶକ ଏବଂ ଏସ୍‌ଟିପିଆଇନେକ୍ସଟର ସିଇଓ ସୁବୋଧ ସାଚାନ, ଆଇଇଏସ୍‌ଏର ସଭାପତି ତଥା ସିଇଓ କେ. କ୍ରିଷ୍ଣମୂର୍ତ୍ତି, ଏକ୍ସେଲପଏଣ୍ଟ ସିଷ୍ଟମ୍ସ ପ୍ରାଇଭେଟ ଲିମିଟେଡ୍‌ର ଆର୍.ଡି. ପାଇ, ସିଙ୍ଗାପୁର ଆଇଓଟି କନ୍‌ସୋର୍ଟିୟମର ବିଜ୍‌ନେସ ଡେଭଲପମେଣ୍ଟ ଡାଇରେକ୍ଟର ଦିନେଶ ତିୱାରୀ, ୟୁକେ ଇଣ୍ଡିଆ ବିଜ୍‌ନେସ କାଉନସିଲ, ସିଷ୍ଟମ ଇଣ୍ଟିଗ୍ରେଟର୍ସ ଆଣ୍ଡ ଟେକ ପାର୍ଟନର୍ସର ଡାଇରେକ୍ଟର କ୍ରିସ୍ ହେୟସ ପ୍ରମୁଖ ଯୋଗ ଦେଇଥିଲେ।

## ଫୁରସତ୍

# ଚର୍ଚ୍ଚାକୁ ଆସିଥିଲା ଧନୁଷଙ୍କ ପ୍ରେମ



ମୁମ୍ବାଇ: ସାଉଥ ସୁପରଷ୍ଟାର ଧନୁଷ ଏବଂ ଐଶ୍ୱର୍ଯ୍ୟା ସେମାନଙ୍କର ୧୮ ବର୍ଷର ବିବାହ ସମ୍ପର୍କକୁ ସମାପ୍ତ କରିଛନ୍ତି। ଧନୁଷ ରଜନୀକାନ୍ତଙ୍କ ଝିଅ ଐଶ୍ୱର୍ଯ୍ୟାଙ୍କୁ ୧୮ ନଭେମ୍ବର ୨୦୦୪ରେ ବିବାହ କରିଥିଲେ। ଛାଡ଼ପତ୍ର ବିଷୟରେ ଧନୁଷ ଏବଂ ଐଶ୍ୱର୍ଯ୍ୟା ସୋସିଆଲ ମିଡିଆରେ ସୋମବାର ରାତିରେ ଜଣାଇଥିଲେ। ତେବେ ଧନୁଷଙ୍କ ବିବାହ ବିଚ୍ଛେଦର ବହୁ ପୂର୍ବରୁ ଅନ୍ୟ ଅଭିନେତ୍ରୀଙ୍କ ସହ ତାଙ୍କ ପ୍ରେମ ସମ୍ପର୍କକୁ ନେଇ ରିପୋର୍ଟ ଆସିଥିଲା। ୨୦୧୧ରେ ଶ୍ରୁତି ହାସନ ଏବଂ ଧନୁଷଙ୍କ ପ୍ରେମ ସମ୍ପର୍କ ଖବର ପ୍ରଶଂସକଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିଥିଲା। ଫିଲ୍ମ '୩'ର ଶୁଟିଂ ସମୟରେ ସେମାନଙ୍କ ପ୍ରେମ ସମ୍ପର୍କର ଖବରକୁ ନେଇ ଚର୍ଚ୍ଚା ହୋଇଥିଲା। ଆଶ୍ଚର୍ଯ୍ୟର କଥା ହେଉଛି ଏହି ଫିଲ୍ମଟି ଧନୁଷଙ୍କ ସ୍ତ୍ରୀ ଐଶ୍ୱର୍ଯ୍ୟାଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇଥିଲା। କୁହାଯାଏ ଐଶ୍ୱର୍ଯ୍ୟା ଶ୍ରୁତିଙ୍କର ପିଲାଦିନର ବନ୍ଧୁ। ଶୁଟିଂ ସମୟରେ ଧନୁଷ ଏବଂ ଶ୍ରୁତି ହାସନ ଏକାଠି ଅଧିକ ସମୟ ବିତାଇବା ଆରମ୍ଭ କରିଥିଲେ। ସେହି ସମୟରେ ଧନୁଷ ଏବଂ ଐଶ୍ୱର୍ଯ୍ୟାଙ୍କ ବିବାହ ଭାଙ୍ଗିବା ଖବର ମଧ ଚର୍ଚ୍ଚାକୁ ଆସିଥିଲା। ହେଲେ ଶ୍ରୁତି ଏକ ସାକ୍ଷାତକାରରେ ଏପରି ଖବରକୁ ନିରର୍ଥକ ବୋଲି କହିଥିଲେ। ଏଥି ସହିତ ଧନୁଷଙ୍କ ସ୍ତ୍ରୀ ଐଶ୍ୱର୍ଯ୍ୟା ମଧ ଏକ ସାକ୍ଷାତକାରରେ କହିଥିଲେ, ଏହି ଗୁଜବରେ କୌଣସି ସତ୍ୟତା ନାହିଁ।

# ବିପର୍ଯ୍ୟୟ ପରିଚାଳନାକୁ ପ୍ରାଥମିକତା




ଏନ୍‌ଡିଆର୍‌ଏଫ୍ ସ୍ଥାପନା ଦିବସ

ବିଭିନ୍ନ ବିପର୍ଯ୍ୟୟ କ୍ଷେତ୍ରରେ ପରିଚାଳନା କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ। ଏହାଦ୍ୱାରା କ୍ଷୟକ୍ଷତି କମ୍ ହୋଇପାରିଥାଏ। ଏ କ୍ଷେତ୍ରରେ ଜାତୀୟ ବିପର୍ଯ୍ୟୟ ମୁକାବିଲା ବଳ (ଏନ୍‌ଡିଆର୍‌ଏଫ୍) ଟିମ୍‌ର ଭୂମିକା ବିଶେଷ ମହତ୍ତ୍ୱ ରଖିଥାଏ। ଏନ୍‌ଡିଆର୍‌ଏଫ୍ ଟିମ୍ ପ୍ରତି ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଜାନୁୟାରୀ ୧୯ରେ ଏନ୍‌ଡିଆର୍‌ଏଫ୍ ସ୍ଥାପନା ଦିବସ (ଏନ୍‌ଡିଆର୍‌ଏଫ୍ ରାଇଜିଂ ଡେ) ପାଳନ କରାଯାଇଥାଏ।

ନବେ ଦଶକର ମଧ୍ୟଭାଗ ଏବଂ ପରବର୍ତ୍ତୀ ଦଶନ୍ଧିରେ ବିପର୍ଯ୍ୟୟ ପରିଚାଳନା ଏବଂ ଏହାର ପୂର୍ବ ପ୍ରସ୍ତୁତି ବିଷୟରେ ବହୁ ଅନ୍ତର୍ଜାତୀୟ ବିତର୍କ ଏବଂ ଆଲୋଚନା ହୋଇଥିଲା। ଜାତିସଂଘ ଦ୍ୱାରା ୧୯୯୪ରେ ଗ୍ରହଣ କରାଯାଇଥିବା ୟୋକୋହାମା ଷ୍ଟ୍ରାଟେଜୀ ଯୋଜନା ଏବଂ ୨୦୦୫ରେ ହାଇଗୋ ଫ୍ରେମୱାର୍କ ଫର ଆକ୍ସନ ଉଲ୍ଲେଖନୀୟ ଏବଂ ଅଧିକ ପ୍ରଭାବଶାଳୀ ଥିଲା। ସେହି ସମୟ ମଧ୍ୟରେ ଭାରତ କେତେକ ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ସେଥିମଧ୍ୟରେ ୧୯୯୯ରେ ଓଡ଼ିଶା ସୁପର ସାଇକ୍ଲୋନ, ୨୦୦୧ରେ ଗୁଜରାଟ ଭୂକମ୍ପ ଏବଂ ୨୦୦୪ରେ ଭାରତ ମହାସାଗରରେ ହୋଇଥିବା ସୁନାମି ଆଦି ଥିଲା।

ବିପର୍ଯ୍ୟୟ ପରିଚାଳନାକୁ ସର୍ବୋପରି ଗ୍ରହଣ କରାଯାଇ ୨୦୦୫ ଡିସେମ୍ବର ୨୬ରେ ବିପର୍ଯ୍ୟୟ ପରିଚାଳନା ଆଇନ ପ୍ରଣୟନ ହୋଇଥିଲା। ବିପର୍ଯ୍ୟୟ ପରିଚାଳନା ପାଇଁ ନୀତି, ଯୋଜନା ଏବଂ ନିର୍ଦ୍ଦେଶାବଳୀ ଲାଗି ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନ୍‌ଡିଏମ୍‌ଏ) ଗଠନ କରାଯାଇଥିଲା। ପ୍ରାକୃତିକ ତଥା ମନୁଷ୍ୟକୃତ ବିପର୍ଯ୍ୟୟର ବିଶେଷ କାର୍ଯ୍ୟକ୍ରମ ଗ୍ରହଣ ଉଦ୍ଦେଶ୍ୟରେ ବିପର୍ଯ୍ୟୟ ପରିଚାଳନା ଆଇନ ଅନ୍ତର୍ଗତ ଜାତୀୟ ବିପର୍ଯ୍ୟୟ ମୁକାବିଲା ବଳ (ଏନ୍‌ଡିଆର୍‌ଏଫ୍)ର ସମ୍ବିଧାନରେ ନିର୍ଦ୍ଦିଷ୍ଟ ବିଧି ବ୍ୟବସ୍ଥା ରହିଛି। ସେହି ଅନୁଯାୟୀ, ୨୦୦୬ ଜାନୁୟାରୀ ୧୯ରେ ୮ଟି ବାଟାଲିୟନ ସହିତ ଏନ୍‌ଡିଆର୍‌ଏଫ୍ ଗଠନ କରାଯାଇଥିଲା।

୨୦୦୭ ଅକ୍ଟୋବର ୨୫ରେ ପ୍ରଧାନମନ୍ତ୍ରୀଙ୍କ ସହ ଏନ୍‌ଡିଏମ୍‌ଏର ଏକ ବୈଠକରେ ଏନ୍‌ଡିଆର୍‌ଏଫ୍‌କୁ ଏକ ଉତ୍ସର୍ଗୀକୃତ ଟିମ୍ ହେବାର ଆବଶ୍ୟକତାକୁ ହୃଦୟଙ୍ଗମ କରାଯାଇଥିଲା ଏବଂ ଏ ସମ୍ପର୍କିତ ପଦକ୍ଷେପ ଗ୍ରହଣ କରାଯାଇଥିଲା।



# ଜ୍ୟାକ୍‌ଲିନ୍‌ଙ୍କ ହାତରୁ ଗଲା ବଡ଼ ଫିଲ୍ମ

**ମୁମ୍ବାଇ:** ନିର୍ଦ୍ଦେଶକ ଅକ୍କିନେନୀ ନାଗାର୍ଜ୍ଜୁନଙ୍କ ଫିଲ୍ମ 'ଦ ଘୋଷ୍ଟ'ର ଘୋଷଣା ପରେ ଦର୍ଶକ ଏହି ମୁଭିକୁ ଅପେକ୍ଷା କରିଛନ୍ତି। ତେବେ ଅଭିନେତ୍ରୀ ଜ୍ୟାକ୍‌ଲିନ୍ ଫର୍ନାଣ୍ଡିସ୍‌ଙ୍କୁ ଏହି ସିନେମା ପାଇଁ ବଛା ଯାଇଥିଲା। କିନ୍ତୁ ୨ ଶହ କୋଟି ଟଙ୍କା ଠକେଇ ମାମଲାରେ ସୁକେଶ ଚନ୍ଦ୍ରଶେଖରଙ୍କ ସହ ଜ୍ୟାକ୍‌ଲିନ୍‌ଙ୍କ ନାଁ ସାମ୍ନାକୁ ଆସିବା ପରେ ତାଙ୍କୁ ଏହି ଚଳଚ୍ଚିତ୍ରରୁ କାଢି ଦିଆଯାଇଛି। ତାଙ୍କ ବଦଳରେ 'ଜନ୍ନତ' ଫିଲ୍ମର ଅଭିନେତ୍ରୀ ସୋନଲ ଚୌହାନଙ୍କୁ ସିନେମାରେ ରଖାଯାଇଛି। ଏବେ ସୋନଲ ନାଗାର୍ଜ୍ଜୁନଙ୍କ ସହ ଲିଡ ରୋଲରେ ନଜର ଆସିବେ। ଜ୍ୟାକ୍‌ଲିନ୍‌ଙ୍କ ପୂର୍ବରୁ ଏହି ରୋଲ ପାଇଁ ଅଭିନେତ୍ରୀ କାଜୋଲ ଅଗ୍ରୱାଲଙ୍କୁ ବଛା ଯାଇଥିଲା। କିନ୍ତୁ କାଜୋଲ ଗର୍ଭବତୀ ଥିବାରୁ ତାଙ୍କୁ ଏହି ରୋଲ ମିଳି ନ ଥିଲା। ନିର୍ଦ୍ଦେଶକ ସିନେମାର ଶୁଟିଂ ବିଦେଶରେ କରିବା ପାଇଁ ଯୋଜନା କରିଥିଲେ। କିନ୍ତୁ କରୋନା କାରଣରୁ ନିର୍ଦ୍ଦେଶକ ଠିକ ସମୟର ଅପେକ୍ଷା କରିଛନ୍ତି। ଚଳଚ୍ଚିତ୍ରର ପ୍ରଥମ ଶୁଟ୍ ୬ ମାସ ମଧ୍ୟରେ ଆରମ୍ଭ ହୋଇଯିବ। ସୁକେଶ ଚନ୍ଦ୍ରଶେଖର ମାମଲାରେ ଜ୍ୟାକ୍‌ଲିନ୍‌ଙ୍କ ସମ୍ପୃକ୍ତି ଥିବାରୁ ସେ ଏବେ ବହୁ ଅଡୁଆରେ ପଡି ଯାଇଛନ୍ତି। ତାଙ୍କୁ ଏବେ ଇଡିର ସମନ ହେବାକୁ ପଡୁଛି। ଏଥିପାଇଁ ତାଙ୍କଠାରୁ ବହୁ ଫିଲ୍ମ ହାତଛଡ଼ା ହୋଇଛି। ପଡୁଛି। ଜ୍ୟାକ୍‌ଲିନ୍ ଆଗାମୀ ସିନେମା କିକ୍ ୨, ରାମ ସେତୁ ଏବଂ ବଚ୍ଚନ ପାଣ୍ଡେରେ ନଜର ଆସିବେ।

# ହନିମୁନ୍‌ରେ ସାଇକେଲ ଯାତ୍ରା

ଅମୃତସର: ହନିମୁନ୍ ପାଇଁ ସାଧାରଣତଃ ଦମ୍ପତିମାନେ ବିଭିନ୍ନ ସ୍ଥାନକୁ ବୁଲିବାକୁ ଯାଇଥାନ୍ତି। କିନ୍ତୁ ସାଇକେଲରେ ହନିମୁନ୍‌କୁ ବାହାରିବା କଥା କେହି ହୁଏତ କେବେ ଶୁଣି ନ ଥିବେ। ସେଥିପାଇଁ ତ ପଞ୍ଜାବର ଏକ ଦମ୍ପତିଙ୍କୁ ନେଇ ଏବେ ଖୁବ୍ ଚର୍ଚ୍ଚା ହେଉଛି। ପଞ୍ଜାବ ନବା ସହରର କୁଲଥମ୍ ଗାଁର ୩୨ ବର୍ଷୀୟ ଅମରତପାଲ ସିଂହ ଓ ତାଙ୍କ ପତ୍ନୀ ଅମନଜିତ୍ କୌର ଦୁଇ ବର୍ଷ ପୂର୍ବରୁ ବିବାହ କରିଥିଲେ। କିନ୍ତୁ ଏବେ ସେମାନେ ହନିମୁନ୍‌ରେ ଯିବା ପାଇଁ ନିଷ୍ପତ୍ତି ନେଇଥିଲେ। ଗତବର୍ଷ ଡିସେମ୍ବର ମାସରୁ ସେମାନେ ସାଇକେଲ୍‌ରେ ଯାତ୍ରା ଆରମ୍ଭ କରିଥିଲେ। ମାସକ ମଧ୍ୟରେ ଏହି ଦମ୍ପତି ପ୍ରାୟ ବିଭିନ୍ନ ସହର ଦେଇ ୨ ହଜାର କିଲୋମିଟରରୁ ଅଧିକ ରାସ୍ତା ଅତିକ୍ରମ କରି ସାରିଲେଣି। ଦେଶର ସଂସ୍କୃତି ଓ ପରମ୍ପରାକୁ ଜାଣିବା ପାଇଁ ଏଭଳି ସାଇକେଲର୍ ବିଭିନ୍ନ ସ୍ଥାନ ଭ୍ରମଣ କରିବା ବେଶ୍ ଆନନ୍ଦଦାୟକ ବୋଲି ଉଭୟ ଦମ୍ପତି କହିଛନ୍ତି। ତେବେ ଏହି ଦମ୍ପତି ନିଜ ସହିତ ବିଭିନ୍ନ ସାମଗ୍ରୀ ନେଇ ପ୍ରସ୍ତୁତ ହୋଇ ଯାଇଛନ୍ତି। ସାଇକେଲ ମାଧ୍ୟମରେ ହିଁ ସେମାନେ ପୂରା ଦେଶ ବୁଲିବା ପାଇଁ ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତି।

# ୨ ହଜାର ବର୍ଷ ପୂର୍ବେ ହୋଇଥିଲା ବ୍ରେନ୍ ସର୍ଜରି

**ୱାସିଂଟନ୍:** ୨ ହଜାର ବର୍ଷ ପୂର୍ବେ ମଧ ମଣିଷ ଚିକିତ୍ସାକ୍ଷେତ୍ରରେ ବେଶ ଆଗରେ ରହିଥିଲା। ଆମେରିକାର ଓକଲାହୋମାସ୍ଥିତ ଏକ ଅସ୍ଥି ବିଜ୍ଞାନର ସଂଗ୍ରହାଳୟରୁ ଏ ବାବଦରେ ଜଣାପଡ଼ିଛି। ସେଠାରେ ଜଣେ ଯୋଦ୍ଧାଙ୍କ ଖପୁରି ରହିଛି, ଯେଉଁଥିରେ ୨ ହଜାର ବର୍ଷ ପୂର୍ବେ ସର୍ଜରୀ କରାଯାଇଥିଲା। ଲେଖକ ଜନ୍ ଭେରାନୋଙ୍କ ପୁସ୍ତକ 'ହୋଲ୍ସ ଇନ୍ ଦ ହେଡ୍'ରେ କୁହାଯାଇଛି କି ପେରୁର ସର୍ଜନ ସାଧାରଣ ଉପକରଣ ସାହାଯ୍ୟରେ ଜଣେ ଜୀବନ୍ତ ମଣିଷର ଖପୁରିରେ କଣା କରି ସର୍ଜରୀ କରିଥିଲେ। ଏହାପରେ ଯୋଦ୍ଧା ଜଣଙ୍କ ବଞ୍ଚି ଯାଇଥିଲେ। ଡେଲି ଷ୍ଟାର ମୁତାବକ, ସେହି ଖପୁରିରେ ସର୍ଜରି ସମୟରେ ଏକ ଅଲଗା ପ୍ରକାରର ଧାତୁର ପ୍ରୟୋଗ କରାଯାଇଥିଲା। କିନ୍ତୁ ସେହି ଧାତୁ ସମ୍ପର୍କରେ ଜଣାପଡ଼ିନାହିଁ ବୋଲି ସଂଗ୍ରହାଳୟର ଅଷ୍ଟିଓଲୋଜିର ପ୍ରବକ୍ତା କହିଥିଲେ। ବ୍ରେନ୍ ସର୍ଜରୀବେଳେ ସାଧାରଣତଃ ରୋଗୀଙ୍କୁ ବେହୋସ କରିଦିଆଏ। ହେଲେ ସେତେବେଳେ ରୋଗୀଙ୍କୁ ଅଚେତ କରା ନ ଯାଇ ଅସ୍ତ୍ରୋପଚାର କରାଯିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।



ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ଜାନୁୟାରୀ ୧୯/୨୦୨୨ Bhubaneswar, Wednesday, January 19/ 2022

## ସଂକ୍ଷେପରେ

### ଗୋକୁଲମ କେରଳ ଗ୍ରୁପ୍ ଡି'ରେ

**ନୂଆଦିଲ୍ଲୀ, ୧୮।୧(ପି.ଟି.):** ଆସନ୍ତା ମେ-ଜୁନ୍‌ରେ ହେବାକୁଥିବା ଏଏଫ୍‌ସି କପ୍‌ରେ ଆଇ-ଲିଗ୍ ଚାମ୍ପିୟନ ଗୋକୁଲମ କେରଳ ଏଫ୍‌ସି ପ୍ରଥମ ଥର ଭାଗନେବ। ସୋମବାର କୁଆଲାଲମ୍ପୁରଠାରେ ଅନୁଷ୍ଠିତ ଡ୍ର ଅନୁସାରେ ଦଳକୁ ପ୍ରତିଯୋଗିତାର ଗ୍ରୁପ୍ ଡି'ରେ ସ୍ଥାନ ମିଳିଛି। ଏହି ଗ୍ରୁପ୍‌ରେ ବାଂଲାଦେଶର ବସୁନ୍ଧରା କିଙ୍ଗ୍ସ ଓ ମାଜିୟା ସ୍ପୋର୍ଟ୍ସ ଏବଂ ରିକ୍ରିଏଶନ ଅଫ୍ ମାଲଦିଭ୍ସ ଟିମ୍ ମଧ୍ୟ ସ୍ଥାନ ପାଇଛନ୍ତି। ଗୋକୁଲମ କେରଳ ଏଫ୍‌ସି ସହିତ ଗ୍ରୁପ୍ ଡି'ରେ ଯୋଗଦାନ କରିବା ଲାଗି ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ)ର ଗତ ସିଜନ ରନର୍ସଅପ୍ ଏଟିକେ ମୋହନବାଗାନ ପାଇଁ ଏକ ସୁଯୋଗ ରହିଛି। ଏହି ଦଳକୁ ଏଏଫ୍‌ସି କପ୍‌ର ପ୍ରିଲିମିନାରି ଓ ପ୍ଲେ-ଅଫ୍ ମ୍ୟାଚ୍‌ଗୁଡ଼ିକରେ ବିଜୟ ଲାଭ କରିବାକୁ ହେବ। ଏହି ପ୍ରିଲିମିନାରି ଓ ପ୍ଲେ-ଅଫ୍ ମ୍ୟାଚ୍‌ଗୁଡ଼ିକ ଏପ୍ରିଲରେ ଅନୁଷ୍ଠିତ ହେବ।

### ଆଇପିଏଲ୍‌ରୁ ଓହରିଲେ ଷ୍ଟୋକ୍ସ




**ଲଣ୍ଡନ, ୧୮।୧(ପି.ଟି.):** ବିଶ୍ୱର ଜଣେ ଆଗଧାଡ଼ିର ଅଲ୍‌ରାଉଣ୍ଡର ବିବେଚିତ ହେଉଥିବା ବେନ୍ ଷ୍ଟୋକ୍ସ ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଖେଳିବେ ନାହିଁ। କାର୍ଯ୍ୟଭାର ଏଡ଼ାଇବା ସହ ଇଂଲଣ୍ଡର ଆଗାମୀ ଘରୋଇ ସିଜନ ପାଇଁ ସତେଜ ରହିବାକୁ ସେ ଏପରି ନିଷ୍ପତ୍ତି ନେଇଥିବା ବ୍ରିଟିଶ୍ ମିଡିଆ ସୂତ୍ରରୁ ପ୍ରକାଶ। ଗତ ଆଶେସ୍‌ରେ ଷ୍ଟୋକ୍ସ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ। ୨୩୬ ରନ୍ କରିବା ସହ ମାତ୍ର ୪ଟି ଉଇକେଟ ପାଇଥିଲେ। ଏହି ସିରିଜରେ ଇଂଲଣ୍ଡ ୦-୪ରେ ଅଷ୍ଟ୍ରେଲିଆଠାରୁ ହାରିଥିଲା। ଆଗାମୀ ଆଇପିଏଲ ୧୦ ଦଳବିଶିଷ୍ଟ ହେବାକୁ ଯାଉଥିବାରୁ ଅନେକ ଖେଳାଳି ନିଲାମରେ ସାମିଲ ହେବେ। ମାତ୍ର ଷ୍ଟୋକ୍ସ ଏହାଠାରୁ ଦୂରେଇ ରହିବେ ବୋଲି ଲଣ୍ଡନର ଇଭ୍‌ନିଂ ଷ୍ଟାଣ୍ଡାର୍ଡ ରିପୋର୍ଟରୁ ପ୍ରକାଶ। ଗତ ଆଇପିଏଲ ସିଜନରେ ଷ୍ଟୋକ୍ସ ରାଜସ୍ଥାନ ରୟାଲ୍ସ ପକ୍ଷରୁ ଖେଳୁଥିବାବେଳେ ତାଙ୍କ ଅଙ୍ଗୁଳି ଭାଙ୍ଗିଥିଲା।



ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚ ଅବସରରେ ଇମା ରାଡୁକାନୁ।

# ପାଞ୍ଚବର୍ଷ ପରେ ଜିତିଲେ ମୁରେ

**ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ**

**ମେଲବୋର୍ନ, ୧୮।୧**

ଦୀର୍ଘ ୫ ବର୍ଷର ବ୍ୟବଧାନରେ ଅଷ୍ଟ୍ରେଲିଆ ଓପନ ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟର କୌଣସି ଏକ ମ୍ୟାଚ ଜିତିଛନ୍ତି ବ୍ରିଟେନର ଆଣ୍ଡି ମୁରେ। ୫ ଥର ଅଷ୍ଟ୍ରେଲିଆନ ଓପନ ରନର୍ସଅପ୍ ମୁରେଙ୍କୁ ଏଥରର ବିଜୟ ସହଜ ମଧ୍ୟ ହୋଇନାହିଁ। ୱାଇଲ୍ଡ-କାର୍ଡ ଆମନ୍ତ୍ରଣ ମାଧ୍ୟମରେ ଖେଳିବା ସୁଯୋଗ ପାଇଥିବା ଏହି ପୂର୍ବତନ ନମ୍ବରୱାନ ଖେଳାଳି ମଙ୍ଗଳବାର ପୁରୁଷ ସିଙ୍ଗଲ୍ସର ଏକ ପ୍ରଥମ ରାଉଣ୍ଡ ମ୍ୟାଚରେ ୨୧ତମ ସିଡ୍ ନିକୋଲୋଜ ବାସିଲାଶଭିଲିଙ୍କୁ ୬-୧, ୩-୬, ୬-୪, ୬-୭ (୫), ୬-୪ ସେଟ୍‌ରେ ପରାସ୍ତ କରିଛନ୍ତି। ୨୦୧୯ରେ ୫ ସେଟ୍ ବିଶିଷ୍ଟ ଏକ ପ୍ରଥମ ରାଉଣ୍ଡ ମୁକାବିଲାରେ ମୁରେ ପରାଜିତ ହୋଇଥିଲେ। ୨୦୧୮ ଓ ୨୦୨୦ରେ ସେ ଆହତ ସମସ୍ୟା ଯୋଗୁ ଖେଳିପାରି ନ ଥିବାବେଳେ ୨୦୨୧ରେ କୋଭିଡ-୧୯ ଯୋଗୁ ଅଂଶଗ୍ରହଣ କରିପାରି ନ ଥିଲେ।

ପୁରୁଷ ସିଙ୍ଗଲ୍ସର ଅନ୍ୟ ପ୍ରଥମ ରାଉଣ୍ଡ ମ୍ୟାଚ ଗୁଡ଼ିକ ମଧ୍ୟରେ ୪ର୍ଥ ସିଡ୍ ଷ୍ଟିଫାନୋସ ସିଟ୍‌ସିପାସ ୬-୨, ୬-୪, ୬-୩ ସେଟ୍‌ରେ ମିକାଏଲ ୟାମେର, ଦ୍ୱିତୀୟ ସିଡ୍ ଡାନିଏଲ ମେଡ୍‌ଭେଡେଭ ୬-୧, ୬-୪, ୭-୬ (୭/୩) ସେଟ୍‌ରେ ହେନ୍‌ରି ଲାକସୋନେନଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ସେହିପରି ଲିଆମ ବ୍ରଡିଙ୍କୁ ୬-୪, ୬-୪, ୬-୩ ସେଟରେ ନିକ୍ କିର୍ଗୋସ, ଡେଭିଡ ଗଫିନଙ୍କୁ ୬-୪, ୬-୩, ୬-୦ ସେଟ୍‌ରେ ଡାନ୍ ଇଭାନ୍ସ, ଜନ୍ ଇସନେରଙ୍କୁ ୭-୬ (୭/୨), ୭-୫, ୬-୭ (୪/୭), ୬-୭ (୪/୭), ୬-୪ ସେଟ୍‌ରେ ମାକ୍ସିମ୍ କ୍ରେଜି, ଜୋଆଓ ସୋଉସାଙ୍କୁ ୬-୪, ୭-୫, ୬-୧ ସେଟ୍‌ରେ ଜାନିକ ସିନେର, ଜିରି ଲେହେକାଙ୍କୁ ୬-୪, ୪-୬, ୬-୩, ୭-୫ ସେଟ୍‌ରେ ଗ୍ରିଗୋର ଡିମିଟ୍ରୋଭ୍, ଜିଆନଲୁକା ମଗେରଙ୍କୁ ୬-୩, ୬-୨, ୬-୨ ସେଟ୍‌ରେ ଆନ୍ଦ୍ରେ ରୁବଲେଭ୍, ଫିଲିପ କ୍ରାଜିନୋଭିକ୍‌ଙ୍କୁ ୬-୩, ୬-୪, ୭-୫ ସେଟ୍‌ରେ ଡିଏଗୋ ସ୍ୱାର୍ଜମ୍ୟାନ, ଉଗୋ ହମ୍ବର୍ଟଙ୍କୁ ୩-୬, ୭-୬ (୭/୪), ୭-୬ (୭/୩), ୬-୩ ସେଟ୍‌ରେ ରିଚାର୍ଡ ଗାସ୍କେଟ, ଇମିଲିଓ ଗୋମେଜଙ୍କୁ ୬-୩, ୬-୧, ୬-୨ ସେଟ୍‌ରେ ମାରିନ ସିଲିକ୍ ଏବଂ ଷ୍ଟିଫାନୋ ଟ୍ରାଭାଗଲିଆଙ୍କୁ ୭-୬ (୭/୨), ୬-୪, ୫-୭, ୬-୧ ସେଟ୍‌ରେ ହରାଇ ଟବର୍ଟୋ ବୌଟିଷ୍ଟା ଅଗୁଟ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ଅଷ୍ଟ୍ରେଲିଆରେ କରୋନା ଟିକା ନିୟମ ଯୋଗୁ ଦ୍ୱିତୀୟ ଥରପାଇଁ ଭିଜା ବାତିଲ ହେବାପରେ ନୋଭାକ୍ ଇତିମଧ୍ୟରେ ସର୍ବିୟାରେ ପହଞ୍ଚି ସାରିଛନ୍ତି। ତାଙ୍କପରି ମେଲବୋର୍ନ ପାର୍କରେ କେହି ଆଧିପତ୍ୟ ବିସ୍ତାର କରିପାରି ନାହାନ୍ତି। ସେ ମିଳିତଭାବେ କ୍ରମାଗତ ୧୮ ଥର ଅଷ୍ଟ୍ରେଲିଆନ ଓପନର ସେମିଫାଇନାଲରେ ପ୍ରବେଶ କରିଥିଲେ। ଗତ ସଂସ୍କରଣର ଫାଇନାଲରେ ସେ ଡାନିଲ ମେଡଭେଡେଭଙ୍କୁ ହରାଇ ଟାଇଟଲ ହାସଲ କରିଥିଲେ।




ମ୍ୟାଚ ଜିତିବାପରେ ଆଣ୍ଡି ମୁରେଙ୍କ ପ୍ରତିକ୍ରିୟା।

# ଭାରତ-ଆୟର୍ଲାଣ୍ଡ ମୁକାବିଲା ଆଜି

**୧୯ ବର୍ଷରୁ କମ୍ ବିଶ୍ୱକପ୍**

**ଟାରୋଉମା, ୧୮।୧ (ତ୍ରିନିଦାଦ ଆଣ୍ଡ ଟବାଗୋ)**

ୱେଷ୍ଟଇଣ୍ଡିଜରେ ଚାଲିଥିବା ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକାକୁ ହରାଇ ଅଭିଯାନ ଆରମ୍ଭ କରିଥିବା ଭାରତ ବୁଧବାର ଦ୍ୱିତୀୟ ମ୍ୟାଚ୍‌ରେ ଆୟର୍ଲାଣ୍ଡକୁ ଭେଟିବ। ୟଶ ଧୁଲଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ଭାରତ ୪୫ ରନରେ ଦକ୍ଷିଣ ଆଫ୍ରିକାକୁ ହରାଇଥିଲା। ଏହି ମ୍ୟାଚ୍‌ରେ ଭାରତ ବ୍ୟାଟିଂରେ ସୁଧାର ଆଣିବାକୁ ପ୍ରୟାସ କରିବ। ଆୟର୍ଲାଣ୍ଡ ମଧ୍ୟ ତା'ର ପ୍ରଥମ ମ୍ୟାଚ୍‌ରେ ୩୯ ରନରେ ଉଗାଣ୍ଡାକୁ ପରାସ୍ତ କରିଥିଲା।

ପ୍ରଥମ ମ୍ୟାଚ୍‌ରେ ଦୁଇ ଓପନର ହରନୁର ସିଂ ଓ ଅଙ୍ଗକ୍ରିସ୍ ରଘୁବଂଶୀ ଫେଲ ମାରିଥିଲେ। ତେବେ ଧୂଲ ୮୨ ଓ ଉପ-ଅଧିନାୟକ ସେକ ରସିଦ ୩୧ ରନକରି ସ୍ଥିତି ସମ୍ଭାଳିବା ସହ ଭାରତକୁ ବିଜୟୀ କରାଇଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ଭାରତୀୟ ବ୍ୟାଟରମାନେ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ପ୍ରୟାସ କରିବେ ବୋଲି ଆଶା କରାଯାଉଛି। ବୋଲିଂରେ କିନ୍ତୁ ଭାରତ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲା। ବାମହାତୀ ସ୍ପିନର ଭିକ୍ ଓଷ୍ଟୱାଲ ୫ ଓ ଡାହାଣହାତୀ ଦ୍ରୁତ ବୋଲର ରାଜ ବାୱା ୪ ଉଇକେଟ ନେଇଥିଲେ। ଗତ ଏସିଆ କପ୍‌ରେ ଜଳନ୍ଧରର ହରନୁର ୨୫୧ ରନକରି ଭାରତ ଶ୍ରେଷ୍ଠ ସ୍କୋରର ବିବେଚିତ ହୋଇଥିଲେ। ସେ ମଧ୍ୟ ଗତ ୧୧ ତାରିଖରେ ଖେଳାଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷ ଅଭ୍ୟାସ ମ୍ୟାଚ୍‌ରେ ୧୦୦ ରନର ଶତକୀୟ ଇନିଂସ ଖେଳିଥିଲେ। କିନ୍ତୁ ସେ ପ୍ରଥମ ମ୍ୟାଚ୍‌ରେ ମାତ୍ର ୧ ରନକରି ଆଉଟ ହୋଇଥିଲେ।

**ମ୍ୟାଚ୍ ଆରମ୍ଭ: ସନ୍ଧ୍ୟା ୬.୩୦**
**ସ୍ଥାନ: ତ୍ରିନିଦାଦ**

## ରାଡୁକାନୁ, ହାଲେପ, ମୁଗୁରୁଜାଙ୍କ ଅଗ୍ରଗତି

ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସରେ ୨୦୨୧ ୟୁଏସ୍ ଓପନ ଚାମ୍ପିୟନ ଇମା ରାଡୁକାନୁ, ଫ୍ରେଞ୍ଚ ଓ ୱିମ୍ବେଲଡନ ଓପନ ବିଜୟିନୀ ସିମୋନା ହାଲେପ, ଦୁଇଥର ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲକାରୀ ଗାବ୍ରିଏଲା ମୁଗୁରୁଜା ପ୍ରମୁଖ ବିଜୟ ସହ ଅଗ୍ରଗତି କରିଛନ୍ତି। ୩ ସେଟ୍ ବିଶିଷ୍ଟ ମୁକାବିଲାରେ ରାଡୁକାନୁ ୬-୦, ୨-୬, ୬-୧ ସେଟ୍‌ରେ ସ୍ଲୋଆନେ ଷ୍ଟିଫାନ୍ସଙ୍କୁ ହରାଇଥିବାବେଳେ ହାଲେପ ୬-୪, ୬-୩ ସେଟ୍‌ରେ ମାଗ୍‌ଡାଲେନା ଫ୍ରେଞ୍ଚ ଏବଂ ମୁଗୁରୁଜା ୬-୩, ୬-୪ ସେଟ୍‌ରେ କ୍ଲାରା ବୁରେଲଙ୍କୁ ପରାସ୍ତ କରିଛନ୍ତି। ଅନ୍ୟ ଏକ ମ୍ୟାଚରେ ୧୬ତମ ସିଡ୍ ଆଞ୍ଜେଲିକ୍ କର୍ବରଙ୍କୁ ୬-୪, ୬-୩ ସେଟ୍‌ରେ ହରାଇ ବିପର୍ଯ୍ୟୟ ଘଟାଇଛନ୍ତି କାଇଆ କାନେପି। ସେହିପରି କାରୋଲିନା ଡୋଲେହାଇଡ୍‌ଙ୍କୁ ୬-୩, ୬-୧ରେ ଡାନିଏଲି କଲିନ୍ସ, ଷ୍ଟର୍ମ ସାଣ୍ଡର୍ସଙ୍କୁ ୭-୫, ୩-୬, ୬-୨ ସେଟ୍‌ରେ ଆରିନା ସାବାଲେଙ୍କା, ଭିକ୍ଟୋରିଜା ଗୋଲିବିକ୍‌ଙ୍କୁ ୬-୩, ୬-୪ ସେଟ୍‌ରେ ଝାଙ୍ଗ ଶୁଇ, ଆରାଞ୍ଚା ରୁସ୍‌ଙ୍କୁ ୩-୬, ୬-୩, ୭-୬ (୧୦/୮) ସେଟ୍‌ରେ ଟାମାରା ଜିଡାନସ୍କ, ଜରିନା ଡିୟାସଙ୍କୁ ୬-୭ (୩/୭), ୭-୬ (୭/୩), ୬-୧ ସେଟ୍‌ରେ ଏଲିନା ରାବକିନା, ଆନା ବୋଣ୍ଡାରଙ୍କୁ ୬-୨, ୬-୧ ସେଟ୍‌ରେ ଆନାସ୍ତାସିଆ ପାଭଲ୍ୟୁଚେଙ୍କୋଭା, ହାରିଏଟ୍ ଡାର୍ଟଙ୍କୁ ୬-୩, ୬-୦ରେ ଇଗା ସ୍ୱିଟେକ, ଭିକ୍ଟୋରିଆ ଟୋମୋଭାଙ୍କୁ ୬-୩, ୬-୩ରେ ଆଲିଜେ କର୍ନେଟ ଏବଂ ରବିନ ଆଣ୍ଡରସନଙ୍କୁ ୬-୭ (୫/୭) ୬-୩, ୬-୩ରେ ହରାଇ ସାମନ୍ଥା ଷ୍ଟୋସୁର ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି।

# ଅଷ୍ଟ୍ରେଲିଆକୁ ହରାଇଲା ଶ୍ରୀଲଙ୍କା

**ବାସେଟିରେ (ସେଣ୍ଟ କିଟ୍ସ ଆଣ୍ଡ ନେଭିସ୍), ୧୮।୧ (ପି.ଟି.):** ଚଳିତ ୧୯ ବର୍ଷରୁ କମ୍ ଆଇସିସି ବିଶ୍ୱକପ୍ ଗ୍ରୁପ୍ ଡି'ରେ ଡୁନିଥ୍ ୱେଲାଲେଜ୍‌ଙ୍କ ଅଲରାଉଣ୍ଡ ପ୍ରଦର୍ଶନ ଯୋଗୁ ଶ୍ରୀଲଙ୍କା ୪ ଉଇକେଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ଦଳର ଏହା ହେଉଛି କ୍ରମାଗତ ଦ୍ୱିତୀୟ ବିଜୟ। ସୋମବାର ମ୍ୟାଚରେ ଶ୍ରୀଲଙ୍କା ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ବାମହାତୀ ଧିମା ବୋଲର ଡୁନିଥ୍‌ଙ୍କ ଚମତ୍କାର ବୋଲିଂ ଯୋଗୁ ଅଷ୍ଟ୍ରେଲିଆ ୧୭୫ ରନରେ ଅଲଆଉଟ ହୋଇଯାଇଥିଲା। ଡୁନିଥ ୫ ଉଇକେଟ ନେଇଥିଲେ। ଅଷ୍ଟ୍ରେଲିଆର ଟପ୍ ସ୍କୋରର ଥିଲେ ଓପନର କ୍ୟାମ୍ପବେଲ(୫୫)। ଡୁନିଥ୍‌ଙ୍କ ବ୍ୟତୀତ ଟ୍ରିଭେନ୍ ମାଥ୍ୟୁ ଓ ମାଥିସା ପାଥିରାନା ୨ଟି ଲେଖାଏ ଉଇକେଟ ନେଇଥିଲେ। ବିଜୟ ଲକ୍ଷ୍ୟ ପିଛା ବେଳେ ଶ୍ରୀଲଙ୍କା ଏକଦା ୪୯ ସ୍କୋରରେ ୪ ଉଇକେଟ ହରାଇଥିଲା। କିନ୍ତୁ ଡୁନିଥ୍ ଉଇକେଟକିପର ଅଞ୍ଜାଲା ବନ୍ଦରା (୩୩) ଓ ରାନୁଡା ସୋମରନେ (୩୨*)ଙ୍କ ସହ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପାର୍ଟନରଶିପ୍ କରି ଦଳର ବ୍ୟାଟିଂରେ ସୁଧାର ଆଣିଥିଲେ। ସେ ୭୨ ବଲ୍‌ରେ ୫୨ ରନ କରିଥିଲେ। ଶ୍ରୀଲଙ୍କା ୩୭ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା।




ପୁରସ୍କାର ଗ୍ରହଣ ଅବସରରେ ଡୁନିଥ୍ ୱେଲାଲେଜ୍ ।

## ଦ୍ୱିତୀୟ ରାଉଣ୍ଡରେ ପ୍ରଣୟ, ସୌରଭ ହାରିଲେ

**ଲକ୍ଷ୍ନୌ,୧୮।୧:** ଏଠାରେ ଚାଲିଥିବା ସୟିଦ ମୋଦି ଅନ୍ତର୍ଜାତୀୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ଭାରତର ଏଚ୍.ଏସ୍. ପ୍ରଣୟ ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ପ୍ରଥମ ରାଉଣ୍ଡ ମୁକାବିଲରେ ସେ ୟୁକ୍ରେନର ଡାନିଲୋ ବୋସନିଉକଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ଅନ୍ୟପଟେ ସପ୍ତମ ସିଡ୍ ମାନ୍ୟତା ପାଇଥିବା ଅନ୍ୟତମ ଭାରତୀୟ ଖେଳାଳି ସୌରଭ ବର୍ମା ଅଜରବୈଜାନର ଆଡେ ରେସ୍କି ଡ୍ୱିକାହ୍ୱୋଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ପଞ୍ଚମ ସିଡ୍ ପ୍ରଣୟ ୩୬ ମିନିଟ୍ ମଧ୍ୟରେ ବୋସନିୟୁକଙ୍କୁ ୨୧-୧୪, ୨୧-୧୮ରେ ହରାଇଥିଲେ। ସେହିପରି ସମୀର ବର୍ମା ଆୟର୍ଲାଣ୍ଡର ଏନ୍‌ହାଟ ଏନ୍‌ଗୁୟେନଙ୍କ ବିପକ୍ଷ ମ୍ୟାଚ୍‌ରେ ରିଟାୟାର୍ଡ ହର୍ଟ ହୋଇ ଓହରିଯାଇଥିଲେ। ସୌରଭ ପ୍ରଥମ ରାଉଣ୍ଡରେ ଡ୍ୱିକାହ୍ୟୋଙ୍କଠାରୁ ୧୫-୨୧, ୨୧-୧୯, ୨୧-୧୮ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ମହିଳା ସିଙ୍ଗଲ୍ସରେ ଅସ୍ମିତା ଚଳିହା ମାଳବିକା ବାନସୋଦଙ୍କ ବିପକ୍ଷ ମ୍ୟାଚ୍‌ରେ ୱାକ୍ ଓଭର ପାଇଛନ୍ତି। ଆକର୍ଷୀ କାଶ୍ୟପ୍ ୨୧-୧୩, ୨୧-୧୪ରେ ମୁଗ୍ଧା ଆଗ୍ରେ ଓ ଅନୁପମା ଉପାଧ୍ୟାୟ ରତୁପର୍ଣ୍ଣା ଦାସଙ୍କୁ ହରାଇ ଅଗ୍ରଗତି କରିଛନ୍ତି। ପୁରୁଷ ଡବଲ୍ସରେ ତୁଷାର ଶର୍ମା ଓ ବିନୟ କୁମାର ସିଂ ୨୮ ମିନିଟ୍‌ରେ ଫ୍ରେଞ୍ଚ ଯୋଡି ଫାବିଏନ ଡେଲ୍ରୁଏ ଓ ୱିଲିୟମ ଭିଲେଗେରଙ୍କୁ ୨୧-୮, ୨୧-୧୩ରେ ହରାଇଛନ୍ତି।

# ମୁକ୍ତେଶ୍ୱର-ରାଇଜିଂ ଫାଇନାଲ

**ଭୁବନେଶ୍ୱର, ୧୮।୧ (କ୍ରୀଡ଼ା ପ୍ରତିନିଧି)**

କେଶୁରା ଖେଳ ପଡ଼ିଆରେ ଚାଲିଥିବା ପଞ୍ଚାନନ ଜେନା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ବୁଧବାର ଭୁବନେଶ୍ୱରର ମୁକ୍ତେଶ୍ୱର କ୍ରିକେଟ କ୍ଲବ ଏବଂ କଟକର ରାଇଜିଂ ଷ୍ଟୁଡେଣ୍ଟ୍ସ ମଧ୍ୟରେ ଅନୁଷ୍ଠିତ ହେବ। ସୋମବାର ପ୍ରଥମ ସେମିଫାଇନାଲରେ ରାମେଶ୍ୱର ସ୍ପୋର୍ଟିଂକୁ ହରାଇ ମୁକ୍ତେଶ୍ୱର ଫାଇନାଲରେ ପ୍ରବେଶ କରିଥିବାବେଳେ ମଙ୍ଗଳବାର କଟକର ଜୁଭେନାଇଲକୁ ପରାସ୍ତ କରି ରାଇଜିଂ ଷ୍ଟୁଡେଣ୍ଟ୍ସ ଟାଇଟଲ ମୁକାବିଲାରେ ପହଞ୍ଚିଛି।

ଦ୍ୱିତୀୟ ସେମିଫାଇନାଲରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଜୁଭେନାଇଲ ୩୬.୨ ଓଭରରେ ୧୬୭ ରନକରି ଅଲ୍‌ଆଉଟ ହୋଇଥିଲା। ଦଳ ପକ୍ଷରୁ ରାମଚନ୍ଦ୍ର ବେହେରା ସର୍ବାଧିକ ୪୨ ରନ ସ୍କୋର କରିଥିଲେ। ବିପକ୍ଷ ଦଳର ରବୀନ୍ଦ୍ର ରାଉତ ୪ଟି ଓ ସିଦ୍ଧାର୍ଥ ସିହ୍ନା ୨ଟି ଉଇକେଟ ନେଇଥିଲେ। ୧୬୮ ରନ ବିଜୟ ଲକ୍ଷ୍ୟର ପିଛା କରି ରାଇଜିଂ ଷ୍ଟୁଡେଣ୍ଟ୍ସ ୩୪ ଓଭରରେ ୫ ଉଇକେଟ ବିନିମୟରେ ୧୭୩ ରନ ସଂଗ୍ରହ କରି ନେଇଥିଲା। ଗିରିଜା ବାରିକ ସର୍ବାଧିକ ୭୧ ରନ କରିଥିବାବେଳେ ଦେବାଶିଷ ସାମନ୍ତରାୟ ୬୩ ରନରେ ଅପରାଜିତ ରହିଥିଲେ। ପରାଜିତ ଦଳର ସୁମିତ ଶର୍ମା ୨ଟି ଉଇକେଟ ନେଇଥିଲେ। ୬୦ ବଲ୍‌ରୁ ୬୩ ରନ କରିବା ସହ ୨୦ ରନରେ ଗୋଟିଏ ଉଇକେଟ ନେଇଥିବା ବିଜୟୀ ଦଳର ଦେବାଶିଷ ସାମନ୍ତରାୟ ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓଡ଼ିଶା ସିନିୟର କ୍ରିକେଟ ଚୟନ କମିଟି ମୁଖ୍ୟ ପ୍ରଭଞ୍ଜନ ମଲିକ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପଞ୍ଚାନନ ଜେନା ଶିକ୍ଷାନୁଷ୍ଠାନ ସମୂହର ଚେୟାରମ୍ୟାନ ପ୍ରତାପ ଚନ୍ଦ୍ର ଜେନା ଉପସ୍ଥିତ ଥିଲେ। ଶରତ ଚନ୍ଦ୍ର ସାହୁ ଓ ଦିଲୀପ ସାମଲ ମ୍ୟାଚ ପରିଚାଳନା କରିଥିଲେ। ସୌରଭ ବିଶ୍ୱାଳ ସ୍କୋରର ଦାୟିତ୍ୱ ତୁଲାଇଥିଲେ।




ଦେବାଶିଷ ସାମନ୍ତରାୟଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ମିଲର ଫେରାଉଛି ଧାନ, ଚିନ୍ତାରେ ଚାଷୀ

## ବାଧକ ସାଜିଲା ଧାନର ମାନ

ନୟାଗଡ଼ ଅଫିସ,୧୮।୧

ନୟାଗଡ଼ ଜିଲାରେ ୧୫୩ ଧାନମଣ୍ଡି ଓ ୧୪ ସଂଲଗ୍ନ ମଣ୍ଡି ଖୋଲିବାକୁ ପ୍ରଶାସନ ନିଷ୍ପତ୍ତି ନେଇଥିଲା । ଗତ ୭ ତାରିଖରେ ନୟାଗଡ଼ ଜିଲା ସଦର ମହକୁମାରୁ ଧାନକିଣା ଆରମ୍ଭ ହୋଇଥିଲା । ତେବେ ଜିଲାର ସବୁ ଧାନ ମଣ୍ଡି ଖୋଲିଲାଣି ବୋଲି ଜିଲା ଯୋଗାଣ ଅଧିକାରୀ କହୁଥିଲେ ମଧ୍ୟ ଗ୍ରାଉଣ୍ଡ ଜିରୋ ରିପୋର୍ଟ କହୁଛି ଭିନ୍ନ। ଧାନ କିଣିବାର ୧୨ଦିନ ବିତିବାକୁ ବସିଥିବାବେଳେ ସରକାରୀ ଘୋଷଣାର ଅଧା ମଣ୍ଡି ଏଯାବତ ଖୋଲି ପାରିନାହିଁ। ଅନ୍ୟପକ୍ଷେ ଖୋଲିଥିବା ଧାନମଣ୍ଡିରେ ଚାଷୀ ଧାନ ବିକ୍ରି କରିପାରୁ ନାହିଁ। ଚାଷୀର ଧାନ କଞ୍ଚା ଓ ସବୁଜ ଭାଗ ଅଧିକ ରହୁଛି ଦର୍ଶାଇ ମିଲର ଫେରାଇ ଦେଉଛି । ଅମଳ ସମୟରେ ଧାନ ବର୍ଷାରେ ଭିଜିବା ଓ ପାଣି,ମାଟିରେ ପଡ଼ି ରହିବା କାରଣରୁ ମାନ କମିବା ପ୍ରଶାସନ ଓ ସରକାର ଜାଣିଥିଲେ ମଧ ଚାଷୀଙ୍କୁ ହଇରାଣ କରିବ କେତେଦୂର ଠିକ୍ ବୋଲି ପ୍ରଶ୍ନ ଉଠିଛି । ମିଲର ଧାନକୁ ଏଫ୍ଏକ୍ୟୁ ମାନର ନୁହଁ କହି ଫେରାଇ ଦେବାପରେ ଚାଷୀ ପୁଣି ଖର୍ଚ୍ଚାନ୍ତ ହୋଇ ଧାନ ଘରକୁ ଫେରାଇ ନେଉଛି । ସେହିପରି ସୋମବାର ବାହାଡ଼ାଝୋଲାରେ ମଣ୍ଡି ଖୋଲିଥିଲା । ଧାନସଫା ହୋଇ ନାହିଁ, ଓଦାଳିଆ ଅଛି କହି ମିଲର ଧାନ ଫେରାଇ ଦେଇଛି। ଏନେଇ ଭାପୁରର ଚାଷୀ ସୁଦାମ ପ୍ରଧାନ କୁହନ୍ତି, ଭାପୁର ସେବା ସମବାୟ ସମିତିରେ ରବିବାର ଧାନମଣ୍ଡି ଖୋଲିଥିଲା। ଚାଷୀଧାନ ବିକ୍ରି କରିବାକୁ ମଣ୍ଡିକୁଆସିଥିଲେ ।ସରକାରଙ୍କ ଘୋଷଣା ଅନୁସାରେ ଆଦ୍ରତା ୧୭ପ୍ରତିଶତ ଥିଲେ ଧାନ କିଣା ହେବ। ମାତ୍ର ଆଦ୍ରତା ୧୭.୫ ଥିବା ଦର୍ଶାଇ ମିଲର ଧାନ କିଣିଲା ନାହିଁ । ପରାମର୍ଶ ଦେଲା ଧାନ କଞ୍ଚା ଓ ସବୁଜ ଭାଗ ଠିକ କରି ଆଣିଲେ ଧାନ କିଣାଯିବ । ମିଲର ଧାନ ନେବାକୁ ବାରଣ କରିବା ପରେ ଚାଷୀମାନେ ଖର୍ଚ୍ଚାନ୍ତ ହୋଇ ଧାନ ଫେରାଇ ନେଲେ। ଯେଉଁ ଚାଷୀ ଧାନ ଫେରାଇ ନେଲେ ସେମାନେ କ'ଣ ମଣ୍ଡିକୁ ପୁଣି ଆସିବେ, ଏକଥା ସରକାର ଓ ପ୍ରଶାସନ ବୁଝିବା ଦରକାର । ହେଲେ ସମସ୍ୟା କେହି ବୁଝୁ ନ ଥିବାରୁ ଚାଷୀଙ୍କ ଚିନ୍ତା ବଢ଼ି ଚାଲିଛି ବୋଲି ବହୁ ଚାଷୀ କହିଛନ୍ତି ।



ମଣ୍ଡିରୁ ଧାନ ଫେରାଇ ନେଉଛି ଚାଷୀ ।

### ମେସେଜ ଆସୁଛି,ଖୋଲୁନି ମଣ୍ଡି

ମଣ୍ଡିରେ ଧାନ ବିକ୍ରି କରିବାକୁ ଚାଷୀଙ୍କ ପାଖକୁ ମେସେଜ ଆସୁଛି । ହେଲେ ପ୍ରଶାସନ ଧାନମଣ୍ଡି ଖୋଲିବାରେ ବିଫଳ ହୋଇଛି । ଏଣୁ ଚାଷୀ ମଣ୍ଡିକୁ ଯାଇ ଧାନ ଧରି ଫେରୁଛି । ଏହାର ନଜିର ଓଡ଼ଗାଁ ପ୍ରାଥମିକ କୃଷି ସମବାୟ ସମିତିକୁ ନିଆଯାଇପାରେ ।ଏଠାର ଚାଷୀଙ୍କୁ ଜାନୁୟାରୀ୧୬ରେ ଧାନ ବିକ୍ରି କରିବାକୁ ମେସେଜ ଆସିଥିଲା । ଚାଷୀ ୧୬,୧୭,୧୮ ତିନି ଦିନ ଧରି ଅପେକ୍ଷା କଲା । ହେଲେ ମଣ୍ଡି ଖୋଲିଲାନି । ସମାନ ଅଭିଯୋଗ ନୂଆଗାଁରୁ ଆସିଛି। ଏଠାରେ ମୋବାଇଲକୁ ମେସେଜ ଆସିଥିଲେ ମଧ ମଣ୍ଡି ଖୋଲି ପାରୁନି ପ୍ରଶାସନ ।

### ଅଭାବୀ ବିକ୍ରି ପାଇଁ ସୁଯୋଗ

ମଣ୍ଡିରେ ଚାଷୀ ଧାନ ବିକ୍ରି କରିପାରୁ ନାହିଁ। ମଣ୍ଡିକୁ ଧାନ ନେଲେ ଫେରାଇ ଆଣିବାକୁ ପଡୁଛି । ନୟାଗଡ଼ ବ୍ଲକର ବାରବାଟି ଗାଁରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି । ମଙ୍ଗଳବାର ସନ୍ଧ୍ୟାରେ କେତେଜଣ ବ୍ୟବସାୟୀ ଚାଷୀଙ୍କଠାରୁ ଧାନ କଣି ଦୁଇଟି ଟ୍ରକରେ ନେଉଥିଲେ । ଚାଷୀଙ୍କୁ ପଚାରିବାରୁ କୁଇଣ୍ଟାଲ ପିଛା ୧ହଜାରରେ ବିକ୍ରି କରୁଥିବାର କହିଥିଲେ । ମଣ୍ଡିକୁ ଧାନ ନେଇ ଖର୍ଚ୍ଚାନ୍ତ ହେବା ଅପେକ୍ଷା ଧାନ ବିକି ଟେନଶନ ଦୂର କରିବା ଉଚିତ୍ ବୋଲି ଅନେକ ଚାଷୀ କହିଛନ୍ତି । ଧାର କରଜ କରି ଧାନ ଚାଷ କରିଥିଲୁ । ହେଲେ ବାତ୍ୟା ଦାଉ ସାଧି ଥିଲା । ଏବେ ପ୍ରଶାସନ ହସ ଛଡାଇ ନେଇଛି । ପ୍ରଶାସନ ଜାଣି ଶୁଣି ଧାନର ଅଭାବୀ ବିକ୍ରି ସୁଯୋଗ ସୃଷ୍ଟି କରୁଥିବା ଚାଷୀମାନେ କ୍ଷୋଭର ସହ କହିଛନ୍ତି । ଏନେଇ ବାହାଡାଝୋଲା ଆରଏମ୍‌ସିର ସମ୍ପାଦକ ସୁଦାମ ଚରଣ ଜେନା କୁହନ୍ତି, ଧାନରେ ଆଦ୍ରତା କାରଣରୁ ଚାଷୀ ଧାନ ଫେରାଇ ନେବାକୁ ବାଧ ହେଉଛି। ବାତ୍ୟା ଧାନ ମାନ ନଷ୍ଟକରି ଦେଇଛି । ଚାଷୀ ମଣ୍ଡିକୁ ଧାନ ଆଣିବା ପୂର୍ବରୁ ଶୁଖାଇ ଆଣିଲେ ଆଉ ଘରକୁ ଧାନ ଫେରିବନି ବୋଲି ସେ କହିଛନ୍ତି ।

## ସଂକ୍ଷେପରେ

### ବାଲିବସ୍ତାରେ ଚାପିହୋଇ ମହିଳା ଶ୍ରମିକ ମୃତ

ଆସିକା,୧୮।୧(ଡି.ଏନ.ଏ.):ଆସିକା ଥାନା ମହାରାଜପୁର ଗ୍ରାମ ସଂଲଗ୍ନ ବଡନଦୀ ବ୍ରିଜ ନିର୍ମାଣ ବେଳେ ମଙ୍ଗଳବାର ଏକ ଦୁର୍ଘଟଣା ଘଟିଛି । ବାଲି ବସ୍ତା ତଳେ ଚାପି ହୋଇ ଜଣେ ମହିଳା ଶ୍ରମିକଙ୍କ ମୃତ୍ୟୁ ଘଟିଛି । ସେ ହେଲେ ସାପୁଆପଲ୍ଲୀ ଗ୍ରାମର କାମିନୀ ନାହାକ। ବ୍ରିଜର ଶେଷ ପିଲର ନିର୍ମାଣ ଲାଗି ଖୋଳାଯାଇଥିବା ଗର୍ତ୍ତ ଉପରେ ବାଲିବସ୍ତା ରଖିବା କାର୍ଯ୍ୟରେ କାମିନୀ ନିୟୋଜିତ ଥିଲେ। ତେବେ ବିପଦପୂର୍ଣ୍ଣ ଭାବେ ଏହି କାର୍ଯ୍ୟ କରୁଥିବା ବେଳେ ସମସ୍ତ ବାଲିବସ୍ତା ତାଙ୍କ ଉପରେ ଲଦି ହୋଇଯାଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଆସିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ମଧ ଡାକ୍ତର ମୃତ ଘୋଷଣା କରିଥିଲେ । ଏ ନେଇ କାମିନୀଙ୍କ ବାପା ପ୍ରେମ ଦାସ ଆସିକା ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ମୃତଦେହକୁ ଜବତ କରିଛି । ନଂ.୨୮/୨୨ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି ।

### ଭତ୍ତା ନ ପାଇ କଳାକାର ହତାଶ

ବୁଗୁଡ଼ା,୧୮।୧(ଡି.ଏନ.ଏ.):ବୁଗୁଡ଼ା ଏନ୍ଏସି ଓ ବ୍ଲକର ଶତାଧିକ କଳାକାର ୪ ମାସ ହେଲା ଭତ୍ତା ନ ପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୋଟିଏ ପଟେ ମହାମାରୀ କରୋନା ମହାମାରୀ ଦାଉ ସାଧୁଥିବା ବେଳେ ଅନ୍ୟ ପଟେ ସରକାର ଭତ୍ତା ଦେଉ ନ ଥିବାରୁ କଳାକାର ପରିବାର ହତାଶ ହୋଇ ପଡିଛନ୍ତି। ଭତ୍ତା ବାବଦକୁ କଳାକାର ମାନଙ୍କୁ ମାସିକ ୧୨ ଶହ ଟଙ୍କା ଲେଖାଏଁ ପ୍ରଦାନ କରାଯାଉଥିଲା। ତେବେ ଗତ ସେପ୍ଟେମ୍ବର ମାସରୁ ଏହି ଭତ୍ତା ମିଳିନି। କଳାକାରମାନଙ୍କୁ ତୁରନ୍ତ ବକେୟା ଭତ୍ତା ପ୍ରଦାନ କରିବା ପାଇଁ ସୁରେନ୍ଦ୍ର ନାଥ ଦାସ, ନିତ୍ୟାନନ୍ଦ ସାହୁ, ବିଜୟ ନାୟକ, କାଳୁ ଚରଣ ଘଡେଇ ପ୍ରମୁଖ ଦାବି କରିଛନ୍ତି।

### ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଆସିକା,୧୮।୧(ଡି.ଏନ.ଏ.): ଆସିକା-ବ୍ରହ୍ମପୁର ୫୯ ନମ୍ବର ଜାତୀୟ ରାଜପଥର କରଞ୍ଜେଇ ନିକଟରେ ସୋମବାର ରାତିରେ କୌଣସି ଏକ ଗାଡି ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ ବେଲଗୁଣ୍ଠା ଥାନା ଅନ୍ତର୍ଗତ ତନରଡା ଗ୍ରାମର ନାରାୟଣ ମହାପାତ୍ର । ବାଇକରେ ବସିଥିବା ମିଟୁ ପାଢ଼ୀ ଆହତ ହୋଇଛନ୍ତି । ଉଭୟେ ଏକ ବାଇକରେ ବ୍ରହ୍ମପୁରରୁ ଆସିକା ପଟକୁ ଆସୁଥିଲା ବେଳେ କୌଣସି ଏକ ଗାଡି ଧକ୍କାରେ ଗୁରୁତର ଆହତ ହୋଇଥିଲେ। ଆସିକା ଡାକ୍ତରଖାନାରେ ନାରାୟଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଏ ନେଇ ମୃତକଙ୍କ ବାପା ପ୍ରମୋଦ ମହାପାତ୍ର ଆସିକା ଥାନାରେ ଅଭିଯୋଗ କରିଛନ୍ତି। ନଂ. ୨୭/୨୨ରେ ଏକ ମାମଲା ରୁଜୁ କରାଯାଇଛି।

### ଗଞ୍ଜାମରେ ୯୩୬ ସକ୍ରିୟ କରୋନା ଆକ୍ରାନ୍ତ

ଛତ୍ରପୁର,୧୮।୧(ଡି.ଏନ୍.ଏ.): ଗଞ୍ଜାମ ଜିଲାରେ ଆଉ ୧୧୬ଜଣ କରୋନାରେ ସଂକ୍ରମିତ ହୋଇଥିବା ମଙ୍ଗଳବାର ସୂଚନା ଦିଆଯାଇଛି। ଫଳରେ ଜିଲାରେ ଏବେ ସକ୍ରିୟ କରୋନା ସଂକ୍ରମିତ ସଂଖ୍ୟା ୯୩୬ରେ ପହଞ୍ଚିଛି। ଅନ୍ୟପକ୍ଷରେ ଜିଲାରେ ୪୬ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ଗତ ୨୪ ଘଣ୍ଟା ମଧରେ ଜିଲାର ୨୪୨୨ ଜଣଙ୍କ କରୋନା ଟେଷ୍ଟ କରାଯାଇଛି । ଜିଲାରେ ୧୭,୮୮୩ ଜଣଙ୍କୁ କରୋନା ଟିକା ଦିଆଯାଇଛି। କୋଭିଡ୍ ସହାୟତା ଲାଗି ୦୬୮୦ ୨୨୨୭୦୦୦ କୁ ଫୋନ୍ କରିବାକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମଙ୍ଗଳବାର ଟୁଇଟ୍ କରି ପରାମର୍ଶ ଦେଇଛନ୍ତି। ମାସ୍କ, ସାନିଟାଇଜର, ସାମାଜିକ ଦୂରତା ଓ କୋଭିଡ୍ ନିୟମ ପାଳନ କରି ନିଜ ସହ ନିଜର ପରିବାରକୁ ସୁରକ୍ଷିତ ରଖିବାକୁ ଜିଲାପାଳ ନିବେଦନ କରିଛନ୍ତି।

### ଗ୍ରାମ ନିକଟ ବିଦ୍ୟୁତ୍ ଖୁଣ୍ଟ ଘୁଞ୍ଚାଇବା ଦାବି

ଶେରଗଡ଼,୧୮।୧(ଡି.ଏନ୍.ଏ.): ବିଦ୍ୟୁତ୍ ଖୁଣ୍ଟ ଘୁଞ୍ଚାଇବା ଦାବି ନେଇ ଶେରଗଡ଼ ବ୍ଲକ ଅନ୍ତର୍ଗତ ଗର୍ଗଣ୍ଡା ଗ୍ରାମବାସୀ ବିଡିଓଙ୍କୁ ଭେଟିଛନ୍ତି। ଗ୍ରାମର ୧୫ରୁ ଅଧିକ ଆଦିବାସୀ ସମ୍ପ୍ରଦାୟର ବ୍ୟକ୍ତି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡ଼ିଓ ଶମ୍ଭୁନାଥ ନନ୍ଦିଙ୍କୁ ସମସ୍ୟା ଜଣାଇଛନ୍ତି। ଏଥିସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମ ଦେଇ ଉଚ୍ଚ କ୍ଷମତା ସମ୍ପନ୍ନ ତାର ନ ନେବାକୁ ଅନୁରୋଧ କରିଛନ୍ତି।ସେମାନେ କହିଛନ୍ତି ଯେ, ଏହି ତାର ଦ୍ୱାରା ଜୀବିନ ଜୀବିକାରେ ବାଧା ଉପୁଜିଛି। ବିଡ଼ିଓ ନନ୍ଦି ଏହା ଉପରେ ପଦକ୍ଷେପ ନେବେ ବୋଲି କହିବା ପରେ ଗ୍ରାମବାସୀ ଫେରିଥିଲେ।

# କର୍ମଚାରୀଙ୍କ ଅନାଗ୍ରହ ଦେଖି କ୍ଷୋଭ ପ୍ରକାଶ କଲେ ବିଇଓ

ନୂଆଗାଁ, ୧୮।୧ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଶିକ୍ଷା ବିଭାଗର ବିଭିନ୍ନ କାର୍ଯ୍ୟ ପ୍ରତି କର୍ମଚାରୀଙ୍କ ଅନାଗ୍ରହ ଦେଖି ନୂଆଗାଁ ବ୍ଲକ ଶିକ୍ଷାଧିକାରୀ (ବିଇଓ) ପ୍ରସନ୍ନ କୁମାର ପଣ୍ଡା କ୍ଷୋଭ ପ୍ରକାଶ କରିଛନ୍ତି। ନୂଆଗାଁ ଆଦର୍ଶ ବିଦ୍ୟାଳୟ ଖୋଲିବାକୁ ସମସ୍ତ ପ୍ରସ୍ତୁତି ସରିଥିବା ବେଳେ ସ୍କୁଲ ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଆଦର୍ଶ ବିଦ୍ୟାଳୟର ଷଷ୍ଠ ଶ୍ରେଣୀରେ ପଢିବାକୁ ୮୫ ସିଟ୍ ରହିଥିବା ବେଳେ ସେଥିମଧ୍ୟରୁ ଜିଲାପାଳଙ୍କ ନିମନ୍ତେ ୨ଟି, ବିଧାୟକଙ୍କ ପାଇଁ ୨ଟି ଓ ସାଂସଦଙ୍କ ଲାଗି ଗୋଟିଏ ସିଟ୍ ସଂରକ୍ଷିତ ରହିଛି। ବାକି ୮୦ ସିଟ୍ ମଧ୍ୟରୁ ୪୦ ବାଳିକା ଓ ୪୦ଟି ବାଳକଙ୍କ ନିମନ୍ତେ ରହିଛି। ତେଣୁ ସେହି ୮୦ ସିଟ୍ ପାଇଁ ଆବେଦନର ଶେଷ ତାରିଖ ଚଳିତ ମାସ ୧୯ ରହିଛି। ଏ ସମ୍ପର୍କିତ ସୂଚନା ସମସ୍ତ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ନିକଟରେ ପହଞ୍ଚି ନ ଥିବା ଜଣାପଡିଛି। ସୂଚନା ପହଞ୍ଚି ନ ଥିବାରୁ ସୋମବାର ସୁଦ୍ଧା ମାତ୍ର ୩୪ ଜଣ ପିଲା ନାମ ପଞ୍ଜୀକୃତ କରିଥିବା ବିଇଓ ପଣ୍ଡା ସୂଚନା ଦେଇଛନ୍ତି। ସେହିପରି ପ୍ରତି ସ୍କୁଲ ଜାଗାର ପଟ୍ଟା କରାଯିବା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ତେଣୁ ସେଥିପାଇଁ ଆବଶ୍ୟକ ନଥିପତ୍ର ଦାଖଲ କରିବାକୁ ସମ୍ପୃକ୍ତ ସ୍କୁଲର ପ୍ରଧାନଶିକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଥିଲା। ହେଲେ ଅଦ୍ୟାବଧି ଅନେକ ସ୍କୁଲ କାଗଜାତ ଦେଇ ନ ଥିବାରୁ ବିଇଓ ପଣ୍ଡା ଦୁଃଖ ପ୍ରକାଶ କରିଛନ୍ତି।



ନୂଆଗାଁ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ।

# ଦୁଇ ଶାଳ ଗଛ କାଟିନେଲେ କାଠ ମାଫିଆ

## ମହିପୁର ବନାଞ୍ଚଳ ଅଧିକାରୀଙ୍କ ପାଖରେ ନାହିଁ ଖବର

ନୂଆଗାଁ, ୧୮।୧(ଡି.ଏନ.ଏ.)

ନୟାଗଡ଼ ବନଖଣ୍ଡ ଅଧୀନ ମହିପୁର ବନାଞ୍ଚଳ ଏବେ କାଠ ମାଫିଆଙ୍କ କବ୍‌ଜାରେ ରହିଥିବା ଅଭିଯୋଗ ହେଉଛି। କାଠ ମାଫିଆ ଗଛ କାଟି ଗାଡ଼ି ଯୋଗେ ଜଙ୍ଗଲରୁ ସିଧା ଚାଲାଣ କରିବାରେ ସମର୍ଥ ହେଉଛନ୍ତି। ପ୍ରତିଦିନର କାଠ ଚୋରି ପରି ସୋମବାର ରାତି ସଂପଡା ସଂରକ୍ଷିତ ଜଙ୍ଗଲରୁ ୨ ବୃହତ ଶାଳଗଛ ଚୋରି ହୋଇଛି। ହେଲେ ଅଧିକାରୀଙ୍କ ପାଖରେ ଏ ସମ୍ପର୍କରେ କୌଣସି ଖବର ନାହିଁ।

ବନ ବିଭାଗରେ କାର୍ଯ୍ୟ କରୁଥିବା ଅଧିକାରୀ ଓ କର୍ମଚାରୀଙ୍କ ଅପାରଗତା ଯୋଗୁ ଜଙ୍ଗଲ ଧ୍ୱଂସ ହେବାକୁ ବସିଲାଣି। ମହିପୁର ବନାଞ୍ଚଳର ବିସ୍ତୃତ ଜଙ୍ଗଲରୁ ମାଫିଆମାନେ ଗଛ କାଟି ନେଉଛନ୍ତି। ଫରେଷ୍ଟ ଗାର୍ଡଙ୍କୁ ଜଙ୍ଗଲ ସୁରକ୍ଷା ଦାୟିତ୍ୱ ଦିଆଯାଇଥିବା ବେଳେ ରହିବାକୁ ସରକାରୀ କ୍ୱାର୍ଟର୍ସ ଯୋଗାଇ ଦିଆଯାଇଛି। ସେହି ଅନୁସାରେ ଜଙ୍ଗଲର ସୁରକ୍ଷା ପାଇଁ ସଂପଡାଠାରେ ଏକ କ୍ୱାର୍ଟର୍ସ ମଧ ରହିଛି। କିନ୍ତୁ ସମ୍ପୃକ୍ତ ଗାର୍ଡ କ୍ୱାର୍ଟର୍ସରେ ରହୁନାହାନ୍ତି, ଯାହାର ସୁଯୋଗ ନେଇ ମାଫିଆମାନେ ଜଙ୍ଗଲ ମଧ୍ୟରୁ ମେଶିନ ଦ୍ୱାରା ଗଛ କାଟି ତାକୁ ମାପ କରି ଖଣ୍ଡଖଣ୍ଡ କରି କାଟି ଗାଡି ଦ୍ୱାରା ବାହାରକୁ ଚାଲାଣ କରୁଛନ୍ତି। ସଂପଡା ସଂରକ୍ଷିତ ଜଙ୍ଗଲରୁ ଦୁଇଟି ବିଶାଳ ଶାଳଗଛ କାଟି ସେଥିରୁ ୧୦ଟି ଲଗ୍ କାଠ ମାଫିଆ ନେଇଯାଇଛନ୍ତି। ୩ଟି ଲଗ୍ ବିଭାଗ କର୍ମଚାରୀ ମଙ୍ଗଳବାର ଜବତ କରିଛନ୍ତି। ଜବତ ୩ ଲଗ୍‌କୁ ସଂପଡା ମେଗା ନର୍ସରୀ ମଧରେ ରଖାଯାଇଛି। ହେଲେ ଗାର୍ଡ ଜଣଙ୍କ ଏ ସମ୍ପର୍କରେ ମହିପୁର ରେଞ୍ଜର ପ୍ରମୋଦ କୁମାର ପଣ୍ଡାଙ୍କୁ ଜଣାଇ ନ ଥିବା ସେ କହିଛନ୍ତି। ଏ ସମ୍ପର୍କରେ ନୟାଗଡ଼ ଡିଏଫ୍‌ଓ କ୍ଷମା ଷଡ଼ଙ୍ଗୀଙ୍କୁ ପଚାରିବାରେ ଏଥିପ୍ରତି ନିଶ୍ଚିତ ଭାବେ ଦୃଷ୍ଟି ଦିଆଯିବ ବୋଲି ସେ କହିଛନ୍ତି।


ବନ ବିଭାଗ ଜବତ କରିଥିବା କାଠ।

# ଉଜୁଡୁଛି କୁସୁମୀ କାଜୁ ବଗିଚା

ଖଣ୍ଡପଡ଼ା,୧୮।୧(ସ୍ୱ.ପ୍ର.)

ସ୍ଥାନୀୟ କୁସୁମୀ ନଦୀ ପଠାରୁ ବନ୍ୟା ସମୟରେ ମାଟି କ୍ଷୟ ରୋକିବାକୁ ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ହଜାରରୁ ଊର୍ଦ୍ଧ୍ୱ କାଜୁ ଚାରା ରୋପଣ କରାଯାଇଥିଲା । ମାତ୍ର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ସେହି କାଜୁ ବଗିଚା ଏବେ ଉଜୁଡିବାରେ ଲାଗିଛି । ଦୈନିକ କାଠ ମାଫିଆମାନେ ଉକ୍ତ ସ୍ଥାନରୁ ଫଳନ୍ତି କାଜୁ ଗଛଗୁଡ଼ିକ କାଟି ନେଉଛନ୍ତି । ଏନଏସି କର୍ତ୍ତୃପକ୍ଷ ପ୍ରତିବର୍ଷ କାଜୁ ବଗିଚାକୁ ସ୍ଥାନୀୟ ବାସିନ୍ଦାଙ୍କୁ ନିଲାମ ସୁତ୍ରରେ ଦେଇ ରାଜସ୍ୱ ଆଦାୟ କରୁଥିଲେ। ମାତ୍ର ଗତ ୨ବର୍ଷ ଧରି ଏନଏସି କର୍ତ୍ତୃପକ୍ଷ ଉକ୍ତ କାଜୁ ବଗିଚା ପ୍ରତି ଧ୍ୟାନ ନ ଦେଇ ନୀରବଦ୍ରଷ୍ଟା ସାଜିଛନ୍ତି । ଏହାର ସୁଯୋଗ ନେଇ କାଠ ମାଫିଆମାନେ କାଜୁଗଛଗୁଡିକ ସ୍ୱଷ୍ଟ ଦିବାଲୋକରେ କାଟି ନେଉଥିବା ଦେଖିବାକୁ ମିଳୁଛି । ଏ ସଂକ୍ରାନ୍ତରେ ଏନ୍ଏସି କର୍ତ୍ତୃପକ୍ଷ ସବୁଦେଖି ନ ଦେଖିବା ନ୍ୟାୟରେ ନୀରବ ରହୁଥିବାରୁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏବେ ଉକ୍ତ କାଜୁ ବଗିଚାରୁ ଶତାଧିକ ଗଜା ଗଛଗୁଡ଼ିକ କାଠ ମାଫିଆମାନେ କାଟି ନେଇଥିବା ଅଭିଯୋଗ ହେଉଛି । କାଜୁ ବଗିଚାର ସୁରକ୍ଷା ଦିଗରେ ଏନଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି। ଖଣ୍ଡପଡ଼ା ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ରଙ୍କ ସହ ଏ ନେଇ ଯୋଗାଯୋଗ କରିବାରେ ସେଥିପ୍ରତି ଦୃଷ୍ଟି ଦେବେ ବୋଲି କହିଛନ୍ତି ।



# ୬୫୦ କେଜି ଗଞ୍ଜେଇ ଜବତ

ସୋରଡ଼ା,୧୮।୧(ଡି.ଏନ୍.ଏ.)

ବଡ଼ଗଡ଼ ପୋଲିସ ରବିବାର ମୋହନା ରାସ୍ତାରେ ଯାନବାହନ ଯାଞ୍ଚ କରୁଥିବା ବେଳେ ମୋହନା ପଟୁ ବଡ଼ଗଡ଼ ଅଭିମୁଖେ ଆସୁଥିବା ୪୦୭ ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲା । ସେଥିରୁ ୬୫୦ କେଜି ଗଞ୍ଜେଇ ଜବତ ହୋଇଛି। ଡ୍ରାଇଭର, ହେଲ୍‌ପର ଦୌଡ଼ି ପଳାଇଥିବା ବେଳେ ଗାଡ଼ି ସହ ଗଞ୍ଜେଇକୁ ପୋଲିସ ଜବତ କରି ନଂ. ୨୫/୨୨ରେ ମାମଲା ରୁଜୁ କରିଛି। ଏସ୍ଆଇ ସତ୍ୟବ୍ରତ ସାହୁ, ଏଏସ୍ଆଇ ପିକେ ପରିଡ଼ାଙ୍କ ସମେତ ଜିଏସ୍ ପ୍ରଧାନ, ଆଲୋକ ରଞ୍ଜନ ତ୍ରିପାଠୀ, ସତ୍ୟବାଦୀ ବେହେରା ପ୍ରମୁଖ ଚଢ଼ାଉରେ ଅଂଶ ଗ୍ରହଣ କରିଥିଲେ ବୋଲି ବଡ଼ଗଡ଼ ଆଇଆଇସି ସୂରଜ ଝଙ୍କାର କହିଛନ୍ତି।

# ଚେକ୍ ବାଉନ୍ସ ମାମଲାରେ ବର୍ଷେ ଜେଲ

ବ୍ରହ୍ମପୁର ଅଫିସ,୧୮।୧

ବ୍ରହ୍ମପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଜେଏମ୍ଏଫ୍‌ସି) ଅନୁସମ ଦାଶ ଏକ ଚେକ୍ ବାଉନ୍ସ ମାମଲାର ଶୁଣାଣି କରିଥିଲେ। ପ୍ରମାଣ ମିଳିବାରୁ ଅଭିଯୁକ୍ତ ବିପିନ ବିହାରୀ ଲେଙ୍କାଙ୍କୁ ଏକ ବର୍ଷ ଜେଲଦଣ୍ଡ ରାୟ ଶୁଣାଇଛନ୍ତି। ସେହିପରି ମୂଳ ଓ ସୁଧ ଟଙ୍କାକୁ ମିଶାଇ ଅଭିଯୋଗକାରୀଙ୍କୁ ମୋଟ ୨୧ ଲକ୍ଷ ଦେବାକୁ ଅଭିଯୁକ୍ତଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଟଙ୍କା ଅନାଦାୟେ ଆଉ ୩ ମାସ କାରାଦଣ୍ଡରେ ଦଣ୍ଡିତ ହେବେ ବୋଲି ମଧ ସେ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ଗଜପତିନଗରର ବିପିନ ନିଜ ଘର ବିକ୍ରି କରିବାକୁ ସୁଦର୍ଶନ ନାୟକଙ୍କ ସହ ଚୁକ୍ତି କରିଥିଲେ। ଘର କିଣିବାକୁ ଚାହୁଁଥିବା ସୁଦର୍ଶନ ଏ ବାବଦରେ ୧୫ ଲକ୍ଷ ଟଙ୍କା ବିପିନଙ୍କୁ ଦେଇଥିଲେ। ହେଲେ କୌଣସି କାରଣରୁ ସେହି ଘର ବିକ୍ରି ହୋଇପାରି ନ ଥିଲା।

# ଜିଲାପାଳଙ୍କ ଅଫିସ ଘେରିଲେ ଚାଷୀ

- ବାତ୍ୟା କ୍ଷୟକ୍ଷତି ପ୍ରତି ଅଣଦେଖା
- ଦଶପଲ୍ଲା,ଗଣିଆ ବ୍ଲକକୁ ସାମିଲ ଦାବି

ନୟାଗଡ଼ ଅଫିସ,୧୮।୧

ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି ।ବାତ୍ୟା କ୍ଷୟକ୍ଷତିରେ ଦଶପଲ୍ଲା ଓ ଗଣିଆ ବ୍ଲକକୁ ଅଣଦେଖାର ପ୍ରତିବାଦରେ ଏହି ଆନ୍ଦୋଳନ କରାଯାଇଥିଲା । ଜୱାଦ ବାତ୍ୟାରେ ନୟାଗଡ ଜିଲାର ସବୁ ଅଞ୍ଚଳରେ ଧାନ ଉଜୁଡି ଯାଇଥିଲା । ତେବେ ପ୍ରଶାସନ ପକ୍ଷରୁ ଦଶପଲ୍ଲା, ଗଣିଆ ଓ ଖଣ୍ଡପଡ଼ା ବ୍ଲକକୁ ଛାଡି ଅନ୍ୟ ବ୍ଲକରେ ବ୍ୟାପକ ଫସଲ କ୍ଷତି ହୋଇଥିଲା । ଖଣ୍ଡପଡ଼ାରେ ଚାଷୀ ଆନ୍ଦୋଳନ ପରେ ଏହି ବିବାଦ ସୃଷ୍ଟି ହୋଇଛି । ଏଣୁ ପୁନଃ ତଦନ୍ତକରି ଉଭୟ ବ୍ଲକର ଚାଷୀଙ୍କୁ କ୍ଷତିପୂରଣ ଯୋଗାଇବାକୁ ଚାଷୀମାନେ ନିବେଦନ କରିଛନ୍ତି । ଅନ୍ୟପକ୍ଷେ ମଣ୍ଡି ନ ଖୋଲିବା କାରଣରୁ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇ ଚାଲିଛି। ମଣ୍ଡିରେ ଧାନ କିଣା ହେଲେ ଚାଷୀ ଲାଭ ପାଇବ। ତେବେ ମଣ୍ଡି ନ ଖୋଲିବାରୁ ମିଲର ଲାଭବାନ ହେଉଛନ୍ତି। ବିଭିନ୍ନ ଅଞ୍ଚଳରୁ ବ୍ୟବସାୟ ମାଧ୍ୟମରେ ମିଲର ଧାନ କିଣୁଛି ବୋଲି ଚାଷୀମାନେ ଅଭିଯୋଗ କରିଥିଲେ । ଏଥିରେ କେତେଜଣ ସରକାରୀ କର୍ମଚାରୀ ଓ ଅଧିକାରୀ ସଂପୃକ୍ତ ଥିବା ଅଭିଯୋଗ ରହିଛି। ଉପରୋକ୍ତ ସମସ୍ୟାର ସମାଧାନ ନ ହେଲେ ଚାଷୀ ଆନ୍ଦୋଳନ ତ୍ୱରାନ୍ୱିତ ହେବ ବୋଲି କୃଷକ ସଙ୍ଗଠନ କହିଛି। ନବନିର୍ମାଣ କୃଷକ ସଙ୍ଗଠନର ଜିଲା ସଂଯୋଜକ ମହେଶ୍ୱର ଜେନା, ସହସଂଯୋଜକ ମମତା ନାଥ ଓ ରଣଜିତ୍ ଦଳବେହେରାଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ହୋଇଥିଲା ।


ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

# ସଂସ୍କୃତ ଶିକ୍ଷକ ମହାସଂଘର କାର୍ଯ୍ୟକାରିଣୀ ବୈଠକ

ବ୍ରହ୍ମପୁର ଅଫିସ,୧୮।୧

ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘ ଗଞ୍ଜାମ ଜିଲା ଶାଖାର କାର୍ଯ୍ୟକାରିଣୀ ବୈଠକ ଶହୀଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ପୌର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ପଣ୍ଡିତ ସୀମାଞ୍ଚଳ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା କୁମାରୀ ସୁବୁଦ୍ଧି ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ସଂସ୍କୃତ ଓ ସଂସ୍କୃତିର ମହତ୍ୱ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏଥିସହ ସଂଘର ନୂତନ ବାର୍ଷିକ କ୍ୟାଲେଣ୍ଡର ଉନ୍ମୋଚନ କରିଥିଲେ। ସଂଘର ସାଧାରଣ ସଂପାଦକ ପଣ୍ଡିତ ପ୍ରଫୁଲ୍ଲ କୁମାର ଦାଶ ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥି ରୂପେ ବରିଷ୍ଠ କ୍ରୀଡା ଶିକ୍ଷକ କେଦାର ନାଥ ଚୌଧୁରୀ ଯୋଗ ଦେଇ ସଂସ୍କୃତର ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କାର ଧକ୍କାରେ ବାଇକ୍ ଚାଳକ ମୃତ

ଜଗନ୍ନାଥପ୍ରସାଦ,୧୮।୧(ଡି.ଏନ.ଏ.)

କାର୍ ଓ ବାଇକ୍ ମଧ୍ୟରେ ଧକ୍କା ହେବାରୁ ସୋମବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗାମୁଣ୍ଡି ଗ୍ରାମର ଭିକା ବେହେରା। ପୂର୍ବତନ ପଞ୍ଚଭୂତି ସରପଞ୍ଚ ରଞ୍ଜିତ ପାତ୍ର ନିଜ କାର୍ ଯୋଗେ ଭଞ୍ଜନଗରରୁ ନିଜ ଗ୍ରାମ ପଞ୍ଚଭୂତି ଫେରୁଥିବା ସମୟରେ ରାଜ୍ୟ ରାଜପଥ-୨୧ ଗୋଛାବାଡି ଗ୍ରାମ ଛକଠାରେ କାର୍ ସହ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ହିଁ ଭିକା ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଭଞ୍ଜନଗର ମେଡିକାଲ ଭର୍ତ୍ତି କରିଥିଲେ ମଧ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜଗନ୍ନାଥପ୍ରସାଦ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ କାର୍‌କୁ ଜବତ କରି ନଂ. ୧୮/୨୧ରେ ମାମଲା ରୁଜୁ କରିଛି।

# ଭାଜପାର ମିଶ୍ରଣ ପର୍ବ

ଧରାକୋଟ,୧୮।୧(ଡି.ଏନ୍.ଏ.)

ଗିନିଶ୍ ରେକର୍ଡ ଧାରୀ କେଶବ ଚନ୍ଦ୍ର ସ୍ୱାଇଁ ଘୋଡା ଦେବୀ ମନ୍ଦିର ପ୍ରାଙ୍ଗଣରେ ମଙ୍ଗଳବାର ନିଜ ସମର୍ଥକଙ୍କ ସହ ଭାଜପାରେ ଯୋଗ ଦେଇଥିଲେ। ସେହିପରି ଜାହାଡା ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରମୋଦ ଜେନା ନିଜ ସମର୍ଥକଙ୍କ ସହ ଭାଜପାରେ ଯୋଗଦାନ କରିଛନ୍ତି। ଉଭୟଙ୍କୁ ଭାଜପା ରାଜ୍ୟ କିଷାନ ମୋର୍ଚ୍ଚା ସମ୍ପାଦକ ଇଂ ପ୍ରଦୀପ କୁମାର ପତ୍ରୀ ଉପଢୌକନ ଦେଇ ସୋମାନଙ୍କୁ ସ୍ୱାଗତ କରିଥିଲେ। ଏଥିରେ ବଂଶୀ ଧର ବିଶ୍ୱାଳ, ଦୟାନିଧି ସ୍ୱାଇଁ, କୃଷ୍ଣଚନ୍ଦ୍ର ଜେନା, ସୀମାଞ୍ଚଳ ଗୌଡ଼, ସନାତନ ବିଶାଳଙ୍କ ସମେତ ଶତାଧିକ ଭାଜପାରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ହରପ୍ରସାଦ ମହାନ୍ତି ପରିଚାଳନା କରିଥିଲେ।

# ଗମ ଧାନ ନେଉନି ମିଲର, ଚାଷୀ ହତାଶ

ବୁଗୁଡ଼ା,୧୮।୧(ଡି.ଏନ.ଏ.)

ବାତ୍ୟା ଜୱାଦ ପ୍ରଭାବରେ ଲଗାଣ ବର୍ଷା ଫଳରେ ଚାଷୀ ବିଲରୁ ଧାନ କାଟି ଆଣିବା ଅସମ୍ଭବ ହୋଇପଡିଲା। ଢିପ ଜମି କିଛିଟା ବର୍ତ୍ତି ଯାଇଥିବା ବେଳେ ଗହୀର ଜମିରେ ପାଣି ଜମି ରହିବା ଫଳରେ ଧାନ କେଣ୍ଡା ପାଣିରେ ଲୋଟି ରହିଲା। ବର୍ଷା ଛାଡ଼ିବା ପରେ ଚାଷୀ କ୍ଷେତରୁ ଧାନ କାଟି ଆଣିଲା ସତ ହେଲେ ବର୍ଷା ପାଣିରେ ବହୁ ଦିନ ଧରି ଭିଜି ରହିବା ଫଳରେ ଅଧିକାଂଶ ଧାନ ଗମ ହୋଇଗଲା। ଏବେ ବିକ୍ରୟ ପାଇଁ ଧାନ ଧରି ମିଲକୁ ଗଲେ ଗମ ଧାନ ରଖାଯିବ ନାହିଁ ବୋଲି ମିଲର ଶୁଣାଉଥିବା ଫଳରେ ଏବେ ସେ ଧାନ କୁଆଡ଼େ ନେବେ ବୋଲି ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏମିତି ଅବସ୍ଥା ଦେଖାଦେଇଛି ଗଞ୍ଜାମ ଜିଲା ବୁଗୁଡା ବ୍ଲକରେ। ବର୍ତ୍ତମାନ ମଧ ବର୍ଷା ସାଙ୍ଗକୁ ମେଘୁଆ ପାଗ ଯୋଗୁ ବିଲରେ ହିଁ ଧାନ ପଡି ରହିଛି। ଏପଟେ ଟୋକନ ଧରି ମଣ୍ଡିରେ ଧାନ ବିକିବା ପାଇଁ ଆଶା ରଖିଥିବା ବେଳେ ଠିକ ସମୟରେ ଧାନ ବିକ୍ରି ନ କଲେ ଟୋକନ ଅବଧି ଶେଷ ହୋଇଯିବା ଭୟରେ ଚାଷୀ ଭାଙ୍ଗିପଡିଛନ୍ତି। ବୁଗୁଡ଼ା ଏନ୍ଏସି ସମେତ ବିରଞ୍ଚିପୁର, ଖୋଳଖାଲି, ସଙ୍କୁରୁ, ଗୋଳାବନ୍ଧ, ବି.କରଡ଼ାବାଡ଼ି, ପୋଚାଲୁଣ୍ଡି, ଆଶ୍ରମ କରଡ଼ାବାଡ଼ି, ଅରଖପୁର, ଭାମଶ୍ୟାଳି, ଗୋଲିଆ ଆଦି ପଞ୍ଚାୟତର ଅଧିକାଂଶ ଚାଷୀଙ୍କ ଧାନ ଗମ ହୋଇଯାଇଛି। ଏଣୁ ଭଲ ଧାନ ସହ ଗମ ଧାନକୁ ମଧ୍ୟ ମିଲର କ୍ରୟ କରୁ ବୋଲି ଚାଷୀମାନେ ଦାବି କରିଛନ୍ତି।

# ଜିଲା ପରିଷଦ ପ୍ରାର୍ଥୀଙ୍କୁ ନେଇ ଚିନ୍ତା

**ନୟାଗଡ଼ ଅଫିସ,୧୮।୧**

■ ଦ୍ୱିତୀୟ ଦିନରେ ୫୩୦ ନାମାଙ୍କନ
■ ସବୁ ଦଳରେ ଚାଲିଛି ଥଇଥାନ ଉଦ୍ୟମ

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ମଙ୍ଗଳବାର ପ୍ରାର୍ଥୀପତ୍ର ଦାଖଲର ୨ୟ ଦିବସରେ ନୟାଗଡ଼ ଜିଲାରେ ୫୩୦ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ତେବେ ଜିଲା ପରିଷଦ ସଭ୍ୟ ପାଇଁ କେହି ନାମାଙ୍କନ ପତ୍ର ଦାଖଲ କରି ନାହାନ୍ତି । ସେହିପରି ଗଣିଆ ବ୍ଲକରେ ସରପଞ୍ଚ ଓ ସମିତି ସଭ୍ୟ ପାଇଁ କୌଣସି ନାମାଙ୍କନ ପତ୍ର ଦାଖଲ ହୋଇନାହିଁ। ମଙ୍ଗଳବାର ନୟାଗଡ଼ ବ୍ଲକରୁ ୨୩, ନୂଆଗାଁ ବ୍ଲକରୁ ୫୩, ଦଶପଲ୍ଲା ବ୍ଲକରୁ ୩୮, ଗଣିଆ ବ୍ଲକରୁ ୨୦, ଖଣ୍ଡପଡ଼ା ବ୍ଲକରୁ ୪୭, ଭାପୁର ବ୍ଲକ ୧୦୫, ରଣପୁର ବ୍ଲକ ୬୯, ଓଡ଼ଗାଁ ବ୍ଲକରୁ ୧୦୮ଏପରି ମୋଟରେ ୪୬୩ ପ୍ରାର୍ଥୀପତ୍ର ୱାର୍ଡ ମେମ୍ବର ପଦବୀ ପାଇଁ ନାମାଙ୍କନ ପତ୍ର ଦାଖଲ ହୋଇଛି। ଅନ୍ୟପକ୍ଷେ ସରପଞ୍ଚ ପାଇଁ ନୟାଗଡ଼ ବ୍ଲକରୁ ୧, ନୂଆଗାଁ ବ୍ଲକରୁ ୨, ଦଶପଲ୍ଲା ବ୍ଲକରୁ ୯, ଖଣ୍ଡପଡ଼ା ବ୍ଲକରୁ ୭, ଭାପୁର ବ୍ଲକ ୨, ରଣପୁର ବ୍ଲକ ୧୦, ଓଡ଼ଗାଁ ବ୍ଲକରୁ ୫ଜଣ ଏପରି ମୋଟରେ ୩୬ ନାମାଙ୍କନ ପତ୍ର ଦାଖଲ କରାଯାଇଛି। ସେହିଭଳି ସମିତି ସଭ୍ୟ ପାଇଁ ନୟାଗଡ଼ ବ୍ଲକରୁ ୨, ନୂଆଗାଁ ବ୍ଲକରୁ ଜଣେ, ଦଶପଲ୍ଲା ବ୍ଲକରୁ ୧୩, ଖଣ୍ଡପଡ଼ା ବ୍ଲକରୁ ୪, ଭାପୁର ବ୍ଲକରୁ ୪, ରଣପୁର ବ୍ଲକରୁ ୫, ଓଡ଼ଗାଁ ବ୍ଲକରୁ ୨ ଏପରି ମୋଟରେ ୩୧ ପ୍ରାର୍ଥୀପତ୍ର ଦାଖଲ ହୋଇଛି । ସୂଚନାଯୋଗ୍ୟ, ପ୍ରଥମ ଦିବସରେ ୨୧୭ ନାମାଙ୍କନ ପତ୍ର ଦାଖଲ ହୋଇଥିଲା ।

**ଅସନ୍ତୁଷ୍ଟଙ୍କୁ ମନାଇବା ପାଇଁ ଉଦ୍ୟମ**

ଜାନୁୟାରୀ ୨୧ ତାରିଖ ପ୍ରାର୍ଥୀପତ୍ର ଦାଖଲ କରିବାର ଶେଷ ଦିବସ । ଇତିମଧ୍ୟରେ ପ୍ରାର୍ଥୀପତ୍ର ଦାଖଲର ୨ ଦିନ ବିତଯାଇଥିଲେ ମଧ୍ୟ ବିଜେଡି ଓ ଭାଜପା ପକ୍ଷରୁ ଜିଲା ପରିଷଦ ସଭ୍ୟ ପାଇଁ କେହି ନାମାଙ୍କନ ପତ୍ର ଦାଖଲ କରି ନାହାନ୍ତି। କଂଗ୍ରେସ ପକ୍ଷରୁ ୨ଜଣ ପ୍ରାର୍ଥୀ ଜିଲା ପରିଷଦ ସଭ୍ୟ ପଦବୀ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ବିଶ୍ୱସ୍ତସୂତ୍ରରୁ ମିଳିଥିବା ଖବର ଅନୁସାରେ ଅସନ୍ତୁଷ୍ଟ ପ୍ରାର୍ଥୀଙ୍କୁ ମନାଇବାକୁ ଜିଲା ପରିଷଦ ସଭ୍ୟ ଟିକେଟ ବଣ୍ଟନରେ ବିଜେଡି ଡେରି କରୁଥିବା ସୂଚନା ମିଳିଛି। ନାମାଙ୍କନର ଅନ୍ତିମ ଦିବସରେ ବିଜେଡି ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିବାର ରହିଛି । ଭାଜପାର ଜିଲା ପରିଷଦ ପ୍ରାର୍ଥୀ ଚୟନ ହୋଇ ସାରିଥିବା କହୁଛି । ହେଲେ ବାରମ୍ବାର ଚୟନ କମିଟି ବସୁଛି । ଭାଜପା ପ୍ରାର୍ଥୀ ଦେବାରେ ବିଳମ୍ବ କରୁଥିବାରୁ ଆଶୟୀମାନେ ଟିକେଟ ଆଶାରେ ରହିଛନ୍ତି। କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ଚୟନ ଶେଷ ହୋଇଥିବାର କୁହାଯାଉଛି । ବୁଧବାର କେତେଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିବାର କାର୍ଯ୍ୟକ୍ରମ ରହିଛି ବୋଲି ଜଣେ ଦଳୀୟ ନେତା ସୂଚନା ଦେଇଛନ୍ତି ।

**ଟିକେଟ ନ ମିଳିଲେ ବିବାଦ:** ଜିଲାପରିଷଦ ସଭ୍ୟ ଭାବେ ନିର୍ବାଚନ ଲଢ଼ିବାକୁ ଶାସକ ଦଳରେ ଅଧିକାଂଶ ଆଶାୟୀ ଅଛନ୍ତି । ଟିକେଟ୍ ପାଇବା ଆଶାରେ କ୍ଷେତ୍ର ପ୍ରସ୍ତୁତ କରି ରଖିଛନ୍ତି। ଟିକେଟ୍ ନ ମିଳିଲେ ଦଳରେ ରହି ଶାସକଦଳର ପ୍ରାର୍ଥୀଙ୍କୁ ହରାଇବା ପାଇଁ ଏବେ ଠାରୁ ଚାଲିଲାଣି କ୍ଷେତ୍ର ପ୍ରସ୍ତୁତି। ଆଉ କେତେଜଣ ସ୍ୱାଧୀନ ଭାବେ ପ୍ରାର୍ଥୀ ହେବା ପାଇଁ କସରତ ଚଳାଇଛନ୍ତି । ଅସନ୍ତୁଷ୍ଟ ପ୍ରାର୍ଥୀଙ୍କ ଆତ୍ମଘାତି କାର୍ଯ୍ୟ ଶାସକ ଦଳ ପାଇଁ ଘାତକ ସାଜିପାରେ । ଏଣୁ ସମସ୍ତ ଆଶୟୀଙ୍କ ନଜର ଦଳୀୟ ଟିକେଟ ଉପରେ । ଏଥରର ନିର୍ବାଚନ ବିଜେଡି,ଭାଜପା ଓ କଂଗ୍ରେସ ପାଇଁ ସମ୍ମାନର ପ୍ରଶ୍ନ । ଏଭଳିସ୍ଥଳେ ବିଜେଡିରେ କର୍ମୀ ଓ ସମର୍ଥକ ବଢ଼ି ଚାଲିଥିଲେ ମଧ୍ୟ ବହୁ ପୁରୁଣା ନେତା,କର୍ମୀ,ସମର୍ଥକଙ୍କୁ ସୁଯୋଗ ମିଳୁନାହିଁ । ସେମାନଙ୍କ ଉପସ୍ଥିତି ପଞ୍ଚାୟତ ନିର୍ବାଚନକୁ ଓଲଟପାଲଟ କରିପାରେ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

## ମୁଖ୍ୟମନ୍ତ୍ରୀଙ୍କୁ ଘରୋଇ ଶିକ୍ଷାନୁଷ୍ଠାନର ସ୍ମାରକପତ୍ର

**ନୟାଗଡ଼ ଅଫିସ,୧୮।୧**

**ଶିକ୍ଷକଙ୍କୁ ସ୍ୱତନ୍ତ୍ର ଆର୍ଥିକ ସହାୟତା ଦାବି**

କରୋନା ଯୋଗୁ ଘରୋଇ ଶିକ୍ଷାନୁଷ୍ଠାନ କ୍ଷତିରେ ଚାଲିଛି । ବିନା ସରକାରୀ ସହାୟତାରେ ଚାଲୁଥିବା ଘରୋଇ ବିଦ୍ୟାଳୟ ଭଡ଼ା,ବିଦ୍ୟୁତ୍ ଦେୟ, ଶିକ୍ଷକ ଓ ଅନ୍ୟ କର୍ମଚାରୀଙ୍କ ଦରମା ସମେତ ଆନୁଷଙ୍ଗିକ ଖର୍ଚ୍ଚ ଦେବା ସମ୍ଭବ ନୁହେଁ। ଏଣୁ ଶିକ୍ଷକ ଓ ଅନ୍ୟ କର୍ମଚାରୀଙ୍କୁ ସ୍ୱତନ୍ତ୍ର ସହାୟତା ଦେବାକୁ ଜିଲାର ଘରୋଇ ଅନୁଷ୍ଠାନ ପକ୍ଷରୁ ଜିଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଅନ୍ୟପକ୍ଷେ ଘରୋଇ ଅନୁଷ୍ଠାନରେ ପାଠ ପଢୁଥିବା ଛାତ୍ରୀଛାତ୍ରମାନେ ଟିସି ନ ନେଇ ସରକାରୀ ସ୍କୁଲରେ ନାମ ଲେଖାଉଛନ୍ତି । ୨ବର୍ଷରେ ପ୍ରାୟ୨ଲକ୍ଷ ଛାତ୍ରୀଛାତ୍ର ନାଁ ଲେଖାଇ ସାରିଛନ୍ତି । ଏଭଳିସ୍ଥଳେ ବିନା ଟିସିରେ ସରକାରୀ ସ୍କୁଲରେ ନାଁ ଲେଖାଇଥିବା ଛାତ୍ରୀଛାତ୍ରମାନଙ୍କୁ ଟିସି ଆଣିବାକୁ କୁହାଯାଉ ବୋଲି ଦାବି କରାଯାଇଛି ।

## ବିଦ୍ରୋହର ଫାଇଦା ଉଠାଇବାକୁ ବିରୋଧୀ ପ୍ରସ୍ତୁତ

**ଖଣ୍ଡପଡ଼ା,୧୮।୧(ସ୍ୱ.ପ୍ର)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସୋମବାରଠାରୁ ନାମାଙ୍କନ ପତ୍ର ଦାଖଲ ଆରମ୍ଭ ହୋଇଛି । ଖଣ୍ଡପଡ଼ା ବ୍ଲକ ଅଧୀନ ୨୨ ପଞ୍ଚାୟତରେ ସରପଞ୍ଚ, ସମିତି ସଭ୍ୟ, ୩୮୨ ୱାର୍ଡ ସଭ୍ୟ ସମେତ ୩ ଜିଲା ପରିଷଦ ଜୋନ୍ ପାଇଁ ଫେବୃୟାରୀ ୨୪ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ । ସମସ୍ତ ପଞ୍ଚାୟତରେ ଶାସକ ଦଳ ସମର୍ଥିତ ଏକାଧିକ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ଏହାକୁ ନେଇ ଖଣ୍ଡପଡ଼ା ବିଜେଡିର ମୁଖିଆଙ୍କ ମୁଣ୍ଡବ୍ୟଥା ବଢ଼ିଛି । ସମସ୍ତଙ୍କୁ ସନ୍ତୁଷ୍ଟ କରିବା ସମ୍ଭବ ନ ଥିବାରୁ ଅସନ୍ତୋଷ ବଢ଼ିବ ବୋଲି ମତ ପ୍ରକାଶ ପାଇଛି । nଶାସକ ଦଳର ବହୁ ପୁରୁଖା ନେତା ନିଜ ଅଞ୍ଚଳରେ ପ୍ରାର୍ଥୀ ହେବାକୁ ବହୁ ପୂର୍ବରୁ ଜନସମ୍ପର୍କ ରଖି ଆସିଥିଲେ । ହେଲେ ପ୍ରକାଶିତ ସଂରକ୍ଷଣ ତାଲିକା ସେମାନଙ୍କ ସବୁ ଆଶାକୁ ଧୂଳିସାତ କରିଦେଇଛି। ହେଲେ ସେମାନେ ପ୍ରତ୍ୟକ୍ଷ ଭାବେ ନିର୍ବାଚନରୁ ଓହରି ଯାଇଥିଲେ ହେଁ ପଞ୍ଚାୟତସ୍ତରରେ ନିଜର କ୍ଷମତା ବଜାୟ ରଖିବା ପାଇଁ ସେମାନଙ୍କ ସ୍ତ୍ରୀ କିମ୍ବା ସମର୍ଥକମାନଙ୍କୁ ପ୍ରାର୍ଥୀ କରି ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇବାକୁ ଅଣ୍ଟା ଭିଡ଼ିଛନ୍ତି। ଏମିତି ସ୍ଥିତିରେ ପ୍ରତି ପଞ୍ଚାୟତରେ ବିଜେଡିରେ ବିଦ୍ରୋହର ପୂର୍ବାଭାସ ମିଳୁଛି । ଜିଲା ପରିଷଦ ଜୋନ୍ ନିମନ୍ତେ ଆଶାୟୀ ଥିବା ପ୍ରାର୍ଥୀମାନେ ଯଦି ଶେଷ ମୁହୂର୍ତ୍ତରେ ବିଜେଡି ଟିକେଟ ପାଇବାରୁ ବଞ୍ଚିତ ହୁଅନ୍ତି ତା'ହେଲେ ସ୍ୱାଧୀନ ପ୍ରାର୍ଥୀ ଭାବେ ସେମାନେ ନିର୍ବାଚନ ଲଢ଼ିବାକୁ ମନସ୍ଥ କରିଥିବା ସୂଚନା ମିଳିଛି ।

## ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ: ଭୁବନେଶ୍ୱର ଟିମ୍ ଚାମ୍ପିୟନ



ଅତିଥିଙ୍କ ଗହଣରେ ଟୁର୍ନାମେଣ୍ଟରେ ଭାଗନେଇଥିବା ଖେଳାଳିମାନେ।

**ଖଣ୍ଡପଡ଼ା,୧୮।୧(ସ୍ୱ.ପ୍ର.)**

ଶ୍ରୀନୀଳମାଧବ ସ୍ପୋର୍ଟିଂ କ୍ଲବ୍ କଣ୍ଟିଲୋ ଆନୁକୂଲ୍ୟରେ ସୋମବାର ଦିବାରାତ୍ର ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ସ୍ଥାନୀୟ ଗାନ୍ଧୀପାର୍କରେ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ନାମେଣ୍ଟରେ ସମୁଦାୟ ୨୫ ଟିମ୍ ଅଂଶ ଗ୍ରହଣ କରିଥିଲେ। ଏଥିରେ ଭୁବନେଶ୍ୱର ଟିମ୍ ଚାମ୍ପିୟନ ହୋଇଥିବା ଅନୁଷ୍ଠାନର ସଭାପତି ଚିତ୍ତ ରଞ୍ଜନ ମହାରଣା ସୂଚନା ଦେଇଛନ୍ତି।

ପ୍ରଥମ ସେମି ଫାଇନାଲ ମ୍ୟାଚ୍‌ରେ ବଡ଼ମ୍ବା ସହିତ ଢେଙ୍କାନାଳ ଟିମ୍‌ର ମୁକାବିଲା ହୋଇଥିଲା । ଢେଙ୍କାନାଳ ୨–୦ ସେଟ୍‌ରେ ବିଜୟୀ ହୋଇ ଫାଇନାଲ ରାଉଣ୍ଡରେ ପ୍ରବେଶ କରିଥିଲା। ୨ୟ ସେମି ଫାଇନାଲରେ ଭୁବନେଶ୍ୱର ସହିତ କଟକ ଟିମ୍‌ର ମୁକାବିଲା ହୋଇଥିଲା । ଏଥିରେ ଭୁବନେଶ୍ୱର ଦଳ ୨–୦ ସେଟ୍‌ରେ ବିଜୟୀ ହୋଇ ଫାଇନାଲକୁ ଉନ୍ନୀତ ହୋଇଥିଲା । ଫାଇନାଲରେ ଢେଙ୍କାନାଳ ସହିତ ଭୁବନେଶ୍ୱର ଟିମ୍‌ର କଡ଼ା ମୁକାବିଲା ହୋଇଥିଲା । ଭୁବନେଶ୍ୱର ଦଳ ୨–୧ ସେଟ୍‌ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା । ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଉଜ୍ଜ୍ୱଳ ମହାରଣା ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ସ୍ଥପତି ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ମଙ୍ଗଳବାର ଭୋର ପ୍ରାୟ ୪ଟା ସମୟରେ ଉଦ୍‌ଯାପିତ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଚାମ୍ପିୟନ ଦଳକୁ ଅତିଥିମାନଙ୍କ ଦ୍ୱାରା ଟ୍ରଫି ସହ ୪ ହଜାର ୧ଟଙ୍କା ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ସେହିପରି ରନର୍ସଅପ୍ ଦଳକୁ ଟ୍ରଫି ସହ ୨ ହଜାର ୧ଟଙ୍କା ପ୍ରଦାନ କରାଯାଇଥିଲା । ରଞ୍ଜିତ କୁମାର ମହାରଣା, ପବିତ୍ର କୁମାର ମହାରଣା ଓ ରାଜେଶ କୁମାର ମହାରଣା ଟୁର୍ନାମେଣ୍ଟକୁ ପରିଚାଳନା କରିଥିଲେ । ଅନ୍ୟତମ ଅତିଥି ଭାବେ ମାନସ କୁମାର ସାହୁ, ସ୍ଥାନୀୟ ୟୁକୋ ବ୍ୟାଙ୍କର ଶାଖା ପରିଚାଳକ ପ୍ରିୟବ୍ରତ ସ୍ୱାଇଁ, ଆଲୋକ କୁମାର ତିର୍କୀ, ପ୍ରଭାତ କୁମାର ସାହୁ, ମାଧବ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ ।

## ହଟିଲା ପୋଷ୍ଟର, ବ୍ୟାନର

**ଖଣ୍ଡପଡ଼ା,୧୮।୧(ସ୍ୱ.ପ୍ର.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ନେଇ ନିର୍ବାଚନ କମିଶନ ଆଦର୍ଶ ଆଚରଣ ବିଧି ଲାଗୁ କରିଛନ୍ତି । ଏହାକୁ ଦୃଷ୍ଟିର ରଖି ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଲାଗିଥିବା ରାଜନୈତିକ ଦଳର ପୋଷ୍ଟର, ବ୍ୟାନରକୁ ପ୍ରଶାସନର ନିର୍ଦ୍ଦେଶ କ୍ରମେ ହଟାଇ ଦିଆଯାଇଛି । ମାତ୍ର ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ସେପରି ବ୍ୟାନର ଏବେ ବି ଲଗାଯାଇଥିବା ନଜରକୁ ଆସୁଛି । ଏ ସଂକ୍ରାନ୍ତରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି ।

## ୧୪୯କରୋନା ଆକ୍ରାନ୍ତ

**ନୟାଗଡ଼ ଅଫିସ,୧୮।୧**

ନୟାଗଡ଼ ଜିଲାରେ ୧୪୯ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ଦଶପଲ୍ଲା ବ୍ଲକର ୧୨, ଗଣିଆ ବ୍ଲକର ୨, ଖଣ୍ଡପଡ଼ା ବ୍ଲକର ୧୭, ନୟାଗଡ଼ ବ୍ଲକର ୩୦, ନୂଆଗାଁ ବ୍ଲକର୧୮,ଓଡ଼ଗାଁ ବ୍ଲକର ୧୬, ରଣପୁର ବ୍ଲକର ୧୫, ନୟାଗଡ଼ ପୌରାଞ୍ଚଳରେ ୩୯ ଜଣ ଚିହ୍ନଟ ହୋଇଛନ୍ତି । ମଙ୍ଗଳବାର ସଂଖ୍ୟାକୁ ମିଶାଇଲେ ଜିଲାରେ ମୋଟ ଆକ୍ରାନ୍ତ ୧୦୭୩ରେ ପହଞ୍ଚିଛି ।

## ସାଥୁଆ ସାର୍‌ଙ୍କ ପରଲୋକ

**ଦଶପଲ୍ଲା,୧୮।୧(ଡି.ଏନ.ଏ.)**

ଦଶପଲ୍ଲାର ଜଣାଶୁଣା ଶିକ୍ଷାବିତ୍ ଆନନ୍ଦ ଚନ୍ଦ୍ର ସାଥୁଆଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି । ସେ ଗତ ୩ ବର୍ଷ ତଳେ ସ୍ଥାନୀୟ ରାଧାମୋହନ ଜୀଉ ଉଚ୍ଚ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ। ଅବସର ନେବା ପରେ ସାତପାଟଣା ଘରେ ରହୁଥିଲେ । ଗତ ୪ ମାସ ହେବ ସେ ଭୁବନେଶ୍ୱରରେ ଚିକିତ୍ସାଧୀନ ଥିଲେ। ମଙ୍ଗଳବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା । ଏହି ଖବର ଜଣାପଡିବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ବଡ଼ପୁଅ ମହାବୀର ପ୍ରସାଦ ମୁଖାଗ୍ନି ଦେଇଥିଲେ ।

## ସଡ଼କ ଦୁର୍ଘଟଣା, ୨ ଆହତ

**ନୟାଗଡ଼ ଅଫିସ,୧୮।୧**

ଫତେଗଡ଼ ଥାନା ଭାପୁର-ଜାମୁସାହି ରାସ୍ତାର ମାଣିବନ୍ଧ ଛକଠାରେ ସୋମବାର ପୂର୍ବାହ୍ନରେ ଡାଲା ଅଟୋ ପଛରେ ଏକ ବାଇକ୍ ଧକ୍କା ପିଟି ହୋଇଯିବାରୁ ୨ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଖଣ୍ଡପଡ଼ା ଥାନା ସିଧାମୂଳା ଗ୍ରାମର ରାକେଶ ସ୍ୱାଇଁ ଓ ସୁମିତ୍ରା ସ୍ୱାଇଁ। ଉଭୟଙ୍କୁ ପ୍ରଥମେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। କୁହୁଡ଼ି ଯୋଗ ଏହି ଦୁର୍ଘଟଣା ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି ।

## କ୍ରୀଡ଼ାବିତ୍‌ଙ୍କ ପାଇଁ ସ୍ମୃତିସଭା



କ୍ରୀଡ଼ାବିତ୍‌ମାନେ ରବୀନ୍ଦ୍ରଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛନ୍ତି ।

**ଖଣ୍ଡପଡ଼ା,୧୮।୧(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତସ୍ଥିତ ଫକୀରଅତବୁଦ୍ଧିପାଟଣା ଗ୍ରାମର କ୍ରୀଡାବିତ୍ ରବିନ୍ଦ୍ର କୁମାର ପରିଡା(ବଙ୍କା)ଙ୍କ ବିୟୋଗରେ ମଙ୍ଗଳବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ନୀଳମାଧବ ଫୁଟବଲ ଆସୋସିଏଶନର ସମ୍ପାଦକ ଶ୍ରୀପତି ମହାରଣାଙ୍କ ଆବାହକତ୍ୱରେ ସ୍ଥାନୀୟ ପଲଟନ ପଡିଆରେ ଆୟୋଜିତ ଏହି ସଭାରେ ବହୁ କ୍ରୀଡାପ୍ରେମୀ ଦେଇ ରବିନ୍ଦ୍ରଙ୍କ ସ୍ମୃତିଚାରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗୋକୁଳା ନନ୍ଦ ସାହୁ, ଶତ୍ରୁଘ୍ନ ବେହେରା, ରାମଚନ୍ଦ୍ର ମହାପାତ୍ରଙ୍କ ସମେତ ବହୁ ଯୁବକ୍ରୀଡାବିତ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ସୋରଡ଼ା ଏନ୍‌ଏସି ଅଧ୍ୟକ୍ଷ ପଦ ଅଣସଂରକ୍ଷିତ

ସୋରଡ଼ା,୧୮।୧(ଡି.ଏନ୍.ଏ.)-ସୋରଡ଼ା ଏନ୍‌ଏସିର ଅଧ୍ୟକ୍ଷ ପଦ ଅଣସଂରକ୍ଷିତ ରହିଛି। ଏହି ସୂଚନା ମିଳିବା ପରେ ସହରର ଶିକ୍ଷିତ ଯୁବକମାନଙ୍କ ମନରେ ଉତ୍ସାହ ବଢ଼ିଛି । ଗୃହ ଓ ନଗର ଉନ୍ନୟନ ବିଭାଗର ନୋଟିସ ୯୩୩ /୧୫।୧।୨୦୨୨ ପ୍ରକାରେ ଏଥିରେ କାହାରି ଆପତ୍ତି ଥିଲେ ପ୍ରକାଶନର ୧୫ ଦିନ ଭିତରେ ଅଭିଯୋଗ ଦାଖଲ ପାଇଁ କୁହାଯାଇଛି । ୧୧ ୱାର୍ଡ ବିଶିଷ୍ଟ ସୋରଡ଼ା ଏନଏସିରେ ମୋଟ ୧୧୧୯୯ ଭୋଟର ଅଛନ୍ତି। ସେଥିମଧ୍ୟରୁ ୫୭୪୫ ପୁରୁଷ ଭୋଟର ଓ ୫୪୫୪ ମହିଳା ଭୋଟର। ଏଠାରେ ବିଜେଡି ,କଂଗ୍ରେସ, ଭାଜପା ୩ ଦଳର ପତିଆରା ରହିଛି। ମୁଖ୍ୟତଃ ଭାଜପା ଓ ବିଜେଡି ମଧ୍ୟରେ ମୁକାବିଲା ସମ୍ଭାବନା ରହିଛି । ଚଳିତ ଥର ଅଧ୍ୟକ୍ଷ ପଦ ପାଇଁ ସିଧାସଳଖ ନିର୍ବାଚନ ହେବାକୁ ଥିବା ବେଳେ ଉଚ୍ଚ ଶିକ୍ଷିତ କେହି ଜଣେ ପଦବୀକୁ ଗଲେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉନ୍ନୟନ ଯୋଜନାକୁ ଠିକ ରୂପାୟନ କରିପାରିବ ବୋଲି ଆଲୋଚନା ଜୋର ଧରିଛି। ଏପରିକି ସବୁ ବର୍ଗର ଜନସାଧାରଣଙ୍କ ହିତ ସାଧନ ହୋଇ ପାରିବ ବୋଲି କୁହାଯାଉଛି। ଯେ କୌଣସି ଦଳର ଆଶାୟୀ ଶିକ୍ଷିତ ହେବା ଦରକାର ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି । ସହର ରେ ଥିବା ରାସ୍ତା ଘାଟ, ମେଡିକାଲ, ବିଦ୍ୟାଳୟ, ଶୌଚାଳୟ, କଲେଜ, ପାର୍କ, କଲ୍ୟାଣ ମଣ୍ଡପ, ମନ୍ଦିର, ଗୀର୍ଜା, ମସଜିଦ ତଥା ସମସ୍ତ ଅନୁଷ୍ଠାନର ବିକାଶ, ରକ୍ଷଣାବେକ୍ଷଣ ପାଇଁ ଶିକ୍ଷିତ ଉତ୍ତମ ମାନସିକତାର ବ୍ୟକ୍ତିମାନଙ୍କୁ ଅଗ୍ରାଧିକାର ଦେବାକୁ ରାଜନୈତିକ ଦଳମାନେ ଆଗଭର ହେବାକୁ ମତ ପ୍ରକାଶ ପାଉଛି।

### ସମାନ କାମକୁ ସମାନ ଦରମା ଦାବି

**ଗୁଣପୁର,୧୮।୧(ଡି.ଏନ୍.ଏ.):** ଓଡ଼ିଶା ରାଜ୍ୟ ଅମଲା ସଂଘ ରାୟଗଡ଼ା ଜିଲା ଶାଖା ପକ୍ଷରୁ ଦରମା ସମୀକରଣ ନେଇ ଦାବି କରାଯାଇଛି। ଜିଲାସ୍ତରୀୟ ଅମଲାମାନଙ୍କ ପ୍ରବେଶିକା ଶିକ୍ଷାଗତ ଯୋଗ୍ୟତା ପ୍ରଚଳନର ଦୀର୍ଘ ୪ ବର୍ଷ ବିତିଯାଇଥିଲେ ମଧ୍ୟ ରାଜ୍ୟ ସରକାର ସ୍ନାତକ ହାରରେ ସମାନ ଦରମା କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ସ୍ନାତକ ଯୋଗ୍ୟତା ଥାଇ ରାଜ୍ୟରେ କାର୍ଯ୍ୟରତ ଥିବା ଅନ୍ୟ ବର୍ଗର କର୍ମଚାରୀଙ୍କୁ ଦରମା ୯୩୦୦ ଟଙ୍କା ଏବଂ ଗ୍ରେଡ୍ ପେ ୪୮୦୦ ପ୍ରଦାନ କରାଯାଉଛି। ତେବେ ଜିଲାସ୍ତରୀୟ ଅମଲାଙ୍କ ପ୍ରତି ବୈମାତୃକ ମନୋଭାବ କରାଯାଉଥିବା ଅଭିଯୋଗ ହୋଇଛି। ସମାନ କାମକୁ ସମାନ ଦରମା ପ୍ରଦାନରେ ରାଜ୍ୟ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଜିଲା ସଂଘ ପକ୍ଷରୁ ସମ୍ପାଦକ ଗୋପୀନାଥ ରାଉତ ଗୁଣପୁରରେ ପ୍ରେସ୍ ବିଜ୍ଞପ୍ତିରେ ଦାବି କରିଛନ୍ତି।

### ଲୋକଙ୍କୁ ସଚେତନ କଲା ପୋଲିସ

**ନବରଙ୍ଗପୁର,୧୮।୧(ବି.ପ୍ର.):** ନବରଙ୍ଗପୁର ସହର ତ୍ରିବେଣୀ ଛକରେ ପୋଲିସ ଲୋକମାନଙ୍କୁ ସଚେତନ କରିଛି। ଟ୍ରାଫିକ ନିୟମ ମାନିବା, ସଡ଼କ ସୁରକ୍ଷା ସଚେତନ ସହ ହେଲମେଟ ବ୍ୟବହାର, ଡ୍ରାଇଭରମାନେ ସିଟ୍‌ବେଲ୍ଟ ବ୍ୟବହାର, ଦ୍ରୁତଗତିରେ ଗାଡ଼ି ନ ଚଳାଇବା, ଗାଡ଼ିର ବୀମା ଓ ଡ୍ରାଇଭିଂ ଲାଇସେନ୍ସ ଆଦି ଠିକ୍ ରଖିବାକୁ ସଚେତନ କରିଥିଲେ। ଥାନାଧିକାରୀ ତାରିକ ଅହମ୍ମଦ, ଏଏସ୍‌ଆଇ ଅଶୋକ ଦେଓ, ଏଚ୍. ମାଝି ପ୍ରମୁଖ ଉପସ୍ଥିତ ରହି ସଚେତନ କରିଥିଲେ।

## ଶ୍ରୀରଘୁନାଥଜୀଉଙ୍କ ହୁଣ୍ଡି ଖୋଲିଲା



**ଓଡ଼ଗାଁ,୧୮।୧(ସ୍ୱ.ପ୍ର.)**

**ଦାନ ଅର୍ଥ ୬ଲକ୍ଷ, ୫ହଜାର ୧୧୫ଟଙ୍କା**

କରୋନା କଟକଣା ପାଇଁ ୨ ବର୍ଷ ପରେ ନୟାଗଡ଼ ଜିଲା ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ହୁଣ୍ଡି ମଙ୍ଗଳବାର ଖୋଲାଯାଇ ଦାନ ଅର୍ଥ ଗଣତି କରାଯାଇଛି। ହୁଣ୍ଡିରୁ ମୋଟ୍ ୬ ଲକ୍ଷ ୫ହଜାର ୧୧୫ଟଙ୍କା ମିଳିଛି । ଏଥିସହିତ ୧ ଗ୍ରାମ ୨୮୦ ମିଲିଗ୍ରାମ ସୁନା, ୮୦ ଗ୍ରାମ ୫୦୦ ମିଲିଗ୍ରାମ ରୁପା ଓ ୬ କେଜି ୫୦୦ ଗ୍ରାମ ପିତଳ ସାମଗ୍ରୀ ମିଳିଛି । ଅନ୍ୟପକ୍ଷେ ୪ ହନୁମାନ ଚିହ୍ନ ଥିବା ମୁଦ୍ରା ମିଳିଛି । ନୟାଗଡ଼ ଉପଜିଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀ ଲଗ୍ନଜିତ୍ ରାଉତଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ମନ୍ଦିରରେ ରହିଥିବା ସମସ୍ତ ହୁଣ୍ଡି ଖୋଲାଯାଇଥିଲା । ମନ୍ଦିର ପୂଜକ ପରିଷଦ ସଭାପତି ପ୍ରଫୁଲ୍ଲ କୁମାର ମହାପାତ୍ର, ସମ୍ପାଦକ ସୁବେଦାର ବିଜୟ କୁମାର ଦାଶ, ସୁଆର ପରିଷଦ ସଭାପତି କାର୍ତ୍ତିକ ପଣ୍ଡା, ମନ୍ଦିର ପରିଚ୍ଛା ହରିବନ୍ଧୁ ଷଡ଼ଙ୍ଗୀଙ୍କ ସହିତ ଅନ୍ୟ ପୂଜକ ପରିଷଦ ସଦସ୍ୟ ହୁଣ୍ଡିରୁ ବାହାରିଥିବା ଦାନ ଅର୍ଥ ଗଣତିରେ ସହଯୋଗ କରିଥିଲେ।

# ୨୦ବର୍ଷ ପରେ ସାମ୍ନାକୁ ଆସିଲା ଆବାସ ଦୁର୍ନୀତି

**ଖଣ୍ଡପଡ଼ା,୧୮।୧(ସ୍ୱ.ପ୍ର.)**

■ ମରାମତି ଟଙ୍କା ଆସିବା ପରେ ଖୋଳତାଡ଼
■ ପୁରୁଣା ରେକର୍ଡ ଯାଞ୍ଚ ପାଇଁ ପ୍ରତିଶ୍ରୁତି

ଦୁର୍ନୀତିର ଗନ୍ତାଘର ପାଲଟି ଥିବା ନୟାଗଡ଼ ଜିଲା ଭାପୁର ବ୍ଲକ ପୁଣି ଚର୍ଚ୍ଚାକୁ ଆସିଛି । ଏବେ ଆଉ ଏକ ଆବାସ ଯୋଜନାର ଦୁର୍ନୀତି ସାମ୍ନାକୁ ଆସିଛି । ଭାପୁର ବ୍ଲକ ଅଧୀନ ପଥରଚକଡା ଗ୍ରାମର ରୀନାରାଣୀ ବାରିକ ଏ ସଂକ୍ରାନ୍ତରେ ଅଭିଯୋଗ କରିବା ପରେ ୨୦ବର୍ଷ ତଳରର ଏକ ଆବାସ ଯୋଜନାର ଦୁର୍ନୀତି ସଂକ୍ରାନ୍ତରେ ଖୋଳତାଡ଼ ଆରମ୍ଭ ହୋଇଛି।

ସୂଚନା ଅନୁଯାୟୀ, ଭାପୁର ବ୍ଲକ ପଥରଚକଡା ଗ୍ରାମ ନୂଆସାହିର ବାସିନ୍ଦା ରୀନାରାଣୀ ଜଣେ ଭୂମିହୀନ ମହିଳା । ତାଙ୍କ ସ୍ୱାମୀ ଶ୍ରୀକାନ୍ତ ବାରିକ ଘରୋଇ ଗାଡି ଡ୍ରାଇଭର ଭାବେ କାମ କରି ପରିବାର ପ୍ରତିପୋଷଣ କରନ୍ତି । ଭଙ୍ଗା ଚାଳଛପର ଘରେ ବାସ କରୁଥିବା ଏହି ପରିବାର ଇନ୍ଦିରା ଆବାସ ଯୋଜନାରେ ଘର ଖଣ୍ଡେ ପାଇବା ପାଇଁ ୨୦୦୦ରେ ଆବେଦନ କରିଥିଲେ। ଏଥିପାଇଁ ସେ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ବାରମ୍ବାର ଆକୁଳ ନିବେଦନ ପରେ ଖୁବ୍‌ଶୀଘ୍ର ତୁମକୁ ଆବାସ ଯୋଜନାରେ ସାମିଲ କରାଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା । ହେଲେ ଦୀର୍ଘବର୍ଷ ପରେ ବି ତାଙ୍କୁ ଆବାସ ଯୋଜନାରେ ସହାୟତା ମିଳି ନ ଥିଲା । ଶେଷରେ ରୀନାରାଣୀ ନିଜ ଚାଳ ଛପର ଘରକୁ ଭାଙ୍ଗି ଧାରକରଜ କରି ନୂତନ ପକ୍କା ଘର ନିର୍ମାଣ କରିଥିଲେ । ତେବେ ଗତ ୭ ଦିନ ତଳେ ଭାପୁର ବ୍ଲକରୁ ଜଣେ କର୍ମଚାରୀ ତାଙ୍କ ଘରକୁ ଆସିଥିଲେ । ତୁମର ଘର ମରାମତି ପାଇଁ ୩ ହଜାର ଟଙ୍କା ସରକାରୀ ସହାୟତା ଆସିବ । ତୁମର ଆଧାର କାର୍ଡ ନମ୍ବର ଓ ବ୍ୟାଙ୍କ ପାସବୁକ୍ ନମ୍ବର ଦିଅ ବୋଲି କହିଥିଲେ । ରୀନାରାଣୀ ଆଧାର ଓ ଆକାଉଣ୍ଟ ନମ୍ବର ତାଙ୍କୁ ଦେଇଥିଲେ। ଶ୍ରୀକାନ୍ତ ଘରକୁ ଆସି ଏ କଥା ଜାଣିବା ପରେ ଆଶ୍ଚର୍ଯ୍ୟ ହୋଇଥିଲେ । ଆମେ ତ ଆବାସ ଯୋଜନାରେ ସାମିଲ ହୋଇନାହୁଁ। ଆମ ନାମରେ ସହାୟତା ଆସିଲା କେମିତି ବୋଲି ସେ ପ୍ରଶ୍ନ କରିଥିଲେ । ଏନେଇ ଖୋଳତାଡ଼ କରିବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରସ୍ତୁତ ତାଲିକାରେ ରୀନାରାଣୀଙ୍କ ନାମ ଥିବା ଜାଣିବାକୁ ପାଇଥିଲେ । ଉକ୍ତ ତାଲିକା ଅନୁସାରେ ପଥରଚକଡା ପଞ୍ଚାୟତ ପଥରଚକଡା ଗ୍ରାମ ରୀନା ବାରିକ, ସ୍ୱାମୀ ଶ୍ରୀକାନ୍ତ ବାରିକଙ୍କ ହିତାଧିକାରୀ କ୍ରମିକ ନଂ. ୨୧୯ ରହିଛି । ତାଙ୍କ ଆବାସ ଯୋଜନାରେ ଘର ପାଇଁ ୨୦୦୨-୨୦୦୩ ଅର୍ଥ ମଞ୍ଜୁର ହୋଇଛି। ୨୦୧୪-୨୦୧୫ରେ ତାଙ୍କ ଘର କାମ ସମ୍ପନ୍ନ ହୋଇଥିବା ତାଲିକାରେ ରହିଛି । ଯାହାର ପଞ୍ଜୀକରଣ ନଂ- ଓଡି୧୧୯୯୩୫୬୯୫୭୪୯୭। ଏ ସଂକ୍ରାନ୍ତରେ ସତ ଜାଣିବା ପାଇଁ ଗତ ୧୫ ତାରିଖରେ ଶ୍ରୀକାନ୍ତ ଭାପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଭେଟି ଏକ ଅଭିଯୋଗ ପତ୍ର ଦେବାକୁ ଯାଇଥିଲେ । ହେଲେ ସେ ଅନୁପସ୍ଥିତ ଥିବାରୁ ଅତିରିକ୍ତ ବିଡ଼ିଓ ସରୋଜ କୁମାର ନାୟକଙ୍କୁ ସାକ୍ଷାତ କରିବା ସହ ନ୍ୟାୟ ପାଇଁ ଅନୁରୋଧ କରିଛନ୍ତି । ଅତିରିକ୍ତ ବିଡ଼ିଓ ନାୟକ ଏନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ତାଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ଅନ୍ୟପକ୍ଷେ ପୁରୁଣା ରେକର୍ଡ ପତ୍ର ଯାଞ୍ଚ ପରେ ସତ ସାମ୍ନାକୁ ଆସିବ ବୋଲି ସେ କହିଛନ୍ତି ।



ରୀନାରାଣୀଙ୍କ ଘର ।